ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ଜୁଲାଇ ୧୮/୭/୨୦୨୨ (୮+୮=୧୬ ପୃଷ୍ଠା) Sambalpur, Monday, July 18/2022 Page 16 ₹ 7.00 ★★

୧୮ଶ ଭାଗ ୨୧୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ₹୭/-



ନୂଆଦିଲ୍ଲୀ: ମାର୍ଗାରେଟ୍ ଆଲ୍‌ଭାଙ୍କୁ ଉପରାଷ୍ଟ୍ରପତି ପ୍ରାର୍ଥୀ କରିବା ପରେ ଏନ୍‌ସିପି ମୁଖ୍ୟ ଶରଦ ପାୱାରଙ୍କ ସହ ଶିବସେନାର ସଞ୍ଜୟ ରାଉତ୍, ସିପିଆଇଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ, ସିପିଆଇର ଡି.ରାଜା ଓ ଅନ୍ୟ ବିରୋଧୀ ନେତାମାନେ। (ଫଟୋ-ଚମନ ଗୌତମ)




# ଆଜି ରାଷ୍ଟ୍ରପତି ନିର୍ବାଚନ

## ଉପରାଷ୍ଟ୍ରପତି ନିର୍ବାଚନ
## ମାର୍ଗାରେଟ୍ ଅଲ୍‌ଭା ବିରୋଧୀ ପ୍ରାର୍ଥୀ

**ନୂଆଦିଲ୍ଲୀ,୧୭/୭**

ଅଗଷ୍ଟ ୬ରେ ହେବାକୁ ଥିବା ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ରାଜସ୍ଥାନର ପୂର୍ବତନ ରାଜ୍ୟପାଳ ମାର୍ଗାରେଟ୍ ଅଲ୍‌ଭାଙ୍କୁ ବିରୋଧୀ ଦଳଗୁଡ଼ିକ ମିଳିତ ପ୍ରାର୍ଥୀ କରିଛନ୍ତି। ଜାତୀୟତାବାଦୀ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଅପେକ୍ଷାରତ**

## ଦ୍ରୌପଦୀ ବନାମ ଯଶୱନ୍ତ




**ନୂଆଦିଲ୍ଲୀ,୧୭/୭**

ଭାରତର ପଞ୍ଚଦଶ ରାଷ୍ଟ୍ରପତି ନିର୍ବାଚନ ସୋମବାର ଅନୁଷ୍ଠିତ ହେବ। ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀ ପାଇଁ ହେଉଥିବା ଏହି ବହୁପ୍ରତୀକ୍ଷିତ ନିର୍ବାଚନ ଲାଗି ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ପକ୍ଷରୁ ଓଡ଼ିଶାର ପୂର୍ବତନ ମନ୍ତ୍ରୀ ତଥା ଝାଡ଼ଖଣ୍ଡର ପ୍ରାକ୍ତନ ରାଜ୍ୟପାଳ ଦ୍ରୌପଦୀ ମୁର୍ମୁଙ୍କୁ ପ୍ରାର୍ଥୀ କରାଯାଇଥିବାବେଳେ ବିରୋଧୀ ଦଳଗୁଡ଼ିକ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଯଶୱନ୍ତ ସିହ୍ନାଙ୍କୁ ପ୍ରାର୍ଥୀ କରିଛନ୍ତି। ଦ୍ରୌପଦୀଙ୍କ ସପକ୍ଷରେ ୬୦%ରୁ ଉର୍ଦ୍ଧ୍ୱ ଭୋଟ ଥିବାରୁ ତାଙ୍କ ବିଜୟ ସମ୍ଭାବନା ଉଜ୍ଜ୍ୱଳ ରହିଛି। ପାର୍ଲାମେଣ୍ଟ ହାଉସ୍ ଏବଂ ବିଧାନସଭାଗୁଡ଼ିକରେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ମତଦାନ ଚାଲିବ। ଏଥିପାଇଁ ବାଲଟ୍ ବାକ୍ସ ☞ପୃଷ୍ଠା-୪



## ବୋଟ୍ ବୁଡ଼ି ୮ ମୃତ

ଝାଡ଼ଖଣ୍ଡର ପଞ୍ଚିଖେରୋ ଡ୍ୟାମ୍‌ରେ ବୋଟ୍ ବୁଡ଼ି ୮ ଜଣଙ୍କ ମୃତ୍ୟୁ ହୋଇଛି। ଡ୍ୟାମ୍ ବୁଲିବା ପାଇଁ କୋଡରମା ଜିଲାର ଏକ ପରିବାର ଆସିଥିଲେ। ରବିବାର ସକାଳ ୧୧ଟା ୩୦ ମିନିଟରେ ବୋଟ୍‌ରେ ବସି ୱାଟର ରାଇଡ୍‌ର ମଜା ନେଉଥିବାବେଳେ ହଠାତ୍ ବୋଟ୍‌ଟି ବୁଡ଼ିଯାଇଥିଲା। ପରିବାରର ୮ ସଦସ୍ୟଙ୍କ ମୃତ୍ୟୁ ହୋଇଥିବାବେଳେ ପ୍ରଦୀପ କୁମାର ଦୁର୍ଘଟଣାରୁ ବର୍ତ୍ତି ଯାଇଥିବା ମାରକାଟୋ ପୋଲିସ ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

### ଆଜିଠୁ ମୌସୁମୀ ଅଧିବେଶନ

**ନୂଆଦିଲ୍ଲୀ,୧୭।୭:** ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ସୋମବାର ଆରମ୍ଭ ହେବ। ଏଥିପାଇଁ ଉଭୟ ଶାସକ ଓ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ପ୍ରସ୍ତୁତି ତଥା ରଣନୀତି ସ୍ଥିର କରାଯାଇଛି। ଶାସକ ଏନ୍‌ଡିଏ ସର୍ବଦଳୀୟ ବୈଠକରେ ବିରୋଧୀଙ୍କ ସହଯୋଗ ଲୋଡ଼ିଥିବାବେଳେ ବିପକ୍ଷ କେନ୍ଦ୍ରକୁ ଘେରିବା ପାଇଁ ଉଦ୍ୟମ ଚଳାଇଛି। ଅଗଷ୍ଟ ୧୨ରେ ଶେଷ ହେବାକୁ ଥିବା ଏହି ଅଧିବେଶନରେ ୧୮ କାର୍ଯ୍ୟଦିବସ ରହିବ। ଏହା ମଧ୍ୟରେ ସରକାରଙ୍କ ତରଫରୁ କ୍ୟାଣ୍ଟନ୍‌ମେଣ୍ଟ ବିଲ୍, ବହୁରାଜ୍ୟ ସମବାୟ ସମିତି(ସଂଶୋଧନ) ବିଲ୍, ଇନ୍‌ସଲ୍‌ଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋଡ୍ (ଆମେଣ୍ଡମେଣ୍ଟ) ବିଲ୍ ଭଳି ମୋଟ ୩୨ଟି ବିଧେୟକ ଆଗତ କରାଯିବ ବୋଲି ରବିବାର ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ସୂଚନା ଦେଇଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସର୍ବଦଳୀୟ ବୈଠକକୁ ୪୫ ଦଳକୁ ସରକାର ନିମନ୍ତ୍ରଣ କରିଥିଲେ। ତହିଁରୁ ୩୬ ଦଳର ନେତା ଉକ୍ତ ବୈଠକରେ ସାମିଲ ହୋଇଥିଲେ। କୋଭିଡ୍ ପ୍ରୋଟୋକଲ ଅନୁଯାୟୀ ପାର୍ଲାମେଣ୍ଟର ଉଭୟ ଗୃହରେ ସବୁ ବନ୍ଦୋବସ୍ତ କରାଯାଇଛି।

### ୨୦୦ କୋଟିଙ୍କୁ କରୋନା ଟିକା

**ନୂଆଦିଲ୍ଲୀ,୧୭।୭:** ମହାମାରୀ କୋଭିଡ୍ ବିରୋଧରେ ୧୮ ମାସ ଧରି ଦେଶରେ ଜାରିଥିବା ଟିକାକରଣ ଅଭିଯାନରେ ଶନିବାର ରାତି ସୁଦ୍ଧା ମୋଟ ୧୯୯.୯୭ କୋଟି ଲୋକ ଟିକା ନେଇଛନ୍ତି। ଏଥିରେ ୫.୪୮ କୋଟି ଟିକା ଡୋଜ୍ ବ୍ୟବହାର ହୋଇଥିବା କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଗତବର୍ଷ ଜାନୁୟାରୀ ୧୬ରେ ଦେଶବ୍ୟାପୀ ଟିକାକରଣର ମହାଅଭିଯାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆରମ୍ଭ କରିଥିଲେ। କୋୱିନ୍ ଆପ୍‌ର ତଥ୍ୟ ଅନୁସାରେ ଦେଶସାରା ମୋଟ ୧୪ ହଜାର ଟିକାକରଣ ସେଣ୍ଟରରେ କରୋନା ଟିକା ପ୍ରଦାନ କରାଯାଉଛି। ଦେଶରେ ମୋଟ ୯୮ ପ୍ରତିଶତ କିଶୋରୀ , କିଶୋରଙ୍କୁ କରୋନାର ପ୍ରଥମ ଡୋଜ୍ ଦିଆସରିଥିବାବେଳେ ୯୦ ପ୍ରତିଶତ ଲୋକଙ୍କୁ କରୋନାର ଦୁଇଟିଯାକ ଡୋଜ୍ ଦିଆସରିଛି।

### ନଡ୍ଡାଙ୍କୁ ଭେଟିଲେ ପ୍ରଚଣ୍ଡ

**ନୂଆଦିଲ୍ଲୀ, ୧୭।୭:** ନେପାଳର ପୂର୍ବତନ ପ୍ରଧାନମନ୍ତ୍ରୀ ପୁଷ୍ପ କାଢ଼ଲ ଦହଲ (ପ୍ରଚଣ୍ଡ) ରବିବାର ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ଦଳୀୟ ମୁଖ୍ୟ କାର୍ଯ୍ୟାଳୟରେ ଭେଟିଛନ୍ତି। ଦୁଇ ଦଳ ଏବଂ ଦୁଇ ଦେଶ ମଧ୍ୟରେ ଥିବା ସୁସମ୍ପର୍କକୁ କିପରି ଆହୁରି ମଜଭୁତ କରାଯିବ ସେ ନେଇ ଦୁଇ ନେତାଙ୍କ ମଧ୍ୟରେ ଆଲୋଚନା ହୋଇଥିବା ଖବର ପ୍ରକାଶ ପାଇଛି। ତେବେ ନଡ୍ଡାଙ୍କ ନିମନ୍ତ୍ରଣ କ୍ରମେ ନେପାଳର କମ୍ୟୁନିଷ୍ଟ ପାର୍ଟିର ଅଧ୍ୟକ୍ଷ ପ୍ରଚଣ୍ଡ ଦିଲ୍ଲୀ ଆସିଥିବା କୁହାଯାଉଛି। ଚୁକ୍ତି ଜରିଆରେ ଦୁଇ ଦେଶର ଲୋକଙ୍କ ମଧ୍ୟରେ ଥିବା ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଏବଂ ପୁରାତନ ସଂସ୍କୃତି ଅଙ୍ଗାଅଙ୍ଗୀ ଭାବେ ଜଡ଼ିତ। ତେବେ ଦୁଇ ଦେଶର ସମ୍ପର୍କକୁ ଅଧିକ ମଜଭୁତ କରିବା ଦିଗରେ ଆଲୋଚନା ହୋଇଥିବା ନଡ୍ଡା କହିଛନ୍ତି। ଭାଜପା ପକ୍ଷରୁ ବିଦେଶରେ 'ନୋ ଦ ଭାଜପା' (ଭାଜପାକୁ ଜାଣ) ଅଭିଯାନ ଆରମ୍ଭ ହୋଇଥିବାବେଳେ ନଡ୍ଡା ଏ ନେଇ ବିଭିନ୍ନ ଦେଶର ରାଷ୍ଟ୍ରଦୂତ ଏବଂ ନେତାଙ୍କ ସହ ଆଲୋଚନା ଜାରି ରଖିଛନ୍ତି।



## ଭାରତର ରାଷ୍ଟ୍ରପତି: କିଛି ତଥ୍ୟ

➥୧୯୫୦ ମସିହାରେ ଭାରତ ସାଧାରଣତନ୍ତ୍ର ହେବା ପରଠାରୁ ଅଦ୍ୟାବଧି ୧୪ ଜଣ ରାଷ୍ଟ୍ରପତି ନିର୍ବାଚିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୨ ଜଣ ସମ୍ପୂର୍ଣ୍ଣ ୫ ବର୍ଷ କାର୍ଯ୍ୟକାଳ ଶେଷ କରିଛନ୍ତି। କେବଳ ଡ. ରାଜେନ୍ଦ୍ର ପ୍ରସାଦ ୧୯୫୨ ପରେ ୧୯୫୭ରେ ପୁନଃ ନିର୍ବାଚିତ ହୋଇ ଦୁଇଥର ରାଷ୍ଟ୍ରପତି ହୋଇଥିଲେ।

➥କାର୍ଯ୍ୟକାଳ ବାକିଥିବାବେଳେ ଦୁଇ ଜଣ ରାଷ୍ଟ୍ରପତି ଜାକିର ହୁସେନ ଓ ଫକିରୁଦ୍ଦିନ ଅଲି ଅହମ୍ମଦଙ୍କ ପରଲୋକ ହୋଇଥିଲା। ଉଭୟେ ୩ ବର୍ଷରୁ କମ୍ ସମୟ ରାଷ୍ଟ୍ରପତି ପଦରେ ରହିଥିଲେ।

➥୧୯୬୯ ମେ' ୩ରେ ଜାକିର ହୁସେନଙ୍କ ପରଲୋକ ପରେ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ମହମ୍ମଦ ହିଦାୟତୁଲ୍ଲା ୩୫ ଦିନ ପାଇଁ କାମଚଳା ରାଷ୍ଟ୍ରପତି ଭାବେ ଦାୟିତ୍ୱ ସମ୍ଭାଳିଥିଲେ।

➥୧୯୭୭ରେ ଅନ୍ୟ ୩୬ ପ୍ରାର୍ଥୀଙ୍କ


ଡ. ରାଜେନ୍ଦ୍ର ପ୍ରସାଦ

ନାମାଙ୍କନପତ୍ର ଖାରଜ ହୋଇଯିବାରୁ ନିଲମ ସଞ୍ଜୀବ ରେଡ୍ଡୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ।

➥ଉପରାଷ୍ଟ୍ରପତିରୁ ୧୯୬୨ରେ ରାଷ୍ଟ୍ରପତି ନିର୍ବାଚିତ ହେବାରେ ଏସ୍. ରାଧାକ୍ରିଷ୍ଣନ୍ ହେଉଛନ୍ତି ପ୍ରଥମ। ପରେ ୧୯୬୭ରେ ଜାକିର ହୁସେନ ଏବଂ ୧୯୬୯ରେ ଭି.ଭି. ଗିରି ଉପରାଷ୍ଟ୍ରପତି ଥାଇ ରାଷ୍ଟ୍ରପତି ନିର୍ବାଚିତ ହୋଇଥିଲେ।



# ରାଇସିନା ରେସ୍


ରାମନାଥ କୋବିନ୍ଦ

୨୦୧୭ ଜୁଲାଇ ୧୭ରେ ଦେଶର ଚତୁର୍ଦ୍ଦଶ ରାଷ୍ଟ୍ରପତି ନିର୍ବାଚନ ହୋଇଥିଲା। ବିହାର ରାଜ୍ୟପାଳ ରାମନାଥ କୋବିନ୍ଦଙ୍କୁ ଏନ୍‌ଡିଏ ପକ୍ଷରୁ ପ୍ରାର୍ଥୀ କରାଯାଇଥିବାବେଳେ କଂଗ୍ରେସ ନେତ୍ରୀ ମୈରା କୁମାରଙ୍କୁ ବିରୋଧୀ ପ୍ରାର୍ଥୀ କରିଥିଲେ। ଏହାର ଫଳାଫଳ ୨୦ ତାରିଖରେ ଆସିଥିଲା। ମୋଟ ୧୦,୬୯,୩୫୮ ଭୋଟ ମଧ୍ୟରୁ ରାମନାଥ ୭,୦୨,୦୪୪ ଭୋଟ ପାଇ ବିଜୟୀ ହୋଇଥିଲେ। ମୈରା କୁମାରଙ୍କୁ ୩,୬୭,୬୧୪ ଭୋଟ ମିଳିଥିଲା।



“ମୁଁ ଭାରତର ଗଣତନ୍ତ୍ର ଓ ସମ୍ବିଧାନକୁ ସୁରକ୍ଷା ଦେବା ପାଇଁ ଛିଡ଼ା ହୋଇଛି। କିନ୍ତୁ ପ୍ରତିଦିନ ଗଣତନ୍ତ୍ରକୁ ଆକ୍ରମଣ କରୁଥିବା ଲୋକେ ମୋ ପ୍ରତିଦ୍ୱନ୍ଦ୍ୱୀ ଦ୍ରୌପଦୀ ମୁର୍ମୁଙ୍କୁ ପ୍ରାର୍ଥୀ କରିଛନ୍ତି। ଏହି ନିର୍ବାଚନ ଦୁଇଜଣ ପ୍ରାର୍ଥୀଙ୍କୁ ନେଇ ନୁହେଁ, ବରଂ ଦୁଇଟି ବିଚାରଧାରାର ଲଢ଼େଇ। ଏମ୍‌ପି ଏବଂ ବିଧାୟକମାନେ ନିଜ ବିବେକାନୁମୋଦିତ ଭୋଟ ଦିଅନ୍ତୁ।

**-ଯଶୱନ୍ତ ସିହ୍ନା, ବିରୋଧୀ ପ୍ରାର୍ଥୀ**



“ମୋତେ ରାଷ୍ଟ୍ରପତି ପ୍ରାର୍ଥୀ କରାଯିବା ପରେ ଆଦିବାସୀ ଓ ମହିଳାମାନଙ୍କ ମଧ୍ୟରେ ଉତ୍ସାହ ବଢ଼ିଛି। ଦେଶର ୭୦୦ରୁ ଊର୍ଦ୍ଧ୍ୱ ସମ୍ପ୍ରଦାୟର ୧୦ କୋଟି ଆଦିବାସୀ ମୋ ପ୍ରାର୍ଥିତ୍ୱକୁ ନେଇ ସନ୍ତୁଷ୍ଟ। ସମର୍ଥନ ପାଇଁ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ଏମ୍‌ପିମାନଙ୍କୁ ଧନ୍ୟବାଦ।

**-ଦ୍ରୌପଦୀ ମୁର୍ମୁ, ଏନ୍‌ଡିଏ ପ୍ରାର୍ଥୀ**

**ନୂଆଦିଲ୍ଲୀ, ୧୭।୭**

ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୫୫(୩) ଅନୁସାରେ ରାଷ୍ଟ୍ରପତି ନିର୍ବାଚନ ଆନୁପାତିକ ପ୍ରତିନିଧିତ୍ୱ ପ୍ରଣାଳୀର ଏକକ ହସ୍ତାନ୍ତରଯୋଗ୍ୟ ମତ ପଦ୍ଧତି ଜରିଆରେ କରାଯାଇଥାଏ। ପଞ୍ଚଦଶ ରାଷ୍ଟ୍ରପତି ନିର୍ବାଚନ ୨୦୨୨ ଜୁଲାଇ ୧୮(ସୋମବାର)ରେ ଅନୁଷ୍ଠିତ ହେଉଛି। ପାର୍ଲାମେଣ୍ଟ ହାଉସ୍‌ରେ ଉଭୟ ଗୃହର ସଦସ୍ୟମାନେ ଭୋଟ ଦେବେ। ରାଜ୍ୟଗୁଡ଼ିକ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଦିଲ୍ଲୀ ଓ ପଣ୍ଡିଚେରୀର ବିଧାୟକମାନେ ନିଜ ନିଜ ବିଧାନସଭାରେ ମତାଧିକାର ସାବ୍ୟସ୍ତ କରିବେ। ଏଥିରେ ଇଲେକ୍ଟୋରାଲ କଲେଜର ୪,୮୦୯




ସଦସ୍ୟ ଭାଗନେଇ ଭୋଟ ଦେବେ। ବିଧାୟକମାନଙ୍କ ଭୋଟ ମୂଲ୍ୟ ଭିନ୍ନ ରହିଥାଏ। ୧୯୭୧ ଜନଗଣନା ଅନୁସାରେ ଗୋଟିଏ ରାଜ୍ୟର ଜନସଂଖ୍ୟା ହରଣ ବିଧାୟକଙ୍କ ସଂଖ୍ୟା ହରଣ ୧,୦୦୦ ହେଉଛି ବିଧାୟକଙ୍କ ଭୋଟର ମୂଲ୍ୟ। ସେହି ଅନୁସାରେ ଉତ୍ତର ପ୍ରଦେଶର ପ୍ରତ୍ୟେକ ବିଧାୟକଙ୍କ ଭୋଟ ମୂଲ୍ୟ ସର୍ବାଧିକ ୨୦୮। ୪୦୩ ବିଧାୟକଙ୍କ ମୋଟ ଭୋଟ ମୂଲ୍ୟ ୮୩,୮୨୪। ସେହିପରି ଝାଡ଼ଖଣ୍ଡ ଓ ତାମିଲନାଡୁ ବିଧାୟକଙ୍କ ଭୋଟ ମୂଲ୍ୟ ୧୭୬। ମହାରାଷ୍ଟ୍ରରେ ୧୭୫। ବିହାରରେ ୧୭୩, ଆନ୍ଧ୍ରପ୍ରଦେଶ ୧୫୯, ମଣିପୁର ୧୮, ଗୋଆ ୧୦, ନାଗାଲାଣ୍ଡ ୯, ମିଜୋରାମ ଓ ଅରୁଣାଚଳ ପ୍ରଦେଶ ୮ ଏବଂ ସିକିମ୍ ବିଧାୟକଙ୍କ ଭୋଟ ମୂଲ୍ୟ ସର୍ବନିମ୍ନ ୭ ସ୍ଥିର କରାଯାଇଛି। ବିଧାନସଭାଗୁଡ଼ିକରୁ ମିଳୁଥିବା ମୋଟ ଭୋଟ ମୂଲ୍ୟ ୫,୪୩,୨୦୦ ଲକ୍ଷ ହୋଇଥିବାରୁ ରାଜ୍ୟ ସଭା ଓ ଲୋକ ସଭା ସଦସ୍ୟଙ୍କ ସଂଖ୍ୟା ୭୭୬ରେ ଏହାକୁ ହରଣ କଲେ ଏମ୍‌ପିଙ୍କ ଭୋଟ ସଂଖ୍ୟା ୭୦୦ ହେବ। ଜମ୍ମୁ-କଶ୍ମୀରରେ ବିଧାନସଭା ଭଙ୍ଗ କରାଯାଇ କେନ୍ଦ୍ରୀୟ ଶାସନ ଚାଲିଥିବାରୁ ଏଥର ଏହା ୭୦୮ରୁ ୭୦୦କୁ ଖସିଆସିଛି। ସେହିପରି ମୋଟ ବିଧାୟକଙ୍କ ଭୋଟ ସଂଖ୍ୟା ୫,୪୩,୨୩୧ ରହିଛି। ଇଲେକ୍ଟୋରାଲ କଲେଜର ମୋଟ ଭୋଟ ସଂଖ୍ୟା ହେଉଛି ୧୦,୮୬,୪୩୧।

ରାଷ୍ଟ୍ରପତି ନିର୍ବାଚନରେ ପାର୍ଲାମେଣ୍ଟର କୌଣସି ମନୋନୀତ ସଦସ୍ୟ କିମ୍ବା ବିଧାନ ପରିଷଦ ସଦସ୍ୟ ଭାଗନେଇ ନ ଥାଆନ୍ତି। ମତଦାତାମାନେ ନିଜ ପସନ୍ଦର ପ୍ରାର୍ଥୀଙ୍କୁ କ୍ରମାନ୍ୱୟରେ ଭୋଟ ଦେଇପାରିବେ। ବାଲଟ ପେପରର ସ୍ତମ୍ଭ ୨ରେ ଥିବା ଶୂନ୍ୟସ୍ଥାନରେ ୧,୨,୩... ଲେଖି ମତଦାନ କରିବେ। ଏହି ପ୍ରିଫରେନ୍ସିଆଲ ବ୍ୟବସ୍ଥା ପାଇଁ ରାଷ୍ଟ୍ରପତି ନିର୍ବାଚନରେ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ (ଇଭିଏମ୍) ବ୍ୟବହୃତ ହୋଇ ନ ଥାଏ। ଏମ୍‌ପିମାନଙ୍କୁ ସବୁଜ ଓ ବିଧାୟକଙ୍କୁ ଗୋଲାପି ରଙ୍ଗର ବାଲଟ ଦିଆଯିବ। ପ୍ରତ୍ୟେକ ବିଧାୟକ ଏବଂ ଏମ୍‌ପିଙ୍କ ଭୋଟ ମୂଲ୍ୟ ନିର୍ଦ୍ଧାରଣରେ ଏହି ପୃଥକ୍ ରଙ୍ଗିନ ବାଲଟ ପେପର ନିର୍ବାଚନ ଅଧିକାରୀ (ରିଟର୍ନିଂ ଅଫିସର)ଙ୍କୁ ସହାୟକ ହୋଇଥାଏ। ସେହିପରି ମତଦାନରେ ଗୋପନୀୟତା ରକ୍ଷା ପାଇଁ ନିର୍ବାଚନ କମିଶନ ଏମ୍‌ପି-ବିଧାୟକଙ୍କୁ ବାଇଗଣି କାଳି ଥିବା ସ୍ୱତନ୍ତ୍ର ପେନ୍ ଦେବେ। ଉକ୍ତ କଲମକୁ ସେମାନେ ନିଜ ବାଲଟରେ ବ୍ୟବହାର କରିବେ।

## ମାର୍ଗାରେଟ୍ ଅଲ୍‌ଭା କିଏ

ବିରୋଧୀଙ୍କ ଉପରାଷ୍ଟ୍ରପତି ପ୍ରାର୍ଥୀ ମାର୍ଗାରେଟ୍ ଅଲ୍‌ଭା ୧୯୪୨ ଏପ୍ରିଲ ୧୪ରେ କର୍ନାଟକସ୍ଥିତ ମାଙ୍ଗାଲୋରର ଏକ ରୋମାନ କ୍ୟାଥୋଲିକ୍ ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ବେଙ୍ଗାଲୁରୁର ମାଉଣ୍ଟ କାର୍ମେଲ କଲେଜରୁ ସେ ସ୍ନାତକ ଡିଗ୍ରୀ ହାସଲ ପରେ ସରକାରୀ ଆଇନ କଲେଜରେ ଏଲ୍‌ଏଲ୍‌ବି ପାଠ ପଢ଼ିଥିଲେ। ପରେ ସେ ୟଙ୍ଗ୍ ଓମେନ୍ ଖ୍ରୀଷ୍ଟିଆନ୍ ଆସୋସିଏଶନ ଅଧ୍ୟକ୍ଷା ହୋଇଥିଲେ। ୧୯୬୪ ମେ' ୨୪ରେ ସେ ତାଙ୍କ ଆଇନ କଲେଜ ସହପାଠୀ ନିରଞ୍ଜନ ଥୋମାସ୍ ଅଲ୍‌ଭାଙ୍କୁ ବିବାହ କରିଥିଲେ। ୧୯୬୯ରେ କଂଗ୍ରେସ ଦଳରେ ଯୋଗଦେବା ପରେ ଗାନ୍ଧୀ ପରିବାର ସହ ତାଙ୍କର ଘନିଷ୍ଠତା ବଢ଼ିଥିଲା। କଂଗ୍ରେସ ପ୍ରଥମେ ତାଙ୍କୁ ୧୯୭୪ରୁ ୧୯୯୮ ପର୍ଯ୍ୟନ୍ତ ରାଜ୍ୟ ସଭାରେ ପ୍ରତିନିଧିତ୍ୱ କରିବା ସୁଯୋଗ ଦେଇଥିଲା। ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଓ ରାଜୀବ ଗାନ୍ଧୀଙ୍କ ମନ୍ତ୍ରିମଣ୍ଡଳରେ ସେ ମନ୍ତ୍ରୀ ହୋଇଥିଲେ। କଂଗ୍ରେସ ତାଙ୍କୁ ୨୦୦୯ ଅଗଷ୍ଟ ୬ରୁ ୨୦୧୨ ମେ' ୧୪ ପର୍ଯ୍ୟନ୍ତ ଉତ୍ତରାଖଣ୍ଡ ରାଜ୍ୟପାଳ କରିଥିଲା। ଏହା ପରେ ୨୦୧୨ରେ ରାଜସ୍ଥାନ, ୨୦୧୪ରେ ଗୁଜରାଟ ଓ ଗୋଆ ରାଜ୍ୟପାଳ ହୋଇଥିଲେ।

“ଉପରାଷ୍ଟ୍ରପତି ନିର୍ବାଚନରେ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ମିଳିତ ହେବା ମୋ ପାଇଁ ଗର୍ବର ବିଷୟ। ମୁଁ ସମ୍ମାନର ସହ ଏହି ମନୋନୟନକୁ ଗ୍ରହଣ କରୁଛି। ବିରୋଧୀ ଦଳ ମୋ ଉପରେ ଆସ୍ଥା ପ୍ରକଟ କରିଥିବାରୁ ସେମାନଙ୍କୁ ଧନ୍ୟବାଦ ଦେଉଛି।

**-ମାର୍ଗାରେଟ ଅଲ୍‌ଭା, ବିରୋଧୀଙ୍କ ଉପରାଷ୍ଟ୍ରପତି ପ୍ରାର୍ଥୀ**



## ଗ୍ରୀସ୍‌ରେ ୟୁକ୍ରେନ କାର୍ଗୋ ବିମାନ ଦୁର୍ଘଟଣାଗ୍ରସ୍ତ

**ପାଲାଇଚୋରୀ,୧୭।୭**

ସର୍ବିୟାର ନିସ୍ ସହରରୁ ଜୋର୍ଡାନର ଅମ୍ମାନ ଅଭିମୁଖେ ଉଡ଼ାଣ କରିଥିବା ଏନ୍-୧୨ କାର୍ଗୋ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଶନିବାର ସ୍ଥାନୀୟ ସମୟ ଦିନ ୧୧ଟା ବେଳେ କାଭାଲା ଅନ୍ତର୍ଜାତୀୟ ବିମାନ ବନ୍ଦରଠାରୁ ୪୦ କି.ମି. ଦୂରରେ ଏହି ଦୁର୍ଘଟଣା ଘଟିଥିବା ଖବର ପ୍ରକାଶ ପାଇଛି। ତେବେ ଦୁର୍ଘଟଣାର କିଛି ସମୟ ପୂର୍ବରୁ ବିମାନର ଗୋଟିଏ ଇଞ୍ଜିନରେ ତ୍ରୁଟି ଥିବା ଜାଣିପାରି କାଭାଲାରେ ଏମର୍ଜେନ୍ସି ଲାଣ୍ଡିଂ କରିବା ପାଇଁ ୟୁକ୍ରେନ କାର୍ଗୋ ବିମାନର ପାଇଲଟ ମେରିଡିଆନ ଟ୍ରାଫିକ୍ କଣ୍ଟ୍ରୋଲକୁ ଅବଗତ କରାଇଥିଲେ। କିନ୍ତୁ କାଭାଲିରେ ଜରୁରୀ ଅବତରଣ ସମ୍ଭବପର ହୋଇ ନ ଥିଲା। ବିମାନରେ ୮ ଜଣ କ୍ରିଡ଼ ମେମ୍ବର ଥିବାବେଳେ ୧୨ ଟନ ବିସ୍ଫୋରକ ସାମଗ୍ରୀ ଧରି ବିମାନ ଉଡ଼ାଣ କରିଥିଲା।



### ୧୨ ଟନ୍ ବିସ୍ଫୋରକ ସାମଗ୍ରୀ ଥିଲା

ଦୁର୍ଘଟଣାଗ୍ରସ୍ତ ବିମାନ ଖଣ୍ଡ ଖଣ୍ଡ ହୋଇ ଦୁଇ ଗ୍ରାମର ପାର୍ଶ୍ୱବର୍ତ୍ତୀ ଇଲାକାରେ ପଡ଼ିଥିବାବେଳେ ଦୁର୍ଘଟଣାର ଦୁଇଘଣ୍ଟା ପର୍ଯ୍ୟନ୍ତ ବିସ୍ଫୋରଣ ହେଉଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏଥିସହ ଘଟଣାସ୍ଥଳରୁ ଧଳା ରଙ୍ଗର ଧୂଆଁ ନିର୍ଗତ ହେବା କାରଣରୁ ଏହା କୌଣସି ବିଷାକ୍ତ ଗ୍ୟାସ୍ ଭାବି ଲୋକେ ରାତିତମାମ ଘରର କବାଟ, ଝରକା ବନ୍ଦ କରି ରଖିଥିବାବେଳେ ମୁହଁରେ ମାସ୍କ ବାନ୍ଧିଥିବା କହିଛନ୍ତି। ଘଟଣାସ୍ଥଳରେ ବିସ୍ଫୋରକ ବିଶେଷଜ୍ଞ ଘଟଣା ସ୍ଥଳରେ ପହଞ୍ଚି ଯାଞ୍ଚ କାର୍ଯ୍ୟ ଆରମ୍ଭ କରିଥିବା ଗ୍ରୀକ୍ ଆଟମିକ୍ ଏନର୍ଜି କମିଶନ ପକ୍ଷରୁ କୁହାଯାଇଛି। ଘଟଣାସ୍ଥଳରେ ୪୦୦ ମିଟର ପରିମିତ ଅଞ୍ଚଳକୁ ଅଗ୍ନିଶମ ବିଭାଗ ପକ୍ଷରୁ ଘେରାବନ୍ଦୀ କରାଯାଇଛି।

## ଫେସ୍‌ବୁକ ପୋଷ୍ଟ ଯୋଗୁ ମନ୍ଦିରରେ ଭଙ୍ଗାରୁଜା

**ଢାକା,୧୭।୭**

ବାଂଲାଦେଶ ନାରେଲ ଜିଲା ଅନ୍ତର୍ଗତ ସାହପରା ଗ୍ରାମରେ ଫେସ୍‌ବୁକ୍ ପୋଷ୍ଟକୁ କେନ୍ଦ୍ରକରି କେତେଜଣ ଦୁର୍ବୃତ୍ତ ହିନ୍ଦୁ ମନ୍ଦିର ଭଙ୍ଗାରୁଜା କରିବା ସହ ହିନ୍ଦୁଙ୍କ ଘର ଏବଂ ଦୋକାନ ନଷ୍ଟ କରିଦେଇଛନ୍ତି। ମନ୍ଦିର ଉପରକୁ ଟେକା ପଥର ମାଡ଼ କରିବା ସହ ମନ୍ଦିରରେ ଧସେଇ ପଶି ସବୁ ଆସବାବପତ୍ର ନଷ୍ଟ କରିଥିବା ସ୍ଥାନୀୟ ପୋଲିସ ଅଧିକାରୀ ହରନ ଚନ୍ଦ୍ର ପଲ କହିଛନ୍ତି। ମୁସଲମାନ ସମ୍ପ୍ରଦାୟ ବିରୋଧରେ ଫେସ୍‌ବୁକ୍‌ରେ ପୋଷ୍ଟ କରିଥିବା ଯୁବକ ଫେରାର୍ ଥିବାବେଳେ ତାଙ୍କ ବାପାଙ୍କୁ ପୋଲିସ ଅଟକ ରଖିଛି। ପୋଲିସ ପକ୍ଷରୁ ସମ୍ପୃକ୍ତ ଯୁବକଙ୍କୁ ଖୋଜାଖୋଜି ଜାରି ରହିଛି। ଦୁର୍ବୃତ୍ତ ଜୋରଜବରଦସ୍ତ



ଘରେ ପଶି ବହୁ ମୂଲ୍ୟବାନ ଜିନିଷ ଲୁଟ୍ କରି ନେବା ସହ ଘରେ ନିଆଁ ଲଗାଇଦେଇଥିବା ପ୍ରତ୍ୟକ୍ଷଦର୍ଶୀ ଦୀପାଲି ରାଣୀ ଶାହା କହିଛନ୍ତି। ଉକ୍ତ ପୋଷ୍ଟ ସୋସିଆଲ ମିଡିଆରେ ଭାଇରାଲ ହେବାପରେ ମୁସଲମାନ ସମ୍ପ୍ରଦାୟର କେତେଜଣ ଯୁବକ ହିନ୍ଦୁଙ୍କ ଘର ସମ୍ମୁଖରେ ପ୍ରତିବାଦ କରିଥିଲେ। ଏହାପରେ ଉତ୍ତ୍ୟକ୍ତ ଗୋଷ୍ଠୀ ସେମାନଙ୍କ ଘର ଉପରକୁ ଆକ୍ରୋଶମୂଳକ ଆକ୍ରମଣ କରିଥିଲେ। ପୋଲିସ ପକ୍ଷରୁ ଘଟଣାର ତଦନ୍ତ ଆରମ୍ଭ କରାଯାଇଥିବାବେଳେ ଆକ୍ରମଣକାରୀଙ୍କ ମଧ୍ୟରୁ କାହାରିକୁ ପୋଲିସ ଗିରଫ କରିନାହିଁ। ଘଟଣାସ୍ଥଳରେ ଶାନ୍ତି ବଜାୟ ରଖିବା ପାଇଁ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯାଉଥିବାବେଳେ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନାରେଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରବୀର କୁମାର ରାୟ କହିଛନ୍ତି। ଘଟଣାସ୍ଥଳରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୬,୭୪,୫୪,୮୫୧ | ୬୩,୮୭,୪୦୪ | ୫୩,୮୫,୧୦,୮୦୪ |
| ଭାରତ | ୪,୩୭,୫୦,୫୯୯ | ୫,୨୫,୭୦୯ | ୪,୩୦,୮୧,୪୪୧ |
| ଓଡ଼ିଶା | ୧୨,୯୯,୧୧୨ | ୯୧୨୮(+୫୩) | ୧୨,୮୪,୮୩୫ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର



ନିମ୍ନମାନର କାର୍ଯ୍ୟ ଯୋଗୁ କଟକ ତୁଳସୀପୁର ଟିଭି ଲେନ୍ ରାସ୍ତା ମଝିରେ ରବିବାର ସୃଷ୍ଟି ହୋଇଥିବା ଗର୍ତ୍ତ।

# ରିପୋର୍ଟ ସ୍ପଷ୍ଟ କଲା 'ଦୂଷିତ ପାଣି'

## କାଶୀପୁରରେ ଝାଡ଼ାବାନ୍ତି ଘଟଣା

**ରାୟଗଡ଼ା ଅଫିସ,୧୭।୭**

ରାୟଗଡ଼ା ଜିଲା କାଶୀପୁରରେ ଝାଡ଼ାବାନ୍ତିରେ ୭ ଜଣଙ୍କ ମୃତ୍ୟୁ ଘଟିବା ସହ ୩୫ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣା ଏବେ ସମଗ୍ର ରାଜ୍ୟରେ ଚିନ୍ତାର ବିଷୟ ହୋଇଛି। ବିଧାନସଭାରେ ଏହି ପ୍ରସଙ୍ଗ ଉଠିବା ପରେ କାଶୀପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ଝାଡ଼ାବାନ୍ତିର କାରଣ ଏବଂ ସ୍ଥାୟୀ ପ୍ରତିକାର ନିମନ୍ତେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଭୁବନେଶ୍ୱର ସ୍ଥିତ ଆର୍‌ଏମ୍‌ଆର୍‌ସିରୁ ଏକ ରାଜ୍ୟସ୍ତରୀୟ ଟିମ୍ ଯୁଗ୍ମ ନିର୍ଦ୍ଦେଶକ ବସନ୍ତ କୁମାର ପ୍ରଧାନଙ୍କ ନେତୃତ୍ୱରେ ଆସି ପ୍ରଭାବିତ ଗ୍ରାମ ଏବଂ ଟିକିରି ଡାକ୍ତରଖାନାକୁ ଯାଇ ଅନୁଧ୍ୟାନ କରିଛନ୍ତି। କୋରାପୁଟରୁ ଆସିଥିବା ସ୍ୱାସ୍ଥ୍ୟ ଟିମ୍ ଏବଂ ଆର୍‌ଏମ୍‌ଆର୍‌ସି ରିସର୍ଚ୍ଚ ଟିମ୍ ପୁଣି ଜଳ ନମୁନା ସଂଗ୍ରହ କରିଛନ୍ତି। ସେହିପରି ପୂର୍ବରୁ ପରୀକ୍ଷା ପାଇଁ ନିଆଯାଇଥିବା ଜଳ ଏବଂ ମଳ ନମୁନାର ରିପୋର୍ଟ ଆସି ପହଞ୍ଚିଛି। ଦୂଷିତ ପାଣି ବୋଲି ରିପୋର୍ଟରୁ ଜଣାପଡ଼ିଛି। ଏ ନେଇ ଦାୟିତ୍ୱରେ ଥିବା ମେଡିକାଲ ଅଫିସର ଡା. ଭି.ଏଲ୍.ଏନ୍. ରାଜୁଙ୍କୁ ପଚାରିବାରୁ ସେ କହିଛନ୍ତି, ସମୟ ପୂର୍ବରୁ ରିପୋର୍ଟ ବିଷୟରେ କହିହେବ ନାହିଁ। ତେବେ ସିଡିଏମ୍‌ଓ ଡା. ଲାଲମୋହନ ରାଉତରାୟଙ୍କୁ ରିପୋର୍ଟ ବିଷୟରେ ପଚାରିବାରୁ ଜଳ ଦୂଷିତ ବୋଲି ରିପୋର୍ଟରୁ ସ୍ପଷ୍ଟ ହୋଇଥିବା କହିଛନ୍ତି। ମଳ ରିପୋର୍ଟ ଆହୁରି ଆସି ନ ଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ଝାଡ଼ାବାନ୍ତି ବ୍ୟାପିଥିବା ଅଞ୍ଚଳରେ ସ୍ୱାସ୍ଥ୍ୟ ବିଭାଗ ଟିମ୍ ଲୋକଙ୍କୁ ସଚେତନ କରିବା ସହ ଆକ୍ରାନ୍ତଙ୍କ ସଂଖ୍ୟା ଯେପରି ନ ବଢ଼ିବ ସେଥିପ୍ରତି ଦୃଷ୍ଟି ଦିଆଯାଉଛି ବୋଲି ସିଡିଏମ୍‌ଓ କହିଛନ୍ତି। ସେହିପରି ରବିବାର କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ୩୦ ଆକ୍ରାନ୍ତଙ୍କୁ ଉଷାପଡ଼ା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଆରଏମ୍‌ଆର୍‌ସି ରିସର୍ଚ୍ଚ ଟିମ୍ ଡୁଡୁକାବାହାଲ ଗ୍ରାମରୁ ପୁଣି କୂଅ ପାଣିର ନମୁନା ସଂଗ୍ରହ କରି ନେଇଥିବା ସୂଚନା ମିଳିଛି। ଡୁଡୁକାବାହାଲ ଗ୍ରାମରେ ଏହାମଧ୍ୟରେ ଆଉ ୫ରୁ ଊର୍ଦ୍ଧ୍ୱ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ଗାଁରେ ପାନୀୟ ଜଳର ଅନ୍ୟ ଉତ୍ସ ନ ଥିବାରୁ କୂଅପାଣି ଉପରେ ଭରସା କରିବାକୁ ବାଧ୍ୟ ହେଉଥିବା ଗ୍ରାମବାସୀ କହିଛନ୍ତି। ରାଜ୍ୟସ୍ତରୀୟ ସ୍ୱାସ୍ଥ୍ୟ ଟିମ୍ ଆକ୍ରାନ୍ତଙ୍କ ବିଷୟରେ ବୁଝିବା ସହ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା କହିଛନ୍ତି। ଅପରପକ୍ଷେ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି, ବିଡିଓ ଦେବାଶିଷ କର ଟିକିରି, ଡୁଡୁକାବାହାଲ, ଶଙ୍କରଡ଼ା, କୁଚେଇପଦର, ଥୁଆପଡ଼ା ସେବାଶ୍ରମକୁ ଯାଇ ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଛନ୍ତି। ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ବିଧାୟକ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗାଁରେ ଥିବା ନଳକୂପ ଚାରିପଟେ ଘୋଡ଼ାଇବା ସୁବିଧା ନ ଥିବାରୁ ବର୍ଷାଜଳ ଏବଂ ଅନ୍ୟ ଆବର୍ଜନା ପାଣି ମିଶି କୂଅପାଣି ଦୂଷିତ ହେଉଛି। ଏହାକୁ ବ୍ୟବହାର କରି ଲୋକେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେଉଥିବା ସ୍ୱାସ୍ଥ୍ୟ ବିଭାଗର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ତେଣୁ ଶୀଘ୍ର ଅଚଳ ପଡ଼ିଥିବା ସୋଲାର ପମ୍ପ କାର୍ଯ୍ୟକ୍ଷମ କରିବାକୁ ବିଧାୟକ ବିଡିଓଙ୍କୁ କହିଛନ୍ତି।


**Shri Jagannath Sanskrit Mahavidyalaya**
At./P.o./-Bijayapalli,Via-Barpali-768029, Dist-Bargarh, Odisha
**WALK-IN-INTERVIEW**
A Walk In Interview for the post of **Lecturer in Sanskrit Sahitya, Sanskrit Vyakarana & Data Entry Operator** on contractual basic will be held on date **26.07.2022 at 10 A.M.** in our College. Candidates securing more than 55% of Mark in P.G. Level for Lecturer Post and P.G.DCA in DEO Post are eligible to appear in the said interview. The salary is negotiable.
**(No TA/DA shall be paid for attending the interview)**
Sd./- Principal-cum-Secretary


# ଆଜି ୭ ଜିଲାକୁ ପ୍ରବଳ ବର୍ଷା

## ୨୧ରୁ ପୁଣି ବର୍ଷିବ

**ଭୁବନେଶ୍ୱର, ୧୭।୭(ବ୍ୟୁରୋ)**

ଉତ୍ତର ଓଡ଼ିଶା ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ରବିବାର ଲଘୁଚାପ କ୍ଷେତ୍ର ସକ୍ରିୟ ରହିଛି। ଏଥିସହିତ ଜଡ଼ିତ ଘୂର୍ଣ୍ଣିବଳୟଟି ବାୟୁମଣ୍ଡଳରେ ୭.୬ କି.ମି. ଉଚ୍ଚତା ଯାଏ ବ୍ୟାପିଛି। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଛି। ରବିବାର ବୌଦ୍ଧରେ ସର୍ବାଧିକ ୬୧ ମି.ମି. ବର୍ଷା ହୋଇଥିବା ବେଳେ ଯାଜପୁର ୪୧, ଢେଙ୍କାନାଳ ୩୩.୪, ସୋନପୁର ୩୬ ଓ ବରଗଡ଼ ୧୩.୮ ମିମି ବର୍ଷା ରେକର୍ଡ ହୋଇଛି। ଆସନ୍ତା ୨୪ଘଣ୍ଟା ମଧ୍ୟ ବିଭିନ୍ନ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ସୋମବାର ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, କୋରାପୁଟ, ବୌଦ୍ଧ ଓ ମାଲକାନଗିରି ଆଦି ୭ ଜିଲାକୁ ପ୍ରବଳ ବର୍ଷା ହେବ। ତେଣୁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି। ସେପଟେ ଆସନ୍ତା ୨୧ ତାରିଖରୁ ପୁଣି ବର୍ଷା ହେବ ବୋଲି ସୂଚନା ମିଳିଛି।

# ଦମ୍ପତିଙ୍କ ଝୁଲନ୍ତା ମୃତଦେହ ଜବତ

**ଯାଜପୁର ଅଫିସ,୧୭।୭**

ଯାଜପୁର ଜିଲା ଯାଜପୁରରୋଡ୍ ଥାନା ଦଳା ଶିବ ମନ୍ଦିର ନିକଟ ଏକ ଭଡ଼ାଘରୁ ରବିବାର ପୂର୍ବାହ୍ନ ୧୧ଟାରେ ଏକ ଦମ୍ପତିଙ୍କ ମୃତଦେହକୁ ପୋଲିସ ଜବତ କରିଛି। ମୃତକ ଦ୍ୱୟ ହେଲେ ଶଙ୍କର ଦୟାଲ ନାୟକ(୨୮) ଓ ତାଙ୍କ ସ୍ତ୍ରୀ ଦେବସ୍ମିତା ପାତ୍ର (୨୮)। ଶଙ୍କରଙ୍କ ଘର ବାଲେଶ୍ୱର ସଦର ଥାନା ଅନ୍ତର୍ଗତ ଫୁଲାର କସବା ଏବଂ ଦେବସ୍ମିତାଙ୍କ ଘର ସାଉଁ ଗ୍ରାମରେ ବୋଲି



ଦେବସ୍ମିତା ପାତ୍ର ଓ ଶଙ୍କର ଦୟାଲ ନାୟକ

ଜଣାପଡ଼ିଛି। ଉଭୟଙ୍କ ମୃତଦେହ ଏକ ଫ୍ୟାନରେ ଝୁଲି ରହିଥିଲା ଏବଂ ସେମାନେ ଆତ୍ମହତ୍ୟା କରିଛନ୍ତି ବୋଲି ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି। ତେବେ ମୃତ୍ୟୁର କାରଣ ଜଣାପଡ଼ିନାହିଁ। ଯାଜପୁରରୋଡ୍ ଥାନା ପୋଲିସ ଘଟଣାସ୍ଥଳରେ ତଦନ୍ତ ଚଳାଇବା ସହ ଉଭୟଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଉଭୟଙ୍କ ପରିବାରବର୍ଗ ଥାନାରେ ପହଞ୍ଚିଥିଲେ ମଧ୍ୟ କୌଣସି ଅଭିଯୋଗ କରିନାହାନ୍ତି। ପୋଲିସ ପକ୍ଷରୁ ୨୪/୨୨ ନମ୍ବରରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ଘର ମାଲିକାଣୀ ସ୍ମିତାଶ୍ରୀ ବିଶ୍ୱାଳଙ୍କ କହିବା ଅନୁସାରେ ଶଙ୍କର ବଜାର ଯାଇଥିଲେ। ବଜାରରୁ ଫେରି କବାଟ ବାଡ଼େଇ ଥିଲେ, କିନ୍ତୁ ଭିତରୁ ତାଙ୍କ ସ୍ତ୍ରୀ ଦେବସ୍ମିତା କବାଟ ଖୋଲି ନ ଥିଲେ। ଏନେଇ ଶଙ୍କରଙ୍କୁ ସେ ପଚାରିବାରୁ ସାମାନ୍ୟ ବିବାଦ ହୋଇଛି ବୋଲି ଶଙ୍କର କହିଥିଲେ। ଦେବସ୍ମିତା କବାଟ ନ ଖୋଲିବାରୁ ତାଙ୍କୁ କବାଟ ଭାଙ୍ଗି ଦେବାକୁ ଘର ମାଲିକାଣୀ ପରାମର୍ଶ ଦେଇଥିଲେ। ତା'ପରେ ସେ ଘର ପଛପଟ କବାଟ ଭାଙ୍ଗି ଦେଇଥିଲେ। କବାଟ ଭାଙ୍ଗିବା ପରେ କ'ଣ ଦେଖିଲେ କେଜାଣି ଭିତରେ ପଶିଯାଇ ଶଙ୍କର କବାଟ ବନ୍ଦ କରିଦେଲେ। ଏହାଦେଖି ଘର ମାଲିକାଣୀ ସ୍ମିତାଶ୍ରୀ ଆଖପାଖ ଲୋକଙ୍କୁ ଡାକି କବାଟ ଖୋଲିବାରୁ ଫ୍ୟାନ୍‌ରେ ଉଭୟେ ଝୁଲି ରହିଥିଲେ।

ସୂଚନା ଅନୁଯାୟୀ, ଶଙ୍କର ଓ ତାଙ୍କ ସ୍ତ୍ରୀ ଉକ୍ତ ଘରେ ୨ମାସ ହେଲା ଭଡାରେ ରହୁଥିଲେ। ଶଙ୍କର କଳିଙ୍ଗନଗର ଶିଳ୍ପାଞ୍ଚଳର ଏକ କାରଖାନାର ଏଚ୍‌ଆର ବିଭାଗରେ ପ୍ରାୟ ୫ ବର୍ଷ ହେଲା ଇଞ୍ଜିନିୟର ଭାବେ କାମ କରୁଥିଲେ। ଉଭୟେ କ୍ଲାସ୍‌ମେଟ୍ ଥିଲେ। ପ୍ରଥମେ ପ୍ରେମ ଓ ପରେ ପରିବାରର ସହମତିରେ ଗତ ପ୍ରାୟ ୧ ବର୍ଷ ହେବ ବିବାହ କରିଥିଲେ। ହେଲେ ଗତ କିଛି ଦିନ ହେଲା ଉଭୟଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଝଗଡ଼ା ଲାଗି ରହିଥିଲା। ଆର୍ଥିକ କ୍ଷେତ୍ରରେ ସେତେଟା ସ୍ୱଚ୍ଛଳ ନ ଥିବା କାରଣରୁ ଏହି ଅଶାନ୍ତି ରହିଥିଲା ବୋଲି କେତେଜଣଙ୍କ ଠାରୁ ସୂଚନା ମିଳିଛି।

# ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଧାରଣା

## ବିଜେବି କଲେଜ ଛାତ୍ରୀ ରୁଚିକା ଆତ୍ମହତ୍ୟା ଘଟଣା



ନବନିର୍ମାଣ ଯୁବ ଛାତ୍ର ସଙ୍ଗଠନ ପକ୍ଷରୁ ଡିଜିପି ଅଫିସ ସମ୍ମୁଖରେ ଧାରଣା।

**କଟକ ଅଫିସ, ୧୭।୭**

ଭୁବନେଶ୍ୱର ବିଜେବି କଲେଜ ଛାତ୍ରୀ ରୁଚିକା ମହାନ୍ତି ଆତ୍ମହତ୍ୟା ଘଟଣାରେ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବିରେ ନବନିର୍ମାଣ ଯୁବ ଛାତ୍ର ସଂଗଠନ ପକ୍ଷରୁ କଟକସ୍ଥିତ ଡିଜିପି ଅଫିସ ସମ୍ମୁଖରେ ରବିବାର ଧାରଣା ଦିଆଯାଇଥିଲା। ଏହାପରେ ସଙ୍ଗଠନର କର୍ମକର୍ତ୍ତାମାନେ ଡିଜିପି ସୁନୀଲ ବଂଶଲଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଆଇଜି ଅଶୋକ କୁମାର ମହାନ୍ତିଙ୍କୁ ଏକ ଦାବିପତ୍ର ଦେଇଥିଲେ। ନବନିର୍ମାଣ କୃଷକ ସଙ୍ଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର କହିଛନ୍ତି, ରୁଚିକା ଆତ୍ମହତ୍ୟା କରିବାର ୧୬ ଦିନ ବିତିଗଲାଣି। ହେଲେ ପୋଲିସ ଅଭିଯୁକ୍ତଙ୍କୁ ଏପର୍ଯ୍ୟନ୍ତ ପାଇଲା ନାହିଁ। ପୋଲିସ ଉପଯୁକ୍ତ ତଦନ୍ତ ନ କରି ରାଗିଂ ହୋଇ ନ ଥିବା କହିବା ଦୁର୍ଭାଗ୍ୟଜନକ। ୩ ଜଣ ସିନିୟର ଛାତ୍ରୀ ରୁଚିକାଙ୍କୁ ରାଗିଂ କରିଥିବା ନେଇ ସେ ସୁଇସାଇଡ୍ ନୋଟ୍‌ରେ ଉଲ୍ଲେଖ କରିଥିଲେ। ରୁଚିକା ହଷ୍ଟେଲରେ ରହିବାବେଳେ ଆତ୍ମହତ୍ୟା କରିଛନ୍ତି। ଏଥିଲାଗି ହଷ୍ଟେଲର ୱାର୍ଡେନ ଓ ସୁପରିଣ୍ଟେଣ୍ଡେଣ୍ଟ ଦାୟୀ। ଏଣୁ ରାଗିଂ କରିଥିବା ପିଲାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଦାୟିତ୍ୱରେ ଅବହେଳା କରିଥିବା ୱାର୍ଡେନ, ସୁପରିଣ୍ଟେଣ୍ଡେଣ୍ଟ ଓ ପ୍ରିନ୍ସିପାଲଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଉ ବୋଲି ଅକ୍ଷୟ ଦାବି କରିଛନ୍ତି। ଉପରୋକ୍ତ ଦାବି ନେଇ ଆସନ୍ତା ମଙ୍ଗଳବାର ନବନିର୍ମାଣ ଛାତ୍ର ସଙ୍ଗଠନ ଓ ନବନିର୍ମାଣ କୃଷକ ସଙ୍ଗଠନ ଓଡ଼ିଶା ବନ୍ଦ ଡାକରା ଦେଇଛି। ନବନିର୍ମାଣ କୃଷକ ସଙ୍ଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ବିଦ୍ୟୁଲତା ମହାନ୍ତି, ନବନିର୍ମାଣ ଯୁବ ଛାତ୍ର ସଙ୍ଗଠନର ମନୱର ଅଲ୍ଲୀ ପ୍ରମୁଖ ଅତିରିକ୍ତ ଆଇଜିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।







## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


କମ୍ଳେଶ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ପୋଲିସ ମାଡ଼ରେ ଯୁବକ ଗୁରୁତର: ଉତ୍ତ୍ୟକ୍ତ ଲୋକଙ୍କ ଥାନା ଘେରାଉ

ବଣାଇ, ୧୭।୭(ସ୍ୱ.ପ୍ର.)-ସୁନ୍ଦରଗଡ଼ ଜିଲା ବଣାଇ ପୋଲିସ ପକ୍ଷରୁ ରବିବାର ହେଲ୍‌ମେଟ ଚେକିଂ ଚାଲିଥିବାବେଳେ ଜଣେ ଯୁବକଙ୍କୁ ପିଟି ଗୁରୁତର କରିବା ଘଟଣା ନେଇ ସମଗ୍ର ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହୋଇଛି। ଉତ୍ତ୍ୟକ୍ତ ଲୋକେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଥାନା ଘେରାଉ କରି ରଖିଛନ୍ତି। ବଣାଇରୁ ନରେନ୍ଦ୍ରକୁ ସଂଯୋଗ କରୁଥିବା ରାସ୍ତାର କେନ୍ଦ୍ରିକଳା ଗ୍ରାମ ନିକଟରେ ଅନ୍ଧାରୁଆ ସ୍ଥାନରେ ସନ୍ଧ୍ୟା ୭ଟାରେ ବଣାଇ ପୋଲିସ ପକ୍ଷରୁ ବାଇକ୍ ଚାଳକଙ୍କ ହେଲମେଟ ଚେକିଂ କରାଯାଉଥିଲା। ଏହି ସମୟରେ ଦରେଇକଳା ଗ୍ରାମର ସଂଗ୍ରାମ ସାହୁ (୨୪) ଏବଂ ପଞ୍ଚାନନ ଗହୀର ଏକ ବାଇକ୍‌ରେ ଔଷଧ ନେବା ନିମନ୍ତେ ବଣାଇ ଆସୁଥିଲେ। ହେଲମେଟ ପିନ୍ଧି ନ ଥିବାରୁ ପୋଲିସ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରି ଧରିଥିବା ଠେଙ୍ଗାରେ ବାଇକ ଚାଳକ ସଂଗ୍ରାମଙ୍କ ମୁଣ୍ଡରେ ଶକ୍ତ ପ୍ରହାର କରିଥିଲେ। ଫଳରେ ସେ ଅଚେତ ହୋଇ ଗାଡ଼ିରୁ ପଡ଼ିଯାଇଥିଲେ। ପରେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ବଣାଇ ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା। କିନ୍ତୁ ଅବସ୍ଥା ଗୁରୁତର ହେବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ଗ୍ରାମର ଶତାଧିକ ଲୋକ ଡାକ୍ତରଖାନାରେ ପହଞ୍ଚିବା ସହିତ ଥାନା ଘେରାଉ କରିଥିଲେ। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଥିବା ଜଣାପଡିଛି। ପୋଲିସର ଏଭଳି ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ରାତିରେ ନିଛାଟିଆ ସ୍ଥାନରେ ହେଲ୍‌ମେଟ ଚେକିଂ ପଛର ରହସ୍ୟ କଣ ରାଉରକେଲା ଏସ୍‌ପି ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଲୋକେ ଦାବି କରିଛନ୍ତି।

# ତଥ୍ୟ ଅନୁସନ୍ଧାନକାରୀ ଟିମ୍ ଗଠନ କଲା ପିସିସି

## ଆମ୍ବଟାକୁଆ ଖାଇ ଅସୁସ୍ଥ ହେବା ଘଟଣା

■ ୩ ଦିନରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୭।୭(ବ୍ୟୁରୋ) ଆମ୍ବଟାକୁଆ ଖାଇ ଝାଡ଼ାବାନ୍ତି ସହ ମୃତ୍ୟୁମୁଖରେ ପଡୁଥିବା ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲାର କାଶୀପୁର ଅଞ୍ଚଳରେ ଉଦ୍‌ବେଗଜନକ ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ରାଜ୍ୟ ସରକାରଙ୍କ ଆଦିବାସୀଙ୍କ ସ୍ୱାସ୍ଥ୍ୟ ଓ ଅର୍ଥନୈତିକ ଅବସ୍ଥା ପ୍ରତି ଉଦାସ ମନୋଭାବର ନିନ୍ଦା କରିବା ସହ ଏପରି ଏକ ସମ୍ବେଦନଶୀଳ ଘଟଣାରେ ଅନୁସନ୍ଧାନ ପାଇଁ ନିମ୍ନମତେ ଏକ ତଥ୍ୟ ଅନୁସନ୍ଧାନକାରୀ ଦଳ ଗଠନ କରିଛନ୍ତି। ଏହି କମିଟିରେ ଭୁଜବଳ ମାଝି, ନକୁଳ ନାୟକ, ଚିନ୍ମୟ ପ୍ରସାଦ ବେଉରା, ବିନୋଦ ପାତ୍ର, ଅମୀୟ ପାଣ୍ଡବଙ୍କୁ ସ୍ଥାନ ମିଳିଛି। ୩ ଦିନ ମଧ୍ୟରେ ଏହି କମିଟି କାଶୀପୁର ଗସ୍ତକରି ପ୍ରଦେଶ କଂଗ୍ରେସ କମିଟିକୁ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଗଣେଶ୍ୱର ବେହେରା ରବିବାର ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ଜଣାଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗୋରୁ ଠାପୁଆ ବଞ୍ଚନ୍ତି, ମଣିଷ ଠାପୁଆ ମରନ୍ତି।**

ବଳଦ ବା ଗୋରୁ ଠାପୁଆ ହେଲେ ମଧ୍ୟ ମାଲିକର କୃପାଦୃଷ୍ଟି ବଳରୁ ସେ ରକ୍ଷା ପାଇଯିବାର କିଛିଟା ସମ୍ଭାବନା ରହିଥାଏ। ପରନ୍ତୁ ମଣିଷ ଠାପୁଆ ହେଲେ ନିଷ୍କର୍ମା ଯୋଗୁ ସେ ରୋଗରେ ପଡ଼ି ଘାଣ୍ଟିଚକଟି ହେବା ହିଁ ସାର ହୁଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଗଛ ଚଢ଼ି ନ ଜାଣେ ଯେ, କୁଆ ଅଇଁଠା ଖାଏ ସେ।**

ସାଧାରଣତଃ ଗଛ ଚଢ଼ି ଜାଣି ନ ଥିବା ବ୍ୟକ୍ତି ଫଳ ଖାଇବା ପାଇଁ ଇଚ୍ଛା କଲେ ଗଛ ଚଢ଼ା ଜାଣିଥିବା ଲୋକ ଆଗରେ ହାତ ପତେଇବାକୁ ବାଧ୍ୟ ହୋଇଥାଏ। ସେହିପରି ସଫଳତା ପାଇଁ ପାହାଚ ଚଢ଼ି ଜାଣି ନ ଥିବା ବ୍ୟକ୍ତି ପଛରେ ପଡ଼ିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଆଜିର ମନ୍ତବ୍ୟ

ରାଷ୍ଟ୍ରପତି ଭବନରେ ଆମେ ଏକ ମୂର୍ତ୍ତି ପ୍ରତିଷ୍ଠା କରିବାକୁ ଚାହୁଁନାହୁଁ। ଦ୍ରୌପଦୀ ମୁର୍ମୁଙ୍କ ସ୍ୱର କେହି କେବେ ଶୁଣିଛନ୍ତି କି? ଅନ୍ତତଃ ଯଶୱନ୍ତ ସିହ୍ନା ସ୍ୱର ଉତ୍ତୋଳନ କରୁଥିବା ଅନେକ ଥର ଦେଖିଛୁ।

–ତେଜସ୍ୱୀ ଯାଦବ, ଆର୍‌ଜେଡି ନେତା

# ଓଡ଼ିଶା ବନ୍ଦ ଡାକରାକୁ କଂଗ୍ରେସର ସମର୍ଥନ

## ରୁଚିକା ଆତ୍ମହତ୍ୟା ଘଟଣା

ଭୁବନେଶ୍ୱର, ୧୭।୭(ବ୍ୟୁରୋ) ବିଜେବି କଲେଜ ଛାତ୍ରୀ ରୁଚିକା ମହାନ୍ତିଙ୍କ ଆତ୍ମହତ୍ୟା ଘଟଣାରେ ଏ ପର୍ଯ୍ୟନ୍ତ କୌଣସି ଦୋଷୀକୁ ଧରାଯାଇ ପାରିନାହିଁ। ଓଲଟି ରୁଚିକାଙ୍କ ମା' ନ୍ୟାୟ ଅପେକ୍ଷାରେ କଲେଜ ସମ୍ମୁଖ ଫାଟକ ଆଗରେ ଧାରଣାରେ ବସିଥିବା ବେଳେ ପାଠପଢ଼ାରେ ବ୍ୟାଘାତ ହୋଇଥିବା ଦର୍ଶାଇ ପୋଲିସ ତାଙ୍କୁ ଜୋର୍ ଜବରଦସ୍ତ ସେଠାରୁ ଉଠାଇ ନେଇଥିଲା। ତେବେ ଦୋଷୀଙ୍କୁ ଧରିବାରେ ପୋଲିସର ବିଫଳତା ନେଇ ମଙ୍ଗଳବାର ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି। ନବ ନିର୍ମାଣ କୃଷକ ସଙ୍ଗଠନ ନେତା ଅକ୍ଷୟ କୁମାର ଏନେଇ ଘୋଷଣା କରିଥିଲେ। ତେବେ ଏହି ବନ୍ଦ ଡାକରାକୁ ରବିବାର କଂଗ୍ରେସ ସମର୍ଥନ କରିଛି। ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ପିସିସି(ପ୍ରଦେଶ କଂଗ୍ରେସ କମିଟି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ରାଗିଂର ଶିକାର ହୋଇ ବିଜେବି କଲେଜ ଛାତ୍ରୀ ରୁଚିକା ମହାନ୍ତିଙ୍କ ଆତ୍ମହତ୍ୟା ଘଟଣାରେ ଅପରାଧୀଙ୍କୁ ଧରିବାରେ ପୋଲିସର ବିଫଳତା ଓ ଆନ୍ଦୋଳନରତ ତାଙ୍କ ମା'ଙ୍କ ଉପରେ ପୋଲିସର ବର୍ବରତା ପ୍ରତିବାଦରେ ଓଡ଼ିଶା ନବ ନିର୍ମାଣ ଯୁବଛାତ୍ର ସଙ୍ଗଠନ ତରଫରୁ ଆସନ୍ତା ୧୯ରେ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି। ରାଜ୍ୟ କଂଗ୍ରେସ ଏହି ବନ୍ଦ ଡାକରାକୁ ପୂର୍ଣ୍ଣ ସମର୍ଥନ କରୁଛି ବୋଲି ସେ କହିଛନ୍ତି।

# ପୋଲିସ କବ୍‌ଜାରେ ଆଉଜଣେ ରସିକିଆ ସ୍ୱାମୀ

■ ମିଛ ପରିଚୟ ଦେଇ ଏକାଧିକଙ୍କୁ ବିବାହ ଅଭିଯୋଗ
■ ଅଶ୍ଳୀଳ ଭିଡିଓ କରୁଥିଲେ, ଲୁଟୁଥିଲେ ଟଙ୍କା, ସୁନାଗହଣା

ଭୁବନେଶ୍ୱର,୧୭।୭(ବ୍ୟୁରୋ) ନିଜକୁ ଡାକ୍ତର ପରିଚୟ ଦେଇ ବିଭିନ୍ନ ରାଜ୍ୟର ୧୭ରୁ ଅଧିକ ଯୁବତୀ ଓ ମହିଳାଙ୍କୁ ବିବାହ କରି ଗିରଫ ହୋଇଥିଲେ ରମେଶ ସ୍ୱାଇଁ। ସେ ଏବେ ଜେଲ୍‌ରେ ଥିବାବେଳେ ଆଉଜଣେ ରସିକିଆ ଠକ ଚର୍ଚ୍ଚାକୁ ଆସିଛନ୍ତି। ନିଜକୁ ସଫ୍ଟୱେର ଇଞ୍ଜିନିୟର କହି ଏକାଧିକ ଯୁବତୀଙ୍କୁ ବିବାହ କରିଥିବା ନେଇ ତାଙ୍କ ସ୍ତ୍ରୀ ଅଭିଯୋଗ କରିଛନ୍ତି। ଏପିରକି ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ପ୍ରସ୍ତୁତ କରିବା ସହ ସମ୍ପତ୍ତି ଲୁଟିଥିବା ଭଳି ଗୁରୁତର ଅଭିଯୋଗ ଆଣିଛନ୍ତି ସମ୍ପୃକ୍ତ ମହିଳା। ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅଞ୍ଚଳରେ ସ୍ୱାମୀ ଅନ୍ୟଜଣେ ମହିଳାଙ୍କ ସହ ରହୁଥିବା ଖବର ପାଇବା ପରେ ମହିଳା ଜଣକ ପରିବାର ସହ ସେଠାରେ ପହଞ୍ଚିଥିଲେ। ସ୍ୱାମୀଙ୍କୁ କାବୁ କରିଥିବାବେଳେ ତାଙ୍କ ସହ ରହୁଥିବା ଜଣେ ମହିଳା ଖସି ପଳାଇଥିଲେ। ବହୁ ସମୟ ଧରି ସେଠାରେ ଉଭୟଙ୍କ ମଧ୍ୟରେ ଟଣାଓଟରା ଚାଲିଥିଲା। ଖବରପାଇ ପିସିଆର ପହଞ୍ଚି ଉଭୟ ସ୍ୱାମୀ ସ୍ତ୍ରୀଙ୍କୁ ଏୟାରଫିଲ୍ଡ ଥାନାକୁ ଆଣି ପଚରାଉଚରା କରିଥିଲା। ସ୍ୱାମୀଙ୍କ ନାମରେ ମହିଳା ଜଣକ ପୂର୍ବରୁ କଟକ ସଦର ଥାନାରେ ଓ ତାଙ୍କ ଭାଇ ରମ୍ଭା ଥାନାରେ ଅଭିଯୋଗ କରିଥିବା ଜଣାପଡିଥିଲା। ଏହାପରେ ଏୟାରଫିଲ୍ଡ ଥାନା ପୋଲିସ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଉକ୍ତ ଥାନାକୁ ହସ୍ତାନ୍ତର କରିଥିଲା। କଟକ ସଦର ଥାନା ପୋଲିସ ତାଙ୍କୁ ଅଟକ ରଖି ପଚରାଉଚରା କରୁଛି। ତେବେ ଏହି ଘଟଣାକୁ ନେଇ ରବିବାର ଓଲ୍ଡଟାଉନ୍ ଅଞ୍ଚଳରେ ହାଇଡ୍ରାମା ଦେଖିବାକୁ ମିଳିଥିଲା। ମହିଳାଙ୍କ ଅଭିଯୋଗ ଅନୁସାରେ, ତାଙ୍କ ସ୍ୱାମୀ ହେଉଛନ୍ତି ଗଞ୍ଜାମ ଜିଲା ରମ୍ଭା ଅଞ୍ଚଳର ସମୀର ବେଜ। ସମୀର ମିଛ କଥା କହି ତାଙ୍କୁ ୨୦୧୯ରେ ବିବାହ କରିଥିଲେ। ସେ ଭାରତ ମାଟ୍ରିମୋନିରେ ନିଜକୁ ଜଣେ ସଫ୍ଟୱେର ଇଞ୍ଜିନିୟର ପରିଚୟ ଦେବା ସହ ରାଜସ୍ଥାନ ଓ ଦିଲ୍ଲୀରେ ଫ୍ଲାଟ୍ ଥିବା ଜଣାଇ ବିବାହ ପ୍ରସ୍ତାବ ଦେଇଥିଲେ। ଉଭୟ ପରିବାରଙ୍କ ସହମତିରେ ବିବାହ ହୋଇଥିଲା। ହେଲେ ସମୀର ସଫ୍ଟୱେର ଇଞ୍ଜିନିୟର ନ ଥିବା ଜାଣିବା ପରେ ସେ ତାଙ୍କୁ ନିର୍ଯାତନା ଦେବା ସହ ଟଙ୍କା ଓ ସୁନାଗହଣା ହଡପ କରି ନେଇଥିଲେ। ସେ ଜଣେ ଝିଅ ସହ ଫେରାର ହୋଇଥିବା ଓ ଏପରି କି ମିଛ କହି ସେ ଏକାଧିକ ଝିଅଙ୍କୁ ବିବାହ କରିଥିବା କଥା ଜାଣିବାକୁ ପାଇଥିଲେ। ଏପରିକି ଅନେକ ଝିଅଙ୍କ ସହ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ପ୍ରସ୍ତୁତ କରି ବ୍ଲାକ୍‌ମେଲ କରିବା ସହ ସମ୍ପତ୍ତି ଲୁଟନ୍ତି। ବିଭିନ୍ନ ବାହାନା କରି ସମୀର ଦିଲ୍ଲୀ ଓ ରାଜସ୍ଥାନ ଯାଉଥିଲେ। ସେଠାରେ ମଧ୍ୟ ଦୁଇ ଜଣଙ୍କୁ ବିବାହ କରିଥିବା ସ୍ତ୍ରୀ ଜାଣିବାକୁ ପାଇଥିବା ମହିଳା ଜଣକ କହିଛନ୍ତି। ଏନେଇ କଟକ ସଦର ଥାନାର ଅତିରିକ୍ତ ଆଇଆଇସି ରୀନା ମିଶ୍ର କହିଛନ୍ତି, ବ୍ୟକ୍ତିଜଣକ ଏକାଧିକ ମହିଳାଙ୍କୁ ବିବାହ କରିଥିବା ତାଙ୍କ ସ୍ତ୍ରୀ ଅଭିଯୋଗ ଆଣିଛନ୍ତି। ଏଥିସହ ସେ କେତେଜଣଙ୍କୁ ମିଛ କଥା କହି ବିବାହ କରି ଠକିଛନ୍ତି, ତାହା ତଦନ୍ତ ଚାଲିଛି। ସ୍ୱାମୀ ତାଙ୍କୁ ନିର୍ଯାତନା ଦେଉଥିବା ନେଇ ମହିଳା ଜଣକ ପୂର୍ବରୁ ଅଭିଯୋଗ କରିଥିଲେ। ଏନେଇ ମାମଲା (ନଂ.୮୫/୨୨) ରୁଜୁ ହୋଇଛି। ଏସମସ୍ତ ବାବଦରେ ଉଭୟଙ୍କୁ ଥାନାରେ ପଚରାଉଚରା କରାଯାଉଛି। ତଦନ୍ତ ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ସେ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ମାର୍ଗାରେଟ୍ ଅଲ୍‌ଭା ...


ମାର୍ଗାରେଟ୍ ଅଲ୍‌ଭା

କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାୱାରଙ୍କ ବାସଭବନରେ ରବିବାର ଅନୁଷ୍ଠିତ ବିରୋଧୀଙ୍କ ବୈଠକରେ ଏନେଇ ସହମତି ପ୍ରକାଶ ପାଇଛି। ୮୦ ବର୍ଷୀୟା ଅଲ୍‌ଭା ନାମାଙ୍କନର ଶେଷ ଦିନ ଅର୍ଥାତ୍ ଜୁଲାଇ ୧୯ରେ ପ୍ରାର୍ଥୀପତ୍ର ଦାଖଲ କରିବେ। ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ପ୍ରାର୍ଥୀ ଜଗଦୀପ ଧନକର(୭୧)ଙ୍କ ସହ ଅଲ୍‌ଭାଙ୍କ ପ୍ରତିଦ୍ୱନ୍ଦ୍ୱିତା ହେବ। ଏନ୍‌ଡିଏ ପକ୍ଷରୁ ଶନିବାର ପଶ୍ଚିମବଙ୍ଗ ରାଜ୍ୟପାଳଙ୍କୁ ଦେଶର ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ପ୍ରାର୍ଥୀ ଘୋଷଣା କରାଯାଇଥିଲା। ଏହାର ଦିନକ ପରେ ଏନ୍‌ସିପି ମୁଖ୍ୟ ଶରଦ ପାୱାରଙ୍କ ନୂଆଦିଲ୍ଲୀ ବାସଭବନରେ ୧୭ ବିରୋଧୀ ଦଳ ଏକାଠି ହୋଇ ପ୍ରାର୍ଥୀ ଚୟନ ନେଇ ୨ ଘଣ୍ଟା ଧରି ବିଚାରବିମର୍ଶ କରିଥିଲେ। ବୈଠକ ପରେ ପାୱାର କହିଛନ୍ତି, ୧୭ ଦଳ ସର୍ବସମ୍ମତିକ୍ରମେ ଅଲ୍‌ଭାଙ୍କୁ ବାଛିଛୁ। ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବଂ ଆମ୍ ଆଦ୍‌ମୀ ପାର୍ଟି (ଏଏପି)କୁ ମିଶାଇ ତାଙ୍କୁ ମୋଟ ୧୯ ଦଳ ସମର୍ଥନ କରିବେ। ବିରୋଧୀଙ୍କ ରାଷ୍ଟ୍ରପତି ପ୍ରାର୍ଥୀ ଯଶୱନ୍ତ ସିହ୍ନାଙ୍କ ପ୍ରତି ଏହି ଦୁଇଦଳର ସମର୍ଥନ ରହିଥିବାରୁ ଏନେଇ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ସହ ଆଲୋଚନା ଚାଲିଛି। ଉକ୍ତ ବୈଠକରେ ଶିବସେନାର ସଞ୍ଜୟ ରାଉତ୍ କହିଥିଲେ, ଉପରାଷ୍ଟ୍ରପତି ନିର୍ବାଚନରେ ଆମେ ସମସ୍ତେ ଏକାଠି ଅଛୁ। ଅନ୍ୟ ନେତାମାନଙ୍କ ମଧ୍ୟରେ କଂଗ୍ରେସର ମଲ୍ଲିକାର୍ଜୁନ ଖାର୍ଗେ, ଜୟରାମ ରମେଶ, ସିପିଆଇଏମ୍ ନେତା ସୀତାରାମ ୟେଚୁରୀ, ସିପିଆଇର ଡି. ରାଜା ଓ ବିନୟ ବିଶ୍ୱମ, ଡିଏମ୍‌କେର ଟି.ଆର. ବାଲୁ ଓ ତିରୁଚି ଶିବା, ଏସ୍‌ପିର ରାମଗୋପାଳ ଯାଦବ, ଏମ୍‌ଡିଏମ୍‌କେର ଭାଇକୋ ଏବଂ ଟିଆର୍‌ଏସ୍ ପକ୍ଷରୁ କେ.କେଶବ ରାଓ ଉପସ୍ଥିତ ଥିଲେ। ସେହିପରି ଆର୍‌ଜେଡିର ଏ.ଡି. ସିଂ, ଆଇଏମ୍‌ୟୁଏଲ୍‌ର ଇ.ଟି. ମହମ୍ମଦ ଏବଂ କେରଳ କଂଗ୍ରେସ (ଏମ୍)ର କେ. ମଣି ମଧ୍ୟ ବୈଠକରେ ସାମିଲ ହୋଇଥିଲେ। ସଂଖ୍ୟାଦୃଷ୍ଟିରୁ ଦେଖିଲେ ଏନ୍‌ଡିଏ ପ୍ରାର୍ଥୀ ଜଗଦୀପ ଧନକରଙ୍କ ପଲା ଭାରି ରହିଛି।

### ଆଜି ରାଷ୍ଟ୍ରପତି ...

ପହଞ୍ଚିସାରିଛି ଏବଂ ଭୋଟିଂ ଲାଗି ସବୁ ପ୍ରକାର ବନ୍ଦୋବସ୍ତ ହୋଇଛି। ଜୁଲାଇ ୨୧ (ଗୁରୁବାର)ରେ ଭୋଟ ଗଣତି କରାଯିବ। ବର୍ତ୍ତମାନର ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ କାର୍ଯ୍ୟକାଳ ଜୁଲାଇ ୨୪ରେ ଶେଷ ହେବ। ନୂଆ ରାଷ୍ଟ୍ରପତି ୨୫ ତାରିଖରେ ଶପଥ ନେବେ। ତେଣୁ ସମ୍ବିଧାନର ଅନୁଚ୍ଛେଦ ୫୫ ଅନୁସାରେ ସୋମବାର ଭାରତର ପ୍ରଥମ ନାଗରିକଙ୍କୁ ବାଛିବା ପାଇଁ ନିର୍ବାଚନ କରାଯିବ। ଏଥିରେ ଇଲେକ୍ଟୋରାଲ କଲେଜ (ବିଧାନ ମଣ୍ଡଳୀ)ର ପ୍ରାୟ ୪,୮୦୯ ନିର୍ବାଚିତ ଏମ୍‌ପି ଏବଂ ବିଧାୟକ ମତଦାନ କରିବେ। ସେମାନଙ୍କ ମଧ୍ୟରେ ରାଜ୍ୟ ସଭାର ୨୩୩ ଓ ଲୋକ ସଭାର ୫୪୩ ସଦସ୍ୟ ଅଛନ୍ତି। ସେହିପରି ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଦିଲ୍ଲୀ ଓ ପଣ୍ଡିଚେରୀ ବିଧାନସଭାର ସଦସ୍ୟଙ୍କ ସଂଖ୍ୟା ହେଉଛି ୪୦୩୩। ବିଧାୟକମାନଙ୍କ ଭୋଟ ମୂଲ୍ୟ ସମ୍ପୃକ୍ତ ରାଜ୍ୟ ବା କେନ୍ଦ୍ରଶାସିତ ଅଞ୍ଚଳର ଜନସଂଖ୍ୟା ଆଧାରରେ ସ୍ଥିର କରାଯାଇଥାଏ। ଉତ୍ତର ପ୍ରଦେଶ ବିଧାୟକଙ୍କ ଭୋଟ ମୂଲ୍ୟ ୪୦୩ ରହିଥିବାବେଳେ ସିକିମ ଏମ୍‌ଏଲ୍‌ଏଙ୍କ ଭୋଟ ମୂଲ୍ୟ ହେଉଛି ୭। ଜମ୍ମୁ-କଶ୍ମୀର ବିଧାନସଭା ଭଙ୍ଗ ହୋଇଥିବାରୁ ପ୍ରତ୍ୟେକ ଏମ୍‌ପିଙ୍କ ଭୋଟ ମୂଲ୍ୟ ୭୦୮ରୁ ୭୦୦କୁ ଖସିଛି। ଏନ୍‌ଡିଏ ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ଓଡ଼ିଶାର ଶାସକ ବିଜୁ ଜନତା ଦଳ (ବିଜେଡି) ସମେତ ୱାଇଏସ୍‌ଆର୍‌ସିପି, ବିଏସ୍‌ପି, ଏଆଇଏଡିଏମ୍‌କେ, ଟିଡିପି, ଜେଡିଏସ୍, ଶିରୋମଣି ଅକାଳୀ ଦଳ, ଶିବସେନା ଏବଂ ଜେଏମ୍‌ଏମ୍ ସମର୍ଥନ ଘୋଷଣା କରିଛନ୍ତି। ଇଲେକ୍ଟୋରାଲ କଲେଜର ମୋଟ ଭୋଟ ସଂଖ୍ୟା ୧୦,୮୬,୪୩୧ ଥିବାବେଳେ ତହିଁରୁ ଦ୍ରୌପଦୀଙ୍କୁ ୬.୬୭ ଲକ୍ଷରୁ ଅଧିକ ଭୋଟ ମିଳିପାରେ। ଏପରି ହେଲେ ପ୍ରାୟ ଦୁଇ-ତୃତୀୟାଂଶ ଭୋଟ ସହ ଦ୍ରୌପଦୀ ପ୍ରଥମ ଆଦିବାସୀ ମହିଳା ରୂପେ ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀ ଅଳଙ୍କୃତ କରିବେ। ସେହିପରି ସେ ସ୍ୱାଧୀନୋତ୍ତର ଭାରତରେ ଜନ୍ମିତ ପ୍ରଥମ ରାଷ୍ଟ୍ରପତି ହେବାର ସୌଭାଗ୍ୟ ମଧ୍ୟ ଲାଭ କରିବେ। ଅନ୍ୟପକ୍ଷେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନେତା ଯଶୱନ୍ତ ସିହ୍ନାଙ୍କୁ କଂଗ୍ରେସ, ଡିଏମ୍‌କେ, ଏଆଇୟୁଏମ୍‌ଏଲ୍, ଆର୍‌ଜେଡି ଏବଂ ଏଏପି ଭଳି ବିରୋଧୀ ଦଳଗୁଡ଼ିକ ସମର୍ଥନ କରିବାକୁ ଘୋଷଣା କରିଛନ୍ତି। ଦ୍ରୌପଦୀଙ୍କ ବିଜୟ ଏକପ୍ରକାର ନିଶ୍ଚିତ ଥିଲେ ମଧ୍ୟ ଗଣତାନ୍ତ୍ରିକ ବ୍ୟବସ୍ଥା ଅନୁସାରେ ବିରୋଧୀ ତାଙ୍କୁ ପ୍ରାର୍ଥୀ କରିଛନ୍ତି। ସୋମବାର ହେବାକୁ ଥିବା ଭୋଟ ଉପରେ ଏବେ ସମସ୍ତଙ୍କ ନଜର ରହିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ପ୍ରତ୍ୟେକ କାମ ଯଥା ସମୟରେ ସମ୍ପନ୍ନ ହେବାରେ କୌଣସି ଅସୁବିଧା ରହିବନାହିଁ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ ଓ କାମ ହାସଲ କରିବେ । ଦ୍ୱିଜା ନକ୍ଷତ୍ର କେତେକ ସାରଗର୍ଭକ ପରାମର୍ଶ ଦେଇ ବନ୍ଧୁମାନଙ୍କ ପ୍ରିୟଭାଜନ ହେବେ।

**ବୃଷ** କର୍ମକ୍ଷେତ୍ରରେ ପ୍ରତିଟି ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ ସମାଧାନ କରିବେ। ସାମାଜିକ ସ୍ତରରେ, ଶୁଭକାର୍ଯ୍ୟରେ କିମ୍ବା ଆନୁଷ୍ଠାନିକ କାମରେ ଯୋଗଦେଇ ପ୍ରଶଂସିତ ହୋଇପାରନ୍ତି। ନିଜ ମତକୁ ସାବ୍ୟସ୍ତ କରିବାକୁ ଯାଇ ସମାଲୋଚିତ ହୋଇପାରନ୍ତି। ସାମ୍ବାଦିକତା, ପ୍ରଶାସନ, ଆଇନ, କଳା, ସାହିତ୍ୟରେ ଉନ୍ନତି କରିବେ।

**ମିଥୁନ** ପୂର୍ବ ଯୋଜନା ଅନୁଯାୟୀ କର୍ମରେ ନିଯୁକ୍ତ ହେବେ ଓ ସଫଳତା ମଧ୍ୟ ପାଇବେ । ଅଯଥା ତର୍କ ନ କରି ପୁରୁଣା କଥାକୁ ବେଶି ଦୋହରାଇବା ଠିକ୍ ହେବନି। ଆକସ୍ମିକ ଭାବରେ ପୁରାତନ ରୋଗର ପୀଡ଼ା ଅନୁଭବ ହୋଇପାରେ। ପରିବାରରେ ପିଲାଙ୍କ ଅଭିଯୋଗକୁ ଗୁରୁତର ସହ ବିଚାର କରନ୍ତୁ।

**କର୍କଟ** ଆଜିର ପ୍ରତ୍ୟେକ କାମ ଅସ୍ଥିରତା ମଧ୍ୟରେ ଅବ୍ୟବସ୍ଥିତ ରହିବ। ସାମାଜିକ ସ୍ତରରେ ଦକ୍ଷତା ଓ ସଙ୍କୋଚତା ହେତୁ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବାର ଆଶା ରହିଛି । ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ ।

**ସିଂହ** କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ ଓ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିପାରନ୍ତି। ସାହାଯ୍ୟ କରିବାକୁ ଯାଇ ପର ପାଇଁ ନିଜେ ହଇରାଣରେ ପଡ଼ିପାରନ୍ତି । ପାରିବାରିକ କ୍ଷେତ୍ରରେ ମାନସିକ ଅସ୍ଥିରତା କାରଣରୁ ନିଜ ଲୋକଙ୍କୁ ଭୁଲ୍ ବୁଝିବେ। ପ୍ରଶାସନିକ ସ୍ତରରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ।

**କନ୍ୟା** ଆଜି ଦିନଟିରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ ହେବ । ବାରମ୍ବାର କାନକୁହା କଥା ଶୁଣି ଆପଣଙ୍କ ପ୍ରିୟଲୋକଟିର ମନୋଭାବ ବଦଳିଯାଇପାରେ । ବ୍ୟବସାୟରେ ସମସ୍ୟା ଗୁରୁତର ଆକାର ଧାରଣ କରିବ ଓ କ୍ଷତିରେ ପଡ଼ିପାରନ୍ତି। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆନନ୍ଦିତ ରହିବେ ।

**ତୁଳା** ବିଗତ ଦିନରେ ସୃଷ୍ଟି ହୋଇଥିବା ସମସ୍ୟା ଆଜି ସମାଧାନ ହୋଇଯିବ। ଆନୁଷ୍ଠାନିକ କାର୍ଯ୍ୟରେ ପରୋକ୍ଷ ଶତ୍ରୁତା ବାଧା ସୃଷ୍ଟି କରିପାରେ। ଆଜିର ଜୀବନଚର୍ଯ୍ୟାରେ ବାଧ ବାଧକତାରେ ପରିସ୍ଥିତିରେ ପଡି ଖର୍ଚ୍ଚାନ୍ତ ହେବେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି ପାଇବା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ।

**ବିଛା** ଆଜିର କର୍ମକ୍ଷେତ୍ରରେ ସାହସିକତା ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହେବେ। କଳା, ସାହିତ୍ୟ ଓ ସଙ୍ଗୀତ, ଆଲୋଚନା, ଧର୍ମଚର୍ଚ୍ଚାରେ ସୁନାମ ଅର୍ଜନ କରିବେ। ଆନୁଷ୍ଠାନିକ କ୍ଷେତ୍ରରେ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ ଏବଂ ଆନୁଷଙ୍ଗିକ ସହଯୋଗ ମଧ୍ୟ ମିଳିବ।

**ଧନୁ** ପାରିବାରିକ ସମସ୍ୟା ସମାଧାନ କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ପଡ଼ୋଶୀଙ୍କ ସହାୟତାରେ ବକେୟା ଅର୍ଥ ଆଦାୟର ସୁଯୋଗ ପାଇବେ। କଚେରି ମାମଲାରେ ଆଇନଜ୍ଞଙ୍କ ପରାମର୍ଶ ପାଇଁ ଦୌଡିବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ କ୍ଷତିର ଆଶଙ୍କା ରହିଛି।

**ମକର** ଆଜି ଅର୍ଥନୈତିକ ଅଭିବୃଦ୍ଧି ସାଙ୍ଗକୁ କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ସୁନାମ ଅର୍ଜନ କରିବେ। କେତେକ କ୍ଷେତ୍ରରେ ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା କାରଣରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ । ସମ୍ପର୍କୀୟ ଜଣେ ବନ୍ଧୁ ଅର୍ଥ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**କୁମ୍ଭ** ପରିସ୍ଥିତିବିଶତଃ କେତେକ କ୍ଷେତ୍ରରେ ନିଜର ମତ ବଦଳାଇ ସମାଲୋଚିତ ହେବାକୁ ପଡ଼ିପାରେ। ଶୃଙ୍ଖଳା ରକ୍ଷା କରିବା ପାଇଁ ବନ୍ଧୁମାନଙ୍କ ସାହାଯ୍ୟ ଦରକାର କରିପାରନ୍ତି । କୌଣସି ନୀଚ ଜାତିର ବ୍ୟକ୍ତିଙ୍କ ସହ କଳହ କାରଣରୁ ଦୁଶ୍ଚିନ୍ତା ବଢ଼ିଯାଇପାରେ । ପଡ଼ୋଶୀ ବନ୍ଧୁଙ୍କ ସ୍ୱର୍ଣକାତର କଥାରେ ଚିହ୍ନା ପଡ଼ନ୍ତୁ ନାହିଁ।

**ମୀନ** ଆଜି ନିଜ କାମ ପଛକୁ ପକାଇ ଅନ୍ୟର କାମରେ ବାହାରକୁ ଯିବାକୁ ପଡ଼ିପାରେ। ଅତୀତ କଥାକୁ ନେଇ ଗୁଡ଼ାଏ ଚିନ୍ତା କରି ମନକୁ ଭାରାକ୍ରାନ୍ତ କରନ୍ତୁ ନାହିଁ। ପ୍ରତ୍ୟେକ କ୍ଷେତ୍ରରେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ।


# classifieds Everyday
0674-2580101, 2549302

real estate

**SALE**

ଭୁବନେଶ୍ୱରରେ Rs.350/- sqft.ରେ installment ସୁବିଧାରେ ସ୍ଥିତିବାନ୍ plot ବିକ୍ରିହେବ। 9937816565, 8249017091. D-966

ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତୀ Sudhananda School & Collegeକୁ ଲାଗି layout approval (Bank finance) @9,00,000/- ଦେଇ ତୁରନ୍ତ ଘର କରନ୍ତୁ। (OD Group). 9437033320. D-73283

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grandbazar (NH-16) ସମ୍ମୁଖରୁ 1K.M. ଦୂରତାରେ ବାସୋପଯୋଗୀ ପ୍ଲଟ୍ କିଣନ୍ତୁ ଓ ଗୃହ ନିର୍ମାଣ କରନ୍ତୁ। 6371200121. D-73279

ନନ୍ଦନକାନନ Backside ଚନ୍ଦକା-ତ୍ରିଶୂଳିଆ ବାଇପାସ୍ Road ପାଖରେ well developed ସ୍ଥିତିବାନ plots sqft. 900/- ରେ କିଣନ୍ତୁ- 9348767829, 8018603523. D-73272

ନଖରା East College ନିକଟରେ 15,00,000ରେ ଘରବାରି ପାଚେରି ହୋଇଥିବା ପ୍ଲଟ୍ ଇଲେକ୍ଟ୍ରି ସହିତ ଦିଆଯାଉଅଛି। 9776846520. D-73281

ଭୁବନେଶ୍ୱର Ravi Talkies 1.5.k.m. ଭିତରେ ଘରବାଡ଼ି ପାଚେରି ପ୍ଲଟ୍ ବିକ୍ରିହେବ। 9827119799. D-73842

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. plotକୁ 3,60,000/- (outright). 9439660381. D-73280

Immediate ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ sqft. 500/ ବାଳକାଟିରେ sqft.1000/-. 8114929186. D-73936

**PURCHASE**

Wanted land in Bhubaneswar based on sharing&marketing. 9937816565, 8249017091. D-967

healthcare

Refreshing your mind and body with the best therapy, 7873794731. D-872

Newly open full body massage ladies and gents. 8327740003, 8093860513. D-73937

Refreshments rejuvenation body massage therapy with experienced therapists, Bhubaneswar. 7854099233. D-73844

Relax, Refresh your body, Mind at Saikrupa Spa with best therapies. 8984068077. D-980

Newly open full body massage ladies & gents available. 8093726714. D-73620

Newly open SPA positively health benifit with expert. Contact: 7749976301. D-73845

**LOST**

I Mr Ranjan Kumar Barik declare that one orginal previous Sale Deed No-10481500034, Which was Regd Under Sub-Registar, Tigiria. The sale deed is lost from my custody and I am duly reported to the Tigiria police station - vide No. 07 dated 16.07.2022. If any person or concern having any claims/ objection over the aforesaid property May please contact Mr. Priyabrat Nayak, Mob-9937618821, within 7 days from today. D-1023

**AFFIDAVIT**

BEFORE THE NOTARY PUBLIC, MALKANGIRI AFFIDAVIT I, Subhankar Biswas, S/o Harisankar Biswas vill. M.V.1, P.S./Dist. Malkangiri do hereby affirm and state on oath as follows. 1. Kumari Susmita Biswas is my daughter and my name is wrongly mentioned in her T.C. is Alok Subudhi, instead of Subhankar Biswas at Govt. Pry. School M.V. 1 and my daughter's name is wrongly recorded as Kumari Susmita Subudhi. My daughter is joining at Jagannathpally ME School, MV. 7 and her name is recorded as Kumari Susmita Subudhi D/o Alok Subudhi. I want to rectify the surname of my daughter and my name as Kumari Susmita Biswas D/o Subhankar Biswas.
Subhankar Biswas
D-1021


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

## ସଂକ୍ଷେପରେ

### ରାଜ୍ୟ ସଭା ଉପାଧ୍ୟକ୍ଷ ମଣ୍ଡଳୀରେ ସ୍ଥାନ ପାଇଲେ ସସ୍ମିତ

**ଭୁବନେଶ୍ୱର, ୧୭।୭(ବ୍ୟୁରୋ):** ରାଜ୍ୟ ସଭା ଅଧ୍ୟକ୍ଷ ତଥା ଉପରାଷ୍ଟ୍ରପତି ଏମ୍ ଭେଙ୍କେୟା ନାଇଡୁ ରବିବାର ଉପାଧ୍ୟକ୍ଷ ପ୍ୟାନେଲର ପୁନର୍ଗଠନ କରିଛନ୍ତି। ଏହି ନୂଆ ପ୍ୟାନେଲରେ ଓଡିଶା ରାଜ୍ୟ ସଭା ଏମ୍‌ପି ସସ୍ମିତ ପାତ୍ରଙ୍କୁ ସ୍ଥାନ ମିଳିଛି। ତେବେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସଭା ଏମ୍‌ପି ଭୁବନେଶ୍ୱର କଲିତା, ଇନ୍ଦୁବାଳା ଗୋସ୍ୱାମୀ, ଡା. ହନୁମାନଥିଆ, ତିରୁଚି ସିଭା, ଭି. ଭିଜୟାସାୟୀ ରେଡ୍ଡୀ ଏବଂ ସସ୍ମିତ ପାତ୍ର ଉପାଧ୍ୟକ୍ଷ ମଣ୍ଡଳୀରେ ସ୍ଥାନ ପାଇଛନ୍ତି।

### ଉତ୍କଳ ହସ୍ପିଟାଲର ସିଇଓ ନିଲମ୍ବିତ

**ଭୁବନେଶ୍ୱର, ୧୭।୭(ବ୍ୟୁରୋ):** ଉତ୍କଳ ହସ୍ପିଟାଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଡା. ଆଲୋକ ଲୋଧ କାର୍ଯ୍ୟରୁ ନିଲମ୍ବିତ ହୋଇଛନ୍ତି। ହସ୍ପିଟାଲର ଓପିଡି ମ୍ୟାନେଜର ନିଯୁକ୍ତି ବିଜ୍ଞାପନରେ କେବଳ ଅଣଓଡ଼ିଆ ପ୍ରାର୍ଥୀ ଆବେଦନ କରିପାରିବେ ବୋଲି ଉଲ୍ଲେଖ କରିବାରୁ ସିଇଓ ଡା. ଲୋଧଙ୍କ ଉପରେ ଏଭଳି ପଦକ୍ଷେପ ନିଆଯାଇଛି। ସେ ଟୁଇଟ୍ କରି ଲେଖିଥିଲେ ଯେ, ଉତ୍କଳ ହସ୍ପିଟାଲ୍ ପାଇଁ ଜଣେ ଓପିଡି ମ୍ୟାନେଜରଙ୍କ ଆବଶ୍ୟକତା ରହିଛି। କୌଣସି କର୍ପୋରେଟ୍ ହସ୍ପିଟାଲରେ ୫ ବର୍ଷରୁ ଊର୍ଦ୍ଧ୍ୱ ଅଭିଜ୍ଞତା ଥିବା ବ୍ୟକ୍ତି ଏଥିପାଇଁ ଆବେଦନ କରିପାରିବେ। ତେବେ ସେ ସ୍ପଷ୍ଟ କରିଥିଲେ ଯେ ଆବେଦନକାରୀ ଅଣଓଡ଼ିଆ ଅର୍ଥାତ୍ ଓଡ଼ିଶା ବାହାରର ହୋଇଥିବା ଦରକାର। ତେବେ ଏହାକୁ ବହୁ ଓଡ଼ିଆ ସହଜରେ ଗ୍ରହଣ କରିପାରି ନ ଥିଲେ। ଓଡ଼ିଶାରେ ହସ୍ପିଟାଲ ନିର୍ମାଣ କରି ଏପରି ଓଡ଼ିଆ ବିରୋଧୀ ନିଯୁକ୍ତି ବିଜ୍ଞାପନ ଦେବା ଗ୍ରହଣୀୟ ନୁହେଁ ବୋଲି ମତପ୍ରକାଶ ପାଇଥିଲା। ଏପରି ବିଜ୍ଞାପନକୁ ସାମାଜିକ ଗଣମାଧ୍ୟମରେ କଡ଼ା ନିନ୍ଦା କରାଯାଇଥିଲା। ବିରୋଧ ପରେ ତୁରନ୍ତ ଲୋଧ ତାଙ୍କ ବିଜ୍ଞାପନରେ ସଂଶୋଧନ କରିବା ସହ ଦୁଇଟି ପୋଷ୍ଟ କରି କ୍ଷମା ମାଗିଥିଲେ। ସେଥିରେ ସେ ଦର୍ଶାଇଥିଲେ, ଓପିଡି ମ୍ୟାନେଜର ଓଡ଼ିଶା ବାହାରୁ ଆସୁଥିବା ରୋଗୀଙ୍କୁ ପରିଚାଳନା କରିବେ। କିନ୍ତୁ ବିଜ୍ଞାପନରେ ଭୁଲ୍‌ବଶତଃ ଆବେଦନକାରୀ ପ୍ରାର୍ଥୀ ଓଡ଼ିଶା ବାହାରର ହେବା ଆବଶ୍ୟକ ବୋଲି ଲେଖାଯାଇଥିଲା। ତେବେ ହସ୍ପିଟାଲରେ ୯୮ ପ୍ରତିଶତ କର୍ମଚାରୀ ଓଡ଼ିଶାର ବୋଲି ସେ ଉଲ୍ଲେଖ କରିଥିଲେ।

# ୩ ଚାଇନା ନାଗରିକଙ୍କ ନାଁରେ ଲୁକ୍ ଆଉଟ୍ ସର୍କୁଲାର

**ଭୁବନେଶ୍ୱର,୧୭।୭ (ବ୍ୟୁରୋ)**


୩ ଚାଇନା ନାଗରିକ

## ଲୋନ୍ ଆପ୍ ଠକେଇ ମାମଲା

- ବିଦେଶ ଲ' ଏନ୍‌ଫୋର୍ସମେଣ୍ଟ ଏଜେନ୍ସିର ନିଆଯାଉଛି ସହାୟତା
- ଏୟାରପୋର୍ଟ, ସି ବିଚ୍ ସମେତ ଅନ୍ୟାନ୍ୟ ଚେକ୍ ପୋଷ୍ଟରେ ଆଲର୍ଟ
- ଇଣ୍ଡୋନେସିଆ, ଶ୍ରୀଲଙ୍କା, ପାକିସ୍ତାନ, ନେପାଳ, ବାଂଲାଦେଶରେ ଠକେଇ ଚେର
- ଭାରତୀୟ ମୁଖ୍ୟ ନୀତିନ୍‌ଙ୍କୁ ପଚରାଉଚରା ଚଳାଇଛି ଇଓଡବ୍ଲ୍ୟୁ

ଭାରତ ସମେତ ବିଭିନ୍ନ ଦେଶରେ କ୍ରେଡିଟ୍ ଗୋଲ୍ଡ ଲୋନ ଆପ୍ ସମେତ ଅନ୍ୟାନ୍ୟ ଲୋନ ଆପ୍‌ରେ ହୋଇଥିବା ବଡ଼ଧରଣର ଠକେଇ ଓ ନିର୍ଯାତନା ମାମଲାରେ ମାଷ୍ଟରମାଇଣ୍ଡ ଥିବା ୩ ଚାଇନା ନାଗରିକଙ୍କୁ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଚିହ୍ନଟ କରିଛି। ସେମାନେ ହେଲେ ଚାଇନା ଜିଆଙ୍ଗସୁ ଅଞ୍ଚଳର ସେନ୍ ଝେନ୍‌ହୁଆ ଓରଫ ଟୋନି, କୁଆନ୍ ହୋଙ୍ଗୱେ ଓରଫ ପୌଲ ଓ ସିଚୁଆନ୍ ଅଞ୍ଚଳର ୟାଙ୍ଗ୍ ହେୟିଙ୍ଗ୍ ଓରଫ ଡୋରିସ୍। ସମ୍ପୃକ୍ତ ୩ ମାଷ୍ଟରମାଇଣ୍ଡଙ୍କୁ ଧରିବାକୁ ପ୍ରକ୍ରିୟା ଆରମ୍ଭ କରି ଇଓଡବ୍ଲ୍ୟୁ କେନ୍ଦ୍ର ସରକାରଙ୍କ ବ୍ୟୁରୋ ଅଫ୍ ଇମିଗ୍ରେଶନ୍ (ବିଓଆଇ)ର ସହାୟତା ଲୋଡ଼ିଛି। ଇଓଡବ୍ଲ୍ୟୁର ଅନୁରୋଧକ୍ରମେ ବିଓଆଇ ପକ୍ଷରୁ ତାଙ୍କ ବିରୋଧରେ ଲୁକ୍ ଆଉଟ୍ ସର୍କୁଲାର ଜାରି କରାଯାଇ ଦେଶର ସମସ୍ତ ଏୟାରପୋର୍ଟ ଓ ସି ବିଚ୍ ସମେତ ଅନ୍ୟାନ୍ୟ ଚେକ୍ ପୋଷ୍ଟରେ ଆଲର୍ଟ ଜାରି କରାଯାଇଛି। ଏଥିସହ ସେମାନଙ୍କ ଉପରେ ନଜର ରଖିବାକୁ ଲ' ଏନ୍‌ଫୋର୍ସମେଣ୍ଟ ଏଜେନ୍ସି ଓ ପୋଲିସକୁ ମଧ୍ୟ କୁହାଯାଇଛି। ଏଥିସହ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ବିଦେଶୀ ଲ' ଏନ୍‌ଫୋର୍ସମେଣ୍ଟ ଏଜେନ୍ସିଗୁଡ଼ିକ ସହ ଯୋଗାଯୋଗ କରାଯାଉଛି। ସମ୍ପୃକ୍ତ ୩ ଚାଇନା ନାଗରିକଙ୍କୁ ଉପଯୁକ୍ତ ମାଧ୍ୟମରେ ଭାରତକୁ ହସ୍ତାନ୍ତର କରାଯିବାକୁ ଉଦ୍ୟମ କରାଯାଉଥିବା ଇଓଡବ୍ଲ୍ୟୁ ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷରେ, ଏହି ଠକେଇ ମାମଲାରେ ବୁଧବାର ଦିଲ୍ଲୀରୁ ଗିରଫ ହୋଇଥିବା ଚାଇନା ରାକେଟର ଅନ୍ୟତମ ସହଯୋଗୀ ତଥା ଭାରତୀୟ ମୁଖ୍ୟ ନୀତିନ ମଲ୍ଲିକଙ୍କୁ ଇଓଡବ୍ଲ୍ୟୁ ଶନିବାରଠୁ ୪ ଦିନିଆ ରିମାଣ୍ଡରେ ନେଇ ମାମଲା ସଂକ୍ରାନ୍ତରେ ଖୋଳତାଡ଼ କରୁଛି। ଏଥିସହ ତାଙ୍କଠାରୁ ୩ ମାଷ୍ଟରମାଇଣ୍ଡଙ୍କ ବିଷୟରେ ତଥ୍ୟ ଯୋଗାଡ଼ କରିଛି। ରିମାଣ୍ଡ ଅବଧି ଆଉ ୨ ଦିନ ଥିବା ବାକି ଥିବାବେଳେ ଅଭିଯୁକ୍ତ ନୀତିନଙ୍କଠୁ ପଚରାଉଚରା କରି ମାମଲା ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଯୋଗାଡ଼ କରି ଅନ୍ୟ ସହଯୋଗୀଙ୍କୁ ଧରିବାକୁ ଆଶା ରଖିଛି ଇଓଡବ୍ଲ୍ୟୁ।

ଇଓଡବ୍ଲ୍ୟୁ ସୂଚନା ଅନୁଯାୟୀ, ଚାଇନା ଠକେଇ ର୍ୟାକେଟର ସଦସ୍ୟମାନେ 'ଏମ୍‌ଏସ୍ ଗୁଡ୍ ଷ୍ଟାର୍ଟ ବିଜ୍‌ନେସ୍ ପ୍ରାଇଭେଟ୍ ଲିଃ' ଓ 'ଏମ୍‌ଏସ୍ ରାଇଟ୍ ଷ୍ଟାର୍ଟ ବିଜ୍‌ନେସ୍ ପ୍ରାଇଭେଟ୍ ଲିଃ' ଭଳି ସେଲ୍ କମ୍ପାନୀ ଖୋଲି ଭାରତୀୟଙ୍କୁ ତାହାର ନିର୍ଦ୍ଦେଶକ କରୁଥିଲେ। ବିଶେଷ କରି ନିମ୍ନମଧ୍ୟବିତ୍ତ ପରିବାରର ନିରୀହ ଲୋକଙ୍କୁ ସେମାନେ ଟାର୍ଗେଟ କରନ୍ତି। ଇଣ୍ଡୋନେସିଆ, ଶ୍ରୀଲଙ୍କା, ପାକିସ୍ତାନ, ନେପାଳ, ବାଂଲାଦେଶରେ ଏପରି ବେଆଇନ ଲୋନ ଆପ୍ ଚଳାଉଥିବାବେଳେ ୟୁଏସ୍‌ଏ ଓ ହଂକଂ ସହ ଏମାନଙ୍କର ମଧ୍ୟ ଲିଙ୍କ୍ ରହିଛି। ଏପରିକି ଆଫ୍ରିକା ଓ ମଧ୍ୟ ପ୍ରାଚ୍ୟ ଦେଶଗୁଡ଼ିକରେ ମଧ୍ୟ ଏହି ଗ୍ୟାଙ୍ଗ ବିଭିନ୍ନ ବେଆଇନ ଲୋନ୍ ଆପ ଚଳାଇବାକୁ ପ୍ରକ୍ରିୟା ଆରମ୍ଭ କରିଥିବା ଜଣାପଡିଛି।

ସୂଚନାଯୋଗ୍ୟ, ଭୁବନେଶ୍ୱରର ଶକ୍ତିପ୍ରସାଦ ଦାସ 'କ୍ରେଡିଟ୍ ଗୋଲ୍ଡ' ଆପ୍‌କୁ ଡାଉନ୍‌ଲୋଡ୍ କରିବା ପରେ ତାଙ୍କ ପାଖକୁ ୯ ହଜାର ଟଙ୍କାର ଲୋନ୍ ଆସିଥିଲା। ୪ ଦିନ ପରେ ତାଙ୍କୁ ହ୍ୱାଟ୍ସଆପ୍ ଦ୍ୱାରା କଲ୍ କରାଯାଇ ୧୫ ହଜାର ୬୨୭ ଟଙ୍କା ଲୋନ୍ ଭରିବାକୁ କୁହାଯାଇଥିଲା। ସେ ଟଙ୍କା ନ ଦେବାରୁ ତାଙ୍କୁ ବିଭିନ୍ନ ନମ୍ବରରେ କଲ୍ କରାଯାଇ ଗାଳିଗୁଲଜ କରାଯିବା ସହ ଅଶ୍ଳୀଳ ଫଟୋ ପଠାଯାଇ ମାନସିକ ନିର୍ଯାତନା ଦିଆଯାଇଥିଲା। ଅଭିଯୋଗ ପରେ ଇଓଡବ୍ଲ୍ୟୁ ଜୁଲାଇ ୨ରେ ଏକ ମାମଲା (ନଂ.୧୩/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ବୋହୂ ଟାଙ୍ଗିଆ ଚୋଟରେ ଶ୍ୱଶୁର ମୃତ

**ପରଜଙ୍ଗ, ୧୭।୭(ଡି.ଏନ୍.ଏ.)**

## ପାରିବାରିକ କଳହର କରୁଣ ପରିଣତି

ପାରିବାରିକ କହଳକୁ କେନ୍ଦ୍ର କରି ଗଡ଼ିଛି ମୁଣ୍ଡ। ବୋହୂଙ୍କ ଟାଙ୍ଗିଆ ଚୋଟରେ ଟଳିପଡ଼ିଛନ୍ତି ଶ୍ୱଶୁର। ଢେଙ୍କାନାଳ ଜିଲା ପରଜଙ୍ଗ ଥାନା କୁରୁରିଆ ଗ୍ରାମରେ ଶନିବାର ରାତି ପ୍ରାୟ ୯ଟାରେ ଘଟିଥିବା ଏଭଳି ଏକ ବୀଭତ୍ସ ହତ୍ୟାକାଣ୍ଡ ଆଲୋଡ଼ନ ସୃଷ୍ଟି କରିଛି। ମୃତକ ହେଲେ ବେଣୁଧର ପ୍ରଧାନ। ଗୁରୁତର ଅବସ୍ଥାରେ ଅଭିଯୁକ୍ତା ବୋହୂ ଯଶୋଦା ପ୍ରଧାନଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି, ବୋହୂ ଯଶୋଦା ଏବଂ ଶ୍ୱଶୁର ବେଣୁଧରଙ୍କ ମଧ୍ୟରେ ଅଧିକାଂଶ ସମୟ ଗଣ୍ଡଗୋଳ ହେଉଥିଲା। ଗତ ଶନିବାର ପ୍ରଥମେ ବାକ୍‌ବିତଣ୍ଡା, ଗାଳିଗୁଲଜରୁ ଏହା ଉଗ୍ରରୂପ ନେଇଥିଲା। ହାତାହାତି ଯାଏ କଥା ଯାଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଯଶୋଦା ଏକ ଟାଙ୍ଗିଆରେ ବେଣୁଧରଙ୍କୁ ହାଣି ପକାଇଥିଲେ। ଅନ୍ୟପଟେ ଏହାକୁ ପ୍ରତିରୋଧ କରିବାକୁ ଯାଇ ବେଣୁଧର ମଧ୍ୟ ଯଶୋଦାଙ୍କୁ ପ୍ରତିଆକ୍ରମଣ କରିଥିଲେ। ଚିତ୍କାର ଶୁଣି ପାଖପଡ଼ୋଶୀ ପହଞ୍ଚି ଦୁହିଁଙ୍କୁ ପ୍ରଥମେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ବେଣୁଧରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଯଶୋଦାଙ୍କୁ ଅଧିକ ଚିକିତ୍ସା ପାଇଁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ପୋଲିସ ହେପାଜତରେ ତାଙ୍କର ଚିକିତ୍ସା ଚାଲିଛି। ମୃତ ବେଣୁଧରଙ୍କ ସ୍ତ୍ରୀଙ୍କ ଅଭିଯୋଗକ୍ରମେ ଏ ନେଇ ପରଜଙ୍ଗ ଥାନାରେ ଏକ ମାମଲା ରୁଜୁ ହୋଇଛି। ଢେଙ୍କାନାଳ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ତଦନ୍ତ କରିଛି। କାମାକ୍ଷାନଗରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଥିବା ଥାନାଧିକାରୀ ପ୍ରଶାନ୍ତ କୁମାର ପାତ୍ର ସୂଚନା ଦେଇଛନ୍ତି।

ଗ୍ରାମବାସୀଙ୍କ କହିବା କଥା, ବେଣୁଧରଙ୍କ ୪ ପୁଅ। ସେମାନେ କେହି ଗ୍ରାମରେ ରହୁନାହାନ୍ତି। କୌଣସି କାରଣରୁ ବେଣୁଧରଙ୍କ ସ୍ତ୍ରୀ ମାସେ ହେଲା ତାଙ୍କ ବାପଘରେ ଥିଲେ। ଏହି ସମୟରେ ବୋହୂ-ଶ୍ୱଶୁରଙ୍କ ମଧ୍ୟରେ କଳହ ଉଗ୍ରରୂପ ନେଇ ହତ୍ୟାକାଣ୍ଡର ସୂତ୍ରପାତ ହୋଇଥିଲା।

# ନକଲି ଭିଜିଲାନ୍ସର ଶିକାର ହେଲେ ରାଜସ୍ୱ ନିରୀକ୍ଷକ

**ଗୋଷାଣୀ,୧୭।୭**

## ୮୫ ହଜାର ଠକିନେଲେ, ଥାନାରେ ଏତଲା

ଗଜପତି ଜିଲା ଗୋଷାଣୀ ବ୍ଲକ ଉପଲଡ଼ା ରାଜସ୍ୱ ନିରୀକ୍ଷକ(ଆର୍‌ଆଇ) ନକଲି ଭିଜିଲାନ୍ସ କର୍ମଚାରୀଙ୍କ ଶିକାର ହୋଇଛନ୍ତି। ତାଙ୍କଠାରୁ ୮୫ ହଜାର ଟଙ୍କା ଠକେଇ ହୋଇଥିବା ରାଜସ୍ୱ ନିରୀକ୍ଷକ ପୁରୁଷୋତ୍ତମ ବିଶ୍ୱାଳ ଗୁରାଣ୍ଡି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ଅଭିଯୋଗ ଅନୁଯାୟୀ, ନକଲି ଭିଜିଲାନ୍ସ କର୍ମଚାରୀ ଜଣକ ଏକ ଘରୋଇ ଭଡା ଗାଡିରେ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟକୁ ଆସି ଆର୍‌ଆଇ ବିଶ୍ୱାଳଙ୍କୁ ଭେଟିଥିଲେ। ସେ ଭିଜିଲାନ୍ସ ବିଭାଗରୁ ଆସିଛନ୍ତି ଓ ରାଜସ୍ୱ ନିରୀକ୍ଷକଙ୍କ ନାମରେ ତଦନ୍ତ ଚାଲିଛି ବୋଲି ଡରାଇବା ସହ ଧମକାଇ ଥିଲେ। ପରେ ସେ ୧ ଲକ୍ଷ ଟଙ୍କା ଦାବି କରି ବିଶ୍ୱାଳଙ୍କୁ ଉକ୍ତ ଭଡାଗାଡିରେ ବସାଇ ନାରାୟଣପୁର ଗ୍ରାମକୁ ନେଇ ଯାଇଥିଲେ। ରାଜସ୍ୱ ନିରୀକ୍ଷକ ନିଜ ବନ୍ଧୁବର୍ଗଙ୍କ ଠାରୁ ୫୦,୦୦୦ ଟଙ୍କା ଆଣି ସମ୍ପୃକ୍ତ ନକଲି ଭିଜିଲାନ୍ସ କର୍ମଚାରୀଙ୍କୁ ଦେଇଥିଲେ। ପରେ ପୁଣି ସେହି ଗାଡିରେ ପାଟିକୋଟା ନିକଟକୁ ଆସିଥିଲେ। ରାଜସ୍ୱ ନିରୀକ୍ଷକ ବିଶ୍ୱାଳ ସେଠାରୁ ପୁଣି ତାଙ୍କ ଅଫିସ କର୍ମଚାରୀ ଏଆର୍‌ଆଇଙ୍କୁ ଫୋନ କରି ଆଉ ୫୦,୦୦୦ ଟଙ୍କା ମାଗିଥିଲେ। ଏଆର୍‌ଆଇ ୩୫,୦୦୦ଟଙ୍କା ଧରି ନିଜ ବାଇକରେ ସେଞ୍ଚୁରିଆନ କଲେଜ ପାଖକୁ ଯାଇ ଉକ୍ତ ଟଙ୍କା ସମ୍ପୃକ୍ତ ନକଲି ଭିଜିଲାନ୍ସ କର୍ମଚାରୀଙ୍କୁ ଦେବାରେ ରାଜସ୍ୱ ନିରୀକ୍ଷକଙ୍କୁ ସେ ଆଣି ଉପଲଡ଼ାସ୍ଥିତ କାର୍ଯ୍ୟାଳୟ ସମ୍ମୁଖରେ ଛାଡି ଚାଲି ଯାଇଥିଲେ। ଏ ନେଇ ସନ୍ଦେହ ହେବାରୁ ରାଜସ୍ୱ ନିରୀକ୍ଷକ ବିଶ୍ୱାଳ ଗୁରାଣ୍ଡି ଥାନାକୁ ଆସି ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଗୁରାଣ୍ଡି ଥାନାଧିକାରୀ ରବୀନ୍ଦ୍ର ନାଥ ପାତ୍ର ନଂ.୫୭/୨୦୨୨ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି। ତେବେ ଭିଜିଲାନ୍ସ ପ୍ରତି ରାଜସ୍ୱ ନୀରିକ୍ଷକଙ୍କ ଭୟ ରହିଲା କାହିଁକି ସାଧାରଣରେ ପ୍ରଶ୍ନ ଉଠୁଛି।

# ମଇ ଟାଣିବାବେଳେ ଚାଷୀଙ୍କ ମୃତ୍ୟୁ

**ପାଟଣା,୧୭।୭(ସ୍ୱ.ପ୍ର.):** ମଇ ଟାଣିବାବେଳେ ବିଲରେ ପଡ଼ି ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ କେନ୍ଦୁଝର ଜିଲା ପାଟଣା ବ୍ଲକ ବାଉଁଶୁଳି ଗ୍ରାମର ଡମ୍ବରୁ ମୁଣ୍ଡା। ସୂଚନା ଅନୁଯାୟୀ, ଡମ୍ବରୁ ପରିବାର ଲୋକଙ୍କ ସହ ବିଲରେ ଧାନ ତଳି ଲଗାଇବା ପାଇଁ ବଳଦ ପରିବର୍ତ୍ତେ ନିଜେ ମଇ ଟାଣୁଥିଲେ। ମଇ ଟାଣିବା ସମୟରେ ହଠାତ ବିଲ ଭିତର କାଦୁଅରେ ମୁହଁମାଡ଼ି ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ସହାୟତାରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ମୃତଦେହ ବ୍ୟବଚ୍ଛେଦ ପରେ ତୁରୁମୁଙ୍ଗା ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୧୯/୨୨) ରୁଜୁ ହୋଇଛି।

# ନଦୀରେ ଭାସି ୨ ନିଖୋଜ

**ଭଞ୍ଜନଗର,୧୭।୭(ଡି.ଏନ୍.ଏ.):** ଗଞ୍ଜାମ ଜିଲା ଭଞ୍ଜନଗର ବ୍ଲକ ଅଞ୍ଚଳରେ ରବିବାର ନଦୀରେ ଭାସି ଜଣେ ଯୁବକ ଓ ଜଣେ ମହିଳା ନିଖୋଜ ହୋଇଛନ୍ତି। କୁଲାଡ଼ର ଜଣେ ଯୁବକ ଅପରାହ୍ନରେ ବଡନଦୀ ପାରହୋଇ ଅନ୍ୟ ଏକ ଗ୍ରାମକୁ ଯାଉଥିଲେ। ରାତି ସୁଦ୍ଧା ତାଙ୍କର କୌଣସି ପତ୍ତା ମିଳୁ ନ ଥିବାରୁ ପରିବାର ଲୋକେ ଆଶା ଆଶଙ୍କାରେ ରହିଛନ୍ତି। ସେହିପରି ତାରସିଂ ଥାନା ଜାଡଧାର ନିକଟ ପେଟାପାଟୁନି ନାଳ ବନ୍ୟା ପାଣିରେ ସନ୍ଧ୍ୟାରେ ଜଣେ ମହିଳା ଭାସି ଯାଇଛନ୍ତି। ଦମକଳବାହିନୀ ତାଙ୍କୁ ଖୋଜାଖୋଜି କରୁଥିଲେ ମଧ୍ୟ ରାତିସୁଦ୍ଧା ତାଙ୍କୁ ଠାବ କରାଯାଇ ପାରିନାହିଁ। ମହିଳା ଜଣଙ୍କ ଜମିରୁ କାମ ସାରି ଫେରୁଥିବା ବେଳେ ଭାସିଯାଇଥିଲେ।


**Government of Odisha**
**Office of the Zillaparishad, Jagatsinghpur**
No.CAD-1123: Email:orijag@nic.in

**Tender Call Notice No.03/2022-23 /Health Building Work**

1. Type of Works : Health Building Works
2. Total No. of Works : (6) Nos.
3. Estimated Cost : Rs.20.00 Lakh (Approx.)
4. Class of Contractor : "D" & "C" Class
5. Period of Completion : 6 (Six) Calendar Months
6. Date of Bidding : 18.07.2022 at 10 A.M. to dt.28.07.2022 till 4.00 P.M.
7. Last date of receipt of Document : 03.08.2022 upto 05.30 PM
8. Date & Time of Opening of Tender : 05.08.2022 at 11 A.M.

Bid documents consisting of specification & schedule of quantities (BOQ) and the set of terms and conditions of contract (DTCN) alongwith other necessary documents can be obtained/download from district NIC website www.jagatsinghpur.nic.in and sealed Bids must be enclosed with appropriate cost in shape of a non-refundable Demand Draft of Rs.6000.00 only for each work, separately issued from any scheduled bank payable at Jagatsinghpur in favour of Project Director, DRDA, Jagatsinghpur. Interested bidders may obtain further information at the same address.

Sd./- CDO-cum-Executive Officer
Zillaparishad, Jagatsinghpur
OIPR-13213/11/0001/2223


# କେନାଲରେ ଭାସିଯାଇ ନାବାଳକ ନିଖୋଜ

**ଟାଙ୍ଗୀ(ଖୋର୍ଦ୍ଧା),୧୭।୭(ଡି.ଏନ୍.ଏ.)**

ଲଗାଣ ବର୍ଷା ଯୋଗୁ କେନାଲର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଭରତଦାସ ବନ୍ଧ କେନାଲରେ ପ୍ରଖର ସ୍ରୋତ ଥିବା ବେଳେ ରବିବାର ଗାଧୋଇବାକୁ ଯାଇଥିବା ଜଣେ ନାବାଳକ ଭାସିଯାଇ ନିଖୋଜ ଅଛନ୍ତି। ସେ ହେଲେ ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଧୀନ ଛକଡ଼ିପୁର ଗ୍ରାମର ରମାକାନ୍ତ ସାସମଲ ଓରଫ ବିଜୁ(୧୪)। ଖବରପାଇ ଟାଙ୍ଗୀ ଓ ଚିଲିକା ଅଗ୍ନିଶମ କର୍ମଚାରୀ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ମିଳିପାରି ନାହିଁ। ସୂଚନା ମୁତାବକ, ପୂର୍ବାହ୍ନରେ ବିଜୁ ୩ଜଣ ସାଙ୍ଗଙ୍କ ସହ ଉକ୍ତ କେନାଲକୁ ଗାଧୋଇବାକୁ ଯାଇଥିଲେ। ଅସବଧାନତା ଯୋଗୁ ପାଣିର ପ୍ରଖର ସ୍ରୋତରେ ବିଜୁ ଭାସିଯାଇଥିଲେ। ଏହା ପରେ ତାଙ୍କ ସାଙ୍ଗମାନେ ଆସି ଗ୍ରାମରେ ଜଣାଇଥିଲେ। ଏନେଇ ଗ୍ରାମବାସୀ ଟଙ୍ଗୀ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ଖବର ଲେଖା ହେବା ପର୍ଯ୍ୟନ୍ତ ତାଙ୍କ ସନ୍ଧାନ ମିଳିପାରି ନ ଥିବା ଜଣାପଡ଼ିଛି।


ଶ୍ରାବଣ ମାସର ପ୍ରଥମ ସୋମବାର ଜଳଲାଗି କରିବା ପାଇଁ ରବିବାର କଟକ ଗଡଗଡ଼ିଆ ଘାଟ ମହାନଦୀ ତଟରୁ ବିଭିନ୍ନ ଶୈବପୀଠକୁ ବୋଲବମ୍ ଭକ୍ତମାନେ ଯାଉଛନ୍ତି।

# ସତ୍ତା ହରାଇଲାଣି କୁମ୍ଭୀର ପ୍ରଜନନ ପ୍ରକଳ୍ପ

**ବାରିପଦା ଅଫିସ,୧୭।୭**

## ପର୍ଯ୍ୟଟକ ମୁହଁ ଫେରାଉଛନ୍ତି



କୁମ୍ଭୀର ପ୍ରଜନନ କେନ୍ଦ୍ର।

ମୟୂରଭଞ୍ଜ ଜିଲା ଯଶୀପୁରର ରାମତୀର୍ଥଠାରେ ପ୍ରତିଷ୍ଠା ହୋଇଥିବା କୁମ୍ଭୀର ଗବେଷଣା ଓ ପ୍ରଜନନ କେନ୍ଦ୍ର ଏବେ ସତ୍ତା ହରାଇବାକୁ ବସିଛି। ଦିନ ଥିଲା ଏଠାରେ କୁମ୍ଭୀର ହାଉଯାଉ ହେଉଥିଲେ। ମାତ୍ର ରକ୍ଷଣାବେକ୍ଷଣ ଅଭାବ ଓ ସରକାରଙ୍କ ଅଣଦେଖା କାରଣରୁ ଏବେ ମାତ୍ର ୬ଟି କୁମ୍ଭୀର ଅଛନ୍ତି। ଏହି ପ୍ରକଳ୍ପ ବନ୍ଦ ହେବାକୁ ବସିଥିବାରୁ ପରିବେଶବିତ ଓ ପର୍ଯ୍ୟଟକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି।

୧୯୭୯ରେ ପ୍ରଥମେ ତାମିଲନାଡୁରୁ ୨୪ଟି କୁମ୍ଭୀର ଅଣାଯାଇ ଗବେଷଣା ଆରମ୍ଭ କରାଯାଇଥିଲା। ଏଥିରେ ସଫଳତା ମିଳିବା ପରେ ପରବର୍ତ୍ତୀ ସମୟରେ ୧୯୮୮ରେ ନନ୍ଦନକାନନରୁ ୧୨ଟି କୁମ୍ଭୀର ଶାବକ ଅଣାଯାଇଥିଲା। ପର୍ଯ୍ୟଟକଙ୍କୁ ଆକୃଷ୍ଟ କଲା ଭଳି କୁମ୍ଭୀରମାନଙ୍କ ନିମନ୍ତେ ତିଆରି ହୋଇଥିଲା ପରିବେଶ। ପାରିପାର୍ଶ୍ୱିକ ପରିବେଶ ଭଲ ଥିବାରୁ ଏଠାରେ ଗୋମୁହାଁ ପ୍ରଜାତିର କୁମ୍ଭୀର ବେଶ୍ ଭଲ ଭାବେ ବଢ଼ି ପାରୁଥିଲେ। ୧୯୮୪ରୁ ୧୯୮୭ ମଧ୍ୟରେ ୧୫୧୭ଟି ଅଣ୍ଡା ସଂଗ୍ରହ କରାଯାଇଥିଲା। ଏହି କୁମ୍ଭୀର ପ୍ରକଳ୍ପରୁ ଶିମିଳିପାଳରେ ବୋହି ଯାଉଥିବା ବିଭିନ୍ନ ନଦୀରେ ୭ଶହରୁ ଅଧିକ କୁମ୍ଭୀର ଶାବକ ଛଡ଼ାଯାଇଥିଲା। ତେବେ ଠିକ୍ ଭାବେ ରକ୍ଷଣାବେକ୍ଷଣ କରାଯାଇ ନ ଥିବାରୁ ସେମାନଙ୍କ ବଂଶ ଧୀରେଧୀରେ ଲୋପ ପାଇବାକୁ ବସିଛି। ୨୦୨୧ କୁମ୍ଭୀର ଗଣନା ଅନୁଯାୟୀ ଶିମିଳିପାଳର ବିଭିନ୍ନ ନଦୀରେ ମୋଟ ୮୭ଟି କୁମ୍ଭୀର ରହିଥିବା ନେଇ ରିପୋର୍ଟ ପ୍ରକାଶ ପାଇଛି। ଏ ସମ୍ପର୍କରେ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ(ଦକ୍ଷିଣ)ର ଏସିଏଫ୍ ପ୍ରଦୀପ ଦେ କହନ୍ତି, ଶିମିଳିପାଳର ବିଭିନ୍ନ ନଦୀରେ କୁମ୍ଭୀର ସଂଖ୍ୟା ବୃଦ୍ଧି ପାଇବା ପାଇଁ ସରକାର ଏହି ଯୋଜନା ଆରମ୍ଭ କରିଥିଲେ। ଅଧିକରୁ ଅଧିକ କୁମ୍ଭୀର ସଂରକ୍ଷଣ ଓ ପ୍ରଜନନ ସଂଖ୍ୟା ବୃଦ୍ଧି କରାଗଲେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଆନ୍ତା ବୋଲି ସେ କହିଛନ୍ତି। ତେବେ ଶିମିଳିପାଳ ଅଭୟାରଣ୍ୟରେ ଥିବା ବାର୍‌ହାକାମୁଡ଼ା ରେଞ୍ଜଟି ସମୁଦ୍ର ପତନଠାରୁ ୮୨୨ ମିଟର ଉଚ୍ଚରେ ଥିଲେ ମଧ୍ୟ ଗୋମୁହାଁ ପ୍ରଜାତିର କୁମ୍ଭୀର ଏଠାରେ ଭଲ ବଢ଼ିପାରୁଛନ୍ତି। ସାରା ଭାରତର କୌଣସି ସ୍ଥାନରେ ଆଜି ପର୍ଯ୍ୟନ୍ତ ଏତେ ଉଚ୍ଚରେ କୁମ୍ଭୀର ଦେଖାଯାଇ ନ ଥିବାରୁ ଏହା ବିରଳ ବୋଲି ଆଲୋଚନା ହେଉଛି। ପ୍ରକଳ୍ପର ରକ୍ଷଣାବେକ୍ଷଣ ସହିତ କୁମ୍ଭୀର ସଂଖ୍ୟା ବୃଦ୍ଧି କରାଗଲେ ବହୁ ପର୍ଯ୍ୟଟକ ଆସନ୍ତେ ବୋଲି ଅଞ୍ଚଳର ଅରୁଣ ନାୟକ, ଦୁର୍ଗାଚରଣ ହେମ୍ବ୍ରମ ପ୍ରକାଶ କରିଛନ୍ତି। କୁମ୍ଭୀର ପ୍ରକଳ୍ପକୁ ବୁଲିବାକୁ ଆସିଥିବା ପର୍ଯ୍ୟଟକ କୁମୁଦିନୀ ପାତ୍ର, ଝିମି ପାତ୍ର ଓ ପ୍ରଶାନ୍ତ ସିଂ କହନ୍ତି, ପ୍ରକଳ୍ପରେ ଅଳ୍ପସଂଖ୍ୟକ କୁମ୍ଭୀରଙ୍କୁ ଦେଖିବାକୁ ମିଳୁଥିବା ବେଳେ ଆଖପାଖରେ ବୁଲୁଥିବା ଠେକୁଆ ଦେଖି ଫେରିବାକୁ ପଡୁଛି। କେନ୍ଦ୍ର ଓ ରାଜ୍ୟ ସରକାର ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଲେ କୁମ୍ଭୀରମାନଙ୍କ ସଂଖ୍ୟା ବୃଦ୍ଧି ପାଇବା ସଙ୍ଗେସଙ୍ଗେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଆନ୍ତା ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି।


यूनियन बैंक ऑफ इंडिया Union Bank of India | आन्ध्रा Andhra | कार्पोरेशन Corporation

**ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ**
କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ
ଏମ୍-୧୪, ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର-୭୫୧୦୦୩

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ମଧ୍ୟ ସେମାନେ ଋଣ ପରିଶୋଧ କରୁନାହାଁନ୍ତି । ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନକରନ୍ତି, ତାହେଲେ **ଆମର ସମ୍ପୃକ୍ତ ଶାଖା ପରିସରରେ ତା.୦୧.୦୮.୨୦୨୨ ରିଖ ପୂର୍ବାହ୍ନ ୧୧.୦୦ ଘଟିକା** ସମୟରେ ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡ଼ିକୁ ନିଲାମ କରାଯିବ । ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟ କ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତର ଆଶ୍ରୟ ନେବ । ଋଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ରାଶି ପରିଶୋଧ କରି ଅଳଙ୍କାରଗୁଡ଼ିକୁ ନେଇପାରିବେ ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ | ବକେୟା ଦେୟ + ସେବାବଦ ସୁଧ | ନେଟ୍ ଓଜନ (ଗ୍ରାମରେ) |
|---|---|---|---|
| **ତ୍ରୀଶୁଳିଆ ଛକ ଶାଖା**, ତ୍ରୀଶୁଳିଆ ଛକ, ସା:ତ୍ରୀଶୁଳିଆ, ପୋ.: ବ୍ରାହ୍ମଣୀଗାଁ, ଭାୟା: ବାରଙ୍ଗ, ଜିଲ୍ଲା: କଟକ, ଓଡିଶା, ପିନ୍: ୭୫୪୦୦୫, ମୋ.: ୮୨୪୦୩୬୪୩୯୦ | | | |
| ୧. | ପୂର୍ଣ୍ଣଚନ୍ଦ୍ର ବେହେରା | ଟ.୨୭,୪୩୩/- + ସେବାବଦ ସୁଧ | ୧୦.୫୦ |
| **ପାରାଦୀପ ଇସିବି ଶାଖା**, ପାରାଦୀପଗଡ, ପାରାଦୀପ ଥାନା ନିକଟ, ପାରାଦୀପ, ଜିଲ୍ଲା: ଜଗତସିଂହପୁର, ଓଡିଶା, ମୋ.: ୭୬୭୧୯୫୮୫୪୩ | | | |
| ୧. | ସୁଜାତା ବାରିକ | ଟ.୪,୧୧,୯୭୧/- + ସେବାବଦ ସୁଧ | ୧୫୪ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡ଼ିକୁ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ:**

୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ ଟ.୧,୦୦୦/- ଅମାନତ ଆକାରରେ ଜମା ଦେବାକୁ ହେବ ।
୨) ଅମାନତ ଦାଖଲ ପରେ, ନିଲାମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଅଳଙ୍କାରଗୁଡ଼ିକୁ ଯାଞ୍ଚ କରିପାରିବେ ।
୩) ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ଶତକଡା ୨୫ ଭାଗ ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡିବ । ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ଡାକର ଶତକଡା ୨୫ ଭାଗ ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉ ଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ ।
୪) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ ।
୫) ବ୍ୟାଙ୍କ କୌଣସି ନିଲାମ ଡାକ ମାନିବାକୁ ବାଧ୍ୟ ନୁହେଁ । କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ ।
୬) ଯେଉଁ ବ୍ୟକ୍ତି ସର୍ବୋଚ୍ଚ ଡାକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଦୃଢ଼ୀକରଣ ହେବା ସୂଚନା ପାଇବାର ୩ଦିନ ମଧ୍ୟରେ ନିଲାମର ଶତକଡା ୭୫ଭାଗ ଟଙ୍କା ଜମା କରିବାକୁ ବାଧ୍ୟହେବେ । ନଚେତ୍ ପୂର୍ବରୁ ଜମା ଦେଇଥିବା ଶତକଡା ୨୫ଭାଗ ଟଙ୍କା ଏବଂ ଅମାନତ ଟଙ୍କା ବାଜ୍ୟାପ୍ତି ହେବ ।
୭) ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ/ ରଦ୍ଦ କରନ୍ତି, ତେବେ ଜମା ହୋଇଥିବା ଶତକଡା ୨୫ଭାଗ ଟଙ୍କା, ଅମାନତ ଟଙ୍କା ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ ।
୮) ନିଲାମରେ ରଖାଯାଇଥିବା ଅଳଙ୍କାର ଗୁଡ଼ିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କୌଣସି ପ୍ରକାର ଦାୟୀ ହେବ ନାହିଁ ।
୯) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି କରିପାରିବେ ।

ସ୍ଥାନ: ଭୁବନେଶ୍ୱର, ତାରିଖ: ୧୬.୦୭.୨୦୨୨ — କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

କବିମାନେ ମୃତ୍ୟୁ ଓ ବାହ୍ୟ ଦୁଃଖକଷ୍ଟକୁ ଖୁବ୍ ବଡ଼ କରି ଦେଖନ୍ତି। କିନ୍ତୁ ଏକମାତ୍ର କରୁଣ ନାଟକ ହେଲା ଅନ୍ତରାତ୍ମାର ବ୍ୟର୍ଥତା ଏବଂ ଏକମାତ୍ର ମହାକାବ୍ୟ ହେଲା- ଦେବତ୍ୱ ଦିଗରେ ମନୁଷ୍ୟର ବିଜୟୀ ଉତ୍ତରଣ। -ଶ୍ରୀଅରବିନ୍ଦ



# ଅପେକ୍ଷାରତ

ଉତ୍ତରପ୍ରଦେଶର ଜାଲାଉନ୍ ଜିଲାରେ ୧୬ ଜୁଲାଇରେ ବୁନ୍ଦେଲଖଣ୍ଡ ଏକ୍ସପ୍ରେସୱେ ଉଦ୍‌ଘାଟନ କରିବା ପରେ ଏକ ଜନସଭାରେ ଉଦ୍‌ବୋଧନ ଦେବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୋଟ ପାଇଁ ଯେଉଁ ମାଗଣା ସୁବିଧା ବଣ୍ଟନ ସଂସ୍କୃତି (ଫ୍ରିବି କଲଚର) ସୃଷ୍ଟି କରାଯାଉଛି, ତାହା ଦେଶର ବିକାଶ ସକାଶେ ବିପଜ୍ଜନକ ବୋଲି କହିଛନ୍ତି। ମୋଦିଙ୍କ କହିବାର କଥା ହେଉଛି ଯେ, ମାଗଣା ମିଠା ଖୁଆଉଥିବା ଅଣଭାଜପା ଦଳର ରାଜ୍ୟ ସରକାରଗୁଡ଼ିକ ସଂକୀର୍ଣ୍ଣ ମନୋଭାବ ନେଇ କେବଳ ଭୋଟ ପଛରେ ଧାଉଁଥିବାରୁ ବଡ଼ ପ୍ରକଳ୍ପ ଯଥା ଏକ୍ସପ୍ରେସ୍‌ୱେ, ବିମାନବନ୍ଦର କିମ୍ବା ପ୍ରତିରକ୍ଷା କରିଡର ଭଳି କାର୍ଯ୍ୟ କରିବା ଲାଗି ଅସମର୍ଥ। ତେବେ ପ୍ରଶ୍ନ ଉଠିପାରେ ଯେ, ଏହିସବୁ ଏକ୍ସପ୍ରେସ୍‌ୱେ ଏବଂ ବିମାନବନ୍ଦରଗୁଡ଼ିକ କେତେ ଶୀଘ୍ର ଘରୋଇକରଣ କରାଯାଇ ନିଜର ସମର୍ଥକ ବ୍ୟବସାୟୀଙ୍କ ହାତରେ, କରଦାତାଙ୍କ ଅର୍ଥରେ ନିର୍ମିତ ବିରାଟକାୟ ପ୍ରକଳ୍ପଗୁଡ଼ିକୁ, ଧରାଇ ଦିଆଯିବ। ବାସ୍ତବରେ ଦେଖିବାକୁ ଗଲେ ସବୁ ପ୍ରାନ୍ତରେ ଶାସନ କରୁଥିବା ବିଭିନ୍ନ ଜାତୀୟ ଓ ଆଞ୍ଚଳିକ ଦଳ, ଭାଜପା ସମେତ ସମସ୍ତେ ପ୍ରଧାନମନ୍ତ୍ରୀଙ୍କ ବିଛାଯାଇଥିବା ଜାଲରେ ପଡ଼ିବେ। କାରଣ କେବଳ ଦିଲ୍ଲୀର ଏଏପି ସରକାର ନୁହେଁ, ସବୁ ରାଜ୍ୟର ଏହିଭଳି ଭୋଟରଙ୍କୁ ଆକର୍ଷିତ କରିବା ପାଇଁ କରଦାତାଙ୍କ ଅର୍ଥକୁ ଧ୍ୱଂସ କରାଯାଉଛି। ଏଠାରେ ଉଲ୍ଲେଖଯୋଗ୍ୟ, କେବଳ ଆୟକର ଦେଉଥିବା ବ୍ୟକ୍ତି କରଦାତା ନୁହନ୍ତି, ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଭଳି ଯମ ମହାରାଜାଙ୍କ ଟିକସରେ ଅଟା ରୁଟି, ଚୁଡ଼ା, ମୁଢ଼ି ଭଳି ଗରିବ ଲୋକର ଅତ୍ୟାବଶ୍ୟକ ଖାଦ୍ୟ ମାଧ୍ୟମରେ ମଧ୍ୟ କର ନିଆଯାଉଛି।

ମାଗଣା ସୁବିଧା ବଣ୍ଟନ ସଂସ୍କୃତି ସଂକ୍ରାନ୍ତରେ ମୋଦିଙ୍କ ମନ୍ତବ୍ୟ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ଉପଲକ୍ଷ୍ୟ କରି କୁହାଯାଇଥିବା ଆଲୋଚନା ହେଉଛି। ତେବେ କେଜ୍‌ରିୱାଲ ଏହାର ଜବାବରେ କହିଛନ୍ତି, ମୋଦି ନିର୍ଦ୍ଦିଷ୍ଟ କର୍ପୋରେଟ୍ ସଂସ୍ଥାକୁ ଋଣ ଛାଡ଼ କରିବା ଓ ସେମାନଙ୍କ ପାଇଁ ବିଦେଶରୁ କଣ୍ଟ୍ରାକ୍ଟ ମାଗିବା ହେଉଛି 'ଫ୍ରିବି କଲ୍‌ଚର'। ଜନସାଧାରଣଙ୍କୁ ମାଗଣାରେ ପାଣି, ବିଜୁଳି, ସ୍ୱାସ୍ଥ୍ୟସେବା କିମ୍ବା ସରକାରୀ ସ୍କୁଲଗୁଡ଼ିକୁ ଦେଉଥିବା ସୁବିଧା ଦେଶର ମଙ୍ଗଳରେ ଆସୁଛି ବୋଲି କେଜ୍‌ରିୱାଲ କହିଛନ୍ତି। ବାସ୍ତବରେ ଦେଖିଲେ ଏକ ଜନମଙ୍ଗଳ ରାଷ୍ଟ୍ରରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ପାନୀୟ ଜଳ ଭଳି ମୌଳିକ ସୁବିଧା ଲୋକଙ୍କୁ ଯୋଗାଇ ଦେବା ଏକ ଗଣତାନ୍ତ୍ରିକ ଉପାୟରେ ନିର୍ବାଚିତ ସରକାରଙ୍କ ଦାୟିତ୍ୱ। କେଜ୍‌ରିୱାଲ ହୁଅନ୍ତୁ ବା ଅନ୍ୟ ଯେକୌଣସି ସରକାର ତାହା କରୁଥିଲେ ତାହାକୁ ଖୁଣି ହେବ ନାହିଁ। କିନ୍ତୁ ଜନକଲ୍ୟାଣ ନାମରେ ମାଗଣା ସୁବିଧା ଦେବାକୁ ଯାଇ ଭୋଟରଙ୍କୁ ଆକୃଷ୍ଟ କରିବା ସକାଶେ ଯଚାଯାଉଥିବା ସାମଗ୍ରୀ ଓ ସେବା ସୀମା ଲଂଘନ କଲେ, ତାହା ଅର୍ଥନୀତି ଉପରେ ଖରାପ ପ୍ରଭାବ ପକାଇବା ସ୍ୱାଭାବିକ। ପ୍ରଧାନମନ୍ତ୍ରୀ ନିଜେ ଯେଉଁ ମାଗଣା ସଂସ୍କୃତି ବିଷୟରେ ପ୍ରଶ୍ନ ଉଠାଇଛନ୍ତି, ତାଙ୍କ ସରକାର ସେଥିରୁ ବାଦ୍ ପଡ଼ିଛି କି ନାହିଁ ସ୍ପଷ୍ଟ କରିବା ଦରକାର ଥିଲା। ଏହାବ୍ୟତୀତ ପ୍ରଧାନମନ୍ତ୍ରୀଙ୍କ ମନ୍ତବ୍ୟକୁ ବିଶ୍ଳେଷଣ କଲେ ଆହୁରି ଅନେକ ଛବି ପଦାକୁ ଆସୁଛି। ଉଦାହରଣ ସ୍ୱରୂପ, ୨୦୧୪ ପରେ ହୋଇଥିବା ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନର କେତେ ମାସ ପୂର୍ବରୁ ବିମୁଦ୍ରୀକରଣ ଘୋଷଣା କରି ପ୍ରଧାନମନ୍ତ୍ରୀ ବିରୋଧୀଙ୍କୁ ଶୂନ୍ୟ ହସ୍ତ କରାଇ ଦେଇପାରିଥିଲେ। କିନ୍ତୁ ସେଭଳି ବିରାଟକାୟ ଅର୍ଥନୈତିକ ନିଷ୍ପତ୍ତି କେବଳ ରାଜନୈତିକ ଲକ୍ଷ୍ୟ ସାଧନ ପାଇଁ ହୋଇଥିଲା ବୋଲି ଆଜି ଦେଶର ଅର୍ଥନୀତିକୁ ଦେଖିଲେ ସ୍ପଷ୍ଟ ବୁଝାପଡୁଛି। ଅନୁରୂପ ଭାବେ ପ୍ରତ୍ୟେକ ରାଜ୍ୟ ନିର୍ବାଚନ ପୂର୍ବରୁ, ଭାଜପା ତରଫରୁ ଅନେକ ମାଗଣା ସୁବିଧା ବଣ୍ଟାଯିବାର ଉଦାହରଣ ଦେଖିବାକୁ ମିଳିଛି। ୨୦୨୨ ଉତ୍ତରପ୍ରଦେଶ ନିର୍ବାଚନ ପୂର୍ବରୁ ମୋଦିଙ୍କ ନେତୃତ୍ୱାଧୀନ ଭାଜପା ଅନେକ ମାଗଣା ଭେଟିର ପ୍ରତିଶ୍ରୁତି ଦେଇ କ୍ଷମତାକୁ ଫେରିଆସିଥିଲା। ସେଗୁଡ଼ିକ ମଧ୍ୟରେ ଛାତ୍ରୀଛାତ୍ରଙ୍କ ପାଇଁ ଲାପ୍‌ଟପ, ସାଇକେଲ, ୟୁନିଫର୍ମ ଓ ଆଖୁଚାଷୀଙ୍କ ପାଇଁ ଅସ୍ଥାୟୀ ଭାବେ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ବୃଦ୍ଧି ଅନ୍ତର୍ଭୁକ୍ତ। କିନ୍ତୁ ଆମେ ସମସ୍ତେ ଆଜି ମଧ୍ୟ ୨୦୧୪ ସାଧାରଣ ନିର୍ବାଚନ ପୂର୍ବର ୧୫ ଲକ୍ଷ ଟଙ୍କା ପାଇଁ ଅପେକ୍ଷାରତ। ଏଥିରୁ ବୁଝାପଡ଼େ କେହି ଜଣେ ମଧ୍ୟ କରଦାତାଙ୍କ ଅର୍ଥକୁ ସମ୍ମାନ ଦେଉନାହାନ୍ତି। ସମସ୍ତେ ନିଜେ କ'ଣ ପାଇପାରିବେ ତାହାକୁ ଅନିଶା କରି ଦେଶକୁ ବଡ଼ ବାଣୀ ଶୁଣାଉଛନ୍ତି।

**ଆମେ ସମସ୍ତେ ଆଜି ମଧ୍ୟ ୨୦୧୪ ସାଧାରଣ ନିର୍ବାଚନ ପୂର୍ବର ୧୫ ଲକ୍ଷ ଟଙ୍କା ପାଇଁ ଅପେକ୍ଷାରତ। ଏଥିରୁ ବୁଝାପଡ଼େ କେହି ଜଣେ ମଧ୍ୟ କରଦାତାଙ୍କ ଅର୍ଥକୁ ସମ୍ମାନ ଦେଉନାହାନ୍ତି। ସମସ୍ତେ ନିଜେ କ'ଣ ପାଇପାରିବେ ତାହାକୁ ଅନିଶା କରି ଦେଶକୁ ବଡ଼ ବାଣୀ ଶୁଣାଉଛନ୍ତି।**

# ଅଭିବୃଦ୍ଧି ଓ ଗୁଣାତ୍ମକ ଜୀବନ



ଡ. ସନ୍ତୋଷ କୁମାର ମହାପାତ୍ର

ଭାରତରେ ଅନେକ ବୁଦ୍ଧିଜୀବୀ ଅଛନ୍ତି, ଯେଉଁମାନଙ୍କର ଜ୍ଞାନ ଅଛି, କିନ୍ତୁ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ସରକାରଙ୍କ ବିଫଳତାକୁ ଘୋଡ଼ାଇବା ସହିତ ସରକାରଙ୍କୁ ସୁହାଇଲା ପରି ଲେଖିଥା'ନ୍ତି ବା କହିଥା'ନ୍ତି। ସେମାନେ ଭାବନ୍ତି ଯେ, ଗରିବମାନେ କେବଳ ମୁଠାଏ ଖାଇବାକୁ ପାଇଲେ ଦେଶ ପ୍ରଗତି କରୁଛି ବୋଲି ଧରାଯିବ। ଏଣୁ ସରକାର ଏପରି ନୀତି ପ୍ରଣୟନ କରନ୍ତୁ, ଯେଉଁଥିରେ ରାଜନେତା, ଧନୀ, ପୁଞ୍ଜିପତି ତଥା ଶିଳ୍ପପତି ଅମାପ ସମ୍ପତ୍ତି ଠୁଳ କରିବେ, ଭୋଗ ବିଳାସରେ ଜୀବନ ବିତାଇବେ, କିନ୍ତୁ ଗରିବଙ୍କୁ ସାମାନ୍ୟ କିଛି ଦେଇ ଅହରହ ପ୍ରଚାର କରିବେ। ଏଥିପାଇଁ ସେମାନେ କେବଳ ଜିଡିପି ଅଭିବୃଦ୍ଧି ବିଷୟରେ କଥାବାର୍ତ୍ତା କରନ୍ତି। କାରଣ ଏହା କେବଳ ଅର୍ଥନୈତିକ କାର୍ଯ୍ୟକଳାପର ସୂଚକ ଏବଂ ଧନୀମାନେ ଅଧିକ ଧନୀ ହେଲେ ବା ବ୍ୟୟ କଲେ ମଧ୍ୟ ବୃଦ୍ଧି ପାଇବ।

ସେହି ବୁଦ୍ଧିଜୀବୀଙ୍କ ମଧ୍ୟରୁ ଅରବିନ୍ଦ ପାନାଗରିଆ ଜଣେ। ସେ କଲମ୍ବିଆ ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗ ପ୍ରଫେସର ଏବଂ ପ୍ରଖ୍ୟାତ ଅର୍ଥନୀତିଜ୍ଞ। ଏହା ପୂର୍ବରୁ ନୀତି ଆୟୋଗର ଉପାଧ୍ୟକ୍ଷ ମଧ୍ୟ ଥିଲେ। ସେ ସର୍ବଦା ଅଭିବୃଦ୍ଧିର ସ୍ୱପ୍ନ ଦେଖାଇ ସରକାରଙ୍କ ସପକ୍ଷରେ ଲେଖିଥା'ନ୍ତି। ଅଭିବୃଦ୍ଧି ନାମରେ ସେ ସରକାରଙ୍କର ସମସ୍ତ ଜନବିରୋଧୀ, କୃଷକ, ଶ୍ରମିକ ବିରୋଧୀ ନୀତିକୁ ସମର୍ଥନ କରନ୍ତି। ସେ ମୁଦ୍ରାସ୍ଫୀତି, ଦରଦାମ ବୃଦ୍ଧି, ଗରିବମାନଙ୍କୁ ବାଧୁଥିବା ପରୋକ୍ଷ କର ଏବଂ ଶିକ୍ଷା, ସ୍ୱାସ୍ଥ୍ୟ ବ୍ୟୟସାପେକ୍ଷ ହେବା, ବେକାରି, ବୈଷମ୍ୟ ପୁଷ୍ଟିହୀନତା ବ୍ୟାପକ ହେବା ବିରୋଧରେ ପାଟି ଖୋଲନ୍ତି ନାହିଁ ବରଂ ରାଷ୍ଟ୍ରାୟତ୍ତ ଶିଳ୍ପର ଘରୋଇକରଣ, କର୍ପୋରେଟ ଟିକସ ହ୍ରାସ ସପକ୍ଷରେ କହିଥା'ନ୍ତି। ତାଙ୍କର ଉଦ୍ଦେଶ୍ୟ ହେଉଛି, ଲୋକ ଅସୁରକ୍ଷିତ ରୁହନ୍ତୁ, ଜୀବନର ଗୁଣାତ୍ମକ ମାନରେ ଉନ୍ନତି ପଛେ ନ ଆସୁ, ଦେଶର ଜିଡିପି ବଢୁ। ଉଚ୍ଚ ଅଭିବୃଦ୍ଧିର ଏକ ଭ୍ରମ ସୃଷ୍ଟି କରି ସେ ସରକାରଙ୍କୁ ସଫଳ ରୂପେ ପ୍ରୋଜେକ୍ଟ କରିବାକୁ ଚେଷ୍ଟା କରନ୍ତି। କିନ୍ତୁ ନୋବେଲ ବିଜେତା ଅମର୍ତ୍ତ୍ୟ ସେନ୍ ଠିକ ବିପରୀତ। ସେ ଜୀବନର ଗୁଣାତ୍ମକ ମାନରେ ଉନ୍ନତି ପାଇଁ ମତ ଦେଇଥା'ନ୍ତି। ଶିକ୍ଷା, ସ୍ୱାସ୍ଥ୍ୟରେ ଅଧିକ ବ୍ୟୟ କରିବାକୁ କହନ୍ତି।

ଗତ ଜୁଲାଇ ୧୦ରେ ଅରବିନ୍ଦ ପାନାଗରିଆ ଦେଶରେ ଅଧିକ ପୁଞ୍ଜି ବ୍ୟୟକୁ ସମର୍ଥନ କରି ପୁଣିଥରେ କହିଛନ୍ତିଯେ, ଭାରତ ୮% ଆର୍ଥିକ ଅଭିବୃଦ୍ଧି ହାସଲ କରିପାରିବ। ୨୦୧୭ ଜୁନ୍ ୩ରେ ନୀତି ଆୟୋଗର ଉପାଧ୍ୟକ୍ଷ ଥିଲାବେଳେ ସେ କହିଥିଲେ ଯେ, ୨୦୧୭-୧୮ରେ ଭାରତର ଜିଡିପି ୭.୫% ବୃଦ୍ଧି ପାଇବ ଏବଂ ସରକାର ବର୍ତ୍ତମାନର ଯେଉଁ ଅର୍ଥନୈତିକ ସଂସ୍କାର କାର୍ଯ୍ୟକାରୀ କରିଛନ୍ତି, ତାହାଯୋଗୁ ୨୦୧୯-୨୦ ବେଳକୁ ଜିଡିପି ୮% ବୃଦ୍ଧି ପାଇବ। କିନ୍ତୁ ବାସ୍ତବରେ ମାତ୍ର ୪% ହୋଇଥିଲା। ସେହିପରି ୨୦୨୧ ଡିସେମ୍ବର ୩୦ରେ ସେ କହିଥିଲେ ଯେ, ଦେବାଳିଆ ସଂହିତା ଆଇନ, ଜିଏସ୍‌ଟି, କର୍ପୋରେଟ ଟ୍ୟାକ୍ସ ହ୍ରାସ ଏବଂ ଶ୍ରମ ଆଇନ ପରି ସଂସ୍କାର ତଥା ବାଣିଜ୍ୟିକ ଉଦାରୀକରଣ ଯୋଗୁ ଆମେ ଆଗାମୀ ଦଶନ୍ଧି ମଧ୍ୟରେ ପ୍ରାୟ ୮% ଅଭିବୃଦ୍ଧି ହାରକୁ ବଜାୟ ରଖିପାରିବା। କିନ୍ତୁ ବାସ୍ତବରେ ଅଭିବୃଦ୍ଧି ହାର କ୍ରମଶଃ ମନ୍ଥର ହେଉଛି। ୨୦୨୧-୨୨ରେ ଭାରତରେ ୮.୭% ଅଭିବୃଦ୍ଧି ଘଟିଛି, ଯଦିଓ ଏହା ପୂର୍ବ ଆକଳନଠାରୁ କମ୍। କିନ୍ତୁ ବାସ୍ତବତା ହେଉଛି ପେଣ୍ଟ ଅପ ଚାହିଦା ଏବଂ ପୂର୍ବ ଆର୍ଥିକ ବର୍ଷରେ ବିଯୁକ୍ତାତ୍ମକ ୬.୬% ଅଭିବୃଦ୍ଧି ଯୋଗୁ ଏହା ଘଟିଛି। ଅତ୍ୟନ୍ତ କ୍ରୂର ବାସ୍ତବତା ହେଉଛି ଗତ ଦୁଇ ଆର୍ଥିକ ବର୍ଷରେ ଜିଡିପି ମାତ୍ର ୧.୫% ବୃଦ୍ଧି ପାଇଛି। ଚିନ୍ତାଜନକ ବିଷୟ ହେଉଛି, ମୁଣ୍ଡପିଛା ଆୟ ଓ ବ୍ୟକ୍ତିଗତ ବ୍ୟୟ ୨୦୨୧-୨୨ ରେ ମହାମାରୀ ପୂର୍ବ ସ୍ତରରୁ କମ ରହିଛି। ୨୦୨୧-୨୨ର ଚାରିଟି ତ୍ରୟ ମାସରେ ଜିଡିପି ବୃଦ୍ଧି ହାର ୨୦.୧%, ୮.୪%, ୫.୪% ଏବଂ ୪.୧% ହୋଇଛି ; ଯାହା ସୂଚାଉଛି ଯେ ଅର୍ଥନୀତି ପୁଣି ମନ୍ଥର ହୋଇଛି। ଅବଶ୍ୟ କିଛି ଭଲ ହେଲେ ସରକାର ବାହାବା ନେବେ। କିଛି ଖରାପ ହେଲେ ଭଗବାନ୍‌ଙ୍କୁ ଦାୟୀ କରାଯିବ ବା ଅନ୍ୟ ଦେଶର କିମ୍ବା ବିଶ୍ୱର ସଙ୍କଟକୁ କାରଣ ଦର୍ଶାଯିବ।



ବାସ୍ତବରେ ଲୋକ ଅଧିକ ଲୋଭୀ ହେଲେ, ଶୋଷଣ କରି ଅର୍ଥ ଉପାର୍ଜନ କରି ବେଶି ବ୍ୟୟ କଲେ ମଧ୍ୟ ଜିଡିପି ବଢ଼ିବ। ମଣିଷର ବିପର୍ଯ୍ୟୟ ବେଳେ ବି ଜିଡିପି ବୃଦ୍ଧି ପାଏ। ଉଦାହରଣ ସ୍ୱରୂପ ଜଣେ ମଦ ପିଇ ଦୁର୍ଘଟଣାଗ୍ରସ୍ତ ହେଲା। ତା'ର ଗାଡ଼ି ଭାଙ୍ଗିଲା, ତା'ର ମେଡିକାଲ ବା ନର୍ସିଂ ଭର୍ତ୍ତି ହେଲା ଏବଂ ପରେ ମୃତ୍ୟୁବରଣ କଲା। ଶ୍ମଶାନରେ ପୋଡ଼ାଗଲା ଏବଂ ଶୁଦ୍ଧିକ୍ରିୟାରେ ଲୋକ ଖାଇଲେ, ବ୍ୟୟ ହେଲା। ପ୍ରତ୍ୟେକ ସ୍ତରରେ ଯେଉଁ ବ୍ୟୟ ହୋଇଥିବ, ତାହା ଜିଡିପି ବୃଦ୍ଧି କରିଥିବ। କିନ୍ତୁ ସେହି ପରିବାର ଯେଉଁ କ୍ଷତିଗ୍ରସ୍ତ ହେଲା, ତା'ର ଦୁଃଖ ଜିଡିପିରେ ପ୍ରତିଫଳନ ହେବ ନାହିଁ। ଜଣକର ଦୁଃଖ ବା ସୁଖ ବା ମାନସିକ ଉଦ୍‌ବେଗ କିମ୍ବା ଶାନ୍ତି ଜିଡିପିରେ ପ୍ରତିଫଳନ ହୋଇନଥାଏ। ନୋବେଲ ବିଜେତା ସାମୁଏଲ୍ ସନଙ୍କ ମତରେ ଜଣେ ଘରକାମ ପାଇଁ ଚାକରାଣୀକୁ ଯେଉଁ ବେତନ ଦିଏ ତାହା ଜିଡିପି ବୃଦ୍ଧି କରେ, କିନ୍ତୁ ଯଦି ମାଲିକ ଚାକରାଣୀକୁ ବିବାହ କରେ ତେବେ ଜିଡିପି ହ୍ରାସ ଘଟେ। ବର୍ତ୍ତମାନ ଦେଶରେ ଯେଉଁ ଜିଡିପି ବୃଦ୍ଧି ପାଉଛି, ତା'ର ଏକ କାରଣ ହେଲା କିଛି ଲୋକଙ୍କ କଳାଟଙ୍କା ଅହେତୁକ ବୃଦ୍ଧି ପାଇଛି, ଯେଉଁମାନେ ବେଶୀ ଜମି, ଘର ଏବଂ ମୋଟର ଯାନ କିଣିବାରେ ବ୍ୟୟ କରୁଛନ୍ତି। ପୁନଶ୍ଚ ସରକାର ଯେତେ ଅଧିକ ପରୋକ୍ଷକର ଆଦାୟ କରିବେ ଏବଂ ସବ୍‌ସିଡି ହ୍ରାସ କରିବେ ତାହା ଜିଡିପି ବୃଦ୍ଧି କରିବ। ପୁନଶ୍ଚ ଅଭିବୃଦ୍ଧି ଅଧିକ ହେବା ପ୍ରାକୃତିକ ସମ୍ପଦର ହ୍ରାସ ସହିତ ସିଧାସଳଖ ଜଡ଼ିତ। କିନ୍ତୁ ପ୍ରାକୃତିକ ସଂପଦ ସୀମିତ ବୋଲି ଶାସକଶ୍ରେଣୀ ଭୁଲିଯିବା ଅନୁଚିତ।

ଭାରତ ବିଶ୍ୱରେ ଦ୍ରୁତ ଅଭିବୃଦ୍ଧିଶୀଳ ରାଷ୍ଟ୍ର ବୋଲି ପ୍ରଚାର କରାଯାଉଛି। ଅଭିବୃଦ୍ଧି କଥା ପ୍ରଚାର କଲାବେଳେ ସରକାର ଭୁଲିଯିବା ଅନୁଚିତ ଯେ ବିଭିନ୍ନ ସୂଚକାଙ୍କରେ ଭାରତ ବିଶ୍ୱରେ ଅତ୍ୟନ୍ତ ନିମ୍ନରେ ଅଛି। ଭାରତ ମାନବ ବିକାଶ ସୂଚକାଙ୍କ ୨୦୨୧ରେ (୧୮୯ ଦେଶ ମଧ୍ୟରୁ୧୩୧), ବିଶ୍ୱ ସୁଖ ସୂଚକାଙ୍କ ୨୦୨୨ (୧୪୯ ଦେଶ ମଧ୍ୟରୁ ୧୩୬), ବିଶ୍ୱ କ୍ଷୁଧା ସୂଚକାଙ୍କ (୧୧୬ ଦେଶ ମଧ୍ୟରୁ ୧୦୧ତମ), ବିଶ୍ୱ ଶାନ୍ତି ସୂଚକାଙ୍କ ୨୦୨୨ (୧୬୩ ଦେଶ ମଧ୍ୟରେ ୧୩୫) ଏବଂ ସ୍ଥାୟୀ ବିକାଶ ସୂଚକାଙ୍କ ୨୦୨୨ (୧୬୩ ଦେଶ ମଧ୍ୟରୁ ୧୨୧), ମାନବ ସ୍ୱାଧୀନତା ସୂଚକାଙ୍କ (୧୬୫ ଦେଶ ମଧ୍ୟରୁ ୧୧୯ ସ୍ଥାନରେ) ରହିଛି। ଏହା ସୂଚାଉଛି ଅଭିବୃଦ୍ଧି ଲୋକଙ୍କ ଜୀବନ ଧାରଣ ମାନର ଉନ୍ନତିରେ ପ୍ରତିଫଳନ ହେଉନି। ଅଭିବୃଦ୍ଧି ଅଧିକ ହେଲେ ଶାସକ ଶ୍ରେଣୀର ଭୋଟ ବ୍ୟାଙ୍କ ବଢ଼ିବ ବୋଲି ପାନାଗରିଆ ଯାହା କହୁଛନ୍ତି ତାହା ସମ୍ପୂର୍ଣ୍ଣ ଭୁଲ୍। ଲୋକଙ୍କ ଜୀବନର ଗୁଣାତ୍ମକ ଦିଗର ଉନ୍ନତି ପାଇଁ ଧନୀଙ୍କଠାରୁ ଅଧିକ ଟିକସ ଆଦାୟ କରି ସରକାର ଶିକ୍ଷା, ସ୍ୱାସ୍ଥ୍ୟ ମାଗଣାରେ ଦେବା ଉଚିତ।

ମୋ: ୯୪୩୭୨୦୮୭୬୨
skmohapatra67@gmail.com

# ଉପଯୋଜନ



ଦ୍ୱିତୀ ଚନ୍ଦ୍ର ସାହୁ

ଷାଠିଏ ସତୁରି ଦଶକର ସାମାଜିକ ସ୍ଥିତି। ସମାଜରେ ସାହୁକାରଙ୍କ କାରସାଦି ପ୍ରବଳ। ସାହୁକାର ଯାହା ଚାହିଁବେ ତାହା କରି ପାରୁଥିଲେ। ସମାଜର ତଳ ଶ୍ରେଣୀର ଲୋକଙ୍କ ଅବସ୍ଥା ଶୋଚନୀୟ। ହାତରେ ଅର୍ଥ ନାହିଁ କି ବଳ ଖଟାଇବାକୁ ନିଜର ଜମି ନାହିଁ। ଯଦି କାହାର ଟିକେନିଖେ ଜମି ଅଛି, ତା' ଉପରେ ସାହୁକାରର ନଜର। ବଞ୍ଚିବାକୁ ହେଲେ ସାହୁକାର ଏକ ଭରସା। ସେଠି ବେଠି ଖଟିବାକୁ ହେବ। ଗୋତି କରିବାକୁ ହେବ। ଡକରା ହେବା ମାତ୍ରେ ସାହୁକାର ପାଖରେ ପହଞ୍ଚିବାକୁ ହେବ। ବିଳମ୍ବ ହେଲେ ସମସ୍ତଙ୍କ ଆଗରେ ଗାଳିଫଜତି। ଜମିରୁ ଶଗଡ଼ ଶଗଡ଼ ଫସଲ ପାଉଥିବ, ସେଥିରୁ ଗୋଟେ ବି ନିଜ ଇଚ୍ଛାରେ ଆଣି ପାରିବନି। ଭାର ଭାର ସବୁଜ ପରିବା ଫଳେଇବ। କିନ୍ତୁ ନିଜ ପିଲାଙ୍କ ପେଟ ପାଇଁ ସେଥିରୁ ତୋଳି ଆଣି ପାରିବନି ଖମ୍ବାରୀ। ଖମ୍ବାରୀ ଘରର ଅବସ୍ଥା ସାଂଘାତିକ। ବହୁ କୁଟୁମ୍ବୀ ପରିବାର ମୁହଁରେ ଦାନା ଦେବାକୁ ପଡ଼ିବ। ସୀମିତ ଉପାର୍ଜନ ଭିତରେ ବଞ୍ଚିବ। ପିଲାମାନଙ୍କର ବି ସେଇ ଢାଞ୍ଚା। ସାହୁକାର ଚାହୁଁଥିବ ଖମ୍ବାରୀର ପିଲା ଖମ୍ବାରୀ ହେଉ ଚାଲାକି ହେଲେ ସାହୁକାରକୁ ବିପଦ। ପାଠଶାଠ ପଢ଼ିଲେ ସାହୁକାର ବେଉଷା ନଷ୍ଟ ହେବ। ଏହା ସତ୍ତ୍ୱେ ବି ବହୁ କୁଟୁମ୍ବୀ ପରିବାର ବଞ୍ଚିଥିଲେ। ଭୋକ ଶୋଷରେ ଜିଉଁଥିଲେ। ଅଭିଯୋଗ ନଥିଲା ପିଲାମାନଙ୍କର। ଦରିଦ୍ର ସହ ଯୁଝିବା ଶିଖୁଥିଲେ। ବିଦ୍ୟାଳୟରେ ହୀନମନ୍ୟତାର ଶିକାର ହେଉଥିଲେ। ଘରର ମାଆ ସାହସ ଦେଉଥିଲେ। ବାପାର ନାଆଁ ରଖିବାକୁ ହେବ। ସାହୁକାରମାନଙ୍କ ଆଗରେ ମଣିଷ ହୋଇ ଠିଆ ହେବାକୁ ହେବ। ସେଇ ପରିବାରର ସଦସ୍ୟମାନେ ଅବଶ୍ୟ ପଢ଼ିଲେ। ଆଜି ବିଭିନ୍ନ ସ୍ଥାନରେ ବଡ଼ ପଦପଦବୀରେ ଅବସ୍ଥାପିତ। ଏବେ ସାହୁକାରଗିରି ନାହିଁ। ସେତେବେଳର ସାହୁକାରମାନେ ନାହାନ୍ତି। ସେମାନଙ୍କ ପରବର୍ତ୍ତୀ ପିଢ଼ିଙ୍କ ନିକଟରେ ସେ ସୁଯୋଗ ନାହିଁ। ଆଜିକା ସାମାଜିକ ସ୍ଥିତି ସହ ସେମାନେ ଜୀବନଯାପନ ନେଇ ସଂଗ୍ରାମ କରୁଛନ୍ତି।

ଏସବୁ କହିବାର କାରଣ ହେଲା ପିଲାଟି ପରିବାରରୁ ସବୁ ଶିଖେ। ପ୍ରତିକୂଳ ପରିବେଶ ସହ ଲଢ଼ିବା, ବଞ୍ଚିବା, ବ୍ୟବହାର, ଚାଲିଚଳଣ ଓ ସଂସ୍କାରସବୁ ପରିବାରରୁ ମିଳେ। ବଡ଼ ଭାଇ, ବଡ଼ ଭଉଣୀଙ୍କ ପଥକୁ ଅନୁସରଣ କରେ। ଜେଜେବାପା, ଜେଜେମା'ଙ୍କ ସ୍ନେହ ପାଏ। ସରାଗରେ ପୋତି ହୋଇଯାଏ। ବାପାଙ୍କ ଆଖି ଭୁଲ୍ କରିବାକୁ ବାଧାଦିଏ। କିନ୍ତୁ ବାପାଙ୍କ କାନ୍ଧ ଦୁନିଆକୁ ଦେଖିବାକୁ ସୁରକ୍ଷିତ ଆସନ ଯୋଗାଏ। ଗାଁ ଆତ୍ମୀୟତା ଦିଏ। ପିଲାଟି ଏତେ ବଡ଼ ପରିବାର ଭିତରେ କାହାରି ନା କାହାରି ପାଖରେ ବଣୁଆ ଲଟା ପରି ଲଟେଇ ପଡ଼େ। ସବୁ କଥା ଓ ଗୁମରକୁ ଖୋଲି ଦିଏ। ମୁରବିଙ୍କୁ କହିବାକୁ ସାହସ ନଥିଲେ ବି ପରିବାର ସଦସ୍ୟଙ୍କ ଜରିଆରେ ଖବର ଠିକ୍ ସ୍ଥାନରେ ପହଞ୍ଚିଯାଏ। ଭୟ ଓ ଭକ୍ତି ଭିତରେ ପିଲା ବଢୁଥିଲା ଓ ଗଢୁଥିଲା। ମନର ଦୁଃଖ ଓ ଅବସାଦକୁ ବ୍ୟକ୍ତ କରି ଶାନ୍ତି ପାଉଥିଲା। ସେଥିପାଇଁ ସେ ପରବର୍ତ୍ତୀ ସମୟରେ ନିଜ ସଂସାରକୁ ମଧ୍ୟ ଠିକ୍ ପରିଚାଳନା



କରିପାରୁଥିଲା। ଏବେ ପରିବାର ହିଁ ନାହିଁ। ବାପା ବିଏକୁ ମାଆ ବିଏ, ପିଲା କାଖେଇବ କିଏ ? ଏଇ ମାନସିକତାରେ ଜୀବନ ଚାଲିଛି। ପିଲାଟି ଏକା ଏକା ବଢୁଛି। ଗୋଟିଏ ପିଲା ହେତୁ ରୋଜଗାରିଆ ବାପାମାଆଙ୍କ ସରାଗ ବହୁତ ରହିଛି ସତ, କିନ୍ତୁ ତା'ର କଥା ବୁଝିବାକୁ କାହା ପାଖରେ ସମୟ ନାହିଁ। ପିଲା ନିକଟରେ ସବୁ ପାର୍ଥିବ ପଦାର୍ଥ ଉପଲବ୍ଧ ହୋଇପାରୁଛି। ପିଲାମାନେ ବାପାମାଆଙ୍କ ଆଶାଠାରୁ ବହୁ ଭଲ ପଢୁଛନ୍ତି। ଚମକେଇଲା ଭଳି କୋଟି କୋଟି ପିଲାଙ୍କ ଭିତରେ ନିଜକୁ ନିଆରା ଭାବେ ଠିଆ କରେଇପାରୁଛି। ମୁଠା ମୁଠା ଅର୍ଥ ରୋଜଗାର କରୁଛି। ଅଥଚ ଶୈଶବ କୋଉଠି ହଜେଇ ଦେଇଥିବାରୁ ଜୀବନତମାମ ମା'ବାପାଙ୍କୁ ଅଣଦେଖା କରିଥିବାର ଅବସୋସ ମନ ଭିତରେ ରହିଯାଉଛି। ସମସ୍ୟାକୁ ସମ୍ମୁଖୀନ ହେବା, ବିପଦକୁ ଟାଳିବା, ବ୍ୟସ୍ତ ଭିତରେ ଜୀବନକୁ ବାଟ କଢ଼େଇ ଆଗକୁ ନେବା, ଅବସାଦରୁ ମୁକ୍ତି ପାଇବାର ତରିକା ଖୋଜିବା ଏବଂ ସର୍ବୋପରି ସବୁ ପରିସ୍ଥିତିରେ ଖାପ ଖୁଆଇ ଚଳିବାର ଉପଯୋଜନ କଳାକୁ ହାସଲ କରିବାରେ କୋଉଠି ନା କୋଉଠି ସେ ଅସମର୍ଥ ହୋଇପଡୁଛି। ଯାହାର ପରିଣାମ ସ୍ୱରୂପ ଭେଣ୍ଡା ବୟସରେ ଅପମୃତ୍ୟୁର ଶିକାର ହେଉଛି। ଜୀବନ ହାରିବାକୁ ପଛଘୁଞ୍ଚା ଦେଉନି। ଏଇ ହାର ସମାଜରେ ଏବେ ଉଦ୍‌ବେଗଜନକ ଭାବେ ବଢ଼ିଚାଲିଛି।

ଯୁବ ସମାଜ ନିକଟରେ ଆତ୍ମହତ୍ୟାର ମାନସିକତା ଅଧିକ। ଏଭଳି ମାନସିକତା ଉଭୟ ସମାଜ ଓ ପରିବାର ପାଇଁ ବିପଦ। ଗୋଟିଏ ସନ୍ତାନ ଭିତରେ ଜିଇଁ ଆସିଥିବା ମା'ବାପାଙ୍କ ପାଇଁ ପିଲାଟିକୁ ହରେଇବା କେଡ଼େ ଦୁର୍ବିଷହ ତାକୁ ଶବ୍ଦରେ ବ୍ୟକ୍ତ କରିବା କଷ୍ଟ। ଅନୁଭବୀ ଓ ସେଇ ପରିସ୍ଥିତିକୁ ଆଖିରେ ଦେଖିଥିବା ମଣିଷ ହିଁ ଜାଣିପାରେ ତା'ର ଯାତନା ଓ ତାଡ଼ନା। ଏଇକ୍ରମରେ ନିକଟରେ ଜଣେ ବଡ଼ ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷଙ୍କ ସହ ଦେଖାହେଲା। କଥାବାର୍ତ୍ତାବେଳେ ଚମକେଇ ଦେଲା ଭଳି ଗୋଟେ ତଥ୍ୟ ରଖିଲେ। ତାଙ୍କ ଅନୁଷ୍ଠାନର ଜଣେ ବାପାଙ୍କ ଗୁହାରି ବଡ଼ ସ୍ୱର୍ଶକାତର ଓ ଦୁଃଖମୟ ଥିଲା। ପିଲାକୁ ଗଢ଼ିବାବେଳେ ବାପାଙ୍କ ତାଗିଦା ହେତୁ ସେଇ ବାପାର ଯୁକ୍ତ ଦୁଇ ପଢୁଥିବା ଏକମାତ୍ର ପୁତ୍ର ସନ୍ତାନ ଗତ କିଛି ଦିନ ହେଲା ଆଉ ଘରେ ଖାଉନି। ବାହାରେ ହୋଟେଲରେ ଖାଉଛି। ବାପାଙ୍କ ମୁହଁକୁ ଚାହୁଁନି। ବିଷମ ସ୍ଥିତିରୁ ଉଦ୍ଧାର କରିବା ଲାଗି ଶରଣାଗତ ବାପାଙ୍କ ଅସହାୟତାକୁ ଦେଖି ଅଧ୍ୟକ୍ଷ ମହୋଦୟ ପିଲାଟିକୁ କାଉନ୍‌ସେଲିଂ କରିଛନ୍ତି। ଶେଷ ଖବର ସୁଦ୍ଧା ପିଲାଟିର ବ୍ୟବହାରରେ କୌଣସି ପରିବର୍ତ୍ତନ ଆସିପାରିନି। ହୁଏତ ଏମିତିରେ ଭଲ ପଢୁଥିବା ପିଲାଟି ଭଲ କର୍ମସଂସ୍ଥାନ ପାଇଯିବ। କିନ୍ତୁ ଭବିଷ୍ୟତରେ ମା'ବାପାଙ୍କ ଅନ୍ତିମ ଜୀବନ କିଭଳି କଟିବ ତାହା ଜଳଜଳ। ଉପଯୋଜନ ଅଭାବରୁ ପିଲାଟିର ଭବିଷ୍ୟତ ବି ଅନ୍ଧାରମୁହାଁ ନିଶ୍ଚିତ। ଇଏ ଏକ ଉଦାହରଣ ମାତ୍ର। ସମାଜରେ ଏମିତି ଚିତ୍ର ଓ ଚରିତ୍ର ଅନେକ। ବିବାହିତ ଦମ୍ପତିମାନେ ଘରୁ ଗୋଡ଼ ବାହାର କରିବା ଆଗରୁ ଯୌଥ ପରିବାର ଗୁରୁତ୍ୱ ଓ ଲାଭକୁ ମର୍ମେ ମର୍ମେ ଅନୁଭବ କରିବା ଆବଶ୍ୟକ।

**ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡ଼ା**
**ମୋ: ୯୪୩୭୯୦୯୬୭୧**

## ଏଇ ଭାରତରେ

ସରକାର ପ୍ଲାଷ୍ଟିକମୁକ୍ତ ପରିବେଶ ଲାଗି ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ ବ୍ୟବହାର ବନ୍ଦ କରିଥିବାବେଳେ କବିତା ରଞ୍ଜନଙ୍କ ଦ୍ୱାରା ଆବିଷ୍କୃତ ବାୟୋଡିଗ୍ରେଡେବଲ୍ ପ୍ଲାଷ୍ଟିକ ବା ପରିବେଶ ଉପଯୋଗୀ ବିଘଟନଯୋଗ୍ୟ ପ୍ଲାଷ୍ଟିକ ନିଶ୍ଚିତ ଭାବେ ଏକ ଶୁଭ ଖବର। ତାମିଲନାଡୁ କୋଏମ୍ବାଟୁରସ୍ଥିତ ତାଙ୍କ ବାପାଙ୍କ 'ଗ୍ରୀନ୍ ପ୍ଲାଷ୍ଟ କମ୍ପାନୀ'ରେ ସେ ଏହି ପ୍ଲାଷ୍ଟିକ ପ୍ରସ୍ତୁତ କରିଛନ୍ତି। କବିତା ଉକ୍ତ କମ୍ପାନୀର ସହ ସଂସ୍ଥାପକ ରହିଛନ୍ତି। ବିଘଟନ ଯୋଗ୍ୟ ପ୍ଲାଷ୍ଟିକ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ ବ୍ୟାଗ୍‌ର ବିକଳ୍ପ ହୋଇପାରିବ ବୋଲି କହନ୍ତି କବିତା। ଏହି ପ୍ଲାଷ୍ଟିକ ଆବିଷ୍କାର କରିବା ଲାଗି ତାଙ୍କୁ ଜାପାନ, ଜର୍ମାନୀ, ଇଣ୍ଡୋନେସିଆ, ମାଲେସିଆ ଏବଂ ଚାଇନା ଆଦି ଦେଶ ଯିବାକୁ ପଡ଼ିଛି। ବିଘଟନଯୋଗ୍ୟ ପ୍ଲାଷ୍ଟିକର ପରିବେଶ, ପ୍ରାଣୀ ଓ ଉଦ୍ଭିଦ ଉପରେ ବିପଦ ନାହିଁ। କବିତାଙ୍କ ଦ୍ୱାରା ଏହି ପ୍ଲାଷ୍ଟିକରୁ ପ୍ରସ୍ତୁତ ଗ୍ରୀନ୍ ପ୍ଲାଷ୍ଟବ୍ୟାଗ୍ ବିଘଟନ ସମୟରେ ମାଟିରେ କି ପାଣିରେ କୌଣସି ସୂକ୍ଷ୍ମ କଣିକା ଛାଡ଼େନାହିଁ। ଏହା ଉଷୁମ କିମ୍ବା ଥଣ୍ଡା ପାଣିରେ ସହଜରେ ଦ୍ରବୀଭୂତ ହୋଇପାରୁଛି। ଉକ୍ତ କ୍ୟାରି ବ୍ୟାଗ୍ ଦେଶରେ ବିକ୍ରି କରିବା ଲାଗି ସେ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଦରଖାସ୍ତ କରି ଏହାର ସବୁଜ ସଙ୍କେତକୁ ଅପେକ୍ଷା କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୮ ଜୁଲାଇ ୧୯୯୭

- ରୁଷିଆର ମହାକାଶ କେନ୍ଦ୍ର 'ମୀର'ର ଏକ ଗୁରୁତ୍ୱପୂର୍ଣ୍ଣ କେବୁଲ ଦୈବାତ ଛିଣ୍ଡିଯିବାରୁ ସମଗ୍ର କେନ୍ଦ୍ରରେ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ।
- ରାଷ୍ଟ୍ରପତି ନିର୍ବାଚନରେ ଦେଶର ଏକାଦଶ ରାଷ୍ଟ୍ରପତି ଭାବେ କେ.ଆର୍. ନାରାୟଣନ ବିପୁଳ ସମର୍ଥନ ଲାଭକରି ବିଜୟୀ ଘୋଷିତ।
- ବିହାରର ନାଳନ୍ଦା ଜିଲାରେ ଏକ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇ ୧୦ ଫୁଟ ତଳେ ଥିବା ଏକ ନାଳକୁ ଖସିପଡ଼ିବା ଫଳରେ ୩୫ ଯାତ୍ରୀଙ୍କ ସଲିଳ ସମାଧି।

## ପାଠକ ଶ୍ରେଷ୍ଠ ବିଚାରକ

### ମାଟ୍ରିକ ପରୀକ୍ଷା ପ୍ରଭାବିତ ହୋଇଛି

ମହାଶୟ,

ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ବାସ୍ତବରେ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଛି ; କାରଣ ନିଶ୍ଚିତ ଫେଲ୍ ହେବାକୁଥିବା ଅନେକ ପିଲା ୮୦ ପ୍ରତିଶତରୁ ଅଧିକ ନମ୍ବର ରଖି ପରୀକ୍ଷାରେ ପାସ୍ କରିଛନ୍ତି। ଏଥିପାଇଁ ପରୀକ୍ଷାଫଳ ୯୦ ପ୍ରତିଶତରୁ ଅଧିକ ହୋଇଛି। ସତୁରି ଦଶକରେ ମାଟ୍ରିକ ପାସ୍ କଥିଥିବା ବ୍ୟକ୍ତି ମାଟ୍ରିକ ପିଲାମାନଙ୍କୁ ସବୁ ବିଷୟରେ ଶିକ୍ଷାଦାନ କରିପାରୁଥିଲେ। ଏବେ ବି ଆହୁରି ଦକ୍ଷତାର ସହିତ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ପିଲାମାନଙ୍କୁ ପଢାଇପାରୁଛନ୍ତି , କିନ୍ତୁ ଏବେ ଛାତ୍ରୀଛାତ୍ରମାନଙ୍କର ଆଉ ସେ ପ୍ରକାରର ଜିଜ୍ଞାସା ଭାବ ଓ ସାଧନା ନାହିଁ। ଠିକ୍ ପରୀକ୍ଷା ହେଲେ ୩୦ ପ୍ରତିଶତ ଛାତ୍ରୀଛାତ୍ର ମଧ୍ୟ ଉତ୍ତୀର୍ଣ୍ଣ ହୋଇପାରିବେ ନାହିଁ। ଶିକ୍ଷାକୁ ଏକ ଅତ୍ୟନ୍ତ ଲାଭଜନକ ବ୍ୟବସାୟ ବୋଲି ବିବେଚନା କରାଯାଉଛି। ଏଥିପାଇଁ ଶିକ୍ଷିତ ବେକାରଙ୍କ ସଂଖ୍ୟା ବଢି ବଢି ଚାଲିଛି। ଏହାକୁ କିପରି ବନ୍ଦ କରାଯାଇପାରିବ, ସେ ଦିଗରେ ସରକାର ଦୃଢ ପଦକ୍ଷେପ ଗ୍ରହଣ କରିବା ଉଚିତ।

**-ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଗୋଲାପ ପାନକରେ ଶିଶିର ବିନ୍ଦୁ
ପ୍ରଭାତ ସମୀରଣେ ଉଛୁଳେ ସିନ୍ଧୁ
କିପାଁ ଗୋ ଆଖି ଜଳ  ନୟନେ ଛଳ ଛଳ
ବିଦାୟ ମାଗେ ଦୂର ଗଗନେ ଇନ୍ଦୁ
ପ୍ରଭାତ ସମୀରଣେ ଉଛୁଳେ ସିନ୍ଧୁ।
-(ପ୍ରଭାତ ପ୍ରାସ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | | | | 9 | | | | 2 |
| | | | | | 5 | 4 | | |
| | | | | 7 | | | | 3 |
| 6 | | 9 | 2 | | | | | 4 |
| | 1 | | 6 | 3 | | | 5 | |
| 5 | | | | | | | | 8 |
| 9 | | 7 | | | | 2 | | 5 |
| 2 | | | | | | | 4 | 7 |
| | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 4 | 2 | 3 | 8 | 7 | 9 | 5 | 1 |
| 3 | 8 | 5 | 4 | 9 | 1 | 7 | 6 | 2 |
| 7 | 9 | 1 | 6 | 5 | 2 | 3 | 4 | 8 |
| 8 | 2 | 7 | 1 | 6 | 3 | 4 | 9 | 5 |
| 9 | 1 | 4 | 7 | 2 | 5 | 8 | 3 | 6 |
| 5 | 6 | 3 | 9 | 4 | 8 | 2 | 1 | 7 |
| 1 | 3 | 6 | 8 | 7 | 9 | 5 | 2 | 4 |
| 2 | 7 | 9 | 5 | 1 | 4 | 6 | 8 | 3 |
| 4 | 5 | 8 | 2 | 3 | 6 | 1 | 7 | 9 |

ଗତକାଲିର ଉତ୍ତର



ଏନ୍‌ଡିଏର ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କ ବିଜୟ କାମନା କରି ରବିବାର ପୁରୀ ଜିଲା ଭାରତୀୟ ଜନତା ପାର୍ଟି ପକ୍ଷରୁ ଶ୍ରୀମନ୍ଦିର ସମ୍ମୁଖରେ ସମୂହ ଦୀପ ଦାନ କରାଯାଉଛି।

# ଧନକରଙ୍କୁ ସମର୍ଥନ ଦେବ ବିଜେଡି

## ମୁଖ୍ୟମନ୍ତ୍ରୀଙ୍କ ସହ କଥା ହେଲେ ପ୍ରଧାନମନ୍ତ୍ରୀ

**ଭୁବନେଶ୍ୱର, ୧୭।୭(ବ୍ୟୁରୋ):** ଦେଶର ରାଷ୍ଟ୍ରପତି ପଦବୀ ଲାଗି ସୋମବାର ନିର୍ବାଚନ ଅନୁଷ୍ଠିତ ହେବ। ଏନ୍‌ଡିଏ ପକ୍ଷରୁ ଦ୍ରୌପଦୀ ମୁର୍ମୁଙ୍କୁ ପ୍ରାର୍ଥୀ କରାଯାଇଛି। ଓଡ଼ିଶାରୁ ଦେଶର ସର୍ବୋଚ୍ଚ ପଦ ଲାଗି ମୁର୍ମୁ ପ୍ରାର୍ଥୀ ହୋଇଥିବା ଯୋଗୁ ରାଜ୍ୟବାସୀଙ୍କ ମନରେ ଉତ୍ସାହ ରହିଛି। ଶାସକ ବିଜେଡି ମୁର୍ମୁଙ୍କୁ ସମର୍ଥନ ଦେବା ଲାଗି ଘୋଷଣା କରିସାରିଛି। ଅନ୍ୟପଟେ କିଛିଦିନ ମଧ୍ୟରେ ଉପରାଷ୍ଟ୍ରପତି ନିର୍ବାଚନ ଅନୁଷ୍ଠିତ ହେବ। ଏନ୍‌ଡିଏ ପକ୍ଷରୁ ପଶ୍ଚିମବଙ୍ଗ ରାଜ୍ୟପାଳ ଜଗଦୀପ ଧନକରଙ୍କୁ ଉପରାଷ୍ଟ୍ରପତି ପ୍ରାର୍ଥୀ ଭାବେ ଘୋଷଣା କରାଯାଇଛି। ବିଜେଡି ଏନ୍‌ଡିଏ ଉପରାଷ୍ଟ୍ରପତି ପ୍ରାର୍ଥୀଙ୍କୁ ମଧ୍ୟ ସମର୍ଥନ କରିବ ବୋଲି ଘୋଷଣା କରିଛି। ଏନେଇ ଦଳର ରାଜ୍ୟ ସଭା ଏମ୍‌ପି ମାନସ ମଙ୍ଗରାଜ ଟୁଇଟ୍ ଯୋଗେ ସୂଚନା ଦେଇଛନ୍ତି।

ଉପରାଷ୍ଟ୍ରପତି ନିର୍ବାଚନ ସମ୍ପର୍କରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟେଲିଫୋନ ଯୋଗେ କଥା ହୋଇଛନ୍ତି। ପ୍ରଧାନମନ୍ତ୍ରୀ ଉପରାଷ୍ଟ୍ରପତି ନିର୍ବାଚନରେ ସମର୍ଥନ ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଅନ୍ୟପଟେ ନବୀନ ମଧ୍ୟ ସମର୍ଥନ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ଧନକରଙ୍କ ପ୍ରାର୍ଥୀପତ୍ର ଦାଖଲ ସମୟରେ ବିଜେଡି ଏମ୍‌ପିମାନେ ଉପସ୍ଥିତ ରହିବେ। ମଙ୍ଗଳବାର ଧନକର ତାଙ୍କ ପ୍ରାର୍ଥୀପତ୍ର ଦାଖଲ କରିବେ। ଆସନ୍ତା ୬ ତାରିଖରେ ଉପରାଷ୍ଟ୍ରପତି ନିର୍ବାଚନ ଅନୁଷ୍ଠିତ ହେବ। ସମାନଭାବେ ମୁର୍ମୁଙ୍କ ପ୍ରାର୍ଥୀପତ୍ର ଦାଖଲ ସମୟରେ ମଧ୍ୟ ବିଜେଡିର ଦୁଇ ଜଣ ମନ୍ତ୍ରୀ ସମର୍ଥକ ରହିଥିଲେ। ଅନ୍ୟପଟେ ବିରୋଧୀ ମେଣ୍ଟ ପକ୍ଷରୁ କଂଗ୍ରେସର ବରିଷ୍ଠ ନେତା ମାର୍ଗାରେଟ ଆଲ୍‌ଭା ପ୍ରାର୍ଥୀ ହୋଇଛନ୍ତି।

ଶ୍ରୀଶ୍ରୀ ସତ୍ୟନାରାୟଣାୟ ନମଃ



**ସତ୍ୟଜିତ୍‌ର** ଏକ ବିଂଶତି ଦିବସରେ ଶୁଭେଚ୍ଛା ସହ: ବିଭୁ, ମାମି, ଜ୍ୟୋତି, ଦିପୁ, ମା, ବାପା, ପୂଜା, ଲିଜା, ଶ୍ରାବଣୀ, ଇତି, ରାଜା, ମାନା, ଚିନ୍ତାମଣି।

ଧ-୭୩୫୧୧

# ମୁର୍ମୁଙ୍କୁ ଓଡ଼ିଶାରୁ ୧୬୬ ଭୋଟ ମିଳିବା ଆଶା

## ଆଜି ରାଷ୍ଟ୍ରପତି ନିର୍ବାଚନ

**ଭୁବନେଶ୍ୱର, ୧୭।୭(ବ୍ୟୁରୋ)**

ଦେଶରେ ରାଷ୍ଟ୍ରପତି ନିର୍ବାଚନ ଲାଗି ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇସାରିଛି। ସୋମବାର ସକାଳ ୧୦ରୁ ୫ଟା ପର୍ଯ୍ୟନ୍ତ ଭୋଟିଂ ଚାଲିବ। ତେବେ ନିର୍ଭୁଲ ଏବଂ କ୍ରସ୍ ଭୋଟିଂ ଯେପରି ନ ହେବ ସେଥିଲାଗି ଓଡ଼ିଶାର ସବୁ ଦଳ ନିଜର ପ୍ରସ୍ତୁତି ଏକପ୍ରକାର ଶେଷ କରିସାରିଛନ୍ତି। ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁ ଏନ୍‌ଡିଏରୁ ପ୍ରାର୍ଥୀ ହୋଇଛନ୍ତି। ମୁର୍ମୁଙ୍କୁ ଭୋଟ ଦେବା ଲାଗି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳର ସମସ୍ତ ବିଧାୟକ ଏବଂ ଏମ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯେପରି ଗୋଟିଏ ବି ଭୋଟ ଏପାଖ ସେପାଖ ନ ହେବ ସେଥିପ୍ରତି ଧ୍ୟାନଦେବା ଉପରେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ବିଧାନସଭାରେ ଏନେଇ ଏକ ତାଲିମ କାର୍ଯ୍ୟକ୍ରମ ଶନିବାର ମଧ୍ୟ ଅନୁଷ୍ଠିତ ହୋଇଛି। ଯେଉଁମାନେ ପ୍ରଥମକରି ଏଥର ଭୋଟିଂରେ ଭାଗ ନେଉଛନ୍ତି ସେମାନେ ଯେପରି କିଛି ତ୍ରୁଟି ନ କରନ୍ତି ତା' ଉପରେ ମଧ୍ୟ ବିଶେଷ ଧ୍ୟାନ ଦେବା ଲାଗି ବିଜେଡି ଗୁରୁତ୍ୱ ଦେଇଛି। ଅନ୍ୟପଟେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ମଧ୍ୟ ବିଧାୟକମାନଙ୍କ ସହ ବୈଠକ କରି ସମସ୍ତ ଭୋଟ ବିରୋଧୀ ମେଣ୍ଟ ପ୍ରାର୍ଥୀ ଯଶଓ୍ୱନ୍ତ ସିହ୍ନାଙ୍କୁ ଦେବା ନେଇ ଘୋଷଣା କରିସାରିଛି। ଅନ୍ୟପକ୍ଷରେ ଭାଜପା ବିଧାୟକ ଏବଂ ଏମ୍‌ପିମାନେ ମଧ୍ୟ ମୁର୍ମୁଙ୍କୁ ଭୋଟ ଦେବା ଲାଗି ସମସ୍ତ ପ୍ରସ୍ତୁତି ଶେଷ କରିଛନ୍ତି। ଦିଲ୍ଲୀରେ ଏମ୍‌ପିମାନଙ୍କୁ କ୍ରସ୍ ଭୋଟିଂ ନ ହେବା ଦିଗରେ ଟ୍ରେନିଂ ଦିଆଯାଇଛି। ସେହିପରି ଶନିବାର ଓଡ଼ିଶାର ବିଧାୟକମାନଙ୍କୁ ନେଇ ମଧ୍ୟ ଏକ ଟ୍ରେନିଂ କ୍ୟାମ୍ପ ଦଳୀୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଛି। ସବୁ ଦଳ ନିଜ ନିଜର ଏଜେଣ୍ଟ ମଧ୍ୟ ଠିକ୍ କରିସାରିଛନ୍ତି। ଅନ୍ୟପଟେ ନିର୍ବାଚନରେ ମୁର୍ମୁଙ୍କ ବିପୁଳ ବିଜୟ ପାଇଁ ଭାଜପା ତରଫରୁ ରବିବାର ରାଜ୍ୟର ବିଭିନ୍ନ ଦେବାଳୟରେ ପ୍ରାର୍ଥନା ଏବଂ ଯଜ୍ଞ କରାଯାଇଛି। ଏହି ଅବସରରେ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ସମେତ ସମସ୍ତ ବରିଷ୍ଠ ନେତୃବୃନ୍ଦ, ଏମ୍‌ପି, ବିଧାୟକ, ରାଜ୍ୟ ପଦାଧିକାରୀ ଓ କାର୍ଯ୍ୟକର୍ତ୍ତାମାନେ ନିଜ ନିଜ ଅଞ୍ଚଳରେ ଥିବା ମନ୍ଦିରକୁ ଯାଇ ଦୀପଦାନ କରିଛନ୍ତି। ସମୀର ମହାନ୍ତି ମହାପ୍ରଭୁ ଲିଙ୍ଗରାଜ ମନ୍ଦିରରେ ଦୀପଦାନ କରି ମୁର୍ମୁଙ୍କ ବିପୁଳ ବିଜୟ ପାଇଁ ପ୍ରାର୍ଥନା କରିବା ସହ ପୁରୁଣା ଭୁବନେଶ୍ୱର ସ୍ଥିତ ଡାକରା ବିଭୀଷଣ ମନ୍ଦିରରେ ପୂଜା ଓ ଯଜ୍ଞ କରିଛନ୍ତି। ସେହିପରି ପାର୍ଟିର ସମସ୍ତ ବିଧାୟକ ପୁରୀ ଯାଇ ଜଗନ୍ନାଥଙ୍କ ନିକଟରେ ଦୀପଦାନ କରି ପ୍ରାର୍ଥନା କରିଛନ୍ତି। ତେବେ ମୋଟ ୧୪୭ ବିଧାୟକଙ୍କ ମଧ୍ୟରୁ ବିଜେଡିର ୧୧୨, ଦୁଇ ବିଧାୟକ ପ୍ରଦୀପ ପାଣିଗ୍ରାହୀ, ପ୍ରଶାନ୍ତ ଜଗଦ୍ଦେବ ଦଳରୁ ବିଦା ହୋଇଛନ୍ତି। ଏହି ଦୁଇ ବିଧାୟକଙ୍କ ମଧ୍ୟରୁ ପ୍ରଦୀପ ପାଣିଗ୍ରାହୀ ମୁର୍ମୁଙ୍କୁ ଭୋଟ ଦେବେ ବୋଲି ଘୋଷଣା କରିସାରିଥିବା ବେଳେ ଜଗଦ୍ଦେବଙ୍କ କଥା ସ୍ପଷ୍ଟ ହୋଇନାହିଁ। ଜଣେ ସ୍ୱାଧୀନ ବିଧାୟକ ମକରନ୍ଦ ମୁଦୁଲି ମଧ୍ୟ ଏନ୍‌ଡିଏ ସପକ୍ଷରେ ଭୋଟ ଦେବେ। ଜଣେ ସିପିଏମ୍ ବିଧାୟକ ଲକ୍ଷ୍ମଣ ମୁଣ୍ଡା କିନ୍ତୁ ଯଶଓ୍ୱନ୍ତ ସିହ୍ନାଙ୍କୁ ଭୋଟ୍ ଦେବେ। ସେହିପରି କଂଗ୍ରେସର ୯ ବିଧାୟକ ଯଶଓ୍ୱନ୍ତଙ୍କୁ ଭୋଟ ଦେବାକୁ ଥିବାବେଳେ ଭାଜପାର ୨୨ ବିଧାୟକ ମୁର୍ମୁଙ୍କୁ ଭୋଟ ଦେବେ। ଏହିପରି ଭାବେ ଯଦି କୌଣସି ପ୍ରକାର କ୍ରସ୍ ଭୋଟିଂ କିମ୍ବା ନାକଚ ନ ହୁଏ ଏବଂ କେହି ଅନୁପସ୍ଥିତ ନ ରୁହନ୍ତି ତେବେ ୧୪୭ରୁ ମୁର୍ମୁଙ୍କୁ ମୋଟ୍ ୧୩୬ ଏବଂ ସିହ୍ନାଙ୍କୁ ମାତ୍ର ୧୦ଟି ଭୋଟ୍ ମିଳିବ। ସେହିପରି ରାଜ୍ୟର ମୋଟ ୨୧ ଲୋକ ସଭା ଏବଂ ୧୦ ରାଜ୍ୟ ସଭା ଆସନ ମଧ୍ୟରୁ କଂଗ୍ରେସ ହାତରେ ମାତ୍ର ଗୋଟିଏ ସିଟ୍ ରହିଛି। ୨୧ ଲୋକ ସଭା ଆସନରୁ ବିଜେଡିର ୧୨ ଏବଂ ଭାଜପା ହାତରେ ୮ଟି ଆସନ ଅଛି। ସେହିପରି ରାଜ୍ୟ ସଭାରେ ୧୦ ଆସନରୁ ବିଜେଡି ହାତରେ ୯ ଏବଂ ଗୋଟିଏ ଭାଜପା ପାଖରେ ଅଛି। ଏହିଭଳି ମୋଟ ୩୧ ଲୋକ ସଭା ଏବଂ ରାଜ୍ୟ ସଭା ଆସନରୁ ସିହ୍ନାଙ୍କୁ ଗୋଟିଏ ଭୋଟ୍ ପଡିବାକୁ ଥିବାବେଳେ ମୁର୍ମୁଙ୍କୁ ୩୦ଟି ଭୋଟ ମିଳିବା ଏକ ପ୍ରକାର ସ୍ପଷ୍ଟ। ତେବେ ବିଧାନସଭାରେ ରାଷ୍ଟ୍ରପତି ଭୋଟିଂ ଲାଗି ମଧ୍ୟ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇସାରିଛି।

# ‘୭୫ ବର୍ଷରେ ଯାହା ହୋଇ ନ ଥିଲା ଏବେ ହେଉଛି’

## ଖାଦ୍ୟ ସାମଗ୍ରୀରେ ଜିଏସ୍‌ଟି ଲାଗୁ ନିଷ୍ପତ୍ତିକୁ ବ୍ୟବସାୟୀ ମହାସଂଘର ବିରୋଧ

- ପ୍ରତ୍ୟାହାର ନ ହେଲେ ଭୋପାଳ ସର୍ବଭାରତୀୟ ବୈଠକରେ ଯୋଗଦେବାକୁ ଧମକ
- ପ୍ଲାଷ୍ଟିକ୍ ବିକଳ୍ପ ନ ଆସିବା ଯାଏ ଚଢ଼ାଉ ବନ୍ଦ କର

**ଭୁବନେଶ୍ୱର, ୧୭।୭(ବ୍ୟୁରୋ)**

ସ୍ୱାଧୀନତାର ୭୫ ବର୍ଷ ଭିତରେ ଯେଉଁ ଖାଦ୍ୟ ସାମଗ୍ରୀଗୁଡ଼ିକ ଉପରେ ସରକାରୀ ଟିକସ ଧାର୍ଯ୍ୟ କରାଯାଇ ନ ଥିଲା ତାହା ଏବେ ହେବାକୁ ଯାଉଛି। ଫଳରେ କେବଳ ବ୍ୟବସାୟୀ ନୁହନ୍ତି, ଗରିବ ଲୋକ ଆର୍ଥିକ, ପାରିବାରିକ ଏବଂ ସାମାଜିକ ସମସ୍ୟାର ସମ୍ମୁଖୀନ ହେବେ। ତେଣୁ ଖାଦ୍ୟ ପଦାର୍ଥ ଉପରେ କେନ୍ଦ୍ର ସରକାର ଯେଉଁ ୫% ଦ୍ରବ୍ୟ ଏବଂ ସେବା କର (ଜିଏସ୍‌ଟି) ଲଗାଇବାକୁ ଯାଉଛନ୍ତି, ଦେଶବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ସେହି ନିଷ୍ପତ୍ତିରେ ପରିବର୍ତ୍ତନ କରନ୍ତୁ ବୋଲି ବ୍ୟବସାୟୀ ମହାସଂଘ ଦାବି କରିଛି। ଯଦି ସରକାର ଏ ନିଷ୍ପତ୍ତିକୁ ପ୍ରତ୍ୟାହାର ନ କରିବେ ତେବେ ଆସନ୍ତା ୨୬ରେ ଭୋପାଳଠାରେ ହେବାକୁ ଥିବା ସର୍ବଭାରତୀୟ ବୈଠକରେ ମହାସଂଘର ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ଭୁବନେଶ୍ୱରରେ ରବିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବ୍ୟବସାୟୀ ମହାସଂଘ ମହାସଚିବ ସୁଧାକର ପଣ୍ଡା କହିଛନ୍ତି, ଜିଏସ୍‌ଟି ପ୍ରଚଳନ ସମୟରେ ଏହା ସରଳ ଟିକସ ବ୍ୟବସ୍ଥା ହେବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ହେଲେ ଏହା କ୍ରମଶଃ ଜଟିଳ ହେବାରେ ଲାଗିଛି। ଜିଏସ୍‌ଟି ନେଇ ସରକାର କୌଣସି ସ୍ପଷ୍ଟ କରୁନାହାନ୍ତି, ଯାହାଦ୍ୱାରା ବ୍ୟବସାୟୀଙ୍କ ସମେତ ସରକାରୀ ଅଧିକାରୀ ମଧ୍ୟ ଅନ୍ଧାରରେ ରହୁଛନ୍ତି। କୋଭିଡ୍ ମହାମାରୀ ଯୋଗୁ ଲୋକଙ୍କ କ୍ରୟଶକ୍ତି ହ୍ରାସ ପାଇଥିବା ବେଳେ ଖାଦ୍ୟ ସାମଗ୍ରୀ ଯଥା-ମୁଢ଼ି, ଚୁଡ଼ା, ଖଇ ଓ ଉଖୁଡ଼ା ଆଦିରେ ସରକାର ଟିକସ ଧାର୍ଯ୍ୟ କରିଛନ୍ତି। ଯାହା ବୋଝ ଉପରେ ନଳିତା ବିଡ଼ା ସଦୃଶ। ଏହାଦ୍ୱାରା ଦେଶର ପ୍ରାୟ ୬୫୦୦ କୃଷିମଣ୍ଡି, ୧୨ ହଜାର ଡାଲିମିଲ୍, ୯ ହଜାର ଚାଉଳ ମିଲ୍ ଏବଂ ୮ ହଜାର ଅଟା ମିଲ୍ ପ୍ରଭାବିତ ହେବ। ଦେଶର ପ୍ରାୟ ୪ କୋଟି ଛୋଟ ବ୍ୟବସାୟୀ ଓ ୨୦ ଲକ୍ଷ ଛୋଟ ମିଲ୍ ଜୀବନଜୀବିକା ହରାଇବେ। କିଛି କର୍ପୋରେଟ୍ ହାଉସ୍ ସ୍ୱାର୍ଥ ପାଇଁ ଛୋଟ ଓ ସଙ୍କୋଚ ବ୍ୟବସାୟୀଙ୍କୁ ବୃତ୍ତି ହରାଇବାକୁ ବାଧ୍ୟ କରାଯାଉଛି। ଖାଦ୍ୟ ସାମଗ୍ରୀରେ ଟିକସ ଲାଗୁ ନିଷ୍ପତ୍ତିକୁ ପ୍ରତ୍ୟାହାର କରାଯାଉ ବୋଲି ମହାସଂଘ ଦାବି ଜଣାଇଛି। ସେହିପରି ରାଜ୍ୟ ଅର୍ଥମନ୍ତ୍ରୀ ମଧ୍ୟ ଜିଏସ୍‌ଟି ପରିଷଦ ବୈଠକରେ ଏହାକୁ ଦୃଢ଼ ଭାବେ ଉପସ୍ଥାପନ କରନ୍ତୁ ବୋଲି ପଣ୍ଡା କହିଛନ୍ତି।

ସେହିପରି ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ନିଷେଧ ନିମନ୍ତେ ସରକାର ନେଇଥିବା ନିଷ୍ପତ୍ତିକୁ ବ୍ୟବସାୟୀ ଗ୍ରହଣ କରୁଛନ୍ତି। ହେଲେ ଏହାର ବିକଳ୍ପ ଏବେସୁଦ୍ଧା ଉପଲବ୍ଧ ହୋଇ ନ ଥିବାରୁ ସରକାରଙ୍କ ତରଫରୁ ବିଭିନ୍ନ ସ୍ଥାନରେ ଛୋଟ ବ୍ୟବସାୟ ପ୍ରତିଷ୍ଠାନରେ ଚଢ଼ାଉ କରି ଦଣ୍ଡିତ କରାଯାଉଛି। ପ୍ଲାଷ୍ଟିକର ବିକଳ୍ପ ନ ଆସିବା ପର୍ଯ୍ୟନ୍ତ ଏହାକୁ ସ୍ଥଗିତ ରଖିବାକୁ ମହାସଂଘ ଦାବି କରିଛି। ଏଥିସହ ଖାଦ୍ୟ ନିରାପତ୍ତା ଆଇନ ଅଧୀନ ଅନୁମତି ପତ୍ର ପାଇଁ ପ୍ରତ୍ୟେକ ବର୍ଷ ନବୀକରଣ ଲାଗି ଯେଉଁ ନିୟମ ରହିଛି, ତାକୁ ପରିବର୍ତ୍ତନ କରି ଲାଇସେନ୍ସ ନବୀକରଣ ଗୋଟିଏ ଥର ପାଇଁ କରାଯାଉ ବୋଲି ମହାସଂଘ ଦାବି ଜଣାଇଛି।

# କେନ୍ଦ୍ର ଉପରେ ବର୍ଷିଲା, ବିଜେଡି ଆଭିମୁଖ୍ୟକୁ ନେଇ କଂଗ୍ରେସର ପ୍ରଶ୍ନ

## ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀରେ ୫% ଜିଏସ୍‌ଟି

**ଭୁବନେଶ୍ୱର, ୧୭।୭(ବ୍ୟୁରୋ)**

ଚୁଡ଼ା, ମୁଢ଼ି, ଗୁଡ଼, ଦହି, ଖଇ ଓ ଉଖୁଡ଼ା ଆଦି ଅତ୍ୟାବଶକୀୟ ଖାଦ୍ୟ ସାମଗ୍ରୀ ଉପରେ ୫% ଜିଏସ୍‌ଟି ଲାଗୁ କରିବା ନିଷ୍ପତ୍ତି ଏକ ଦୁର୍ଭାଗ୍ୟ ଘଟଣା। ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଏବଂ କେନ୍ଦୁଝର ଜିଲାରେ ମୁଢ଼ି ବିନା ଜୀବନ ଦୁର୍ବିସହ। କିନ୍ତୁ ସୋମବାରଠାରୁ ଏହି ଅଣବ୍ରାଣ୍ଡ ପ୍ୟାକେଟ ଦ୍ୱାରା ବିକ୍ରି ହେଉଥିବା ମୁଢ଼ି, ଗୁଡ଼, ଚୁଡ଼ା, ଦହି, ଖଇ ଓ ଉଖୁଡ଼ା ଆଦି ଉପରେ ୫% ଜିଏସ୍‌ଟି ଲାଗୁ ହେବ। ଦୀର୍ଘ ୮ ବର୍ଷ କେବଳ ଘୃଣ୍ୟ ରାଜନୀତିରେ ଲିପ୍ତ ରହିଥିବା ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଦେଶର ଅର୍ଥନୀତିକୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରିଛି ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି। ଏହାକୁ ତୁରନ୍ତ ପ୍ରତ୍ୟାହାର କରା ନ ଗଲେ ଆଗକୁ ଆନ୍ଦୋଳନ ଜୋରଦାର ହେବ ବୋଲି କଂଗ୍ରେସ ଚେତାବନୀ ଦେଇଛି।

କଂଗ୍ରେସ ଭବନ ଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଶରତ କହିଛନ୍ତି, ମୋଦି ସରକାର କେବଳ ମନ୍ଦିର, ମସ୍‌ଜିଦ, ରାହୁଲ ଗାନ୍ଧୀ, ସୋନିଆ ଗାନ୍ଧୀ, ଇଡି ଭିତରେ ସୀମାବଦ୍ଧ ହୋଇ ରାଜନୀତି କରୁଛନ୍ତି। ଓଡ଼ିଶାର ସାଧାରଣ ଜୀବନରେ ଏ ସମସ୍ତ ଖାଦ୍ୟଦ୍ରବ୍ୟ ଅତ୍ୟାବଶ୍ୟକ ଅଟେ। ଗରିବଙ୍କ ଠାରୁ କିଭଳି ଜୋର ଜବରଦସ୍ତ କର ଆଦାୟ କରାଯାଇପାରିବ ସେନେଇ ଚେଷ୍ଟା ଚାଲିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା, ବିଜେଡି ସରକାରର ଅର୍ଥମନ୍ତ୍ରୀ ଉକ୍ତ ନିଷ୍ପତ୍ତି ନିଆଯିବା ସମୟରେ ଉପସ୍ଥିତ ଥାଇ ମଧ୍ୟ ଏ ବାବଦରେ ଥରୁଟିଏ ବିରୋଧ କରି ନାହାନ୍ତି। ଏହାର କାରଣ କ'ଣ ବୋଲି ଶରତ ପ୍ରଶ୍ନ କରିଛନ୍ତି। ଶରତ ଆହୁରି କହିଛନ୍ତି, ଏହା ରାଜ୍ୟର ଜନସାଧାରଙ୍କ ସ୍ୱାର୍ଥ ବିରୋଧି ନୁହେଁ କି। ରାଜ୍ୟ ସରକାର ଜିଏସ୍‌ଟି କାଉନସିଲର ଏହି ନିଷ୍ପତ୍ତିକୁ ସମ୍ମତି ଜଣାଇଥିବା ସ୍ପଷ୍ଟ ହୋଇଛି।

# କୋଣାଦିତ୍ୟର କଳାକୃତି ପାଇଁ ଅଖଣ୍ଡ ଓଡ଼ିଶାର ଶିଳ୍ପୀ ସାମିଲ ଥିଲେ

- କଳାହାଣ୍ଡିର ଧର୍ମଗଡ଼ରୁ ଆସିଥିଲା ୨,୩୦୪ କାଠ କଡ଼ି
- ମୟୂରଭଞ୍ଜ ରାଜା ମଇଁଷି ଗାଡ଼ିରେ ପଠାଇଥିଲେ ଲୁହାମୁଣ୍ଡା

**ଡ. ସୁରେନ୍ଦ୍ର କୁମାର ମିଶ୍ର**

ଐତିହ୍ୟର ଓଡ଼ିଶା

କୋଣାର୍କରେ ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣରେ ଅଖଣ୍ଡ ଓଡ଼ିଶାର ଅବଦାନ ଥିଲା। ଓଡ଼ିଶାରୁ ଅଲଗା କରାଯାଇ ଅନ୍ୟ ପ୍ରଦେଶରେ ଯେଉଁ ଅଞ୍ଚଳଗୁଡ଼ିକୁ ମିଶାଇ ଦିଆଯାଇଛି, ସେମାନଙ୍କର ବି ଅବଦାନ ଥିଲା। ଯେମିତି ଆନ୍ଧ୍ରପ୍ରଦେଶରେ ମିଶିଥିବା ଅଞ୍ଚଳର ରାଜା, ଖଣ୍ଡପାଳଗଡ଼ର ନାୟକମାନେ ନିର୍ବିକାର ଭାବରେ ସେତେବେଳେ ସହଯୋଗର ହାତ ବଢ଼ାଇଥିଲେ। କଳାହାଣ୍ଡିର ଧର୍ମଗଡ଼ ଦଳବେହେରା ୨,୩୦୪ଟି କାଠ କଡ଼ି ପଠାଇଥିଲେ ପୁଣି ଦେବଗଡ଼ ଅଧିକାରୀଙ୍କ ମାର୍ଫତରେ। ବାରଙ୍ଗଗଡ଼ର ବିଶୋଇ ୧୭୦୦ ବଡ଼ ପାଟଶାରଙ୍ଗି ବାଉଁଶର ଦଣ୍ଡ ରଣପୁରରୁ ଆଣି ପହଞ୍ଚାଇଥିଲେ।

ମନ୍ଦିର ନିର୍ମାଣ ପାଇଁ ରାଜାଙ୍କ ନିଯୁକ୍ତ ବ୍ୟକ୍ତି ବିଶେଷ କେବଳ କାମ କରୁଥିଲେ ତାହା ନୁହେଁ, ଗୋଲରାଗଡ଼ର ଦଳବେହେରା ଗଡ଼ ପକ୍ଷରୁ ୮୦ ଜଣଙ୍କୁ ନିଯୁକ୍ତ କରିଥିଲେ। ଯେଉଁମାନେ ଶିଳ୍ପୀମାନେ କାମ କରୁଥିବା ସ୍ଥାନରେ ଛୋଟ ଛୋଟ କୁଟିର ନିର୍ମାଣ କରିଥିଲେ। ସହଯୋଗ ସମସ୍ତଙ୍କର ଥିଲା।

ସହଯୋଗର ହାତ ବଢ଼ାଇଥିବା ଏମିତି କେତେଜଣ ଐତିହ୍ୟ ବ୍ୟକ୍ତିତ୍ୱ ଅଛନ୍ତି, ଯାହାଙ୍କର ପରିଚୟ ପାଇଁ ଆମେ ଅନୁସନ୍ଧାନ ଚଳାଇଛୁ। ଶ୍ରୀରଥସିଂହଙ୍କ ପରିଚୟ ଜାଣିପାରିନୁ। ସେ ଦେଇଥିଲେ ୨୦୦ ମାଢ଼ ଗଙ୍ଗ ସ୍ୱର୍ଣ୍ଣମୁଦ୍ରା, ୨୦ ଭରଣ ଚାଉଳ, ୧୮ ପଉଟି ଧାନ, ୧୧ ପଉଟି ମୁଗ, ୮ ପଉଟି ବିରିଡାଲି, ୧୦୦ ଯୋଡ଼ା ଲୁଗା ପ୍ରଭୃତି। ଏହାବାଦ ସୂତ୍ରଧର ଓ ପୁରୋହିତଙ୍କ ପାଇଁ ସ୍ୱତନ୍ତ୍ର ପାଟମକୁଟ। ଶ୍ରୀରଥ ସିଂହ ନିଶ୍ଚୟ ରାଜା ଥିଲେ। କାରଣ ୩ଟି ଶଗଡ଼ରେ ହରିପୁରିଆ ବଳଦ ଯୋଚି ଏସବୁ ଜିନିଷ ତାଙ୍କ ଭାଇ କୋଣାର୍କରେ ପହଞ୍ଚାଇଥିଲେ। ତାଙ୍କୁ କୁଣ୍ଡଳ ଓ ସୁନା ଚେନ୍ ସମ୍ମାନ ସ୍ୱରୂପ ଦିଆଯାଇଥିଲା।

ତିଗଡ଼ ମଣ୍ଡଳ ରାଜା ଶିଳ୍ପୀଙ୍କ ପାଇଁ ପଠାଇଥିଲେ ୫୦ ଯୋଡ଼ା ଧୋତି। ତିଗଡ଼ ବୋଧହୁଏ ବର୍ତ୍ତମାନ ତିଗିରିଆ। ମୟୂରଭଞ୍ଜ ରାଜା ଲୁହାମୁଣ୍ଡା ପଠାଇଥିଲେ ୫ଟି ମଇଁଷି ଗାଡ଼ିରେ। ଯାହା କୋଣାର୍କରେ ତରଳାଯାଉଥିଲା। ତରଳାଇବା ପାଇଁ ୭୨ଜଣ ଓଝା ଦିନରାତି ପରିଶ୍ରମ କରୁଥିଲେ। ଓଝାମାନଙ୍କର ଠିକଣା ମଧ୍ୟ କେତେକାଂଶରେ ମିଳୁଛି। ସେମାନେ ତରଳା ଲୁହାକୁ ଛାଞ୍ଚରେ ଢାଳୁଥିଲେ।


ମୟୂରଭଞ୍ଜ ଗଡ଼ଜାତ ରାଜ୍ୟର ପ୍ରଥମ ରାଜଧାନୀ ଖିଚିଂ। ପୁରୁଣା ରାଜଧାନୀର ସ୍ମୃତି ବଖାଣୁଛି କୀଚକେଶ୍ୱରୀ ମନ୍ଦିର।

ଢଳେଇ କାରଖାନାଟିଏ ନିର୍ମାଣ ହୋଇଥିଲା କୋଣାର୍କରେ। ଏହାର ମୁଖିଆ ଥିଲେ ଶ୍ରୀମାଧବ ଓଝା। ଏଇଠି ଲୁହା ସହିତ ସୀସା ମିଶୁଥିଲା। ନିଆଁ ଭାଟି ଚବିଶ ଘଣ୍ଟା ଜଳୁଥିଲା। ‘ଟାଙ୍ଗଣା’ ମଧ୍ୟ ତରଳାଲୁହାରେ ମିଶାଯାଉଥିଲା। ଶେଷରେ ଶ୍ରୀ ବୀର ଓଝା ଛାଞ୍ଚରେ ଢାଳି ଲୁହା ଖମ୍ବ ପ୍ରସ୍ତୁତ କରୁଥିଲେ।

ଶିଳ୍ପୀ ଆମର, ମହାରଣା ଆମର, ପଥୁରିଆ ଆମର, ଚାପ ଦଳେଇ ଆମର, ଶଗଡ଼ିଆ, ହାତୀଆଳ, ଘୋଡ଼ା ସବାର, କମାର, ଓଝା ଆମର। ସହଯୋଗ ଯେଉଁମାନେ କରିଛନ୍ତି ସମସ୍ତେ ଓଡ଼ିଶାର। ଅଥଚ... ମନ୍ଦିର ଆମେ ଗଢ଼ିନୁ! ଗଢ଼ିଲେ ବାହାର ଲୋକ!!

‘ପରଙ୍ଗବିଶେ’ର ବୀର ସାନ୍ତ, ଯିଏ ୨୪ଶଗଡ଼ ଧାନ ପଠାଇଛନ୍ତି ବଢ଼େଇଙ୍କ ପାଇଁ, ମୟୂରଭଞ୍ଜ ରାଜା ପଠାଇଛନ୍ତି ‘ଭେଜିମାଟି’ କାଦୁଅ ଲୁହା ଛାଞ୍ଚରେ ଢଳାଯିବା ପାଇଁ, କ'ଣ ତାଙ୍କର ଦରକାର ଥିଲା! କ'ଣ ପାଇଁ ଢେଙ୍କାନାଳ ରାଜା ଶ୍ରୀ ରାଜସିଂହ ଦେବ ପଠାଇଥିଲେ ନିଜ ରାଜ୍ୟରୁ ପଥୁରିଆ! କେବଳ ସେତିକି ନୁହେଁ, କଟକର ବିରିବାଟି, ପୁରୀର ଛଇତନା, ବାଲେଶ୍ୱରର ରେମୁଣାପାଟ, ନୟାଗଡ଼, ଏକାମ୍ର ଓ ମୟୂରଭଞ୍ଜରୁ ୧୯୫ଜଣ ଶିଳ୍ପୀ କୋଣାର୍କରେ ପହଞ୍ଚିଥିଲେ କ'ଣ ମନକୁ ମନ।


# ମନେ ପଡ଼ନ୍ତି

**ଦଶାହ ଉପଲକ୍ଷେ**



**୰ଧୀରେନ୍ଦ୍ର ମିଶ୍ର**
ସୋରଡ଼ା ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ
ସିଡିଏ, କଟକ
ଆବିର୍ଭାବ: ୦୭।୦୭।୧୯୩୭
ତିରୋଧାନ: ୦୯।୦୭।୨୦୨୨
ଚାହୁଁ ଚାହୁଁ ଦଶଦିନ ବିତିଗଲା। ଏବେବି ବିଶ୍ୱାସ ହେଉନାହିଁ ଯେ, ତୁମେ ଆମ୍ଭମାନଙ୍କୁ ଛାଡ଼ି ସବୁଦିନ ପାଇଁ ଚାଲି ଯାଇଛ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ପ୍ରେରଣା ଦାୟକ ହେଉ। ତୁମର ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ସ୍ତ୍ରୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୯୮୮

In fond memory of our beloved daughter ANKITA



Its 13 years today that you left us but we miss your voice, your touch, your smiling face. We miss you every single day
Babal, mama and all your loved ones
ଧ-୧୦୨୫

**ପଞ୍ଚଦଶ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ କୃଷ୍ଣଚନ୍ଦ୍ର ସାହୁ**
ଗୌଡ଼ବାଡ଼ ସାହି, ପୁରୀ
ଆବିର୍ଭାବ: ତା୦୫।୦୬।୧୯୭୪ରିଖ
ତିରୋଧାନ: ତା୧୮।୦୭।୨୦୦୭ରିଖ
ସମୟ ସ୍ରୋତରେ ୧୫ବର୍ଷ ବିତିଗଲା। ଆପଣଙ୍କ ପ୍ରେରଣା, ଭଲପାଇବା, ଆଶୀର୍ବାଦ ଆମର ପଥ ପ୍ରଦର୍ଶକ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଭକ୍ତିପୂତ ପ୍ରାର୍ଥନା।
ଶୋକସନ୍ତପ୍ତ: ଗୁଡ୍‌ଲି, ଲାଡ୍‌ଲି, ପରିବାରବର୍ଗ।
ଧ-୭୩୫୧୦

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ସଂଜୀବ ପଟ୍ଟନାୟକ**
ବିଦ୍ଧାଣିମା, ତିଗିରିଆ, କଟକ
ଆବିର୍ଭାବ: ୦୩।୦୭।୧୯୭୨
ତିରୋଧାନ: ୨୯।୦୭।୨୦୨୧
ତୁମ ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମ ତ୍ୟାଗ, ନିଷ୍ଠା, ସାଧୁତା, ଧାର୍ମିକ ଚେତନା ଏବଂ ସମସ୍ତଙ୍କ ପ୍ରତି ସ୍ନେହ, ଶ୍ରଦ୍ଧାଭାବ ଆମ ପ୍ରେରଣାର ଉତ୍ସ ହେଉ। ଆଜିର ଦିନରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଆତ୍ମୀୟସ୍ୱଜନ, ପରିବାରବର୍ଗ, ଏସ,ଏସଟି, ଏସଏସଏସସି, ଅନୁଷ୍ଠାନ ବିଦ୍ଧଣିମା।
ଧ-୧୦୨୪

**ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଆର୍ତ୍ତ ପଣ୍ଡା**
ଚଣାଗୋରଡ଼ା, ସାକ୍ଷୀଗୋପାଳ, ପୁରୀ
ଚାହୁଁ ଚାହୁଁ ବର୍ଷପରେ ବର୍ଷ ବିତିଗଲା। ତୁମର ଅନୁପସ୍ଥିତି ଆମ ପରିବାରରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ଭରିଦେଇଛି। ଆଜି ମଧ୍ୟ ଲାଗୁଛି ତୁମେ ଆମ ସମସ୍ତଙ୍କ ଗହଣରେ ଅଛ। ତୁମର ପୁଣ୍ୟ ତିଥିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୫୯୮୭

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ**



**୰ସରୋଜ କୁମାର ମହାନ୍ତି**
ପତ୍ନୀ: ଶାନ୍ତିଧରା ମହାନ୍ତି
Plot No.- 1377, ଶାସ୍ତ୍ରୀନଗର, ୟୁନିଟ୍-୪, ଭୁବନେଶ୍ୱର
ଆବିର୍ଭାବ-୦୨।୦୮।୧୯୩୮
ତିରୋଧାନ- ୦୨।୦୮।୨୦୧୮
ଆପଣଙ୍କ ସମସ୍ତଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା ଆମର ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
-ଶୋକସନ୍ତପ୍ତ-
ବନ୍ଧୁ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ।
ଧ-୧୦୨୨

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୮ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସୋମବାର, ୧୮ ଜୁଲାଇ, ୨୦୨୨ Sambalpur, Monday, July 18/2022

## ବନ୍ୟାଜଳରେ ବନ୍ୟଜନ୍ତୁ ଟାପୁରେ ଫସିଛନ୍ତି ହରିଣ

**ମାଲକାନଗିରି,୧୭।୭ (ଡି.ଏନ୍.ଏ.):** ପ୍ରବଳ ବର୍ଷା ଯୋଗୁ ଗତ ୬ଦିନ ଧରି ଓଡ଼ିଶା ସହ ଆନ୍ଧ୍ର ପ୍ରଦେଶ ବନ୍ୟାରେ ପ୍ରଭାବିତ ହୋଇଛି। ଏହି ବନ୍ୟାରେ ଅନେକ ଘରଦ୍ୱାର, ଚାଷଜମି ନଷ୍ଟ ହୋଇଥିବା ବେଳେ ଏଥିରୁ ବାଦ ପଡିନାହାନ୍ତି ବନ୍ୟଜନ୍ତୁ। ଏପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଓଡ଼ିଶା ସୀମାନ୍ତ ଆନ୍ଧ୍ରର ପୂର୍ବ ଗୋଦାବରୀ ଜିଲାରେ। ଏହି ଜିଲାର କାଡିୟମ ବ୍ଲକ ଅନ୍ତର୍ଗତ ପୁଲସଲଙ୍କା ଗ୍ରାମ ନିକଟ ଧବଳେଶ୍ୱର ବ୍ୟାରେଜ୍ ନିକଟରେ ଥିବା ଗୋଦାବରୀ ନଦୀର ଏକ ଟାପୁରେ ୧୦୦ରୁ ଊର୍ଦ୍ଧ୍ୱ ହରିଣ ଫସି ରହିଛନ୍ତି। ପୂର୍ବ ଗୋଦାବରୀ ନଦୀରେ ବନ୍ୟାଜଳ ବୃଦ୍ଧି ପାଇବାରୁ କୌଣସି ଏକ ଜଙ୍ଗଲରେ ଥିବା ଏହି ହରିଣପଲ କେଉଁଆଡେ ଯାଇ ନ ପାରି ଟାପୁରେ ରହିଥିବା ଜଣାପଡିଛି। ଖାଦ୍ୟ ଅଭାବ ସେମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ସେହି ହରିଣପଲ ମଧ୍ୟରୁ ନିକଟସ୍ଥ ଗ୍ରାମବାସୀ ଜଳରେ ପହଁରି ଆସୁଥିବା ୪ଟି ହରିଣଙ୍କୁ ଉଦ୍ଧାର କରିଥିବା ବେଳେ ଗୋଟିଏ ହରିଣକୁ କୁକୁରମାନେ ମାରି ଦେଇଛନ୍ତି। ଏହି ଘଟଣା ଜାଣିବା ପରେ ଆନ୍ଧ୍ର ଗୋଦାବରୀ ଜିଲାର ବନ ବିଭାଗ ଅଧିକାରୀ ଓ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି କିପରି ହରିଣଗୁଡିକୁ ସୁରକ୍ଷିତ ଭାବେ ଉଦ୍ଧାର କରାଯିବ ସେ ନେଇ ଉଦ୍ୟମ ଜାରି ରଖିଛନ୍ତି। କେଉଁ ଅଞ୍ଚଳରୁ ଏହି ହରିଣପଲ ଆସିଛନ୍ତି ତାହା ଅନୁଧାନ କରାଯାଉଛି।

## ଡ୍ୟାମ୍‌ରେ ଭାସିଗଲେ ଛାତ୍ର

**ବାରିପଦା ଅଫିସ,୧୭।୭:** ମୟୂରଭଞ୍ଜ ଜିଲା ଶାମାଖୁଣ୍ଟା ବ୍ଲକ ବାଲିଡିହା ଡ୍ୟାମ୍‌ରେ ରବିବାର ଅପରାହ୍ନରେ ଗାଧୋଉଥିବାବେଳେ ଜଣେ ଛାତ୍ର ଭାସିଯାଇ ନିଖୋଜ ଅଛନ୍ତି। ଦମକଳ ବାହିନୀ ଉଦ୍ଧାର କାର୍ଯ୍ୟ ଜାରି ରଖିଛି। ଛାତ୍ରଙ୍କ ପରିଚୟ ମିଳିନାହିଁ। ସେ ବାରିପଦା ସହରରେ ଥିବା କୌଣସି ଏକ ବୈଷୟିକ ଶିକ୍ଷାନୁଷ୍ଠାନର ଛାତ୍ର ବୋଲି ଜଣାପଡ଼ିଛି। ସେ ସାଙ୍ଗମାନଙ୍କ ସହ ଡ୍ୟାମ୍‌କୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ତାଙ୍କ ଗୋଡ଼ ଖସିଯିବାରୁ ପ୍ରଖର ସ୍ରୋତରେ ଭାସିଯାଇଥିଲେ। ସ୍ଥାନୀୟ ଲୋକେ ସଙ୍ଗେସଙ୍ଗେ ସଦର ଥାନା ପୋଲିସ ଓ ଦମକଳ ବାହିନୀକୁ ଖବର ଦେଇଥିଲେ। ରିପୋର୍ଟ ଲେଖାହେବା ବେଳକୁ ଛାତ୍ରଙ୍କ ପତ୍ତା ମିଳିପାରିନାହିଁ। ତେବେ ବର୍ଷାଦିନେ ଉକ୍ତ ଡ୍ୟାମ୍‌ରେ ଜଳ ଭରପୂର ରହୁଥିବାରୁ ଥାକ ଥାକ ହୋଇ ଖସିବା ଦୃଶ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଏହି ଦିନରେ ପର୍ଯ୍ୟଟକଙ୍କ ପ୍ରବଳ ଭିଡ଼ ଜମିଥାଏ। ମାତ୍ର ସେଠାରେ ସୁରକ୍ଷା ବ୍ୟବସ୍ଥା ନ ଥିବାରୁ ପ୍ରତିବର୍ଷ ଅଘଟଣ ଘଟୁଛି।


ରାୟଗଡ଼ା ଜିଲା ଦେଇ ପ୍ରବାହିତ ନାଗାବଳୀ ନଦୀରେ ରବିବାର ହଠାତ୍ ବନ୍ୟାଜଳ ପଶିଆସିବାରୁ ମଝିରେ ପଥର ଉପରେ ଫସି ରହିଛନ୍ତି ଦାଦା, ପୁତୁରା।

# ସେଲ୍ଫି ନେବାକୁ ଯାଇ ନାଗାବଳୀରେ ଫସିଗଲେ ଦାଦା-ପୁତୁରା

**ରାୟଗଡ଼ା ଅଫିସ,୧୭।୭**

**୪ ଘଣ୍ଟାର ପ୍ରଚେଷ୍ଟାରେ ସୁରକ୍ଷିତ ଉଦ୍ଧାର କଲେ ଅଗ୍ନିଶମ ବାହିନୀ**

ଲଗାଣ ବର୍ଷା ଯୋଗୁ ବିଭିନ୍ନ ନଦୀରେ ବନ୍ୟାଜଳ ପ୍ରବାହିତ ହେଉଛି। ପାଣିପାଗ ବିଭାଗ ପକ୍ଷରୁ ଏଥିପାଇଁ ସତର୍କ କରାଯାଇଛି। ହେଲେ ଜନସାଧାରଣ ଏବଂ ପର୍ଯ୍ୟଟକଙ୍କୁ ନଦୀ ନିକଟକୁ ନ ଯିବାକୁ ଜିଲା ପ୍ରଶାସନ ପକ୍ଷରୁ ସତର୍କ ସୂଚନା କିମ୍ବା ସଚେତନ କରାଯାଇନାହିଁ। ଫଳରେ ରବିବାର ରାୟଗଡ଼ା ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଝୁଲାପୋଲ ନିକଟ ନାଗାବଳୀ ନଦୀ ନିକଟକୁ ସେଲ୍ଫି ନେବାକୁ ଯାଇ ୨ ପର୍ଯ୍ୟଟକ ବୁଡ଼ିବାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି।

ଘଟଣାରୁ ପ୍ରକାଶ, କାଶୀପୁର ବ୍ଲକ କୋଡ଼ିପାରି ଗ୍ରାମର ସୁନାମ ନାଏକଙ୍କ ମା' ଝାଡ଼ାବାନ୍ତିରେ ଆକ୍ରାନ୍ତ ଥିବାରୁ ସୁନାମ ଏବଂ ତାଙ୍କ ପୁତୁରା ସୁଧୀର ତାଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏହାପରେ ଦିନ ୧୧ଟା ବେଳେ ଦାଦା ଓ ପୁତୁରା ମଝିଘରିଆଣୀ ମନ୍ଦିରକୁ ଯାଇଥିଲେ। ସେଠାରୁ ହାତୀପଥର ସ୍ଥିତ ଝୁଲାପୋଲକୁ ବୁଲିବାକୁ ଯାଇଥିଲେ। ପୋଲ ତଳଦେଇ ପ୍ରବାହିତ ହେଉଥିବା ନାଗାବଳୀ ନଦୀ ମଝିରେ ରହିଥିବା ପଥର(ଟାପୁ) ଉପରେ ଠିଆହୋଇ ଦୁହେଁ ସେଲ୍ଫି ନେଉଥିଲେ। ଏହି ସମୟରେ ହଠାତ ନଦୀରେ ବନ୍ୟାଜଳ ମାଡ଼ି ଆସିଥିଲା। ଫଳରେ ଦୁହେଁ ପଥର ଉପରେ ଫସିଯାଇଥିଲେ। ଅଗ୍ନିଶମ ବାହିନୀ ୪ ଘଣ୍ଟାର ଉଦ୍ୟମରେ ସେମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି।


ଗଜପତି ଜିଲା ଗୁମ୍ମା ବ୍ଲକରେ ଲଗାଣ ବର୍ଷା ଯୋଗୁ ଜଙ୍ଗ ଜଙ୍ଗଲ ଚାଷଜମିରେ ପଥର, ପାଣି ଭର୍ତ୍ତି ହୋଇଛି।

# ମାଳବନ୍ଧରେ ୭୫ ଫୁଟର ଘାଇ

- ନୂଆଗାଁ ବ୍ଲକରେ ସର୍ବାଧିକ ବର୍ଷା
- ୧୦ରୁ ଊର୍ଦ୍ଧ୍ୱ ଗାଁ ଦାଣ୍ଡରେ ବନ୍ୟାଜଳ
- ୧୨୦ ଘର ଭାଙ୍ଗିଲା
- କୁରାଳ ପୋଲ ଉପରେ ୨ଫୁଟର ବନ୍ୟାଜଳ

**ନୟାଗଡ଼ ଅଫିସ,୧୭।୭**


ଶନିବାର ରାତିରୁ ଆରମ୍ଭ ହୋଇଥିବା ଲଗାଣ ବର୍ଷା ଯୋଗୁ ନୟାଗଡ଼ ଜିଲା ନୟାଗଡ଼ ବ୍ଲକର ବାଲିକୁଦିଆରେ ଲୁଣିଝରା ନଦୀ ମାଳବନ୍ଧରେ ୭୫ ଫୁଟର ଘାଇ ସୃଷ୍ଟି ହୋଇଛି।

ଲଘୁଚାପଜନିତ ବର୍ଷାରେ ନୟାଗଡ଼ ଜିଲାର ବିଭିନ୍ନ ସ୍ଥାନରେ ବନ୍ୟା ପରିସ୍ଥିତି ସୃଷ୍ଟି କରିଛି। ଶନିବାର ରାତିରୁ ଆରମ୍ଭ ହୋଇଥିବା ଲଗାଣ ବର୍ଷାରେ ଲୁଣିଝରା, କୁସୁମୀ ପରି ନଦୀରେ ବନ୍ୟା ଆସିଛି। ନୟାଗଡ଼ ବ୍ଲକର ବାଲିକୁଦିଆରେ ଲୁଣିଝରା ନଦୀ ମାଳବନ୍ଧରେ ୭୫ ଫୁଟର ଘାଇ ସୃଷ୍ଟି ହୋଇଛି। ଏହି ଘାଇ ପାଇଁ ଗହୀରର ୫ଶହ ଏକର ଜମିରେ ବନ୍ୟାଜଳ ପ୍ରବେଶ କରିଛି। ଜିଲାରେ ୧୨୦ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଛି। ସେହିଭଳି ନୟାଗଡ଼ ବ୍ଲକର ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ବାରବାଟି ଡିହଗାଁରେ ୪ଫୁଟ ଉଚ୍ଚର ବନ୍ୟାଜଳ ଲହଡ଼ି ଭାଙ୍ଗୁଛି। ଏଥିପାଇଁ ବହୁ ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି। ବାଲିକୁଦିଆ ଗାଁ ଭିତରେ ୧ରୁ ୨ ଫୁଟ ଉଚ୍ଚର ବନ୍ୟାଜଳ ପ୍ରବାହିତ ହେଉଛି। ପୁଣି ନୟାଗଡ଼ ବ୍ଲକର ଯଦୁପୁର ସ୍କୁଲ, ରାଉତରାପୁର ନୂଆସାହି ପରି ୧୦ରୁ ଊର୍ଦ୍ଧ୍ୱ ଗାଁରେ ବନ୍ୟାଜଳ ପଶିଛି।

ଓଡ଼ଗାଁ ବ୍ଲକର କୁରାଳ-ଓଡ଼ଗାଁ ରାସ୍ତା ରବିବାର ପୂର୍ବାହ୍ନ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ବିଚ୍ଛିନ୍ନ ହୋଇପଡିଥିଲା। କୁସୁମୀ ନଦୀର କୁରାଳ ପୋଲ ଉପରେ ୨ ଫୁଟର ବନ୍ୟାଜଳ ପ୍ରବାହିତ ହେବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଥିଲା। ନୟାଗଡ଼ ବ୍ଲକରେ ଶନିବାର ରାତିରେ ବେଶି ବର୍ଷା ହୋଇଥିବାବେଳେ ଖଣ୍ଡପଡ଼ା ବ୍ଲକରେ ସବୁଠାରୁ କମ ବର୍ଷା ହୋଇଥିବା ଜିଲା ଜରୁରିକାଳୀନ ବିଭାଗ ପକ୍ଷରୁ ସୂଚନା ମିଳିଛି। ନୂଆଗାଁ ବ୍ଲକରେ ୧୫୫ ମିମି ବର୍ଷା ହୋଇଥିବାବେଳେ ଓଡ଼ଗାଁ ବ୍ଲକରେ ୧୫୨. ୦୭ ମିମି ବର୍ଷା ହୋଇଛି। ପୁଣି ନୟାଗଡ଼ ବ୍ଲକରେ ୧୨୨ ମିମି, ଭାପୁରରେ ୮୫.୦୩ ମିମି, ଦଶପଲ୍ଲା ବ୍ଲକରେ ୧୪୬ ମିମି, ଗଣିଆ ବ୍ଲକରେ ୫୯ ମିମି, ଖଣ୍ଡପଡ଼ା ବ୍ଲକରେ ୪୩.୦୨ ମିମି ଓ ରଣପୁର ବ୍ଲକରେ ୬୮.୮ ମିମି ବର୍ଷା ହୋଇଛି। ଲଘୁଚାପଜନିତ ବର୍ଷା ଯୋଗୁ ନୟାଗଡ଼ ବ୍ଲକ ନବଘନପୁର ଗାଁର ଅପର୍ତ୍ତି ନାୟକଙ୍କ ୧ ବଖରା ଘର ଭୁଶୁଡ଼ି ପଡିଛି। ଅପର୍ତ୍ତିଙ୍କ ପରିବାର ଜରି ପାଲ ତଳେ ରହୁଛନ୍ତି। ସେହିପରି ବିରୁଡା ପଞ୍ଚାୟତ ମର୍ଦ୍ଦରାଜପୁର ଗାଁର ଗୋବର୍ଦ୍ଧନ ସ୍ୱାଇଁଙ୍କ ଘର ଭାଙ୍ଗିପଡିଛି। ଘର ଭିତରେ କୁସୁମୀ ନଦୀର ବନ୍ୟାଜଳ ପ୍ରବେଶ କରିଛି। ଏନେଇ ବାଲିକୁଦିଆ ଗାଁର ଚାଷୀ ଘନଶ୍ୟାମ ପ୍ରଧାନ କୁହନ୍ତି, ମୋର ୪ମାଣ ଧାନ ଫସଲ ଉଜୁଡି ଯାଇଛି। ମାଳବନ୍ଧରେ ଘାଇ ଯୋଗୁ ମୋ ଗାଁର ବାହାଡା ଗହୀରର ୫୦୦ ଏକର ଧାନ ଜମିର ଫସଲ ନଷ୍ଟ ହୋଇଛି। ଗଦାଧରପ୍ରସାଦ ସରପଞ୍ଚ ଲକ୍ଷ୍ମୀଧର ପାତ୍ର କୁହନ୍ତି, ଘାଇ ହେବା ଯୋଗୁ ବେଶି କ୍ଷୟକ୍ଷତି ହୋଇଛି।

# ଗଜପତିରେ ପୁଣି ଭୂସ୍ଖଳନ

- ପାହାଡ଼ରୁ ମାଟି ଅତଡ଼ା ଖସି ଘର ନଷ୍ଟ
- କଲଭର୍ଟ ଧୋଇ ହୋଇ ୩ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ

**ପାରଳାଖେମୁଣ୍ଡି,୧୭।୭(ଡି.ଏନ୍.ଏ.)**

ଗଜପତି ଜିଲା ଗୁମ୍ମା ବ୍ଲକଠାରେ ଲଗାଣ ବର୍ଷା ଯୋଗୁ ରବିବାର ପୁଣି ଭୂସ୍ଖଳନ ହୋଇଛି। ପାହାଡ଼ରୁ ମାଟି ଅତଡ଼ା ଖସି ବ୍ଲକର କଳାକୋଟ ପଞ୍ଚାୟତର ଜାଙ୍ଗିରିଡୁଲ ଗାଁର ଅନାମ ଭୂୟାଁଙ୍କ ଘର ନଷ୍ଟ ହୋଇଛି। ଏଥିରେ କାହାର କ୍ଷତି ହୋଇନାହିଁ।

ପାହାଡ଼ରୁ ଝରଣା ପାଣି ଆସି ଏକ କଲଭର୍ଟ ଧୋଇ ହୋଇଯିବାରୁ କଳାକୋଟ ପଞ୍ଚାୟତର ବର୍ଗିଡିସିଂ, ଜାଙ୍ଗିରିଡୁଲ ଏବଂ ଗାରାଲିପ ଆଦି ୩ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ଯଦ୍ୱାରା ଏହି ତିନୋଟି ଗ୍ରାମର ପ୍ରାୟ ୪ଶହ ଲୋକ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛନ୍ତି। ସେହିପରି ଅଞ୍ଚଳର ଡୁମଙ୍କର, ତାରମାଙ୍ଗଡା, ଜଙ୍ଗ ଜଙ୍ଗଲ, ସାନ କଳାକୋଟ, ବଡ଼ କଳାକୋଟ, ସାରୁବୁଡା, କୁଲଙ୍ଗ ଆଦି ଗ୍ରାମର ଚାଷଜମିରେ ବର୍ଷାପାଣି ଜମି ରହିଥିବାରୁ ଶହ ଶହ ଏକର ଧାନଫସଲ ନଷ୍ଟ ହୋଇଛି। ପାହାଡ଼ରୁ ବର୍ଷାପାଣି ଓ ମାଟି ଅତଡ଼ା ଗାଁ ଭିତରେ ପଶିଯିବାରୁ ଏକ ଟାଟା ମ୍ୟାଜିକ ଗାଡ଼ି ସହ ଘରର ଧାନ ଚାଉଳ, କାଜୁ, ମହୁଲ ଆଦି ଭାସିଯାଇଛି। ଅନେକ ଗୃହପାଳିତ କୁକୁଡ଼ାଙ୍କ ମଧ୍ୟ ମୃତ୍ୟୁ ହୋଇଥିବା ଦେଖିବାକୁ ମିଳିଛି। ପ୍ରଶାସନ ପକ୍ଷରୁ ବିଡିଓ, ତହସିଲଦାର ଓ ଅନ୍ୟ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ପାଣିପାଗ ବିଭାଗର ପୂର୍ବାନୁମାନ ପ୍ରକାରେ ସରକାରଙ୍କ ପକ୍ଷରୁ ପ୍ରଭାବିତ ହେବାକୁ ଥିବା ବିଭିନ୍ନ ଅଞ୍ଚଳରୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ସହ ସଚେତନ କରାଯାଉଛି।

ସୂଚନାଯୋଗ୍ୟ, ଗତ ୧୨ ତାରିଖରେ ନୂଆଗଡ଼ ବ୍ଲକ ପରିମଳ ପଞ୍ଚାୟତ ନୂଆପଲ୍ଲୀ ଗାଁରେ ଭୂସ୍ଖଳନ ହୋଇ କେତୋଟି ଘର ନଷ୍ଟ ହେବା ସହ ୫ ବାଇକ୍ ମାଟିତଳେ ପୋତି ହୋଇଯାଇଥିଲା। ଜିଲାରେ ଲଗାଣ ବର୍ଷା ସଙ୍କଟର କାରଣ ପାଲଟିଛି। ପୋଡୁଚାଷ, ଓ ଜଙ୍ଗଲ କଟାଯିବା ଫଳରେ ପାହାଡ଼ର ମାଟି ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି। ଆଗାମୀ ଦିନରେ ଯଦି ବର୍ଷା ଲାଗିରହେ ତା'ହେଲେ ପରିସ୍ଥିତି ଅଧିକ ଜଟିଳ ହେବାର ସମ୍ଭାବନା ରହିଛି।


ଜାଙ୍ଗିରିଡୁଲ ଗାଁ ରାସ୍ତା ଧୋଇ ହୋଇଯାଇଛି।

# ଏକୁଲ-ସେକୁଲରେ ପୁଣି ଜନନୀ ଯନ୍ତ୍ରଣା

**କାମାକ୍ଷାନଗର, ୧୭।୭(ଡି.ଏନ୍.ଏ.)**

ଉପାନ୍ତରୁ ଉପକୂଳ। ଆଦିବାସୀବହୁଳ ଇଲାକାରୁ ଶିଳ୍ପସମୃଦ୍ଧ ଅଞ୍ଚଳ। ସ୍ୱାସ୍ଥ୍ୟସେବାକୁ ନେଇ ସବୁଠି ତିକ୍ତ ଓ ନକାରାତ୍ମକ ଅନୁଭୂତି। ଦୁର୍ଗମ ଇଲାକାରେ ଆମ୍ବୁଲାନ୍ସ ପହଞ୍ଚି ପାରୁ ନ ଥିବାରୁ ରୋଗୀ କାନ୍ଧରେ ବୁହାହେଉଛନ୍ତି ତ ଗର୍ଭବତୀଙ୍କୁ ମେଡିକାଲ ଆଣିବା ପାଇଁ ଉଛୁଳା ନଦୀରେ ସମ୍ପର୍କୀୟଙ୍କ ଜୀବନ ଲାଗୁଛି ବାଜି। କେଉଁଠି ରକ୍ତ ନ ମିଳିବାରୁ ରୋଗୀ ଜୀବନ ଯାଉଛି ତ ଅନ୍ୟ କେଉଁଠି ଡାକ୍ତରଙ୍କ ସ୍ୱାସ୍ଥ୍ୟସେବାକୁ ନେଇ ସୃଷ୍ଟି ହେଉଛି ଆଇନଶୃଙ୍ଖଳା ସ୍ଥିତି। ରାଜ୍ୟବାସୀଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ସରକାର ଗୁରୁତ୍ୱ ଦେଉଥିବା କହୁଥିବାବେଳେ ସବୁଠି ଏଭଳି ଦୟନୀୟ ଚିତ୍ର ବାସ୍ତବତାକୁ ପଦାକୁ ଆଣିଛି।

ଅପହଞ୍ଚ ସ୍ୱାସ୍ଥ୍ୟସେବାକୁ ନେଇ ପୁଣିଥରେ ଚର୍ଚ୍ଚାର ପରିଧିକୁ ଆସିଛି ଶିଳ୍ପ ଜିଲା ଢେଙ୍କାନାଳ। ଆଦିବାସୀ ଅଧ୍ୟୁଷିତ କଙ୍କଡ଼ାହାଡ଼ ବ୍ଲକର ଦୁର୍ଗମ ଏକୁଲ-ସେକୁଲରେ ପୁନରାବୃତ୍ତି ହୋଇଛି ଜନନୀ ଯନ୍ତ୍ରଣାର ଚିତ୍ର। ହଠାତ୍ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯିବାରୁ ଜଣେ ୫ ମାସର ଗର୍ଭବତୀଙ୍କୁ ଜୀବନକୁ ପାଣି ଛଡ଼ାଇ ଷ୍ଟ୍ରେଚରରେ ଭରାନାଳ ପାର କରାଇଛନ୍ତି ସମ୍ପର୍କୀୟ। ଗତ ଗୁରୁବାର ଘଟିଛି ଏଭଳି ଦୁଃଖଦ ଘଟଣା, ଯାହାର ଭିଡିଓ ସୋସିଆଲ ମିଡିଆରେ ଘୂରିବୁଲୁଛି।

ସୂଚନାଯୋଗ୍ୟ, ଏକୁଲ ଗ୍ରାମର ବିଜୟ ଦେହୁରୀଙ୍କ ସ୍ତ୍ରୀ ସଞ୍ଜୁ ୫ ମାସର ଗର୍ଭବତୀ ଥିବାବେଳେ ଗତ ଗୁରୁବାର ହଠାତ୍ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଖରାପ ହୋଇପଡ଼ିଥିଲା। ଏହାକୁ ନେଇ ପରିବାର ଚିନ୍ତାରେ ପଡ଼ିଥିଲେ। ବର୍ଷାରେ ଉଛୁଳୁଥିବା ଦୁଇଟି ନାଳ ସେମାନଙ୍କ ରାସ୍ତାରେ ପ୍ରତିବନ୍ଧକ ସାଜିଥିବାବେଳେ ବହୁକଷ୍ଟରେ ଏକ ଷ୍ଟ୍ରେଚରରେ ମହିଳାଙ୍କୁ କାନ୍ଧେଇ ନାଳ ପାର କରାଇଥିଲେ। ପରେ ତାଙ୍କୁ ଆମ୍ବୁଲାନ୍ସରେ ନିଆଯାଇ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେତେବେଳକୁ ତାଙ୍କ ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ଦୁଇ ୟୁନିଟ୍ ରକ୍ତ ଚଢ଼ାଯିବା ପରେ ଏବେ ସ୍ୱାସ୍ଥ୍ୟାବସ୍ଥାରେ ସାମାନ୍ୟ ଉନ୍ନତି ଘଟିଥିବା ଡାକ୍ତରଖାନା କର୍ତ୍ତୃପକ୍ଷ କହିଛନ୍ତି।

ଢେଙ୍କାନାଳ-ଯାଜପୁର-କେନ୍ଦୁଝର ଜିଲା ସୀମାନ୍ତରେ ଅବସ୍ଥିତ ଏକୁଲ-ସେକୁଲ ଗ୍ରାମବାସୀଙ୍କ ପାଖରେ ଏବେ ବି ମୌଳିକ ସୁବିଧା ଅପହଞ୍ଚ ହୋଇ ରହିଛି। ଗମନାଗମନ ପାଇଁ ଭଲ ସଡ଼କ ନାହିଁ। ବର୍ଷାଦିନେ ପାହାଡ଼ି ନାଳରେ ପ୍ରବାହିତ ସ୍ରୋତ ଅଞ୍ଚଳବାସୀଙ୍କୁ ବାହ୍ୟଜଗତରୁ ବିଚ୍ଛିନ୍ନ କରିଦେଉଛି। ଫଳରେ ୩ରୁ ୪ ମାସ ଲୋକମାନେ କଲବଲ ହୋଇଥାଆନ୍ତି। ବର୍ଷ ବର୍ଷଧରିଏହିସମସ୍ୟା ଲାଗିରହିଥିବାବେଳେ ଏହାର ସମାଧାନ ହୋଇପାରୁନାହିଁ। ଜିଲା ପ୍ରଶାସନ କଙ୍କଡ଼ାହାଡ଼ର ବିକାଶ ପାଇଁ ଏକାଧିକ ଯୋଜନା କରୁଥିବା ଡିଣ୍ଡିମ ପିଟୁଥିବାବେଳେ ଜନନୀ ଯନ୍ତ୍ରଣାର ଏହି ଚିତ୍ର ବାସ୍ତବତାକୁ ପଦାରେ ପକାଇଛି।

ଏ ନେଇ କାମାକ୍ଷାନଗର ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ କୁହନ୍ତି, ପାହାଡ଼ ଉପରେ ରହୁଥିବା ଆଦିବାସୀ ପରିବାରକୁ ସାମାଜିକ ସ୍ରୋତରେ ସାମିଲ କରିବାକୁ ଅନେକ ପଦକ୍ଷେପ ନିଆଯାଇଛି। ଅଞ୍ଚଳର ବିକାଶ ପାଇଁ ଉନ୍ନୟନମୂଳକ କାର୍ଯ୍ୟ ଜାରିଥିବା ସେ କହିଛନ୍ତି। କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଧିକାରୀ ଡା. ସୁବାସ ଚନ୍ଦ୍ର ମଣ୍ଡଳ କୁହନ୍ତି, ଗୁରୁବାର ଗର୍ଭବତୀ ଜଣଙ୍କ ଆମ୍ବୁଲାନ୍ସ ଜରିଆରେ ମେଡିକାଲରେ ପହଞ୍ଚିଥିଲେ। ରକ୍ତ ପରୀକ୍ଷାରୁ ସେ ମ୍ୟାଲେରିଆରେ ଆକ୍ରାନ୍ତ ବୋଲି ଜଣାପଡ଼ିଛି। ଏଥିସହ ରକ୍ତହୀନତାର ଶିକାର ମଧ୍ୟ ହୋଇଛନ୍ତି। ତାଙ୍କୁ ଆବଶ୍ୟକ ଚିକିତ୍ସା କରାଯାଉଛି। ଏ ସମ୍ପର୍କରେ

**ଷ୍ଟ୍ରେଚରରେ ଭରାନାଳ ପାର ହେଲେ ଗର୍ଭବତୀ**


ଗର୍ଭବତୀଙ୍କୁ ସମ୍ପର୍କୀୟମାନେ ଷ୍ଟ୍ରେଚରରେ ନାଳ ପାର କରାଉଛନ୍ତି।

## ରଶିରେ 'ସାମାକୋଇ' ପାର ହେଲେ ପ୍ରସୂତି

**କେନ୍ଦୁଝର, ୧୭।୭(ସ୍ୱ.ପ୍ର.)**

ଗାଁକୁ ସବୁଦିନିଆ ରାସ୍ତା ନାହିଁ କି ପୋଲ ନାହିଁ। ବର୍ଷା ହେଲେ ଉଛୁଳୁଛି ନଈ। ରୋଗୀ ଯନ୍ତ୍ରଣାରେ ଛଟପଟ ହେଉଥିବାବେଳେ ନଦୀ ସେପାରିରେ ଅଟକି ରହୁଛି ଆମ୍ବୁଲାନ୍ସ। କେନ୍ଦୁଝର ଜିଲା ତେଲକୋଇ ବ୍ଲକର ଦୁର୍ଗମ ତାଳପଦା ଅଞ୍ଚଳର ସାମାକୋଇ ନଦୀରେ ଶନିବାର ଦେଖିବାକୁ ମିଳିଛି ଏଭଳି ଏକ ଅଭାବନୀୟ ଦୃଶ୍ୟ।

ତାଳପଦା ମୁଣ୍ଡାସାହିର କୁମର ମହାରଣାଙ୍କ ସ୍ତ୍ରୀ ବାସନ୍ତୀ ଶୁକ୍ରବାର ଗର୍ଭ ଯନ୍ତ୍ରଣା ଅନୁଭବ କରିଥିଲେ। ତେବେ ଲଗାଣ ବର୍ଷାରେ ଫୁଲି ଉଠିଥିବା ସାମାକୋଇ ନଦୀରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ପରିବାର ଲୋକେ ସମସ୍ୟାରେ ପଡ଼ିଥିଲେ। ଠିକ୍ ସମୟରେ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ନ ପାରିବାରୁ ସେ ଏକ ମୃତ ଶିଶୁ ଜନ୍ମ ଦେଇଥିଲେ। ଏହାପରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ହୋଇପଡ଼ିଥିଲା। ସୂଚନା ପାଇ ତେଲକୋଇ ଦମକଳ ବାହିନୀ ଶନିବାର ଅପରାହ୍ନରେ ପହଞ୍ଚି ବାସନ୍ତୀଙ୍କୁ ନଦୀ ପାର କରିବାକୁ ଯୋଜନା କରିଥିଲେ। ଏଥିପାଇଁ ନଦୀର ଏପାରିରୁ ସେପାରିକୁ ଏକ ରଶି ବନ୍ଧାଯାଇଥିଲା। ଉକ୍ତ ରଶି ସହାୟତାରେ ତାଙ୍କୁ ନଦୀ ପାର କରାଯାଇଥିଲା। ପରେ ଏକ ଘରୋଇ ଗାଡ଼ିରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।



କଙ୍କଡାହାଡ଼ ବିଡିଓ ବୁଲ୍‌ବୁଲ୍ ବେହେରାଙ୍କ ମୋବାଇଲ (ନଂ.୯୪୩୭୫୪୨୧୪୨)କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



**ରିଏଲ କପୁଲ୍‌ଙ୍କ ଅନସ୍କ୍ରିନ୍ ରୋମାନ୍ସ**

ସ୍ୱାମୀ ରଣବୀର କପୁରଙ୍କ ସହ ଫିଲ୍ମ 'ବ୍ରହ୍ମାସ୍ତ୍ର' ଜରିଆରେ ସ୍ତ୍ରୀ ଆଲିଆ ଭଟ୍ଟ ପ୍ରଥମ ଥର ପାଇଁ ସ୍କ୍ରିନ୍ ଶେୟାର କରିଛନ୍ତି।

୦୨

୦୮

**ପାଣ୍ଡ୍ୟାଙ୍କୁ ୪ ଉଇକେଟ**

ଇଂଲଣ୍ଡ ବିପକ୍ଷ ତୃତୀୟ ଦିନିକିଆ କ୍ରିକେଟ ମ୍ୟାଚ୍‌ରେ ହାର୍ଦ୍ଦିକ ପାଣ୍ଡ୍ୟା ତାଙ୍କ କ୍ୟାରିୟର ଶ୍ରେଷ୍ଠ ବୋଲିଂ କରି ୪ ଉଇକେଟ ଅକ୍ତିଆର କରିଛନ୍ତି।





ଏନ୍‌ଇଇଟି (ୟୁଜି) ୨୦୨୨ ଓଡ଼ିଶା ସମେତ ସାରା ଦେଶରେ ରବିବାର ଅନୁଷ୍ଠିତ ହୋଇଛି। ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ-୧ କେନ୍ଦ୍ରରେ ପରୀକ୍ଷା ଦେଇ ଛାତ୍ରୀଛାତ୍ରମାନେ ବାହାରୁଛନ୍ତି।

# ସିନ୍ଧୁ ଜିତିଲେ ସିଙ୍ଗାପୁର ଓପନ୍

**ସିଙ୍ଗାପୁର, ୧୭।୭(ପି.ଟି.)**



ଭାରତର ଡବଲ ଅଲିମ୍ପିକ ପଦକ ବିଜୟିନୀ ପି.ଭି. ସିନ୍ଧୁ ସିଙ୍ଗାପୁର ଓପନ୍ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଟ୍ରଫି ହାସଲ କରିଛନ୍ତି। ରବିବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ଫାଇନାଲରେ ସେ ଚାଇନାର ୨୨ ବର୍ଷୀୟା ୱାଙ୍ଗ୍ ଝି ୟିଙ୍କୁ ହରାଇ ଦେଇଛନ୍ତି। ୱାଙ୍ଗ୍ ହେଉଛନ୍ତି ଏସିଆନ ଚାମ୍ପିୟନଶିପ୍ ସ୍ୱର୍ଣ୍ଣ ବିଜୟିନୀ। ସିନ୍ଧୁ ତାଙ୍କୁ ୨୧-୯, ୧୧-୨୧, ୨୧-୧୫ରେ ହରାଇ ଦେଇଛନ୍ତି। ୨୭ ବର୍ଷୀୟା ହାଇଦ୍ରାବାଦୀ ଖେଳାଳିଙ୍କର ଏହା ପୂର୍ବରୁ ୱାଙ୍ଗଙ୍କ ସହିତ ଚଳିତବର୍ଷ ଅଲ୍ ଇଂଲଣ୍ଡ ଚାମ୍ପିୟନଶିପ୍‌ରେ ଭେଟ ହୋଇଥିଲା। ଏହି ମ୍ୟାଚ୍‌ରେ ମଧ୍ୟ ସେ ଚାଇନିଜ୍ ଖେଳାଳିଙ୍କୁ ହରାଇ ଦେଇଥିଲେ। ଚଳିତ ସିଜନରେ ସିନ୍ଧୁଙ୍କର ଏହା ହେଉଛି ତୃତୀୟ ୱାର୍ଲ୍ଡ ଟୁର୍ ଟାଇଟଲ। ଏହି ବିଜୟ ଜୁଲାଇ ୨୮ରୁ ବର୍ମିଂହାମ୍‌ଠାରେ ଆରମ୍ଭ ହେବାକୁଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ସିନ୍ଧୁଙ୍କ ମନୋବଳ ଓ ଆତ୍ମବିଶ୍ୱାସ ବୃଦ୍ଧିରେ ବିଶେଷ ସହାୟକ ହେବ। ପୂର୍ବରୁ ସେ ଦୁଇଟି ସୁପର ୩୦୦ ଟୁର୍ନାମେଣ୍ଟ ସୟଦ ମୋଦି ଇଣ୍ଟରନ୍ୟାଶନାଲ ଓ ସୁଇସ୍ ଓପନ୍ ଜିତିସାରିଥିଲେ। ଭାରତୀୟ ମହିଳା ବ୍ୟାଡ୍‌ମିଣ୍ଟନ ଷ୍ଟାର ତାଙ୍କ କ୍ୟାରିୟରରେ ଇତିମଧ୍ୟରେ ୨ଟି ଅଲିମ୍ପିକ ପଦକ ବ୍ୟତୀତ ବିଶ୍ୱ ଚାମ୍ପିୟନଶିପ୍‌ରେ ଗୋଟିଏ ସ୍ୱର୍ଣ୍ଣ, ଦୁଇ ରୌପ୍ୟ ଓ ସମାନ ସଂଖ୍ୟକ ବ୍ରୋଞ୍ଜ ପଦକ ହାସଲ କରିସାରିଛନ୍ତି। ରବିବାର ସିଙ୍ଗାପୁର ଓପନ୍ ଟାଇଟଲ ଜିତିବା ପରେ ଆଗାମୀ ବର୍ମିଂହାମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସମେତ ଅନ୍ୟ ଇଭେଣ୍ଟଗୁଡ଼ିକରେ ସେ ତାଙ୍କର ଏହି ଫର୍ମ ଜାରି ରଖିବେ ବୋଲି ସିନ୍ଧୁ ଆଶା ପ୍ରକାଶ କରି କହିଛନ୍ତି। ବିଗତ କେତୋଟି ଟୁର୍ନାମେଣ୍ଟର କ୍ୱାର୍ଟର ☞ପୃଷ୍ଠା-୫

# ତଥ୍ୟ ନ ଦେବାରୁ ୨୫ ହଜାର ଜରିମାନା

## ନଗଡ଼ା ଶିଶୁ ମୃତ୍ୟୁ ଘଟଣା

- ରାଜ୍ୟ ସୂଚନା କମିଶନରଙ୍କ ଶୁଣାଣି
- ପିଡିଙ୍କୁ ୨୦ ହଜାର, ପିଆଇଓଙ୍କୁ ୫ ହଜାର ଟଙ୍କା
- ଅଗଷ୍ଟ, ସେପ୍ଟେମ୍ବରର ଦରମା/ପେନସନରୁ କଟାଯିବ

**ଯାଜପୁର ଅଫିସ,୧୭।୭**

ଯାଜପୁର ଜିଲା ସୁକିନ୍ଦା ବ୍ଲକ ନଗଡ଼ାରେ ଶିଶୁ ମୃତ୍ୟୁ ଘଟଣା ପରେ ପ୍ରଶାସନ ପକ୍ଷରୁ ଅନେକ ପଦକ୍ଷେପ ଗ୍ରହଣ କରାଯାଉଛି। ତଥାପି ନଗଡ଼ାରେ ବାଲ୍ୟ ବିବାହ ସାଙ୍ଗକୁ ପୁଷ୍ଟିହୀନତା ଶତପ୍ରତିଶତ ହ୍ରାସ ପାଇନାହିଁ। ଏହିକ୍ରମରେ ପ୍ରଦୀପ ପ୍ରଧାନ ସୂଚନା ଅଧିକାର ଆଇନ(ଆର୍‌ଟିଆଇ) ଅନୁଯାୟୀ ମହିଳା ଏବଂ ଶିଶୁ ବିକାଶ ବିଭାଗ ଅଧୀନରେ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ତଥ୍ୟ ମାଗିଥିଲେ। ଏହି ତଥ୍ୟ ଦେବାରେ ପ୍ରଶାସନ ବିଫଳ ହେବାରୁ ଆବେଦନକାରୀଙ୍କ ପକ୍ଷରୁ ଅପିଲ କରାଯିବା ପରେ ରାଜ୍ୟ ସୂଚନା କମିଶନର ଦିଲୀପ କୁମାର ବିଶୋୟୀ ତତ୍କାଳୀନ ଯାଜପୁର ଡିଆରଡିଏ ପିଡି ଇନ୍ଦ୍ରମଣି ନାୟକଙ୍କଠାରୁ ୨୦ ହଜାର ଏବଂ ପିଆଇଓ ସଞ୍ଜୟ କୁମାର ପଣ୍ଡାଙ୍କଠାରୁ ୫ ହଜାର ମୋଟ ୨୫ ହଜାର ଟଙ୍କା ଜରିମାନା ଆଦାୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନର ଡିଆରଡିଏ ପିଡିଙ୍କୁ ଉପରୋକ୍ତ ଅର୍ଥ ଉଭୟ ଅଧିକାରୀଙ୍କ ଅଗଷ୍ଟ ଏବଂ ସେପ୍ଟେମ୍ବର ମାସର ଦରମା/ପେନସନ୍‌ରୁ କାଟିବାକୁ ଦାୟିତ୍ୱ ଦିଆଯାଇଛି। ଏହି ନିର୍ଦ୍ଦେଶକୁ ଅବମାନନା କରାଗଲେ ଉକ୍ତ ଅର୍ଥ ଦାୟିତ୍ୱ ଦିଆଯାଇଥିବା ପିଡିଙ୍କଠାରୁ ଆଦାୟ କରାଯିବ ବୋଲି ନିର୍ଦ୍ଦେଶରେ ଦର୍ଶାଯାଇଛି। ପିଡି ନାୟକ ବର୍ତ୍ତମାନ ଭଦ୍ରକ ଡିଆରଡିଏ ପିଡି ଭାବେ କାର୍ଯ୍ୟ କରୁଥିବାବେଳେ ପିଆଇଓ ପଣ୍ଡା ଅବସର ନେଇ ସାରିଛନ୍ତି।

ସୂଚନା ଅନୁସାରେ, ୨୦୧୬ ଜୁନ ଶେଷବେଳକୁ ନଗଡ଼ାରେ ଶିଶୁ ମୃତ୍ୟୁ ଘଟଣା ଲୋକଲୋଚନକୁ ଆସିଥିଲା। ଏହାପରେ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ପକ୍ଷରୁ ନଗଡ଼ାରେ ବିଭିନ୍ନ ସରକାରୀ ଯୋଜନା ଆରମ୍ଭ କରାଯାଇଥିଲା। ବଣଜଙ୍ଗଲ ଘେରା ପାହାଡ଼ ଅତିକ୍ରମ କରି ନଗଡାକୁ ☞ପୃଷ୍ଠା-୫

# ବିଧାନ ପରିଷଦ, ମହିଳା ସଂରକ୍ଷଣ ବିଲ୍ ଦାବିକଲା ବିଜେଡି

## ଆଜିଠୁ ପାର୍ଲାମେଣ୍ଟ ମୌସୁମୀ ଅଧିବେଶନ

**ନୂଆଦିଲ୍ଲୀ,୧୭।୭**

ସୋମବାରଠାରୁ ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଆରମ୍ଭ ହେବ। ଏନେଇ ରବିବାର ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ବିଜେଡି ତା'ର ଦୀର୍ଘଦିନର ଦୁଇଟି ଦାବିକୁ ଗୁରୁତ୍ୱ ଦେଇଛି। ତାହା ହେଲା ଲୋକ ସଭା ଏବଂ ବିଧାନସଭାଗୁଡ଼ିକରେ ମହିଳାଙ୍କ ନିମନ୍ତେ ୩୩% ଆସନ ସଂରକ୍ଷଣ ସମ୍ପର୍କିତ ବିଲ୍ ଏବଂ ଓଡ଼ିଶାରେ ବିଧାନ ପରିଷଦ ସ୍ଥାପନ। କେନ୍ଦ୍ର ସରକାରଙ୍କ ପକ୍ଷରୁ ଅନୁଷ୍ଠିତ ଏହି ବୈଠକରେ ବରିଷ୍ଠ ବିଜେଡି ଏମ୍‌ପି ପିନାକୀ ମିଶ୍ର ଯୋଗଦେଇ ମୌସୁମୀ ଅଧିବେଶନରେ ଉପରୋକ୍ତ ୨ ବିଲ୍ ଅଣାଯାଉ ବୋଲି ଦାବି କରିଥିଲେ।

ସୂଚନାଥାଉ କି, ଗତ ବଜେଟ୍ ଅଧିବେଶନ ସମୟରେ ବିଜେଡିର ତତ୍କାଳୀନ ରାଜ୍ୟ ସଭା ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ ଓଡ଼ିଶାରେ ବିଧାନ ପରିଷଦ ସ୍ଥାପନ ନିମନ୍ତେ ☞ପୃଷ୍ଠା-୫




## ୨୦ରେ ସୁପ୍ରିମ୍‌କୋର୍ଟରେ ଉଦ୍ଧବ-ଶିନ୍ଦେ ବିବାଦର ଶୁଣାଣି

**ନୂଆଦିଲ୍ଲୀ, ୧୭।୭:** ବିଦ୍ରୋହୀ ଶିବସେନା ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା କରିବା ନେଇ ସୁପ୍ରିମକୋର୍ଟରେ ହୋଇଥିବା ଆବେଦନ ସଂକ୍ରାନ୍ତରେ ପ୍ରଧାନ ବିଚାରପତି ଏନ୍.ଭି. ରମନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଆସନ୍ତା ୨୦ ତାରିଖ ବୁଧବାର ଶୁଣାଣି କରିବେ। ଏହାଦ୍ୱାରା ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଏବଂ ଶିବସେନା ମୁଖ୍ୟ ଉଦ୍ଧବ ଠାକ୍‌ରେଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦ ନୂଆମୋଡ଼ ନେଇପାରେ। ଏହାସହ ଦଳୀୟ ସଂଗଠନ କେଉଁ ଗୋଷ୍ଠୀ ଅଧୀନରେ ରହିବ, ସେନେଇ ସ୍ପଷ୍ଟ ହେବା ଅନୁମାନ କରାଯାଉଛି। ସୂଚନାଥାଉ କି, ଶିନ୍ଦେଙ୍କ ନେତୃତ୍ୱରେ ଶିବସେନା ବିଧାୟକମାନଙ୍କ ବିଦ୍ରୋହ ଯୋଗୁ ଗତ ଜୁନ୍ ୨୯ରେ ଉଦ୍ଧବଙ୍କ ନେତୃତ୍ୱାଧୀନ ମହା ବିକାଶ ଅଘାଡ଼ି (ଏମ୍‌ଭିଏ) ସରକାରର ପତନ ଘଟିଥିଲା। ଜୁନ୍ ୩୦ରେ ଶିନ୍ଦେ ଭାଜପା ସମର୍ଥନରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ☞ପୃଷ୍ଠା-୫

# ଆଜିଠୁ ପରିବର୍ତ୍ତିତ ଜିଏସ୍‌ଟି

## ଖାଉଟିଙ୍କ ଉପରେ ମହଙ୍ଗା ମାଡ଼

**ଭୁବନେଶ୍ୱର,୧୭।୭**

ଗତ କିଛି ଦିନ ତଳେ ସାମଗ୍ରୀ ଓ ସେବା ଟିକସ (ଜିଏସଟି) କାଉନସିଲ ବୈଠକର ନିଷ୍ପତ୍ତି ଅନୁସାରେ ଜୁଲାଇ ୧୮ରୁ ସାରା ଦେଶରେ ନୂଆ ପରୋକ୍ଷ କର ହାର ଲାଗୁ ହେବାକୁ ଯାଉଛି। ଫଳରେ ଅନେକ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ପୂର୍ବ ଅପେକ୍ଷା ମହଙ୍ଗା ହୋଇଯିବ। ସାଧାରଣ ଲୋକର ଦୈନନ୍ଦିନ ଖାଦ୍ୟ ମୁଢ଼ି, ଚୁଡ଼ା ଓ ଅଟା ଉପରେ ଏହି କର ଲାଗୁ ହେଉଥିବାରୁ ସମସ୍ତେ କଲବଲ ହେବା ଥୟ। ସରକାରଙ୍କ ଏଭଳି ନିଷ୍ପତ୍ତିକୁ ନେଇ ଦେଶବାସୀ ଆଶ୍ଚର୍ଯ୍ୟ ହୋଇଥିବା ବେଳେ ବିରୋଧୀ ମଧ୍ୟ ହତବାକ ହୋଇପଡିଛନ୍ତି। ବଜାର ବିଶେଷଜ୍ଞଙ୍କ ମତରେ ପରିବର୍ତ୍ତିତ ଜିଏସ୍‌ଟି ହାର ଯୋଗୁ ଖାଉଟିଙ୍କ ଉପରେ ମହଙ୍ଗା ମାଡ଼ ପଡ଼ିବ।

ପୂର୍ବରୁ ପ୍ୟାକ୍ ହୋଇଥିବା ତଥା ଲେବୁଲ ଲଗା (ଫ୍ରୋଜନକୁ ବାଦ ଦେଇ) ହୋଇ ଯାଇଥିବା ଖାଦ୍ୟ ପଦାର୍ଥ ଯେପରି ଅଟା, ପନିର, ଦହି, ମାଛ, ମହୁ, ଶୁଖିଲା ମଖାନା (ଖଇ), ଶୁଖିଲା ସୋୟାବିନ, ମଟର ଭଳି ଉତ୍ପାଦ, ଚୁଡ଼ା, ମୁଢ଼ି, ଘୋଳ ଦହି, ପଇଡ଼, ଗୁଡ଼, ଚାଉଳ, ଓଟସ୍, ବାର୍ଲି, ପାଣି ଏବଂ ଅଟା ଆଦି ଉପରେ ୫% ଜିଏସଟି ଲାଗୁ ହେବ। ତେବେ ପଇଡ଼ ଉପରେ ୧୨% ଜିଏସଟି ଲାଗୁ ନିମନ୍ତେ ବିଗତ ଦିନରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଏସଟି କାଉନସିଲ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ଅପରପକ୍ଷରେ ଖୋଲାରେ ବିକ୍ରି ହେଉଥିବା ଉପରୋକ୍ତ ସାମଗ୍ରୀ ☞ପୃଷ୍ଠା-୫

# ଆଇସିଏସ୍‌ଇ ଦଶମ ପାସ୍ ହାର ୯୯.୯୭%

- ୯୯.୮୦% ସହ ପ୍ରଥମ ସ୍ଥାନରେ ୪ ଛାତ୍ରୀଛାତ୍ର
- ଓଡ଼ିଶାର ୪ଜଣ ରାଜ୍ୟ ଟପ୍ପର
- ଦକ୍ଷିଣ ଓ ପଶ୍ଚିମ ରିଜିଅନରେ ସର୍ବାଧିକ ରେଜଲ୍ଟ

**ଭୁବନେଶ୍ୱର, ୧୭।୭(ବ୍ୟୁରୋ)**

କାଉନ୍‌ସିଲ ଫର୍ ଦି ଇଣ୍ଡିଆନ୍ ସ୍କୁଲ ସାର୍ଟିଫିକେଟ୍ ଏକ୍‌ଜାମିନେଶନ(ସିଆଇଏସ୍‌ସିଇ) ଦ୍ୱାରା ପରିଚାଳିତ ଆଇସିଏସ୍‌ଇ ଦଶମ ପରୀକ୍ଷା ଫଳ ରବିବାର ପ୍ରକାଶ ପାଇଛି। ଚଳିତବର୍ଷ ପାସ୍ ହାର ୯୯.୯୭% ରହିଛି। ଛାତ୍ରୀଙ୍କ ପାସ୍ ହାର ୯୯.୯୮% ଥିବାବେଳେ ଛାତ୍ରଙ୍କ ପାସ୍ ହାର ୯୯.୯୭%। ଦେଶ ତଥା ବାହାରୁ ମୋଟ ୨,୩୧,୦୬୩ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୨,୩୧,୦୦୪ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୫୯ଜଣ ଫେଲ୍ ହୋଇଛନ୍ତି। ଏଥର ୪ଜଣ ଛାତ୍ରୀଛାତ୍ର ୯୯.୮୦% ମାର୍କ ରଖି ସର୍ବଭାରତୀୟ ସ୍ତରରେ ଟପ୍ପର ହୋଇଛନ୍ତି। ସେମାନେ ହେଲେ ପୁଣେର ହର୍‌ଗୁନ୍ କୌର୍ ମଠାରୁ, କାନପୁରର ଅନିକା ଗୁପ୍ତା ଓ କନିଷ୍କା ମିତ୍ତଲ ଏବଂ ଉତ୍ତରପ୍ରଦେଶ ବଲରାମପୁରର ପୁଷ୍କର ତ୍ରିପାଠୀ। ସେହିଭଳି ୩୪ଜଣ ଛାତ୍ରୀଛାତ୍ର ୯୯.୬୦% ସହ ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ୭୨ଜଣ ୯୯.୪୦% ସହ ତୃତୀୟ ସ୍ଥାନରେ ରହିଛନ୍ତି। ସେପଟେ ଓଡ଼ିଶା ମଧ୍ୟ ଆଇସିଏସ୍‌ଇ ଦଶମରେ ଭଲ ରେଜଲ୍ଟ କରିଥିବା ଦେଖାଯାଇଛି। ଓଡ଼ିଶାର ବି ୪ ଜଣ ଛାତ୍ରୀଛାତ୍ର ୯୯.୨୦% ସହ ରାଜ୍ୟ ଟପ୍ପର ହୋଇଛନ୍ତି। ସେମାନେ ହେଲେ କଟକ ଏସ୍‌ସିବି ମେଡିକାଲ ପବ୍ଲିକ ସ୍କୁଲର ଋଷି ସାଗର ଶତପଥୀ, ରାଉରକେଲା ଇସ୍ପାତ ଇଂଲିଶ ମିଡିୟମ ସ୍କୁଲର ସାଇ କ୍ରିଷ୍ଣା ପଣ୍ଡା, ଭୁବନେଶ୍ୱର ସେଣ୍ଟ ଯୋସେଫ ହାଇସ୍କୁଲର ଶ୍ରୀଧାରା ବାରିକ ଏବଂ କେନ୍ଦୁଝରର ନିର୍ମଳା କନ୍‌ଭେଣ୍ଟ ସ୍କୁଲର ☞ପୃଷ୍ଠା-୫

## ସଂକ୍ଷେପରେ

### ମୂଲ୍ୟ ହ୍ରାସ ଯୋଗୁ ଫାଇଦା ପାଉଛନ୍ତି ପ୍ରବାସୀ ଭାରତୀୟ

**ନୂଆଦିଲ୍ଲୀ,୧୭।୭:** ଗତ କିଛି ମାସ ହେବ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ମୂଲ୍ୟ ହ୍ରାସ ହେବା ଫଳରେ ବିଭିନ୍ନ ବର୍ଗର ପ୍ରବାସୀ ଭାରତୀୟଙ୍କ ପାଇଁ ଏକ ଭଲ ସୁଯୋଗ ସୃଷ୍ଟି କରିଛି। କାରଣ ଯେଉଁ ଭାରତୀୟ ବିଦେଶରୁ ଘରକୁ ଟଙ୍କା ପଠାଉଛନ୍ତି ସେମାନେ ବର୍ତ୍ତମାନ ବେଶ୍ ଫାଇଦା ପାଉଛନ୍ତି। ବିଶେଷ କରି ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ସୂଚନା ଅନୁସାରେ ପ୍ରତିବର୍ଷ ଭାରତକୁ ବିଦେଶରୁ ବାର୍ଷିକ ପ୍ରାୟ ୮୨ବିଲିୟନ ଡଲାରରୁ ଅଧିକ ଅର୍ଥ ଏକ୍ସଚେଞ୍ଜ ପଲିସି ଅନୁଯାୟୀ ପଠାଯାଉଛି। ଏପରିକି ୨୦୨୦ ରେ ଏ ବାବଦରେ ଭାରତକୁ ୮୩ ବିଲିୟନ ଡଲାର ଅର୍ଥ ମିଳିଥିଲା।

### ହ୍ରାସ ହୋଇପାରେ ପାମ୍ ତୈଳ ଦର

**ନୂଆଦିଲ୍ଲୀ,୧୭।୭:** ଇଣ୍ଡୋନେସିଆ ବିଶ୍ୱର ବୃହତ୍ ପାମ ତୈଳ ରପ୍ତାନିକାରୀ ଦେଶ ଭାବେ ପରିଚିତ । ନିକଟରେ ଉଭୟ ଭାରତ ଓ ଇଣ୍ଡୋନେସିଆର ଅଧିକାରୀସ୍ତରୀୟ ଆଲୋଚନା ଅନୁଯାୟୀ ଚଳିତ ବର୍ଷ ୩୧ ଅଗଷ୍ଟ ପର୍ଯ୍ୟନ୍ତ ରପ୍ତାନି ଶୁଳ୍କ ଛାଡ କରାଯିବ। ସେହିଭଳି ରପ୍ତାନି ବୃଦ୍ଧି ଓ ହାଇ ଇନଭେଣ୍ଟ୍ରି ହ୍ରାସ କରିବା ପାଇଁ ଇଣ୍ଡୋନେସିଆ ସରକାର ସହମତି ଜଣାଇଛନ୍ତି ବୋଲି କେନ୍ଦ୍ର ଅର୍ଥମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ମତବ୍ୟକ୍ତ କରିଛନ୍ତି। ତେବେ ରପ୍ତାନି ଶୁଳ୍କ ହ୍ରାସ ପରେ ପାମୋଲିନ ତୈଳର ମୂଲ୍ୟ ହ୍ରାସ ଘଟିପାରେ ବୋଲି ଆକଳନ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ ପାମୋଲିନ ଗତ ଏପ୍ରିଲ ଶେଷ ସପ୍ତାହରୁ ବର୍ଷକ ପୂର୍ବ ମୂଲ୍ୟରେ ପ୍ରାୟ ୫୦% ହ୍ରାସ ହୋଇଛି। ଏପଟେ ଭାରତରେ ମଧ ଖାଦ୍ୟ ତୈଳ ମୂଲ୍ୟ ହ୍ରାସ ହୋଇଛି, ଗତ ସପ୍ତାହରେ ଖାଦ୍ୟ ତୈଳ ବଜାରରେ ସୋରିଷ, ସୋୟାବିନ ଓ ପାମୋଲିନ ତୈଳ ମୂଲ୍ୟରେ ହ୍ରାସ ହୋଇଥିଲା। ସେପଟେ ବାଦାମ ଓ ଅଶୋଧିତ ପାମୋଲିନ ମୂଲ୍ୟରେ ମଧ ସୁଧାର ଦେଖାଦେଇଛି। ତେବେ ବାକି ତୈଳ ମୂଲ୍ୟ ଅପରିବର୍ତ୍ତିତ ରହିଛି।

# ଜିଏସ୍‌ଟିର ସ୍ୱରୂପ ବଦଳାଉଛନ୍ତି ସରକାର

ଭୁବନେଶ୍ୱର,୧୭।୭

ଭାରତ ସରକାର ଦେଶ ସ୍ୱାଧୀନର ୭୫ ତମ ବର୍ଷ ଅବସରରେ ଅମୃତ ମହୋତ୍ସବ ପାଳନ କରୁଛି। ହେଲେ ଦୀର୍ଘ ୭୫ ବର୍ଷ ମଧ୍ୟରେ ସରକାର ଯାହା ଭାବି ନ ଥିଲେ ବର୍ତ୍ତମାନର ସରକାର ସେ ସବୁ ଉପରେ ଟିକସ ଲଗାଉଛନ୍ତି। ଏପରିକି ଚାଷୀ ପୁଅର ମୁଖ୍ୟ ଖାଦ୍ୟ ମୁଢ଼ି ଓ ଚୂଡା ଉପରେ ମଧ ସରକାର ଟିକସ ଲଗାଉଛନ୍ତି। ନିକଟରେ ଶେଷ ହୋଇଥିବା ଜିଏସ୍‌ଟି କାଉନସିଲ ବୈଠକରେ ନିଆଯାଇଥିବା ବିଭିନ୍ନ ନିଷ୍ପତ୍ତି ଅନୁଯାୟୀ ଜୁଲାଇ ୧୮ରୁ ନୂଆ ଜିଏସ୍‌ଟି ଦର ଲାଗୁ କରିବାକୁ ସରକାର ଘୋଷଣା କରିଥିଲେ। ସରକାରଙ୍କ ଉକ୍ତ ଘୋଷଣାକୁ ବିରୋଧ କରି ଓଡ଼ିଶା ବ୍ୟବସାୟୀ ମହାସଂଘ (ଓବିଏମ) ପକ୍ଷରୁ ରବିବାର ସ୍ଥାନୀୟ କଳ୍ପନା ଛକ ନିକଟସ୍ଥ ଏକ ହୋଟେଲ ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀ କରି ସଂଘ ଏପରି କିଛି ମତ ଉପସ୍ଥାପନ କରିଛି।

ଏପରିକି ୨୦୧୬-୧୭ରେ ସାମଗ୍ରୀ ଓ ସେବା ଟିକସ (ଜିଏସଟି)ର କାର୍ଯ୍ୟକାରୀକୁ ସାରା ଦେଶରେ ସରକାର ଲାଗୁ କରିଥିଲେ। ସରକାରଙ୍କ ଉକ୍ତ ନିଷ୍ପତ୍ତିକୁ ସେତେବେଳେ ସର୍ବଭାରତୀୟ ସ୍ତରରେ ବ୍ୟବସାୟୀ ମହାସଂଘ ସ୍ୱାଗତ କରିଥିଲା। ହେଲେ ସମୟ ଯେତେ ଗଡୁଛି ସରକାରଙ୍କ ଟିକସ ସ୍ୱରୂପ ମଧ ସେହି ଅନୁସାରେ ପରିବର୍ତ୍ତନ ହୋଇଚାଲିଛି। ଫଳରେ ଉଭୟ ଖାଉଟି ଓ ବ୍ୟବସାୟୀ ସର୍ବାଧିକ ହଇରାଣ ହେବା ସହ ଅନେକ ସମସ୍ୟାରେ ସମ୍ମୁଖୀନ ମଧ ହେଉଛନ୍ତି।

ଅପରପକ୍ଷରେ ସରକାରଙ୍କ ଏଭଳି ନିଷ୍ପତ୍ତି ଯୋଗୁ ଦେଶର ପ୍ରାୟ ୬୫୦୦ କୃଷି ମଣ୍ଡି ସାଙ୍ଗକୁ ୧୨ ହଜାର ଡାଲି ମିଲ୍, ୯ହଜାର ଚାଉଳ ମିଲ୍ ଏବଂ ୮ ହଜାର ଅଟା ମିଲ ବ୍ୟାପକ ଭାବେ ପ୍ରଭାବିତ ହେବ ବୋଲି ଆକଳନ କରାଯାଉଛି। ଏତଦବ୍ୟତୀତ ଦେଶର ପ୍ରାୟ ୪ କୋଟି କ୍ଷୁଦ୍ର ବ୍ୟବସାୟୀ ଓ ୨୦ଲକ୍ଷ କ୍ଷୁଦ୍ର ମିଲ୍ ମଧ ବିଭିନ୍ନ କାରଣ ଯୋଗୁ ବନ୍ଦ ହୋଇଯାଇପାରେ ବୋଲି ସଂଘ ଆଶଙ୍କା ପ୍ରକାଶ କରିଛି।



ସରକାରଙ୍କର ନୂଆ ଜିଏସ୍‌ଟି ହାର ଲାଗୁ ପ୍ରତିବାଦରେ ଓଡ଼ିଶା ବ୍ୟବସାୟୀ ମହାସଂଘ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଘର ବରିଷ୍ଠ ସଦସ୍ୟମାନେ ବିଭିନ୍ନ ଦାବି ଓ ସମସ୍ୟା ବିଷୟରେ ଅବଗତ କରାଉଛନ୍ତି।

# ସିଜିୟୁ ପକ୍ଷରୁ ୧୦ମ ଶ୍ରେଣୀ କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୧୭।୭

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ସି.ଭି.ରମଣ ଗ୍ଲୋବାଲ ୟୁନିର୍ଭସିଟି (ସିଜିୟୁ) ରାଜ୍ୟ ସରକାରଙ୍କର ମଡେଲ ସ୍କୁଲ ଯୋଜନା ଅନୁଯାୟୀ ସ୍ଥାନୀୟ ୟୁନିଟ-୮ ବାଳକ ଉଚ୍ଚ ବିଦ୍ୟାଳୟକୁ ପୋଷ୍ୟ ବିଦ୍ୟାଳୟ ଭାବେ ଗ୍ରହଣ କରିଛି। ନିକଟରେ ରାଜ୍ୟ ଦଶମ ବୋର୍ଡ ପରୀକ୍ଷା ଫଳ ପ୍ରକାଶିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସିୟୁଜି ପକ୍ଷରୁ ଚଳିତ ବର୍ଷ ଦଶମ ଶ୍ରେଣୀ ପରୀକ୍ଷାରେ ଉପରୋକ୍ତ ବିଦ୍ୟାଳୟର ଏ-୧ ଗ୍ରେଡ୍ ପାଇଥିବା ୬ଜଣ କୃତୀ ଛାତ୍ରଙ୍କୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର କୃତୀ ଛାତ୍ର ଯଥା ଆଶିଷ କୁମାର ସାହୁ, ପୁରୁଷୋତ୍ତମ ସାହୁ, ଏ.ଆର.ଆଶୁତୋଷ ପ୍ରଧାନ, ସେଖ୍ ସଦାକତ, ଦିବ୍ୟରଞ୍ଜନ ପ୍ରିୟଦର୍ଶୀ ଏବଂ ପ୍ରଦୀପ ପାତ୍ରଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଉଚ୍ଚ ମାଧ୍ୟମିକ ଶିକ୍ଷା ବିଭାଗର ଅତିରିକ୍ତ ନିର୍ଦ୍ଦେଶିକା ବିଜୟା କୁମାରୀ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉକ୍ତ ଛାତ୍ରମାନଙ୍କୁ ଜୀବନରେ ଉନ୍ନତି କରିବା ପାଇଁ ପ୍ରୋତ୍ସାହିତ କରିଥିଲେ। ସେହିଭଳି ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ସଞ୍ଜୀବ କୁମାର ରାଉତ କୃତୀ ଛାତ୍ରମାନଙ୍କୁ ୧୦ ହଜାର ଲେଖାଏ ଟଙ୍କା ପ୍ରଦାନ କରିଥିଲେ।



# ବିଏମ୍‌ଡବ୍ଲ୍ୟୁ ଜି ୩୧୦ ଆର୍‌ଆର୍ ଉନ୍ମୋଚିତ

ନୂଆଦିଲ୍ଲୀ,୧୭।୭

ବିଏମ୍‌ଡବ୍ଲ୍ୟୁ ମୋଟୋରାଡ୍ ଇଣ୍ଡିଆ ପକ୍ଷରୁ ଭାରତରେ ଏହାର ଫାଷ୍ଟ-ଏଭର୍ ବିଏମ୍‌ଡବ୍ଲ୍ୟୁ ଜି୩୧୦ ଆର୍‌ଆର୍‌ର ଶୁଭାରମ୍ଭ କରାଯାଇଛି। ଏପରିକି ଏହି ବାଇକ୍ ଦେଶର ସମସ୍ତ ବିଏମ୍‌ଡବ୍ଲ୍ୟୁ ମୋଟୋରାଡ୍ ଇଣ୍ଡିଆ ଡିଲର୍ ପଏଣ୍ଟଗୁଡିକରେ ଉପଲବ୍ଧ। ବିଏମ୍‌ଡବ୍ଲ୍ୟୁ ଜି୩୧୦ ଆର୍‌ଆର୍‌କୁ ବିଏମ୍‌ଡବ୍ଲ୍ୟୁ ମୋଟୋରାଡ୍ ଓ କୋ-ଅପରେଶନ ପାର୍ଟନର ଟିଭିଏସ୍ ମୋଟର କମ୍ପାନୀ ଦ୍ୱାରା ମିଳିତ ଭାବେ ବିକଶିତ କରାଯାଇଛି। ବିଏମ୍‌ଡବ୍ଲ୍ୟୁ ଜି୩୧୦ ଆର୍‌ଆର୍‌କୁ ଭାରତର ହୋସୁର୍‌ଠାରେ ଟିଭିଏସ ମୋଟର କମ୍ପାନୀ ଦ୍ୱାରା ବିଏମ୍‌ଡବ୍ଲ୍ୟୁ ଜି ୩୧୦ ଆର୍ ଓ ଜି ୩୧୦ ଜିଏସ ସହ ମିଳିତ ଭାବେ ଉତ୍ପାଦନ କରାଯାଇଛି। ଫାଷ୍ଟ-ଏଭର ବିଏମ୍‌ଡବ୍ଲ୍ୟୁ ଜି ୩୧୦ ଆର୍‌ଆର୍ ଦୁଇଟି ଭାରିଆଣ୍ଟ- ବିଏମ୍‌ଡବ୍ଲ୍ୟୁ ଜି ୩୧୦ ଆର୍‌ଆର୍ ଓ ବିଏମ୍‌ଡବ୍ଲ୍ୟୁ ଜି ୩୧୦ ଆର୍‌ଆର୍ ଷ୍ଟାଇଲ ସ୍ପୋର୍ଟ ଯଥାକ୍ରମେ ୨,୮୫,୦୦୦ ଟଙ୍କା ଏବଂ ୨,୯୯,୦୦୦ ଟଙ୍କା (ଏକ୍ସ-ଶୋ'ରୁମ ମୂଲ୍ୟ)ରେ ବିକ୍ରି କରାଯାଉଛି।

ବିଶେଷ କରି ଏହା ଇଲେକ୍‌ଟ୍ରୋନିକ୍ ଫୁଏଲ୍ ଇଞ୍ଜେକ୍ସନ ସହ ଏକ ୱାଟର୍-କୁଲ୍‌ଡ ସିଙ୍ଗଲ୍-ସିଲିଣ୍ଡର ଫୋର୍-ଷ୍ଟ୍ରୋକ ୩୧୩-ସିସି ଇଞ୍ଜିନ୍ ସହ ସୁସଜ୍ଜିତ ରହିଛି। ଏହାର ଇଞ୍ଜିନ୍ ୯,୭୦୦ ଆରପିଏମ୍‌ରେ ୨୫ କେଡବ୍ଲ୍ୟୁର ସର୍ବାଧିକ ପାୱାର ସମେତ ୭,୭୦୦ ଆରପିଏମ୍‌ରେ ୨୭.୩ ଏନ୍‌ଏମ୍‌ର ସର୍ବାଧିକ ଟର୍କ ହାସଲ କରୁଛି।



# ଏସ୍‌ବିଆଇ ବଢ଼ାଇଲା ଋଣ ସୁଧହାର

ନୂଆଦିଲ୍ଲୀ,୧୭।୭

ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ପକ୍ଷରୁ ତା'ର ମାର୍ଜିନାଲ କଷ୍ଟ ଅଫ ଫଣ୍ଡସ ବେସ୍‌ଡ ଲେଣ୍ଡିଂ ରେଟ ବା ଏମ୍‌ସିଏଲ୍‌ଆର ୦.୧୦% ବୃଦ୍ଧି କରିଛି। ଫଳରେ ଏସ୍‌ବିଆଇର ଗୃହ ଋଣ, ଅଟୋ ସାଙ୍ଗକୁ ବ୍ୟକ୍ତିଗତ ଋଣ ମହଙ୍ଗା ହେବ ବୋଲି ଜଣାପଡ଼ିଛି। ଏହି ବୃଦ୍ଧି ପରେ ଏକ ବର୍ଷର ମିଆଦ ପାଇଁ ଏସ୍‌ବିଆଇର ଏମ୍‌ସିଏଲଆର ୭.୫୦%କୁ ବୃଦ୍ଧି ପାଇଛି। ଏହି ବର୍ଦ୍ଧିତ ହାର ଲାଗୁ ବିଧିବଦ୍ଧ ଭାବେ ସୋମବାରରୁ ଲାଗୁ ହେବ। ଏପରିକି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ସୁଧହାର ବଢାଯିବା ପରେ ବିଭିନ୍ନ ବ୍ୟାଙ୍କ ମଧ ସେମାନଙ୍କର ସୁଧହାର ବଢାଇ ଚାଲିଛନ୍ତି।

# ସିପେଟ୍‌ରେ ବିଶ୍ୱ ଯୁବ କୌଶଳ ଦିବସ

ଭୁବନେଶ୍ୱର,୧୭।୭

କେନ୍ଦ୍ର ସରକାରଙ୍କ ପ୍ରମୁଖ ଶିକ୍ଷାନୁଷ୍ଠାନ ସିପେଟ୍‌ର ସିଏସ୍‌ଟିଏସ୍ ପରିସରରେ ବିଶ୍ୱ ଯୁବ କୌଶଳ ଦିବସ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଅପରପକ୍ଷରେ ଅନୁଷ୍ଠାନର ସ୍ଥାନୀୟ ମଞ୍ଚେଶ୍ୱର ସ୍ଥିତ କ୍ୟାମ୍ପସରେ ଡିପ୍ଲୋମା, ଆଇଟିଆଇ ସହ ବିଭିନ୍ନ ବର୍ଗର ଯୁବକ ଯୁବତୀମାନଙ୍କୁ ନିଯୁକ୍ତି ଭିତ୍ତିକ ଦକ୍ଷତା ବିକାଶ ତାଲିମ ମଧ ସିପେଟ ପକ୍ଷରୁ ଦିଆଯାଉଛି। ଏପରିକି ସିପେଟର ମୁଖ୍ୟ ତଥା ଡାଇରେକ୍ଟର ବି. ପି. ପାତ୍ରଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ତଥା ଓଡ଼ିଶା ବାହାର ରାଜ୍ୟରୁ ଆସି ତାଲିମ ନେଉଥିବା ଛାତ୍ରୀଛାତ୍ରମାନଙ୍କୁ ନେଇ ବିଶ୍ୱ ଯୁବ କୌଶଳ ଦିବସ ପାଳନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଗତ ଦୁଇଦିନ ଧରି ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଦକ୍ଷତାଭିତ୍ତିକ ବିଭିନ୍ନ ପ୍ରତିଯୋଗିତା ଯଥା ବକ୍ତୃତା, ପ୍ରବନ୍ଧ ଲିଖନ, ପୋଷ୍ଟର ପ୍ରେଜେଣ୍ଟେଶନ, ପ୍ରଶ୍ନୋତ୍ତରି-ଖଣ୍ଡ ଆଦିରେ ବହୁ ସଂଖ୍ୟାର ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏହି ଅବସରରେ ସିପେଟର ପ୍ରଶାସନିକ ଅଧିକାରୀ ଜୟନ୍ତ କୁମାର ଦାସଙ୍କ ତତ୍ତ୍ୱାବଧାନରେ ବିଶ୍ୱ ଯୁବ କୌଶଳ ଦିବସର ସମସ୍ତ କାର୍ଯ୍ୟକ୍ରମ ପରିଚାଳନା ହୋଇଥିବା ବେଳେ ଏହାର ସମାପନ ସମାରୋହରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା। ସେହିଭଳି ଓଡ଼ିଶା ସରକାରଙ୍କର ଜିଲା ନିୟୋଜନ କାର୍ଯ୍ୟାଳୟ, ଖୋର୍ଦ୍ଧା ପକ୍ଷରୁ ମଧ ବକ୍ତୃତା ଓ ନୃତ୍ୟ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା।

## ଫୁରସତ୍


ରଣବୀର କପୁର
ଆଲିଆ ଭଟ୍ଟ

# ରିୟଲ୍ କପୁଲଙ୍କ ଅନସ୍କ୍ରିନ୍ ରୋମାନ୍ସ

ମୁମ୍ବାଇ

ପ୍ରଥମ ଥର ପାଇଁ ବଲିଉଡ ଅଭିନେତା ରଣବୀର କପୁର ଏବଂ ଆଲିଆ ଭଟ୍ଟ ଅନ୍ ସ୍କ୍ରିନ୍‌ରେ ରୋମାନ୍ସ କରିବାର ଦେଖାଯିବେ। ଦୁହିଁଙ୍କ ଦ୍ୱାରା ଅଭିନୀତ ଫିଲ୍ମ 'ବ୍ରହ୍ମାସ୍ତ୍ର' ଖୁବ୍ ଶୀଘ୍ର ପ୍ରେକ୍ଷାଳୟକୁ ଆସିବ। ତେବେ ଫିଲ୍ମର ପ୍ରଥମ ଗୀତ 'କେଶରିଆ'ରିଲିଜ ହୋଇଛି। ଯାହା ବର୍ତ୍ତମାନ ଭାଇରାଲ ହେବା ସହ ୟୁଜର୍ସମାନେ ଏହି ଗୀତକୁ ଖୁବ୍ ପ୍ରଶଂସା କରିବା ଆରମ୍ଭ କରିଦେଇଛନ୍ତି। ପ୍ରଥର କରି ରଣବୀର- ଆଲିଆ ଏକାଠି ଏହି ଫିଲ୍ମରେ କାମ କରିଛନ୍ତି। ରିଲିଜ୍ ଗୀତକୁ ଅରିଜୀତ ସିଂଙ୍କ ସହ ନିକିତା ଗାନ୍ଧୀ ଗାଇଛନ୍ତି। ସୂଚନାଯୋଗ୍ୟ ଗୀତଟି ଚଳିତ ବର୍ଷର ସବୁଠାରୁ ହିଟ ଗୀତ ହେବ। ଏହା ଏକ ପ୍ୟାନ ଇଣ୍ଡିଆ ଫିଲ୍ମ, ଯାହା ହିନ୍ଦୀ ସମେତ ତାମିଲ, ତେଲୁଗୁ, ମାଲାୟାଲମ ଏବଂ କନ୍ନଡ ଭାଷାରେ ମୁକ୍ତିଲାଭ କରିବ। ଫିଲ୍ମଟି ସେପ୍ଟେମ୍ବର ୯ରେ ରିଲିଜ୍ ହେବାକୁ ଥିବାବେଳେ ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ଆର୍ୟ୍ୟନ ମୁଖାର୍ଜୀ।

# ମଣିଷ ମାଂସ ଭକ୍ଷକ

## ଗଣ୍ଡି ହେଉଛି ଗଛ, ମୁଣ୍ଡ ଫଳ

**ଜାକର୍ତ୍ତା:** ଇଣ୍ଡୋନେସିଆର ଅଧିକାଂଶ ଅଞ୍ଚଳରେ ଆଦିବାସୀ ସମ୍ପ୍ରଦାୟର ଲୋକେ ବସବାସ କରୁଥିବାର ଦେଖିବାକୁ ମିଳିଛି। ବାସ କରୁଥିବା ଅନେକ ପ୍ରକାର ଆଦିବାସୀଙ୍କ ମଧ୍ୟରୁ କାନ୍ନିବାଲ ତଥା ଅସ୍ମତ ଜନଜାତିଙ୍କ ସଂଖ୍ୟାଗରିଷ୍ଠତା ଅଧିକ। ଏଥିସହ ଏହି ଜନଜାତିର ଲୋକେ ନିଜ ପାରମ୍ପରିକ ରୀତିନୀତିକୁ ସୁଚାରୁରୂପେ ପାଳନ କରିଥାନ୍ତି। ୧୨ ଗୋଟି ସବ୍-ଏଥନିକ୍ ଗ୍ରୁପ୍‌କୁ ନେଇ ଏହି ସମ୍ପ୍ରଦାୟ ଗଠିତ। ଇଣ୍ଡୋନେସିଆରେ ଅସ୍ମତ ଜନଜାତିର ମୋଟ ୬୫ ହଜାର ଲୋକ ବାସ କରନ୍ତି। କାନ୍ନିବାଲ ଜନଜାତିର ଲୋକେ ନିଜ ଶତ୍ରୁଙ୍କୁ ମାରିବା ପରେ ସେମାନଙ୍କ ମୁଣ୍ଡ, ଗଣ୍ଡି ଅଲଗା କରିଥାନ୍ତି। ଏଥିସହ ସେମାନଙ୍କ ମାଂସକୁ ଖାଦ୍ୟ ଭାବେ ଏବଂ ଖପୁରିକୁ ବାଉଲ୍ (ପାତ୍ର) ଭାବେ ବ୍ୟବହାର କରନ୍ତି। ମୃତ ଶତ୍ରୁର ମୁଣ୍ଡକୁ ଭଲଭାବେ ସଫା କରି ତା' ଚମଡ଼ାକୁ ଛଡ଼ାଇ କିଛିଦିନ ଖରାରେ ଶୁଖାଇ ରଖନ୍ତି। ଏହାପରେ ସେମାନେ ଖପୁରିକୁ ଖାଦ୍ୟ ପାତ୍ର ଭାବେ ବ୍ୟବହାର କରନ୍ତି।





ମନୁଷ୍ୟ ମେରୁଦଣ୍ଡ(ସ୍ପାଇନାଲକର୍ଡ) ଏବଂ ମାଢ଼ିକୁ ଗହଣା ଭାବେ ବ୍ୟବହାର କରନ୍ତି। ଏହା ସେମାନଙ୍କ ବଳଶାଳୀ ହେବାର ପ୍ରତୀକ ବୋଲି କାନ୍ନିବାଲ ଜନଜାତିଙ୍କ ଧାରଣା। ମନୁଷ୍ୟ ଶରୀରକୁ ଗଛ ଓ ମୁଣ୍ଡକୁ ଗଛର ଫଳ ବୋଲି ଏହି ଜନଜାତି କୁହନ୍ତି। ଶତ୍ରୁକୁ ମାରିବା ପରେ ତା' ମାଂସ ଭକ୍ଷଣ କରିବା ହେତୁ ଦେହରେ ଥିବା ରୋଗ ଭଲ ହୋଇଯାଏ ବୋଲି ସେମାନଙ୍କ ଧାରଣା ରହିଛି। ଏହାଦ୍ୱାରା ସେମାନେ ନିଜ କୌଶଳ ପ୍ରଦର୍ଶନ କରିବା ସହ ଜନଜାତିରେ ନିଜ ସମ୍ମାନ ବଢ଼ାଇଥାନ୍ତି।

ଇଣ୍ଡୋନେସିଆର ନ୍ୟୁଗୁନିଆରେ ୨୫ ହଜାର ସ୍କୋୟାର କିଲୋମିଟର ପରିମିତ ସ୍ଥାନରେ କାନ୍ନିବାଲ ଆଦିବାସୀ ବାସ କରୁଛନ୍ତି। ଷ୍ଟାଣ୍ଡାର୍ଡ ଅଏଲ୍ ସହ-ସଂସ୍ଥାପକ ଜନ୍ ଡି. ରକ୍‌ଫେଲର୍‌ଙ୍କ ନାତି ମାଇକେଲ ରକ୍‌ଫେଲରଙ୍କ ହତ୍ୟା ନେଇ ଯେତେବେଳେ ଏହି ଜନଜାତିକୁ ଦାୟୀ କରାଗଲା, ସେତେବେଳେ ଏମାନେ ସାମ୍ନାକୁ ଆସିଥିଲେ। ଏ ଘଟଣାକୁ ନେଇ ଆମେରିକାର ଜଣେ ଖବରଦାତା କାର୍ଲ ହୋଫ୍‌ମ୍ୟାନ୍ ଏକ ବହି ଲେଖିଥିଲେ, ଯାହାର ନାମ ଥିଲା ସେଭେଜ୍ ହାରଭେଷ୍ଟ। ତେବେ ବର୍ତ୍ତମାନ ସୁଦ୍ଧା ଏହି ହତ୍ୟାକାଣ୍ଡରେ କାନ୍ନିବାଲ ଜନଜାତି ଉପରେ ଲାଗିଥିବା ଆରୋପ ପ୍ରମାଣିତ ହୋଇ ନାହିଁ।

# ଶାନ୍ତିଦୂତ ମଣ୍ଡେଲା

**ନେ**ଲ୍‌ସନ ମଣ୍ଡେଲା ଅନ୍ତର୍ଜାତୀୟ ଦିବସ ଅର୍ଥାତ୍ ମଣ୍ଡେଲା ଦିବସ ହେଉଛି ନେଲ୍‌ସନ ମଣ୍ଡେଲାଙ୍କ ସମ୍ମାନାର୍ଥେ ବାର୍ଷିକ ଅନ୍ତର୍ଜାତୀୟ ଦିନ, ଯାହା ପ୍ରତିବର୍ଷ ୧୮ ଜୁଲାଇ, ଶାନ୍ତିଦୂତ ମଣ୍ଡେଲାଙ୍କ ଜନ୍ମଦିନରେ ପାଳନ କରାଯାଇଥାଏ। ମିଳିତ ଜାତିସଂଘ ପକ୍ଷରୁ ନଭେମ୍ବର ୨୦୦୯ ମଣ୍ଡେଲାଙ୍କ ୯୧ତମ ଜନ୍ମଦିନରେ ଏହି ଦିବସ ପାଳନ ଲାଗି ଆନୁଷ୍ଠାନିକ ଭାବରେ ଘୋଷିତ ହୋଇଥିଲା। ଏହି ଦିବସ ପ୍ରଥମେ ୧୮ ଜୁଲାଇ ୨୦୧୦ରେ ଆୟୋଜିତ ହୋଇଥିଲା।

୨୭ ଏପ୍ରିଲ ୨୦୦୯ ରେ ନେଲ୍‌ସନ ମଣ୍ଡେଲା ଫାଉଣ୍ଡେଶନ ଗଠନ କରାଯାଇଥିଲା। ମଣ୍ଡେଲା ଦିବସ ଏକ ସାଧାରଣ ଛୁଟି ଭାବରେ ନୁହେଁ, ବରଂ ଦକ୍ଷିଣ ଆଫ୍ରିକାର ପୂର୍ବତନ ରାଷ୍ଟ୍ରପତି ନେଲ୍‌ସନ ମଣ୍ଡେଲାଙ୍କ ସମାଜ ସେବା ମାଧ୍ୟମରେ ତାଙ୍କର ମୂଲ୍ୟବୋଧକୁ ସମ୍ମାନିତ କରିବାର ଦିନ ଭାବରେ ଉଦ୍ଦିଷ୍ଟ।

ମଣ୍ଡେଲା ଦିବସ ହେଉଛି ଏକ ବିଶ୍ୱସ୍ତରୀୟ ଆହ୍ୱାନ, ଯାହାକି ଏହି ଧାରଣାକୁ ପ୍ରୋତ୍ସାହିତ କରେ ଯେ ପ୍ରତ୍ୟେକ ବ୍ୟକ୍ତିଙ୍କର ବିଶ୍ୱକୁ ପରିବର୍ତ୍ତନ କରିବାର ଶକ୍ତି ଅଛି। ତେବେ ଏହାର ପ୍ରଭାବକୁ ବ୍ୟାପକ କରିବା ଜରୁରୀ।

## ନେଲ୍‌ସନ ମଣ୍ଡେଲା ଦିବସ



# ଘୁଷୁରି ଚୋରି: ତଦନ୍ତ ନିର୍ଦ୍ଦେଶ ଦେଲେ ହାଇକୋର୍ଟ

**କୋଲକାତା:** ପଶ୍ଚିମବଙ୍ଗର କଲ୍ୟାଣୀ କୋର୍ଟ ପରିସରରେ ରହୁଥିବା ଘାନା ନାମକ ଘୁଷୁରି ଅପହରଣ ହେବା ପରେ କୋଲକାତା ହାଇକୋର୍ଟ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଘାନା ଅପହରଣ ନେଇ ମାର୍ଚ୍ଚ ୨୫ରେ କଲ୍ୟାଣୀ ପୋଲିସ ଷ୍ଟେଶନରେ ମାମଲା ରୁଜୁ ହୋଇଥିଲେ ହେଁ ଯେଉଁ ଅଧିକାରୀ ତଦନ୍ତ ପାଇଁ ହେଳା କରୁଛନ୍ତି, ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜଜ୍ ରାନାଘାଟ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଚାରିମାସ ପୂର୍ବେ ଘାନାକୁ ୪ଜଣ ଦୁର୍ବୃତ୍ତ ଏକ କାର୍‌ରେ ଅପହରଣ କରି ନେଇଥିବାବେଳେ ଏ ନେଇ ବ୍ୟବହୃତ କାର୍‌ର କୌଣସି ଟେର୍ ପୋଲିସ ପାଇନାହିଁ। କୋର୍ଟ ସିକୁରିଟି ଗାର୍ଡ ସମ୍ପୂର୍ଣ୍ଣ ଘଟଣାକୁ ସେମାନଙ୍କ ମୋବାଇଲରେ କଏଦ କରିଥିଲେ ହେଁ ସେଥିରୁ କାର୍ ନମ୍ବର ସ୍ପଷ୍ଟ ଭାବେ ଦେଖାଯାଉ ନ ଥିବାରୁ ଗାଡ଼ି ଚିହ୍ନଟ ସମ୍ଭବପର ହେଉ ନ ଥିବା ପୋଲିସ କହିଛି। କଲ୍ୟାଣୀ ଏସିଜେଏମ୍ କୋର୍ଟରେ ଦୀର୍ଘ ବର୍ଷ ଧରି ଘାନା ରହିଆସୁଥିଲା। କୋର୍ଟ ପରିସରରେ ଅନ୍ୟ ବୁଲାକୁକୁରଙ୍କ ସହ ସେ ମିଶି ରହୁଥିଲା। ତେବେ ପ୍ରତ୍ୟେକ ଦିନ କୋର୍ଟକୁ ଆସୁଥିବା ଆଇନଜୀବୀ ଏବଂ ବ୍ୟକ୍ତି ଘାନାକୁ ଖାଇବାକୁ ଦେଉଥିଲେ।



# ୨୪,୬୯୭ ହୀରା ଖଚିତ ମୁଦି

ଥିରୁଭାନନ୍ତପୁରମ

କେରଳର ଏକ ଗହଣା ବ୍ୟବସାୟୀ ସଂସ୍ଥା ଗୋଟିଏ ମୁଦିରେ ମୋଟ ୨୪,୬୯୭ ଗୋଟି ହୀରା ଖଞ୍ଜି ଗିନିଜ୍ ୱାର୍ଲ୍ଡ ରେକର୍ଡ କରିଛି। ମୁଦିର ଆକାର ଛତୁ ଆକୃତିର ହୋଇଥିବାବେଳେ ଏହାର ନାମ 'ଦ ଟଚ୍ ଅଫ୍ ଆମି' ରଖାଯାଇଛି। ତେବେ ପିଙ୍କ ଓଏଷ୍ଟର ମସ୍‌ରୁମ୍‌ର ଆକୃତିକୁ ଲକ୍ଷ୍ୟ କରି ଏହି ମୁଦି ତିଆରି କରାଯାଇଥିବା କେରଳର ଏସ୍‌ଡବ୍ଲ୍ୟୁଏ ଡାଇମଣ୍ଡସ୍ ପକ୍ଷରୁ କୁହାଯାଇଛି। ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଡିଜାଇନ୍ ମୁଦି ଗଢ଼ିଥିବା ଖବର ପ୍ରକାଶ ପାଇଛି। ଲିକ୍ୟୁଡ୍ ଗୋଲ୍ଡକୁ ଏଥିରେ ବ୍ୟବହାର କରାଯାଇଛି, ଯାହାଦ୍ୱାରା ମୁଦିଟି ଥ୍ରୀ-ଡି ଲୁକ୍ ଦେଇପାରିବ। ମୁଦିଟିକୁ କେରଳର ମାଲାପୁରମ ଜିଲାରେ ଗଢ଼ାଯାଇଥିବାବେଳେ ବର୍ତ୍ତମାନ ସୁଦ୍ଧା ମୁଦିଟିକୁ ବହୁ ସମ୍ମାନ ମିଳିଛି। ଏସିଆନ୍ ବୁକ୍ ଅଫ୍ ରେକର୍ଡରେ ମଧ ଏହାକୁ ସ୍ଥାନିତ କରାଯାଇଛି। ମାଇକ୍ରୋସ୍କୋପ୍ ଦ୍ୱାରା ମୁଦିରେ ଖଞ୍ଜା ହୋଇଥିବା ହୀରାକୁ ଗଣାଯାଇପାରିବ ବୋଲି କହିଛନ୍ତି ଏସ୍‌ଡବ୍ଲ୍ୟୁଏ ଡାଇମଣ୍ଡସ୍‌ର ମ୍ୟାନେଜିଂ ଡିରେକ୍ଟର।



## ବଡ଼ଗାଁ ଜୟ ହିନ୍ଦ କ୍ଲବ ପକ୍ଷରୁ ଚାରା ରୋପଣ

ବଡ଼ଗାଁ, ୧୭।୭(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ବଡ଼ଗାଁ ଜୟ ହିନ୍ଦ କ୍ଲବ ପକ୍ଷରୁ ମୂର୍ଗାସୀ ଟୁଙ୍ଗୁରୀରେ ଚାରା ରୋପଣ ଓ ମଞ୍ଜି ବପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ଅମୀୟ କୁମାର ପ୍ରଧାନ, ଗଣମାଧ୍ୟମ ପ୍ରତିନିଧି ଲବଣୀଧର ପୃଷେଟ ଅତିଥି ଭାବେ ଯୋଗଦେଇଥିଲେ। କ୍ଲବ ସଦସ୍ୟ ରଞ୍ଜିତ ଖଡିଆ, ପିଉଷ ସୋରେଙ୍ଗ, ଧରମ ସାମାଟ, କରନ ହାଁସଦା, ସାଗର ସାମାଟ, ସଞ୍ଜୟ ସୋରେଙ୍ଗ, ରୋହିତ ବାଗେ, ଜୋଗିନ୍ଦ୍ର ବାଗେଙ୍କ ସହିତ ଚେମଠାପଡ଼ା ଆଜାଦ ହିନ୍ଦ କ୍ଲବର କୁନାଲ ପ୍ରଧାନ, ସଞ୍ଜୀବ ପ୍ରଧାନ ଓ ବଡ଼ଗାଁ ମଣ୍ଡଳ ଭାଜପା ସଭାପତି ବାବୁଲି କର୍ସେଲ ଯୋଗଦେଇଥିଲେ। ଅତିଥିମାନେ ବିଶ୍ୱ ତାପନ ବୃଦ୍ଧି ଯୋଗୁ ଦେଖାଦେଉଥିବା ସମସ୍ୟା ଉପରେ ବୁଝାଇଥିଲେ। ଟୁଙ୍ଗୁରୀରେ ୧୬୦ଟି ନିମ୍ବ, କରଞ୍ଜ, ଛତିଆନ, ଶିରିସ ଚାରା ରୋପଣ ଏବଂ ବରକୋଳି, ଜାମୁ ଓ ମଣ୍ଡା କାଇଁଚ ମଞ୍ଜି ବପନ କରାଯାଇଥିଲା।

# ଉପରମୁହାଁ ସଂକ୍ରମଣ: ବଢୁଛି ଚିନ୍ତା

ସୁନ୍ଦରଗଡ଼,୧୭।୭(ଡି.ଏନ.ଏ.)

**ସୁନ୍ଦରଗଡ଼ ଜିଲା**



ଏବେ ପୁଣି ରାଜ୍ୟରେ କରୋନା ମହାମାରୀ ତାର କାୟା ବିସ୍ତାର କରିବାରେ ଲାଗିଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିଥିବା ସୂଚନା କ୍ରମେ ରାଜ୍ୟର ଖୋର୍ଦ୍ଧା, କଟକ ଜିଲା ପରେ ସୁନ୍ଦରଗଡ଼ ଜିଲାରେ କରୋନା ଗ୍ରାଫ ଉପରମୁହା ହୋଇଛି। ଏନେଇ ଜିଲାବାସୀଙ୍କ ଚିନ୍ତା ବଢାଇଛି। ରବିବାର ପ୍ରକାଶିତ ରିପୋର୍ଟ ଅନୁଯାୟୀ ରାଜ୍ୟରେ ମୋଟ ପଜିଟିଭ ସଖ୍ୟା ୮୭୨ ରହିଛି। ସେଥିମଧ୍ୟରୁ ଖୋର୍ଦ୍ଧା ଜିଲାରେ ସର୍ବାଧିକ ୨୮୨ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଦ୍ୱିତୀୟ ସର୍ବାଧିକ ଜିଲା ଭାବେ ସୁନ୍ଦରଗଡ଼ରେ ୧୪୪ ଟି କରୋନା ପଜିଟିଭ ଚିହ୍ନଟ ହୋଇଛି। ଏଭଳି ଦ୍ରୁତ ସଂକ୍ରମଣ ବଢିବା ନେଇ ଚିନ୍ତା ବଢାଇଛି। ଜିଲାର ରାଉରକେଲା ସହରାଞ୍ଚଳରେ ସର୍ବାଧିକ ପଜିଟିଭ ସଖ୍ୟା ୪୪ ରହିଛି। ଲାଠିକଟା ବ୍ଲକରେ ୧୮, ସୁନ୍ଦରଗଡ ସହରାଞ୍ଚଳରେ ୧୫, ବାଲିଶଙ୍କରା ବ୍ଲକରେ ୮, ରାଜଗାଙ୍ଗପୁର ବ୍ଲକରେ ୮, କୁତ୍ରା ବ୍ଲକରେ ୭, କୁଆଁରମୁଣ୍ଡାରେ ୨, ଗୁରୁଣ୍ଡିଆରେ ୭, ଲହୁଣୀପଡାରେ ୪, ବୀରମିତ୍ରପୁର ପୌରାଞ୍ଚଳରେ ୪, ଲେଫ୍ରିପଡାରେ୧, ନୂଆଗାଁରେ ୪, ଟାଙ୍ଗରପାଲି ବ୍ଲକରେ ୨ଟି ପଜିଟିଭ ଚିହ୍ନଟ ହୋଇଛି। ବିଶ୍ରା, ସବଡେଗା, ହେମଗିରି ବ୍ଲକରେ ୬ଟି ଲେଖାଏଁ ପଜିଟିଭ ଚିହ୍ନଟ ହୋଇଛି। କରୋନା ମୁକାବିଲା ସକାଶେ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବୁଷ୍ଟର ଡୋଜ ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଥିବା ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସରୋଜ କୁମାର ମିଶ୍ର ପ୍ରକାଶ କରିଛନ୍ତି। ହେଲେ ଜିଲାରେ କରୋନା କଟକଣା ନିୟମକୁ ଲୋକେ ଠିକ୍ ଭାବେ ପାଳନ କରୁ ନ ଥିବାରୁ ଜିଲାରେ କରୋନା ସଂକ୍ରମଣ ବଢିବା ଅନ୍ୟ ଏକ ପ୍ରମୁଖ କାରଣ। ପଡ଼ୋଶୀ ଛତିଶଗଡ଼ ଓ ଝାଡ଼ଖଣ୍ଡ ରାଜ୍ୟ ସହ ସୁନ୍ଦରଗଡ ଜିଲାବାସୀଙ୍କ ବ୍ୟବସାୟିକ, ସାମାଜିକ ସମ୍ପର୍କ ରହିଥିବାରୁ ଲୋକଙ୍କ ଯିବାଆସିବା ରହିଛି। ପଡୋଶୀ ଛତିଶଗଡ଼ ରାଜ୍ୟରେ କରୋନା ମହାମାରୀ ଅଧିକ ରହିଥିବାରୁ ସୁନ୍ଦରଗଡ଼ ଜିଲାରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳୁଛି ବୋଲି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ମିଶ୍ର ପ୍ରକାଶ କରିଛନ୍ତି। କରୋନା କଟକଣା ନିୟମକୁ ପାଳନ କରି ନିଜକୁ ତଥା ପରିବାର ଲୋକଙ୍କୁ ସୁରକ୍ଷିତ ରଖିବାକୁ ସେ ଅନୁରୋଧ କରିଛନ୍ତି।

## ଗାଁରେ ଆତଙ୍କ କରୁଛି ଗୋଠଛଡ଼ା ଦନ୍ତା



ଗୋଠଛଡ଼ା ଦନ୍ତା ଉପଦ୍ରବ ଚଳାଇଛି।

ଟେନ୍ସା, ୧୭।୭(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୋଇଡ଼ା ବ୍ଲକ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଚାଲିଛି ଗୋଠଛଡ଼ା ଦନ୍ତା। ଗୋଠଛଡ଼ା ଦନ୍ତା ହାତୀକୁ ଟ୍ରାଙ୍କୁଲାଇଜ କରୁନାହାନ୍ତି ବଣାଇ ବନବିଭାଗ। ଦିନରାତି ଗାଁରେ ଆତଙ୍କ ଚଳାଉ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ହାତୀଟି ଗାଁଗାଁ ବୁଲୁଛି। ଲୋକେ ଭୟଭୀତରେ କାଳତିପାତ କରୁଛନ୍ତି। ଘରେ ରହିଲେ ଦନ୍ତା ହାତୀ ଘର ଭାଙ୍ଗି ମଣିଷ ମାରୁଛି। ସ୍ଥାନୀୟ ଲୋକେ ଦଳ ହୋଇ ହାତୀକୁ ଘଉଡ଼ାଉଛନ୍ତି। ଏହିପରି ଦୃଶ୍ୟ ଦେଖିବାକୁ ମିଳୁଛି କୋଇଡା ବ୍ଲକର ପାଟମୁଣ୍ଡା, ମାଲଦା, କାଶିରା, କୋଇଡା ଗ୍ରାମପଞ୍ଚାୟତ ଅଞ୍ଚଳରେ। ଥମିବାର ନାଁ ଧରୁନି ଗୋଠଛଡ଼ା ଦନ୍ତା ହାତୀର ଉତ୍ପାତ। ଏକ ସପ୍ତାହ ମଧ୍ୟରେ ଦୁଇ ଲୋକଙ୍କୁ ମାରିବା ସହ ଦୁଇ ଶିଶୁଙ୍କୁ ଆକ୍ରମଣ କରିବାକୁ ଗୁରୁତର ହୋଇଛନ୍ତି। ଏବେ ସେମାନେ ମୃତ୍ୟୁ ସହିତ ସଂଗ୍ରାମ କରୁଛନ୍ତି। ଏଣୁ ଭୟଭୀତ ଅବସ୍ଥାରେ ଅଞ୍ଚଳବାସୀ ଘରୁ ବାହାରୁ ନାହାନ୍ତି। ବାରମ୍ବାର ହାତୀ ଆକ୍ରମଣରେ ପ୍ରାଣହାନି ନେଇ ଅଞ୍ଚଳବାସୀ ହାତୀକୁ ଟ୍ରାଙ୍କୁଲାଇଜ କରିବା ପାଇଁ ବନ ବିଭାଗକୁ ଜଣାଇ ଆସୁଥିବାବେଳେ ବିଭାଗୀୟ ଅଧିକାରୀମାନେ ଚୁପ। ଏଥିପ୍ରତି ଜିଲା କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ଗ୍ରାମବାସୀମାନେ ଅନୁରୋଧ କରିଛନ୍ତି।

## ଜାତୀୟ ରାଜପଥ ପାର୍ଶ୍ୱରେ ଚାରାରୋପଣ

ଦେବଗଡ଼,୧୭।୭ (ଡି.ଏନ୍.ଏ.)

ଭାରତୀୟ ରାଷ୍ଟ୍ରୀୟ ରାଜମାର୍ଗ ପ୍ରାଧିକରଣ, ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ, ଭାରତ ସରକାର ଏହାର ବିଭିନ୍ନ ଆଞ୍ଚଳିକ ଅନୁଷ୍ଠାନ ଦ୍ୱାରା ରବିବାର ବିଭିନ୍ନ ରାଜପଥର ଉଭୟ ପାର୍ଶ୍ୱ ଓ ଅନ୍ୟାନ୍ୟ ସ୍ଥାନରେ ସମୂହ ଚାରା ରୋପଣ କରାଯାଇଛି। ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ 'ଆଜାଦି କା ଅମ୍ରୀତ୍ ମହୋତ୍ସବ' ଅବସରରେ ସମଗ୍ର ଭାରତ ବର୍ଷରେ ଏହି ଚାରା ରୋପଣ କରାଯାଇଛି। ଏହି ଅବସରରେ ଓଡ଼ିଶା ବନ ଉନ୍ନୟନ ନିଗମ ଲିଃ ଦେବଗଡ଼ ବାଣିଜ୍ୟ-କେନ୍ଦୁପତ୍ର ଖଣ୍ଡ ଓ ଜାତୀୟ ରାଜପଥ ପ୍ରକଳ୍ପ କାର୍ଯ୍ୟକାରିଣୀ ଏକକ, ସମ୍ବଲପୁରଙ୍କ ମିଳିତ ସହଯୋଗରେ ଗୁଣ୍ଡେଇମରା ଗ୍ରାମଠାରେ ୬ ନମ୍ବର ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ସମୂହ ବୃକ୍ଷଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଦେବଗଡ଼ ବନଖଣ୍ଡ ଅଧିକାରୀ ମଗର ଧନଜି ରାଓସୋ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାରା ରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସେହିପରି ବନଖଣ୍ଡ ଅଧିକାରୀ (କେନ୍ଦୁପତ୍ର) ଦେବଗଡ଼ ବନଖଣ୍ଡ ରାଜେନ୍ଦ୍ର କୁମାର ନାୟକ, କେନ୍ଦେଇଝୁରି ଗ୍ରାମପଞ୍ଚାୟତ ସରପଞ୍ଚ ସବିତା ଛତ୍ରିୟା, ରାଷ୍ଟ୍ରୀୟ ରାଜମାର୍ଗ ପ୍ରାଧିକରଣ ସ୍ଥାନୀୟ ଯନ୍ତ୍ରୀ ଚନ୍ଦନ କୁମାର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଗୁଣ୍ଡେଇମରା ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ତଥା ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ରହି ସମୂହ ଚାରା ରୋପଣ କାର୍ଯ୍ୟକ୍ରମରେ ବିଭିନ୍ନ ଚାରା ରୋପଣ କରିଥିଲେ।



ଚାରାରୋପଣ କାର୍ଯ୍ୟକ୍ରମରେ ଅତିଥି, ବନବିଭାଗ ଓ ରାଜପଥ ବିଭାଗର ଅଧିକାରୀ।

## ଦେବଗଡ଼ ଜିଲାର ସରପଞ୍ଚମାନଙ୍କ ସମାବେଶ



ତିଲେଇବଣି ବ୍ଲକ ଗୋହିରାଡ୍ୟାମ ଡାକ ବଙ୍ଗଳାଠାରେ ଦେବଗଡ଼ ଜିଲାର ସରପଞ୍ଚମାନେ ଏକତ୍ରିତ ହୋଇଛନ୍ତି।

ଦେବଗଡ଼,୧୭।୭(ଡି.ଏନ.ଏ)

- ବିଭିନ୍ନ ସମସ୍ୟା, ସମାଧାନ ସମ୍ପର୍କରେ ଆଲୋଚନା
- ନୂତନ ସଂଘ ଗଠିତ
- ସତ୍ୟନାରାୟଣ ସଭାପତି, ପ୍ରକାଶ ସମ୍ପାଦକ

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଗୋହିରା ଡ୍ୟାମ ଡାକ ବଙ୍ଗଳାଠାରେ ରବିବାର ଦେବଗଡ଼ ଜିଲାର ସରପଞ୍ଚମାନଙ୍କର ସମାବେଶ ହୋଇଯାଇଛି। ଜିଲାର ସରପଞ୍ଚମାନଙ୍କର ବିଭିନ୍ନ ସମସ୍ୟା ଏବଂ ଏଗୁଡିକର ସମାଧାନ ସମ୍ପର୍କରେ ଆଲୋଚନା କରାଯିବା ସହ ଦେବଗଡ଼ ଜିଲା ସରପଞ୍ଚ ସଂଘ ନାମରେ ଏକ ନୂନତ ସଂଘ ଗଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ବାରକୋଟ ବ୍ଲକ କଲା ଗ୍ରାମ ପଞ୍ଚାୟତର ସରପଞ୍ଚ ସତ୍ୟନାରାୟଣ ପାଣି, ଉପସଭାପତି ଭାବେ ତିଲେଇବଣି ବ୍ଲକ ସଦର ଗ୍ରାମ ପଞ୍ଚାୟତର ସରପଞ୍ଚ ସୁସ୍ମିତା ଏକ୍କା, ସମ୍ପାଦକ ଭାବେ ରିଆମାଳ ବ୍ଲକ ଗୁଣ୍ଡିଆପାଲି ଗ୍ରାମ ପଞ୍ଚାୟତର ସରପଞ୍ଚ ପ୍ରକାଶ କୁମାର ଆଚାର୍ଯ୍ୟ ଓ କୋଷାଧ୍ୟକ୍ଷ ଭାବେ ତିଲେଇବଣି ବ୍ଲକ ଦୁଧିଆନାଳୀ ଗ୍ରାମ ପଞ୍ଚାୟତର ସରପଞ୍ଚ ଉଦିତ କୁମାର ନାୟକଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ଏହି ବୈଠକରେ ଜିଲାର ମୋଟ ୭୦ଟି ଗ୍ରାମ ପଞ୍ଚାୟତ ମଧ୍ୟରୁ ୬୦ଟି ଗ୍ରାମ ପଞ୍ଚାୟତର ସରପଞ୍ଚ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଜଙ୍ଗଲରୁ ହାତୀ ଆକ୍ରମଣରେ ଗୁରୁତର ଯୁବକ ଉଦ୍ଧାର

ଦେବଗଡ଼,୧୭।୭(ଡି.ଏନ.ଏ)

ଦେବଗଡ଼ ବନଖଣ୍ଡ ରିଆମାଳ ବନାଞ୍ଚଳ ତଥା କୁଣ୍ଡେଇଗୋଳା ଫରେଷ୍ଟ ସେକ୍ସସନ ଅନ୍ତର୍ଗତ ଖଣ୍ଡାଧୂଆଁ ଜଙ୍ଗଲରେ ହାତୀ ଆକ୍ରମଣରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଥିବା ଜଣାପଡିଛି। ଶନିବାର ସକାଳେ ଖଣ୍ଡାଧୂଆଁ ଗ୍ରାମର ଶିବ ଦେହୁରୀ(୪୬) ଛତୁ ତୋଳିବା ପାଇଁ ଗ୍ରାମ୍ୟ ଜଙ୍ଗଲକୁ ଯାଇଥିଲେ। ମାତ୍ର ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଚିନ୍ତିତ ହୋଇପଡିଥିଲେ। ରବିବାର ସକାଳେ ପରିବାର ଲୋକେ ତାଙ୍କୁ ଖୋଜିବା ପାଇଁ ଜଙ୍ଗଲ ମଧ୍ୟକୁ ଯାଇଥିବାବେଳେ ଶିବ ଜଙ୍ଗଲ ମଧ୍ୟରେ ଗୁରୁତର ଆହତ ଏବଂ ସଂଜ୍ଞାହୀନ ଅବସ୍ଥାରେ ପଡିଥିବା ଦେଖିବାକୁ ମିଳିଥିଲା। ଶିବ ହାତୀ ଆକ୍ରମଣରେ ଏଭଳି ଗୁରୁତର ହୋଇଥିବା ଜଣାପଡ଼ିବାରୁ ବନବିଭାଗ କର୍ମଚାରୀଙ୍କ ସହାୟତାରେ ଉଦ୍ଧାର କରାଯାଇ ଚିକିତ୍ସା ନିମନ୍ତେ ତାଙ୍କୁ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ଗୁରୁତର ହୋଇପଡିଥିବାରୁ ଅଧିକ ଚିକିତ୍ସା ନିମନ୍ତେ ତାଙ୍କୁ ବୁର୍ଲା ସ୍ଥିତ ଭୀମସାରକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି।

## ନିଅଣ୍ଟିଆ ବର୍ଷା ନେଇ ଚିନ୍ତାରେ ଚାଷୀ

ଲେଫ୍ରିପଡ଼ା,୧୭।୭(ଡି.ଏନ.ଏ.)

**ଲେଫ୍ରିପଡ଼ା ବ୍ଲକ ଅଞ୍ଚଳରେ ଚାଷ କାର୍ଯ୍ୟ ବାଧାପ୍ରାପ୍ତ**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ ଅଞ୍ଚଳରେ ନିୟଣ୍ଟିଆ ବର୍ଷା ହେବାରୁ ଚିନ୍ତାରେ ପଡ଼ିଛନ୍ତି ଚାଷୀ। ଜୁନ ଯାଇ ଜୁଲାଇ ମାସର ଅଧା ଦିନ ଚାଲି ଯାଇଥିବା ବେଳେ ବିଲରେ ପାଣି ଅଭାବରୁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଲଘୁଚାପ ବର୍ଷା ଏହି ବ୍ଲକରେ ଫଳପ୍ରଦ ହୋଇନାହିଁ। ଚାଷୀଙ୍କ ଧାନ ତଳି ପ୍ରସ୍ତୁତି ହୋଇ ଯାଇଛି। କିନ୍ତୁ ବିଲରେ ପାଣି ନ ଥିବାରୁ ରୁଆ କାର୍ଯ୍ୟ ହୋଇପାରୁ ନାହିଁ। ଠିକ୍ ସେହିପରି ବୁଣା ଧାନ ବିଲରେ ଧାନ ଗଛ ଉଠି ଘାସ ଖାଇବାକୁ ଲାଗିଲାଣି। ପାଣି ଅଭାବରୁ ବେଉଷଣ କାର୍ଯ୍ୟ ହୋଇପାରୁ ନାହିଁ। ଦିନ ପରେ ଦିନ ଗଡି ଚାଲିଛି ଆକାଶରେ ମଧ୍ୟ କଳାହାଣ୍ଡିଆ ମେଘ ଆସୁଛି। ଝିପି ଝିପି ବର୍ଷାରେ ସୀମିତ ରହୁଛି। କିନ୍ତୁ ବର୍ଷାର ପରିମାଣ ବଢୁ ନାହିଁ। ଚଳିତବର୍ଷ ଯାହା ବର୍ଷା ହୋଇଛି ବିଲରେ ପାଣି ହୋଇ ପାରୁନାହିଁ। ଗୋଟିଏ ବିଲରୁ ଅନ୍ୟ ବିଲକୁ ପାଣି ମାଡି ପାରି ନାହିଁ। ଏଥି ମଧ୍ୟରେ ଅନେକ ଲଘୁଚାପ ପଳାଇ ଗଲାଣି। ଏଇ ଥର ବର୍ଷା ହେବ ଆର ଥର ବର୍ଷା ହେବ ବୋଲି ଚାଷୀ କେବଳ ମନରେ ଆଶା ବାନ୍ଧି ରଖୁଥିବାବେଳେ କେବଳ ଆଶାରେ ହିଁ ସୀମିତ ରହୁଛି। ଏହି ବ୍ଲକରେ ସରପଗଡ ମଧ୍ୟମ ଜଳ ସେଚନ ପ୍ରକଳ୍ପ, ବଡ଼ଗାଁମାଲ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ସୁର୍ଗୁଡା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ରହିଥିବା ବେଳେ ପାଣି ଅଭାବରୁ ସବୁ ଅଚଳ ହୋଇ ପଡ଼ିଛି। ଫଳରେ ସମ୍ପୂର୍ଣ୍ଣ ଭାବେ ଚାଷ କାର୍ଯ୍ୟ ବନ୍ଦ ହୋଇଯାଇଛି। କେତେକ ଜାଗାରେ ଉଠା ଜଳସେଚନ ରହିଥିବା ବେଳେ କେଉଁଠି ଲାଇନ ଅବ୍ୟବସ୍ଥା ତ କେଉଁଠି ଜଳାଶୟରେ ପାଣି ଅଭାବ ରହିଛି। ବିଗତ ବର୍ଷମାନଙ୍କରେ ଏହି ପ୍ରକଳ୍ପ ସବୁର ଥିବା ଗଛିତ ପାଣି ଏବଂ ବର୍ଷା ପାଣି ମିଶି ଚାଷ କାର୍ଯ୍ୟ ହେଉଥିବାରୁ ଚଳିତବର୍ଷ ପ୍ରକଳ୍ପରେ ପାଣି ଅଭାବ ସାଙ୍ଗକୁ ନିୟଣ୍ଟିଆ ବର୍ଷା ଯୋଗୁ ଚାଷ କାର୍ଯ୍ୟରେ ବିଶେଷ ଅସୁବିଧା ସୃଷ୍ଟି ହୋଇଛି। ଆଉ ପନ୍ଦର ଦିନ ଭିତରେ ବଡ଼ଧରଣର ବର୍ଷା ନ ହେଲେ ସମ୍ପୂର୍ଣ୍ଣ ଭାବେ ଚାଷ କାର୍ଯ୍ୟ ଉଜୁଡି ଯିବା ନେଇ ଆଶଙ୍କା ରହିଛି। ଲେଫ୍ରିପଡ଼ା ବ୍ଲକରେ ଚାଷ କାର୍ଯ୍ୟ ଉପରେ କେଉଁଭଳି ପରିସ୍ଥିତି ସୃଷ୍ଟି ହେବ ତାହା ଆଗାମୀ ଦିନରେ ଦେଖିବାକୁ ବାକି ରହିଛି। ଚାଷ କାର୍ଯ୍ୟ ସମ୍ପର୍କରେ ଲେଫ୍ରିପଡା ଜିଲା କୃଷି ଅଧିକାରୀଙ୍କୁ ଯୋଗାଯୋଗ କରିଥିବାରୁ କୌଣସି ସୂଚନା ମିଳିପାରି ନାହିଁ।

## ପ୍ରାକୃତିକ କୃଷି, ସାହିତ୍ୟ କର୍ମଶାଳା

ଦେବଗଡ଼,୧୭।୭(ଡି.ଏନ.ଏ.)

ଦେବଗଡ଼ କୃଷି ବିଜ୍ଞାନ କେନ୍ଦ୍ର ସମ୍ମିଳନୀ କକ୍ଷରେ କୃଷି ବିଜ୍ଞାନ କେନ୍ଦ୍ର ଆନୁକୂଲ୍ୟରେ ରବିବାର ପ୍ରାକୃତିକ କୃଷି ଏବଂ ସାହିତ୍ୟ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ରେବିକା ବିଲୁଙ୍ଗ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡକ୍ଟର ସୁଜିତ କୁମାର ନାଥଙ୍କ ପରିଚାଳନାରେ କର୍ମଶାଳା ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ ଯୋଗଦେଇ ବ୍ରହ୍ମକମଳ ବୃକ୍ଷରେ ଜଳଦାନ ପୂର୍ବକ କର୍ମଶାଳାକୁ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଗୌନ୍ତିଆ ଓଡ଼ିଶା ରାଜ୍ୟ ଏବଂ ଓଡ଼ିଆ ଭାଷା ସାହିତ୍ୟ ପ୍ରତି ବାମଣ୍ଡା ଗଡଜାତର ଅବଦାନ ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ବାମଣ୍ଡା ରାଜ୍ୟ ଓଡ଼ିଆ ସାହିତ୍ୟର ପୃଷ୍ଟପୋଷକ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଅନୁଗୋଳ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ବିଭୂତି ଭୂଷଣ ମହାପାତ୍ର ଯୋଗଦେଇ କୃଷି ଓ ସାହିତ୍ୟ ଅଙ୍ଗାଙ୍ଗୀ ଭାବେ ଜଡିତ ଏବଂ ପ୍ରାଚୀନ ବାମଣ୍ଡା ରାଜ୍ୟ ଉଭୟ କୃଷି ଓ ସାହିତ୍ୟ କ୍ଷେତ୍ରରେ ସମଗ୍ର ଓଡ଼ିଶାର ପଥ ପ୍ରଦର୍ଶକ ଥିଲା ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସ୍ଥାନୀୟ ବାମଣ୍ଡା ସାହିତ୍ୟ ସଂସଦର ସମ୍ପାଦକ ପ୍ରଫୁଲ୍ଲ କୁମାର ମହାପାତ୍ର, ଶ୍ରୀଜଗନ୍ନାଥ ସାହିତ୍ୟ ସଂସଦର ସଭାପତି ଡକ୍ଟର ପଦ୍ମନାଭ ସାହୁ, ନାଟ୍ୟକାର ମାର୍କଣ୍ଡେଶ୍ୱର ଶତପଥି, ସାହିତ୍ୟ ସଂସଦର ଗୋଲବଦନ ବିଶ୍ୱାଳ, ବାଲ୍ମିକୀଚରଣ ଲୁହା, ହେମନ୍ତ କୁମାର ମହାପାତ୍ର, ଭୋଳେଶ୍ୱର ମିଶ୍ର ଓ ପଦ୍ମିନୀ ଦାଶ ମହାପାତ୍ରଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ କବି ଓ କବୟିତ୍ରୀ ଉପସ୍ଥିତ ରହି ସ୍ୱରଚିତ କବିତା ପାଠ କରିଥିଲେ। ସେହିପରି କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ମୁଖ୍ୟ ଅତିଥି ପଦ୍ମଶ୍ରୀ ଗୌନ୍ତିଆଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ବୁଢାପାଳର ଯୁବ ସାହିତ୍ୟିକ ତଥା କୃଷକ ରୋହିତାଶ୍ୱ ପ୍ରଧାନଙ୍କୁ ଏହି ଅବସରରେ କୃଷି କବି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶେଷରେ ନାଟ୍ୟକାର ହେମନ୍ତ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ କୃଷି ବିଜ୍ଞାନ କେନ୍ଦ୍ରର ଶସ୍ୟ ସଂରକ୍ଷଣ ବିଭାଗର ବୈଜ୍ଞାନିକ ଲବ ସୋରେନ, ଉଦ୍ୟାନ ବିଭାଗର ବୈଜ୍ଞାନିକ ସାଧନା ସ୍ୱସ୍ତିକା ଏବଂ ମୃତ୍ତିକା ବିଜ୍ଞାନୀ ଚିନ୍ମୟ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।




ପ୍ରାକୃତିକ କୃଷି ଏବଂ ସାହିତ୍ୟ କର୍ମଶାଳାରେ ଉପସ୍ଥିତ ଅତିଥି।

## ଜାତୀୟ ପଦପଦବୀରେ ଓଡ଼ିଶାର ୬ ଜଣଙ୍କ ଶପଥ



କୁଆଁରମୁଣ୍ଡା ବ୍ଲକ ବଜରଙ୍ଗ ଛକ ନିକଟରେ ଆଦିବାସୀ କାର୍ଯ୍ୟକର୍ତ୍ତାମାନେ ଛତିଶଗଡ଼ ଅଭିମୁଖେ ଯାତ୍ରା ପାଇଁ ପ୍ରସ୍ତୁତ ହେଉଛନ୍ତି।

କୁଆଁରମୁଣ୍ଡା,୧୭।୭(ଡି.ଏନ୍.ଏ.)

**ରାଜୀ ପାଡ଼ହା ଭାରତର ସାଙ୍ଗଠନିକ ପଦପଦବୀର ଶପଥ ଗ୍ରହଣ କାର୍ଯ୍ୟକ୍ରମ**

ଆଦିବାସୀମାନଙ୍କର ଜାତୀୟସ୍ତରର ସଙ୍ଗଠନ ହେଉଛି ରାଜୀ ପାଡ଼ହା। ଏହି ସଙ୍ଗଠନର ମୁଖ୍ୟାଳୟ ଛତିଶଗଡ଼ର ଯଶପୁର ନଗରର ଦିପୁ ବଗିଚାରେ ହୋଇଥିବାବେଳେ ରବିବାର ଥିଲା ଜାତୀୟସ୍ତରର ବିଭିନ୍ନ ପଦପଦବୀ ନିମନ୍ତେ ପୂର୍ବରୁ ନିର୍ବାଚିତ ପ୍ରତିନିଧିମାନଙ୍କର ଶପଥ ଗ୍ରହଣ କାର୍ଯ୍ୟକ୍ରମ। ଏହି ଉପଲକ୍ଷେ ଓଡ଼ିଶା, ଝାଡଖଣ୍ଡ, ଛତିଶଗଡ଼, ପଶ୍ଚିମବଙ୍ଗ ଇତ୍ୟାଦିରୁ ରାଜ୍ୟରୁ ସହସ୍ରାଧିକ ଆଦିବାସୀ ଛତିଶଗଡ଼ର ଯଶପୁର ନଗରସ୍ଥିତ ଦିପୁ ବଗିଚାରେ ଏକତ୍ରିତ ହୋଇଥିଲେ। ଅନୁରୂପଭାବେ ଓଡ଼ିଶାର ସୁନ୍ଦରଗଡ଼, ଦେବଗଡ଼, ଝାରସୁଗୁଡା, କେନ୍ଦୁଝରର ଆଦିବାସୀମାନେ ପାରମ୍ପରିକ ବେଶଭୂଷାରେ ସଜ୍ଜିତ ହୋଇ ସହସ୍ରାଧିକ ସଂଖ୍ୟାରେ ଉକ୍ତ ସାଙ୍ଗଠନିକ ମୁଖ୍ୟାଳୟକୁ ଯାଇଥିଲେ। ସୁନ୍ଦରଗଡ଼ ଜିଲାର ପାନପୋଷ ଉପଖଣ୍ଡର କୁଆଁରମୁଣ୍ଡା, ନୂଆଗାଁ, ଲାଠିକଟା, ବିଶ୍ରା ସମେତ ଅନ୍ୟାନ୍ୟ ବ୍ଲକର କାର୍ଯ୍ୟକର୍ତ୍ତାମାନେ ୧୪୩ ନମ୍ବର ଜାତୀୟ ରାଜପଥର କୁଆଁରମୁଣ୍ଡା ବଜରଙ୍ଗ ଛକଠାରେ ଏକତ୍ରିତ ହୋଇ ବୀରମିତ୍ରପୁର ସହରରେ ପହଞ୍ଚିଥିଲେ। ସେଠାରେ ବିର୍ସା ମୁଣ୍ଡାଙ୍କ ମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ଛତିଶଗଡ଼ ଯାତ୍ରା କରିଥିଲେ। ଛତିଶଗଡ଼ ଯଶପୁର ମୁଖ୍ୟାଳୟରେ ଅନୁଷ୍ଠିତ ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ରାଜୀ ବେଲ(ସଭାପତି) ଭାବେ ଖୁଦିରାମ ଭଗତ ଦୁଃଖି ଶପଥ ନେଇଛନ୍ତି। ରାଜୀ ଦେୱାନ(ସମ୍ପାଦକ)ଭାବେ ବସନ୍ତ ଭଗତ ଶପଥ ନେଇଥିବାବେଳେ ଓଡ଼ିଶାରୁ ୬ଜଣ ଏହି ଜାତୀୟସ୍ତରର ପଦପଦବୀ ପାଇଁ ଶପଥ ନେଇଛନ୍ତି। ସେମାନେ ହେଲେ ରାଜୀ ଉପଦେୱାନ ଚାମାନନ୍ଦ ଓରାମ, ରାଜୀ ରାକାମ୍ ଉର୍ବାସ(କୋଷାଧ୍ୟକ୍ଷ) ଫାକ୍‌ରେ ଓରାମ, ରାଜୀ ସାଲ୍‌ହାକାର (ପରାମର୍ଶଦାତା) କୁବା କିଣ୍ଡୋ, ରାଜୀ ପଞ୍ଚ ପଦରେ ବିକ୍ରମ ମିଞ୍ଜ, ରାଜୀ ସିନଗିଁ ଦେଇ(ମହିଳା ମହାସଚିବ) ପୁନମ କଚ୍ଛପ, ରାଜୀ ମହିଳା କୋଷାଧ୍ୟକ୍ଷ ଉଷାରାଣୀ ମିଞ୍ଜ। ଓଡ଼ିଶାରୁ ଜାତୀୟ ସାଙ୍ଗଠନିକ ପଦପଦବୀରେ ୬ଜଣଙ୍କୁ ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀ ମିଳିଥିବାରୁ ସେମାନଙ୍କୁ ଦେୱାନ ବସନ୍ତ ଓରାମ, ମନୋଜ ବାର୍ଲା, ରଥୁ ଓରାମ ପ୍ରମୁଖଙ୍କ ସହ ଅନ୍ୟମାନେ ଅଶେଷ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ସୂଚନା ଥାଉକି, ରାଜୀ ପାଡ଼ହା ସଙ୍ଗଠନ ହେଉଛି ଆଦିବାସୀମାନଙ୍କର ଏକ ଜାତୀୟ ସ୍ତରର ସଙ୍ଗଠନ ଯାହାକି ସେମାନଙ୍କର ପାରମ୍ପରିକ, ସାମାଜିକ, ଧାର୍ମିକ ଏବଂ ନ୍ୟାୟିକ ବ୍ୟବସ୍ଥା ପାଳନ ଦିଗରେ ନୀତି ନିର୍ଦ୍ଧାରଣ କରିଥାଏ।

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୧୮ ଜୁଲାଇ, ୨୦୨୨



## ମହାକାଳ ମନ୍ଦିର ଟ୍ରଷ୍ଟ ସଦସ୍ୟଙ୍କ ବୈଠକ

ସମ୍ବଲପୁର,(ବ୍ୟୁରୋ): ଯୁଯୁମୁରା ବ୍ଲକ ଜାମଟାଲସ୍ଥିତ ମହାକାଳ ମନ୍ଦିର ପରିସରରେ ଟ୍ରଷ୍ଟ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟ୍ରଷ୍ଟ ଜୟନ୍ତ କୁମାର ପ୍ରଧାନ ଅଧକ୍ଷତା କରିଥିଲେ। ମନ୍ଦିର ପରିଚାଳନା, ଉନ୍ନୟନ କାମ,ଭକ୍ତଙ୍କ ଦର୍ଶନରେ ସୁବିଧା, ପ୍ରସାଦ ବଣ୍ଟନ ଭଳି ବିଷୟ ଉପରେ ଆଲୋଚନା ହୋଇଥିଲା । ଶ୍ରାବଣ ମାସରେ କାଉଡିଆମାନଙ୍କ ସୁବିଧା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥିର ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅପୁ ପ୍ରଧାନ, ଅଜୟ କୁମାର ବେହେରା, ଆକାଶ କୁମାର ସ୍ୱାଇଁ, ନିକାଶଚନ୍ଦ୍ର ମାଝୀ, ସୁବାଷ ପରିଡା, ଶ୍ରୀକାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

ସମ୍ବଲପୁର

- ହୀରାକୁଦ ଜଳଭଣ୍ଡାରରୁ ପ୍ରଥମ ବନ୍ୟାଜଳ ନିଷ୍କାସନ । ସମୟ ପୂର୍ବାହ୍ନ ୧୧ଟା , ସ୍ଥାନ- ହୀରାକୁଦ ଜଳଭଣ୍ଡାର
- ରାଜ୍ୟସ୍ତରୀୟ ଯୁବ ଶିବିର, ସ୍ଥାନ- ବୁଢାରଜା, ଆନନ୍ଦମାର୍ଗ ଆଶ୍ରମ, ସମୟ ପୂର୍ବାହ୍ନ ୧୦ଟା
- ଏସଏମସି ଅଫିସରେ ଅଭିଯୋଗ ଶୁଣାଣି। ସ୍ଥାନ-ଦୁର୍ଗାପାଲି ଅଫିସ, ସମୟ ପୂର୍ବାହ୍ନ ୧୦ ଟା

## ସଂକ୍ଷେପରେ

### ଡିଭାଇଡ଼ରକୁ ପିଟିଲା ବାଇକ୍: ଯୁବକ ମୃତ

**ରାଉରକେଲା ଅଫିସ,୧୭।୭:** ରାଉରକେଲା ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବେଦବ୍ୟାସ ମନ୍ଦିର ରୋଡ ଅଞ୍ଚଳରେ ଡିଭାଇଡରକୁ ଧକ୍କା ଦେବାରୁ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବିଜୟ ସୋରେନ୍(୨୫)। ପୋଲିସ ଏକ ମାମଲା (ନଂ.୧୪୪।୨୨) ରୁଜୁ କରି ମୃତଦେହ ଜବତ କରିଛି। ବୀରମିତ୍ରପୁର ଥାନା ଅନ୍ତର୍ଗତ ଡେଲାପୋଲ ଗ୍ରାମର ବିଜୟ ଶନିବାର ରାତି ସାଢ଼େ ୧ଟାରେ ବାଇକ୍ (ନଂ.ଓଡ଼ି୧୪ଏଫ୍/୬୬୨୪)ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ବେଦବ୍ୟାସ ମନ୍ଦିର ରୋଡ ଛକରେ ଥିବା ଏକ ଡିଭାଇଡରରେ ବାଇକ୍ ଧକ୍କା ହେବାରୁ ସେ ଝିଟିକି ପଡ଼ିଥିଲେ। ରାଉରକେଲା ପୋଲିସ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଆରଜିଏଚ୍‌ରେ ଚିକିତ୍ସା ଲାଗି ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଚୋରି ଅଭିଯୋଗ, ୩ ଗିରଫ

**ରାଉରକେଲା ଅଫିସ,୧୭।୭:** ପ୍ଲାଣ୍ଟସାଇଟ ଥାନା ଅନ୍ତର୍ଗତ ଡେଲିମାର୍କେଟ ଅଞ୍ଚଳରେ ଚୋରି ଅଭିଯୋଗରେ ପୋଲିସ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଜୀବନ୍ତ ଛୁରା(୨୨), ବବଲୁ ବାଗ(୨୫) ଏବଂ ଗଣେଶ ସାମଲ(୩୪)। ରବିବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଡେଲିମାର୍କେଟ ଅଞ୍ଚଳର ବବଲୁ ଓ ଜୀବନ୍ତ ଗତ ଜୁନ ୨୪ ତାରିଖ ରାତି ସାଢ଼େ ୧ଟାରେ ଡେଲିମାର୍କେଟ ହାଇସ୍କୁଲ ଭିତରେ ପଶି ୭୦ କେଜି କେବୁଲ ଚୋରି କରି ଫେରାର ହୋଇଯାଇଥିଲେ। ସେହିପରି ପାୱାରହାଉସ୍ ରୋଡରେ ଥିବା ଏକ କପଡା ଦୋକାନ ଏସିର କପର ତାରକୁ କାଟି ନେଇଥିଲେ। ପରେ ଅଭିଯୁକ୍ତ ଦ୍ରବ୍ୟ ଡେଲିମାର୍କେଟ ଅଞ୍ଚଳରେ ଥିବା କଣ୍ଢା ବ୍ୟବସାୟୀ ଗଣେଶଙ୍କୁ ଏହି ଚୋରି ସାମଗ୍ରୀ ବିକ୍ରି କରିଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ.୨୩୧।୨୨) ରୁଜୁ କରି ଘଟଣାର ତଦନ୍ତ କରୁଥିଲା।

### ବାଜିମାରିଲେ ସାଇକ୍ରିଷ୍ଣା

**ପ୍ରକାଶ ପାଇଲା ଆଇସିଏସ୍‌ଇ ପରୀକ୍ଷା ଫଳ**

**ରାଉରକେଲା ଅଫିସ,୧୭।୭:** ରାଉରକେଲା ସେକ୍ଟର-୨୦ ସ୍ଥିତ ଇସ୍ପାତ ଇଂଲିଶ ମିଡିୟମ୍ ସ୍କୁଲର ଛାତ୍ର ସାଇକ୍ରିଷ୍ଣା ପଣ୍ଡା ଚଳିତ ବର୍ଷ ଆଇସିଏସ୍‌ଇ ଟପ୍ପର



ହୋଇଛନ୍ତି। ସେ ଚଳିତବର୍ଷ ଆଇସିଏସ୍‌ଇ ପରୀକ୍ଷାରେ ସମୁଦାୟ ୯୯.୨ ପ୍ରତିଶତ ନମ୍ବର ରଖି ସର୍ବୋଚ୍ଚ ସ୍ଥାନରେ ରହିଛନ୍ତି। ସାଇକ୍ରିଷ୍ଣା ବର୍ତ୍ତମାନ ଭୁବନେଶ୍ୱର ସ୍ଥିତ ଓଡିଏମ୍ ସ୍କୁଲରେ ପ୍ରଥମ ବର୍ଷ ଛାତ୍ର ଭାବେ ପାଠ ପଢୁଛନ୍ତି। ରାଉରକେଲା ଷ୍ଟିଲ ପ୍ଲାଣ୍ଟରେ କାର୍ଯ୍ୟରତ ସତ୍ୟନାରାୟଣ ପଣ୍ଡା ଓ ମାତା କାଦମ୍ବିନୀ ପଣ୍ଡାଙ୍କ ସାନ ପୁଅ ସାଇକ୍ରୀଷ୍ଣା ଦିନକୁ ୬ରୁ ୮ଘଣ୍ଟା ପରିଶ୍ରମ କରୁଥିଲେ। ତାଙ୍କର ଏହି ସଫଳତାର ଶ୍ରେୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡ. ବନମାଳି କର, ସମସ୍ତ ଶିକ୍ଷକ, ମା'ବାପାଙ୍କୁ ଦେଇଛନ୍ତି। ଭବିଷ୍ୟତରେ ସେ ଜଣେ ବୈଜ୍ଞାନିକ ହୋଇ ଦେଶ ପାଇଁ କାମ କରିବେ ବୋଲି କହିଛନ୍ତି। ସେହିପରି ଉକ୍ତ ବିଦ୍ୟାଳୟର ଛାତ୍ର ପୁଲକ ରଞ୍ଜନ ମଲ୍ଲିକ ଏବଂ ଶୁବର୍ଣ୍ଣିକା ପ୍ରଧାନ ୯୯ ପ୍ରତିଶତ ମାର୍କ ରଖି ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

### ଏନଏସି ପକ୍ଷରୁ କରୋନା ସଚେତନତା

**କୁଚିଣ୍ଡା,୧୭।୭(ଡି.ଏନ.ଏ.):** ସଂପ୍ରତି କରୋନା ସଚେତନତା ପାଇଁ କୁଚିଣ୍ଡା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର କରାଯାଉଛି। କରୋନା ସଂକ୍ରମଣ ଦ୍ରୁତଗତିରେ ବଢୁଥିବାରୁ ଏହାକୁ ଦୃଷ୍ଟିରେ ରଖି ସଦାସର୍ବଦା ମାସ୍କ ବ୍ୟବହାର କରିବା, ଅଯଥା ଭିଡ଼ ନ କରିବା, ସମସ୍ତ ଦୋକାନ ସମ୍ମୁଖରେ ସାନିଟାଇଜର, ହ୍ୟାଣ୍ଡୱାଶ, ପାଣି ରଖିବା, ସାମାଜିକ ଦୂରତ୍ୱକୁ ବଜାୟ ରଖିବା ପାଇଁ ସଚେତନ କରାଯାଉଥିବା ଦେଖିବାକୁ ମିଳିଛି।

# ବୁଦାମୂଳରୁ ମିଳିଲା ମୃତଦେହ

- ଉତ୍ତେଜନା, ରାସ୍ତାରୋକୋ
- ହତ୍ୟା କରି ଫିଙ୍ଗି ଦେଇଥିବା ସନ୍ଦେହ



ସମ୍ବଲପୁର ଯୁଯୁମୁରା ଥାନା ପୋଲିସ ତଦନ୍ତ କରୁଛି।

**ସମ୍ବଲପୁର,୧୭।୭(ବ୍ୟୁରୋ)**

ସମ୍ବଲପୁର ଜିଲା ଯୁଯୁମୁରା ଥାନା ଥପାପଡ଼ା ଗ୍ରାମ ନିକଟସ୍ଥ ରାସ୍ତା କଡ ବୁଦାମୂଳରୁ ରବିବାର ସକାଳେ ଜଣେ ବ୍ୟକ୍ତିଙ୍କ ଗଳିତ ମୃତଦେହ ଜବତ ହୋଇଛି। ମୃତକ ହେଲେ ଲିପିଣ୍ଡା ଗ୍ରାମର ଶଙ୍କର ପଧାନ (୪୦)। ଶଙ୍କରଙ୍କୁ ଯୋଜନାବଦ୍ଧ ଭାବେ କେହି ହତ୍ୟା କରି ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି। ଏହି ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇବା ସହ ପରିବାର ଓ ଗ୍ରାମବାସୀଙ୍କ ପକ୍ଷରୁ ପ୍ରାୟ ୧ ଘଣ୍ଟା ଧରି ଘଟଣାସ୍ଥଳରେ ରାସ୍ତାରୋକୋ କରାଯାଇଥିଲା। ରାସ୍ତା ଅବରୋଧକାରୀମାନେ ଘଟଣାର ନିରପେକ୍ଷ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରାଯାଉ ବୋଲି ଦାବି କରିଥିଲେ। ପରେ ପୋଲିସ ସାଇଣ୍ଟିଫିକ ଟିମ୍ ଓ ଅନୁସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ କରିଥିଲା।

ପ୍ରକାଶ ଯେ, ଶଙ୍କର ଶୁକ୍ରବାର ଘରୁ କାମ କରୁଥିବା ମାଲିକଙ୍କ ପାଖକୁ ଆସିଥିଲେ। ହେଲେ ସେ ଆଉ ଘରକୁ ଫେରି ନ ଥିଲେ। ଶନିବାର ଏନେଇ ଥାନାରେ ଅଭିଯୋଗ କରାଯାଇଥିଲା। ହେଲେ ରବିବାର ମୃତଦେହ ରାସ୍ତାପାର୍ଶ୍ୱ ବୁଦାମୂଳରୁ ମିଳିଥିଲା। ତାଙ୍କ ନାକରୁ ରକ୍ତ ବାହାରିଥିବା ବେଳେ ମୁଣ୍ଡରେ ଆଘାତ ଲାଗିଛି। ତେଣୁ ପାରିପାର୍ଶ୍ୱିକ ସ୍ଥିତିରୁ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ରାସ୍ତା କଡରୁ ଶଙ୍କରଙ୍କ ସାଇକେଲ ମଧ୍ୟ ଜବତ ହୋଇଛି।

# ବିଦେଶୀ ମଦ ବୋଝେଇ ଟ୍ରକ ଲୁଟ୍ ଘଟଣାରେ ଆଉ ଜଣେ ଗିରଫ

**ରେଢାଖୋଲ,୧୭।୭(ଡି.ଏନ.ଏ.)**

ଗତ ୨୯ ତାରିଖ ରାତିରେ ଚାରମାଳ ଥାନା ଅଧୀନ ୫୫ନଂ ଜାତୀୟ ରାଜପଥର ମୋଚିବାହାଳ ଗ୍ରାମ ନିକଟରୁ ବିଦେଶୀ ମଦ ବୋଝେଇ ଟ୍ରକ ଲୁଟ୍ ଘଟଣାରେ ଚାରମାଳ ପୋଲିସ ଶନିବାର ରାତିରେ ଆଉ ଜଣେ ଡକାୟତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଅନୁଗୁଳ ଜିଲା ଆଠମଲ୍ଲିକ ଥାନା କମ୍ପୋଲା ଗ୍ରାମର ଦିବ୍ୟଜ୍ୟୋତି ନାଏକ ବୋଲି ଥାନା ଅଧିକାରୀ ବସନ୍ତ କୁମାର ଦଲାଇ କହିଛନ୍ତି। ଦିବ୍ୟଜ୍ୟୋତିଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି। ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଘଟଣାରେ ଗତ ୧୨ ତାରିଖ ଦିନ ଡକାୟତ ଦଳର ଅନ୍ୟ ୩ ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ବେଳେ ସେମାନେ ଜେଲରେ ଅଛନ୍ତି। ତେବେ ଆଉ ଜଣେ ଅଭିଯୁକ୍ତ ଫେରାର ଥିବା ପୋଲିସ କହିଛି। ସୂଚନାଯୋଗ୍ୟ, ଗତ ୨୮ ତାରିଖ ଦିନ ପୁରୀ ଜିଲା ନିମାପଡାର ଏକାମକଣା ୟୁନାଇଟେଡ ସ୍ପିରିଟ ବଟଲିଂ ପ୍ଲାଣ୍ଟରୁ ଟ୍ରକ (ନଂ ଓଆର ୦୫ ଡବ୍ଲୁ ୭୭୭୯ ) ଯୋଗେ ୯୫୦ ପେଟି ବିଦେଶୀ ମଦ ସମ୍ବଲପୁର ଅଭିମୁଖେ ଆସୁଥିବା ବେଳେ ୨୯ ତାରିଖ ରାତିରେ ଏହି ଡକାୟତ ଦଳ ଉକ୍ତ ମଦ ବୋଝେଇ ଟ୍ରକକୁ ଲୁଟ୍ କରି ନେଇଥିଲେ। ଟ୍ରକର ଡ୍ରାଇଭରଙ୍କୁ ବାନ୍ଧି ଟ୍ରକରୁ ସୋନପୁର ଜିଲା ବିନିକାର ବିଶାଲପାଲିର ଏକ ଟାଇଲ ଫ୍ୟାକ୍ଟ୍ରିରେ ମଦ ଖାଲି କରିଥିଲେ। ପରେ ୩୦ ତାରିଖ ରାତିରେ ଡ୍ରାଇଭର ରଞ୍ଜନ ବାରିକଙ୍କୁ ଆଣି ଟ୍ରକ ସହ ରେଢାଖୋଲ ସହର ଉପକଣ୍ଠ ଡିମିରିକୁଦା ଛକ ନିକଟରେ ଛାଡିଦେଇ ଫେରାର ହୋଇ ଯାଇଥିଲେ। ଏନେଇ ଟ୍ରକର ମାଲିକ ମଦ ବୋଝେଇ ଟ୍ରକ ଲୁଟ୍ ନେଇ ଗତ ୧ ତାରିଖ ଦିନ ଚାରମାଳ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା।

# ସଙ୍ଗୀତଜ୍ଞ ଶ୍ରୀରାମ ଲୁହାଙ୍କ ପରଲୋକ

**ସମ୍ବଲପୁର,୧୭।୭(ବ୍ୟୁରୋ)**

**ଓଡ଼ିଆ, ସମ୍ବଲପୁରୀ ଗୀତର ଥିଲେ ସଙ୍ଗୀତ ନିର୍ଦ୍ଦେଶକ**



ଶ୍ରୀରାମ ଲୁହା।

ସମ୍ବଲପୁରୀ ଲୋକଗୀତକୁ ଆଧୁନିକତାର ଛିଟା ଦେବା, ସମ୍ବଲପୁରୀ ସହ ଓଡ଼ିଆ ଭଜନ ଗାଇବା ଓ ସଙ୍ଗୀତ ନିର୍ଦ୍ଦେଶନାରେ ସୁନାମ ଅର୍ଜନ କରିଥିବା ସହରର କୁମ୍ଭାରପଡ଼ା ନିବାସୀ ଶ୍ରୀରାମ ଲୁହା(୫୫)ଙ୍କ ରବିବାର ପରଲୋକ ହୋଇଛି। ସେ କିଡ୍‌ନୀଜନିତ ରୋଗରେ ପୀଡ଼ିତ ଥିଲେ । ସକାଳେ ତାଙ୍କୁ କଟକ ବଡ଼ ଡାକ୍ତରଖାନା ନିଆଯିବା ବେଳେ ଅନୁଗୋଳ ନିକଟରେ ତାଙ୍କର ପରଲୋକ ଘଟିଥିବା ଜଣାଯାଇଛି । ଆମ ପରାକେ ନାଇ ଆଏବ ବୁଲି, ହାଏରେ ଦିଲ୍, ଏ କିଆଫୁଲ, ପଖାନ ଉପରେ ଝରଣ ପାନି, ଫୁଲ ତ ଫୁଲରେ ମୋର ଗୁଲାପ ଫୁଲ ଭଳି ଶତାଧିକ ସମ୍ବଲପୁରୀ ଗୀତ ଗାଇବା ସହ ଏହାର ସେ ନିର୍ଦ୍ଦେଶନା ଦେଇଛନ୍ତି। ଏପରି କି ଓଡ଼ିଆ ଭଜନ ଜଗତରେ ଗାୟକ ଓ ସିନେ ଗାୟକମାନେ ମଧ୍ୟ ତାଙ୍କ ନିର୍ଦ୍ଦେଶନାରେ ଗୀତ ଗାଇଛନ୍ତି। ହିନ୍ଦୀ ଚଳଚ୍ଚିତ୍ରର ସୁନାମଧନ୍ୟ ଗାୟକ ସୋନୁ ନିଗମ ଗାଇଥିବା 'ଦୟଣାମାଳ' ଆଲବମ୍‌ରେ କାଲେ ଭିଡିନେବ ତତେ ରସକମଣି ଓ ସୁରେଶ ୱାଡେକର ଗାଇଥିବା ଆଲୋ ରାଧିକା କାହିଁକି କାହ୍ନୁଙ୍କୁ ଅଧିକା, ନିଦ ପାଲିଙ୍କିରେ ବର ଆସୁଛି ଗୀତରେ ମଧ୍ୟ ଶ୍ରୀରାମ ନିର୍ଦ୍ଦେଶନା ଦେଇଥିଲେ । ଏବେ ଆଉ ଏଭଳି ଗୀତ ଶୁଣିବାକୁ ମିଳିବ ନାହିଁ। ଶ୍ରୀରାମଙ୍କ ବିୟୋଗ ଖବର ପ୍ରଚାର ହେବା ପରେ ସମ୍ବଲପୁର ସମେତ ସମଗ୍ର ପଶ୍ଚିମ ଓଡ଼ିଶାର କଳା ଜଗତରେ ଶୋକର ଛାୟା ଖେଳିଯାଇଛି। ସୋମବାର ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ସତ୍କାର କରାଯିବ ବୋଲି କଳାକାରମାନେ ସୂଚନା ଦେଇଛନ୍ତି। ଶ୍ରୀରାମ କଳାକାର ପରିବାରରେ ଜନ୍ମଗ୍ରହଣ କରିଥିଲେ, ହେଲେ କଳା ଅପେକ୍ଷା ଖେଳ ପ୍ରତି ତାଙ୍କର ଅଧିକ ରୁଚି ରହିଥିଲା। ସାମାନ୍ୟ ଦିବ୍ୟାଙ୍ଗ ହୋଇଥିବାରୁ ଖେଳଠାରୁ ଦୂରେଇ ରହିଥିଲେ। ନବମ ଶ୍ରେଣୀରେ ପଢୁଥିବା ବେଳେ ମାତ୍ର ୧୪ ବର୍ଷ ବୟସରେ ଗୀତ ପ୍ରତି ରୁଚି ଆସିଥିଲା। ପ୍ରଥମେ ବାପାଙ୍କଠାରୁ ଗୀତ ଶିଖିଥିଲେ। ପରେ ନିଜ ଇଚ୍ଛାଶକ୍ତି, ପରିଶ୍ରମ ତାଙ୍କୁ ସଙ୍ଗୀତ ଜଗତର ଏକ ସ୍ୱତନ୍ତ୍ର ସ୍ଥାନରେ ପହଞ୍ଚାଇ ପାରିଥିଲା। ୧୯୯୭ରୁ ୨୦୧୦ ପର୍ଯ୍ୟନ୍ତ ବହୁ ହିଟ୍ ଗୀତର ନିର୍ଦ୍ଦେଶନା ଦେବା ସହ ଗୀତ ଗାଇଥିଲେ। କଟକରେ ୨ ବର୍ଷ ରହି ପରିଶ୍ରମ କରିଥିଲେ। ହେଲେ ଆର୍ଥିକ ଅନଟନ ଯୋଗୁ ପୁଣି ଫେରିଆସିଥିଲେ। ସମ୍ବଲପୁରୀ ସିନେମା ଅଲାରରେ ମଧ୍ୟ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ତାଙ୍କ ବିୟୋଗରେ ବିଭିନ୍ନ କଳାପ୍ରେମୀ, କଳାକାର ଶୋକବ୍ୟକ୍ତ କରିଛନ୍ତି।

# ପ୍ରଥମ ବ୍ୟାଚ୍‌ରେ ଶତ ପ୍ରତିଶତ ପାସ୍

**ସମ୍ବଲପୁର,୧୭।୭(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ବଡବଜାର ମୁଙ୍ଗାଲାଲ ଶିଶୁ ମନ୍ଦିର ଛାତ୍ରୀଛାତ୍ରମାନେ ମାଟ୍ରିକ ପରୀକ୍ଷାରେ ଶତ ପ୍ରତିଶତ ପାସ୍ କରିଛନ୍ତି। ଏହି ସ୍କୁଲରେ ପୂର୍ବରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଥିଲା। ଚଳିତବର୍ଷ ପ୍ରଥମ କରି ଛାତୀଛାତ୍ରମାନେ ମାଟ୍ରିକ ପରୀକ୍ଷା ଦେଇଥିଲେ। ସମସ୍ତ ଛାତ୍ରୀଛାତ୍ର ପାସ କରିଛନ୍ତି। କରୋନା କଟକଣା ଯୋଗୁ ପାଠପଢାରେ ବାଧା ସୃଷ୍ଟି ହୋଇଥିଲା। ତେଣୁ ପିଲାଙ୍କ ମାର୍କ ଆଶାନୁରୂପ ଭାବେ ରହିନାହିଁ। ଏବେ ସ୍ୱାଭାବିକ ପରିସ୍ଥିତି ହୋଇଛି। ଆସନ୍ତା ମାଟ୍ରିକ ପରୀକ୍ଷାରେ ପିଲାମାନେ ଯେପରି ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହେବେ ସେଥିପାଇଁ ଉଦ୍ୟମ ଜାରି ରହିଛି ବୋଲି ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ପ୍ରକାଶ କରିଛନ୍ତି ।



ସମ୍ବଲପୁର ମୁଙ୍ଗାଲାଲ ସ୍କୁଲର ଛାତ୍ରୀଛାତ୍ର ଓ ଶିକ୍ଷକ ।

# ବୁଡାକଟାଠାରେ ସିଲେଇ ପ୍ରଶିକ୍ଷଣ କେନ୍ଦ୍ର ଆରମ୍ଭ



ହୀରାକୁଦ ହିଣ୍ଡାଲକୋ ପକ୍ଷରୁ ବୁଡାକଟା ଘାଟିପଡାଠାରେ ସିଲେଇ ପ୍ରଶିକ୍ଷଣ କେନ୍ଦ୍ର ଆରମ୍ଭ କରାଯାଇଛି।

**ସମ୍ବଲପୁର,୧୭।୭(ବ୍ୟୁରୋ)**

ହୀରାକୁଦ ହିଣ୍ଡାଲକୋ ପକ୍ଷରୁ ବୁଡାକଟା ଘାଟିପଡାଠାରେ ରବିବାର ସିଲେଇ ପ୍ରଶିକ୍ଷଣ କେନ୍ଦ୍ର ଆରମ୍ଭ ହୋଇଛି। ହିଣ୍ଡାଲକୋ କମ୍ପ୍ଲେକ୍ସର ମାନବ ସମ୍ବଳ ମୁଖ୍ୟ କ୍ରୀଷ୍ଣା ପାଢ଼ୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଘାଟିପଡାର ମଞ୍ଜୁଲତା ଦେହୁରୀ ଓ ହିଣ୍ଡାଲକୋ ଅର୍ଥ ବିଭାଗର ନଗେନ୍ଦ୍ର ଗୁରୁ ଯୋଗଦେଇ ପ୍ରଶିକ୍ଷଣ କେନ୍ଦ୍ରର ଶୁଭାରମ୍ଭ କରିଥିଲେ । ଏହି କେନ୍ଦ୍ରରେ ୨୪ଜଣ ମହିଳାଙ୍କ ୬ମାସ ସକାଶେ ପ୍ରଶିକ୍ଷଣ ଦିଆଯିବା କାର୍ଯ୍ୟକ୍ରମ ରହିଛି । କମ୍ପାନୀର ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ସରୋଜ ଆଚାର୍ଯ୍ୟ, ସୁଶ୍ରୀ ଜୟଶ୍ରୀ ରାଓ, ଗ୍ରାମର ସନ୍ତୋଷିନୀ ରେଡ୍ଡି, ସୁଶ୍ରୀ ସୀମା ସିଂ, ସୁଶ୍ରୀ ସୁଷମା ଦୀପ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ବହୁଜନ ସମାଜ ପାର୍ଟିର ବୈଠକ



ରବିବାର ସମ୍ବାଦିକ ଭବନଠାରେ ଅନୁଷ୍ଠିତ ବୈଠକରେ ମଞ୍ଚାସୀନ କର୍ମକର୍ତ୍ତାମାନେ ।

**ସମ୍ବଲପୁର,୧୭।୭ (ବ୍ୟୁରୋ)**

ସମ୍ବଲପୁର ଜିଲା ବହୁଜନ ସମାଜ ପାର୍ଟି(ବିଏସପି)ର ବୈଠକ ରବିବାର ସମ୍ବାଦିକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲା ସଭାପତି ଦିଲିପ ସିଂଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ସମ୍ବଲପୁର ଜିଲାର ୯ଟି ବ୍ଲକରୁ ପ୍ରତିନିଧିମାନେ ଯୋଗ ଦେଇଥିଲେ । ବିଏସପି ରାଜ୍ୟ ପ୍ରଭାରୀ ସୁବ୍ରତ ସାମଲ ଯୋଗ ଦେଇ ଜିଲାରେ ଆଦିବାସୀ ଓ ଦଳିତମାନଙ୍କ ଉପରେ ହେଉଥିବା ଅତ୍ୟାଚାର ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ୯ଟି ବ୍ଲକର ନୂତନ ସଭାପତିଙ୍କ ସମେତ ଜିଲା କମିଟି ଗଠନ କରାଯାଇଥିଲା । ଜିଲା ପ୍ରଭାରୀ ସଦାନନ୍ଦ ରଣବିଡା, ମହିଳା ସଭାନେତ୍ରୀ କଳ୍ପନା ନାଏକ, ଜିଲା କୋଷାଧକ୍ଷ କୁମ୍ଭକର୍ଣ୍ଣ ବୌଦ୍ଧ, ସମ୍ବଲପୁର ଲୋକ କ୍ଷେତ୍ରର ଅନିଲ ନାଏକ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।

# ଏନ୍‌ଏଚ୍‌ଏଆଇର ବୃକ୍ଷରୋପଣ କାର୍ଯ୍ୟକ୍ରମ

**ସମ୍ବଲପୁର,୧୭।୭(ବ୍ୟୁରୋ)**

ଭାରତ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ସାରା ଦେଶରେ ଆଜାଦି କି ଅମୃତ ମହୋତ୍ସବ ପାଳନ କରାଯାଉଛି। ଏହି ଅବସରରେ ଏନଏଚଏଆଇ ସମ୍ବଲପୁର ପକ୍ଷରୁ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ତିଳେଇବଣୀ ଜାତୀୟ ରାଜପଥ ୫୫ ସିନ୍ଦୁରପଙ୍କ ଛକ ନିକଟରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ସିନ୍ଦୁରପଙ୍କ ଜେ ପି ହାଇସ୍କୁଲ ଛାତ୍ରୀଛାତ୍ରମାନେ ସାମିଲ ଥିଲେ। ପାଖ ଏନଏଚ ମଧ୍ୟଭାଗରେ ମଧ୍ୟ ବୃକ୍ଷରୋପଣ କରଯାଇଥିଲା। ଏହି ଅବସରରେ ଏକ ସଚେତନତା ରାଲି ହୋଇଥିଲା। ବୃକ୍ଷରୋପଣ ଦ୍ୱାରା ପରିବେଶ ପ୍ରଦୂଷଣ ନିୟନ୍ତ୍ରିତ ରହିଥାଏ। ଏହାଛଡା ରାଜପଥରେ ଯାନବାହାନ ଆଲୁଅରେ ଦୁର୍ଘଟଣାର ଯେଉଁ ଆଶଙ୍କା ରହିଥାଏ ତାହା ବୃକ୍ଷ ଲାଗିବା ଦ୍ୱାରା କିଛି ମାତ୍ରାରେ କମିବାର ଆଶା ରହିଥାଏ ବୋଲି ସଚେତନ କରାଯାଇଥିଲା। ପରେ ଏନଏଚଆଇର ଅଧିକାରୀ ଏଚଏନ ଗୁପ୍ତାଙ୍କ ତତ୍ତ୍ୱାବଧାନରେ ଏନଏଚଆଇର କର୍ତ୍ତୃପକ୍ଷ ଏବଂ ଜେପି ହାଇସ୍କୁଲର ଛାତ୍ରୀଛାତ୍ର, ଶିକ୍ଷକ ମିଳିତ ଭାବେ ବୃକ୍ଷରୋପଣ କରିଥିଲେ।



ସମ୍ବଲପୁର ସିନ୍ଦୁରପଙ୍କରେ ବୃକ୍ଷରୋପଣ।

# ରେଳବାଇ ନିରାପତ୍ତା ଆୟୁକ୍ତଙ୍କ ଦୁଇଦିନିଆ ଗସ୍ତ

**ନିରୀକ୍ଷଣ କଲେ କେସିଙ୍ଗା ତୃତୀୟ ଲାଇନ କାର୍ଯ୍ୟ**

**ସମ୍ବଲପୁର,୧୭।୭(ବ୍ୟୁରୋ)**

ଦକ୍ଷିଣ ପୂର୍ବ ସର୍କଲ ରେଲବାଇ ନିରାପତ୍ତା ଆୟୁକ୍ତ ଏ.ଏମ ଚୌଧୁରୀ ଦୁଇଦିନ ଧରି ସମ୍ବଲପୁର ରେଲ ମଣ୍ଡଳ ଅନ୍ତର୍ଗତ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ନିରୀକ୍ଷଣ କରିଛନ୍ତି। ସିକିର-ଟିଟିଲାଗଡ ଦୋହରିକରଣ ଏବଂ ଟିଟିଲାଗଡ-କେସିଙ୍ଗା ତୃତୀୟ ଲାଇନ କାର୍ଯ୍ୟ ଦେଖିବା ସହ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସେହିପରି ସିକିର-ଟିଟିଲାଗଡ-କେସିଙ୍ଗା ଷ୍ଟେଶନରେ ମଧ୍ୟ ସ୍ୱିଡ ଟାଏଲ କରାଯାଇଥିଲା। ଏଥିସହ ସେ ନିରାପତ୍ତାଭିତ୍ତିକ କାର୍ଯ୍ୟରେ ଓଭର ହେଡ ଉପକରଣ ପୋଲ, ରେଲ ଧାରଣା, ମାନବଯୁକ୍ତ ରେଳବାଇ ଫାଟକ, ସଂକେତ ଓ ଦୂରସଞ୍ଚାର ଉପକରଣ ପ୍ରଭୃତି ନିରୀକ୍ଷଣ କରିଥିଲେ। ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର, ପୂର୍ବତଟ ରେଳପଥ ମୁଖ୍ୟ ପ୍ରଶାସନିକ ଅଧିକାରୀ(ନିର୍ମାଣ) ଅମର ପ୍ରକାଶ ଦ୍ୱିବେଦୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ଦକ୍ଷିଣ ପୂର୍ବ ସର୍କଲ ରେଲବାଇ ନିରାପତ୍ତା ଆୟୁକ୍ତ ଏ.ଏମ ଚୌଧୁରୀ ରବିବାର ସମ୍ବଲପୁର ରେଲ ମଣ୍ଡଳ ଅନ୍ତର୍ଗତ ଉନ୍ନତିମୂଳକ କାର୍ଯ୍ୟ ନିରୀକ୍ଷଣ କରୁଛନ୍ତି ।

## ସଂକ୍ଷେପରେ

### ସାପ କାମୁଡ଼ାରେ ଯୁବତୀ ମୃତ

**ଲହୁଣୀପଡ଼ା,୧୭।୭(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ଫୁଲଝର ପଞ୍ଚାୟତ ବଡଜୋଲ ଗ୍ରାମର ରାମଚନ୍ଦ୍ର ଗିରିଙ୍କ ଝିଅ କବିତା (୧୮) ଅନ୍ୟମାନଙ୍କ ସହିତ ବିଲରେ ଚାଷ କାମ କରିବା ପାଇଁ କୁରଡ଼ା ପଞ୍ଚାୟତ କାଦଡ଼ିହା ଗ୍ରାମକୁ ଆସିଥିଲେ। ଶନିବାର ବିଲରେ କାମ ସାରି ସନ୍ଧ୍ୟାରେ ଘରକୁ ଫେରିଥିଲେ। ରାତିରେ କବିତା ଅସୁସ୍ଥତା ଅନୁଭବ କରିଥିବା ସାଥିମାନଙ୍କୁ କହିଥିଲେ। ରବିବାର ଚିକିତ୍ସା ପାଇଁ ବଣାଇଗଡ଼ ଡାକ୍ତରଖାନାକୁ ନେଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ବିଷାକ୍ତ ସାପ କାମୁଡ଼ା ଯୋଗୁ ମୃତ୍ୟୁ ହୋଇଥିବା ଜାଣିବା ପରେ ପୋଲିସକୁ ସୂଚନା ଦେଇଥିଲେ। ଖବରପାଇ ମହୁଲପଦା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଥିଲା। ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ସିମେଣ୍ଟ ବୋଝେଇ ଡମ୍ଫର ଚୋରି ଉଦ୍ୟମ: ଚୋର ଅଟକ

**ରାଜଗାଙ୍ଗପୁର, ୧୭।୭(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରରୁ ଏକ ସିମେଣ୍ଟ ବୋଝେଇ ଡମ୍ଫର ଚୋରି ହୋଇ ଅଳ୍ପ ବାଟ ଯିବା ପରେ ତେଲ ସରିଯିବାରୁ ଚୋର ଡମ୍ଫରକୁ ନେଇ ନ ପାରି ଧରାପଡିଯିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ରାଜଗାଙ୍ଗପୁର ସିମେଣ୍ଟ କାରଖାନାରୁ ଶନିବାର ସନ୍ଧ୍ୟାରେ ଏକ ଡମ୍ଫର ନଂ.ଓଆର୍ ୧୪କ୍ୟୁ ୨୧୯୮ ସିମେଣ୍ଟ ବୋଝେଇ କରି ବେଦବ୍ୟାସ ଯିବାକୁ ଥିଲା। କିନ୍ତୁ ସନ୍ଧ୍ୟା ହୋଇଥିବାରୁ ସିମେଣ୍ଟ କାରଖାନାରୁ ବାହାରି ପାଖ ମାଟିଗେଟ ନିକଟରେ ଡ୍ରାଇଭର ଡମ୍ଫରକୁ ରଖି ନିଜ ଘର ପୋଡସିଂକୁ ଚାଲିଯାଇଥିଲେ। ରବିବାର ସକାଳ ୫ଟାରେ ଡ୍ରାଇଭର ଆଶିଷ ଡମ୍ଫର ନିକଟକୁ ଆସିଥିଲେ। କିନ୍ତୁ ସେଠାରେ ଡମ୍ଫର ନ ଥିଲା। ସେ ତୁରନ୍ତ ମାଲିକ ଗଣେଷ ଶର୍ମାଙ୍କୁ ଫୋନ ଯୋଗେ କହିଥିଲେ। ଦୁହେଁ ଏଣେତେଣେ ଖୋଜାଖୋଜି କରିବା ପରେ ଜିପିଆରଏସ ମାଧମରେ ଜାଣିବାକୁ ପାଇଲେ ଯେ ଡମ୍ଫରଟି ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ୧୨ କିଲୋମିଟର ଦୂରତା ଏକ ଜଙ୍ଗଲୀ ରାସ୍ତା ବୁଟୁକୁପଡା ନିକଟରେ ଅଛି। ଏମାନେ ମୋଟରସାଇକେଲ ଯୋଗେ ଉକ୍ତ ସ୍ଥାନରେ ପହଞ୍ଚିଥିଲେ। ଏମାନେ ପୋଲିସକୁ ଖବର ଦେବା ସହ ତେଲ ବ୍ୟବସ୍ଥା କରି ଡମ୍ଫରକୁ ରାଜଗାଙ୍ଗପୁର ଆଣିବା ପାଇଁ ଚିନ୍ତାକରି ପାଖଏକ ଜଳଖିଆ ଦୋକାନରେ ଜଳଖିଆ ଖାଉଥିବା ସମୟରେ ଚୋର ପୁଣି ଆଉ ଥରେ ଆସି ଡମ୍ଫରକୁ ନେଇଯିବା ପାଇଁ ସଜବାଜ ହେଉଥିବାବେଳେ ସ୍ଥାନୀୟ ଲୋକଙ୍କ ସହାୟତାରେ ଚୋରକୁ ଧରିବାରେ ସଫଳ ହୋଇଥିଲେ। ପୋଲିସ ମଧ ଠିକ ପହଞ୍ଚିଥିଲା। ଚୋରକୁ ପୋଲିସକୁ ହସ୍ତାନ୍ତର କରାଯାଇଛି।

### ଦ୍ରୌପଦୀ ମୁର୍ମୁ ଜିତିବା ପାଇଁ ପୂଜାର୍ଚ୍ଚନା

**ରାଜଗାଙ୍ଗପୁର, ୧୭।୭(ଡି.ଏନ.ଏ.):** ସୋମବାର ରାଷ୍ଟ୍ରପତି ନିର୍ବାଚନ। ଦ୍ରୌପଦୀ ମୁର୍ମୁ ଏନଡିଏ ପ୍ରାର୍ଥୀ ଭାବେ ନିର୍ବାଚନରେ ଓହ୍ଲାଇଛନ୍ତି। ସେ କିପରି ବିପୁଳ ସଂଖ୍ୟାରେ ବିଜୟ ଲାଭ କରିବେ,ସେଇ ଆଶା ଓ ବିଶ୍ୱାସ ନେଇ ରବିବାର ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀର ବରିଷ୍ଠ ଭାଜପା ନେତୃବୃନ୍ଦ, ସୁନ୍ଦରଗଡ ଜିଲାର ପ୍ରସିଦ୍ଧ ଶୈବପୀଠ ଘୋଘରଧାମ ଠାରେ ପୂଜାର୍ଚ୍ଚନା କରି ମନାସିଛନ୍ତି। ପୂଜାର୍ଚ୍ଚନାରେ ରାଜଗାଙ୍ଗପୁର ଭାଜପାର କାର୍ଯ୍ୟକାରୀ ସଭାପତି ସେଖର ଦଧିଚି, ଉପେନ୍ଦ୍ର ପ୍ରଧାନ, ନରସିଂହ ମିଞ୍ଜଙ୍କ ସହ ଅନ୍ୟମାନେ ରହିଥିଲେ।

### ଜୁଆଆଡ୍ଡାରେ ଚଢ଼ାଉ: ୨ ଗିରଫ

**ଝାରସୁଗୁଡା ଅଫିସ,୧୭।୭:** ଝାରସୁଗୁଡା ଜିଲା ବନହରପାଲି ଥାନା ଅଧିନ ବନ୍ଧବାହାଲ ଶିଳ୍ପାଞ୍ଚଳ ଲକ୍ଷ୍ମୀ ମାର୍କେଟର ଏକ ଜୁଆଆଡ୍ଡା ଉପରେ ପୋଲିସ ଚଢାଉକରି ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ସୁନ୍ଦରଗଡ ଜିଲା ବଣେଇ ଅଞ୍ଚଳର ହିମାଦ୍ରୀ ପ୍ରଧାନ, ରାଉରକେଲା ବାସନ୍ତୀ କଲୋନୀର ରୋହିତ ସୁନା ବୋଲି ଜଣାପଡିଛି। ଏମାନଙ୍କ ନିକଟରୁ ପୋଲିସ ୨୪ହଜାର ୫୪୦ଟଙ୍କା ସହ ସଟ୍ଟାଖେଳ ସାମଗ୍ରୀ ଜବତ କରିଛି। ଏଥିମଧ୍ୟରେ ମୋବାଇଲ, କାଲ୍କୁଲେଟର, ଖାତା ଆଦି ରହିଛି। ଏନେଇ ପୋଲିସ ବନହରପାଲି ଥାନା କେଶ ନଂ. ୧୫୧/୨୨ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।




ସୁନ୍ଦରଗଡ଼ ଜିଲା ବଣାଇ ପୋଲିସ ପକ୍ଷରୁ ରବିବାର ହେଲମେଟ ଚେକିଂ ଚାଲିଥିବାବେଳେ ଜଣେ ଯୁବକଙ୍କୁ ପିଟି ଗୁରୁତର କରିବା ଘଟଣା ନେଇ ସମଗ୍ର ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହୋଇଛି। ଉତ୍ତ୍ୟକ୍ତ ଲୋକେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଥାନା ଘେରାଉ କରି ରଖିଛନ୍ତି। ଗୁରୁତର ଯୁବକ ଚିକିତ୍ସିତ ହେଉଛନ୍ତି।

# ଗଏରବାହାଲ ହାଇସ୍କୁଲରେ ହେବ ହକି ଉତ୍କର୍ଷ କେନ୍ଦ୍ର

**କୁତ୍ରା, ୧୭।୭(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଗଏରବାହାଲ ହାଇସ୍କୁଲଠାରେ ଏକ ହକି ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ପାଇଁ ଓଡିଶା ଟାଟା ନାଭାଲ ସଂସ୍ଥା ନିଷ୍ପତ୍ତି ନେଇଛି। ଏହି ଅଞ୍ଚଳରେ ହକି ପ୍ରତିଭା ଲୁଚି ରହିଥିବା ହୃଦୟଙ୍ଗମ କରି ଓଡିଶା ନାଭାଲ ହକି ହାଇପରଫରମାନ୍ସର ସଂଯୋଜକ ଶେଖର ଚନ୍ଦ୍ର ବେହେରା ଗଏରବାହାଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କ ସହ କେନ୍ଦ୍ର ସ୍ଥାପନ ନେଇ ଆଲୋଚନା କରିଥିଲେ। ଏଠାରେ ଥିବା ଖେଳ ପଡିଆରେ ନିକଟସ୍ଥ ଯୁବ ହକି ଖେଳାଳିମାନଙ୍କୁ ଓଡିଶା ଟାଟା ନାଭାଲ ପକ୍ଷରୁ ଆବଶ୍ୟକ ହକି ପ୍ରଶିକ୍ଷଣ ପାଇଁ ଦକ୍ଷ ପ୍ରଶିକ୍ଷକ ସହ ହକି ଉପକରଣ ଯୋଗାଇ ଦେବାକୁ ନିଷ୍ପତ୍ତି ଜଣାଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏବଂ ଖେଳ ଶିକ୍ଷକଙ୍କ ତତ୍ତ୍ୱାବଧାରେ ଏହି କେନ୍ଦ୍ର ପରିଚାଳିତ ହେବ। ଏନେଇ ହୋଇଥିବା ଆଲୋଚନାରେ ପୂର୍ବତନ ହକି ଖେଳାଳି ତଥା ପ୍ରଶିକ୍ଷକ ଜର୍ମାନ ଲାକଡାଙ୍କ ସହ ଅନ୍ୟ ୨ ଜଣ ପ୍ରଶିକ୍ଷକ ଉପସ୍ଥିତ ରହି ଖେଳ ପଡିଆର ଭିତ୍ତିଭୂମି ତଦାରଖ କରିଥିଲେ। ଏହା ସହ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସହ ହକି ଖେଳ ଏବଂ ଏଥିପ୍ରତି ସେମାନଙ୍କ ଆଗ୍ରହ ନେଇ ଆଲୋଚନା କରିଥିଲେ। ଏହି ଅବସରରେ ପ୍ରଧାନ ଶିକ୍ଷକଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ର ଛାତ୍ରୀ ଉପସ୍ଥିତ ରହି ଓଡିଶା ଟାଟା ନାଭାଲ ହକି ସଂସ୍ଥାର ନିଷ୍ପତ୍ତିକୁ ସ୍ୱାଗତ କରିଥିଲେ।

# ସୁନ୍ଦରଗଡରେ ବନମହୋତ୍ସବ, ଗୌରବଙ୍କୁ ସମ୍ବର୍ଦ୍ଧନା



**ସୁନ୍ଦରଗଡ,୧୭।୭(ଡି.ଏନ.ଏ.)**

ସୁନ୍ଦରଗଡ ପବ୍ଲିକ ସ୍କୁଲଠାରେ ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଭାରତୀୟ ପ୍ରଶାସନିକ ସେବା ପରୀକ୍ଷାରେ ୮୬ନମ୍ବର ରେଙ୍କ ରଖିଥିବା ସୁନ୍ଦରଗଡ଼ର ଗୌରବ ଅଗ୍ରୱାଲା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ଇକୋ କ୍ଲବର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ସହ ଚାରା ରୋପଣ କରିଥିଲେ। ପରିଚାଳନା ସମିତିର ସମ୍ପାଦକ ରାଜକିଶୋରୀ ଷଡ଼ଙ୍ଗୀଙ୍କ ତତ୍ତ୍ୱାବାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ତରଫରୁ ଅଧକ୍ଷା ଡ.ହରପ୍ରିୟା ପଟେଲ ଗୌରବଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଗୌରବ ଛାତ୍ର ଜୀବନ ଓ ଭାରତୀୟ ପ୍ରଶାସନିକ ସେବା ପରୀକ୍ଷା ପାଇଁ ପ୍ରସ୍ତୁତି ଓ ସଫଳତାର ଅନୁଭୂତି ବାଣ୍ଟିବା ସହ ଛାତ୍ରୀଛାତ୍ରମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ତଥା ବରିଷ୍ଠ ଆଇନଜୀବୀ ନିମାଇ ଚରଣ ନାଏକ ଗୌରବଙ୍କୁ ଉପଢୌକନ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପରିଚାଳନା ସମିତିର ବେଣୁମାଧବ ତ୍ରିପାଠୀ, ଶିକ୍ଷୟିତ୍ରୀ,ଶିକ୍ଷକମାନେ ଉପସ୍ଥିତ ଥିଲେ। ଶେଷରେ ଶିକ୍ଷକ ଗୋପାଳ ପୁରୋହିତ ଧନ୍ୟବାଦ ଦେଇଥିଲେ।

### ରେଲ୍‌ୱେ ଷ୍ଟେଶନ୍ ରୋଡରୁ ଟ୍ରକ୍ ଚୋରି

**ବଲାଙ୍ଗୀର ଅଫିସ,୧୭।୭:** ବଲାଙ୍ଗୀର ରେଲୱେ ଷ୍ଟେଶନ୍ ରୋଡରେ ଠିଆ ହୋଇଥିବା ଏକ ଟ୍ରକ୍‌ର ଦୁଇ ପଛଚକ ଦୁର୍ବୃତ୍ତ ଚୋରି କରିନେଇଥିବା ଟାଉନ୍ ଥାନାରେ ରବିବାର ଅଭିଯୋଗ ହୋଇଛି। ଚୋରି ଟ୍ରକ୍ ମଦନ ସିଂଙ୍କର ବୋଲି ଜଣାପଡିଛି। ଏହି ଘଟଣା ସମ୍ପର୍କରେ ଜଣାପଡିବା ପରେ ଟ୍ରକ୍ ମାଲିକ ସଂଘ ସଭାପତି ସମ୍ପାଦକ ଘଟଣାସ୍ଥଳକୁ ଯାଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ।

### ବୋଲବମ୍ ସେବା ସମିତି ପକ୍ଷରୁ କାଉଡ଼ିଆ ଶୋଭାଯାତ୍ରା

**ବ୍ରଜରାଜନଗର, ୧୭।୭(ଡି.ଏନ୍ଏ)**

ବୋଲବମ ସେବା ପକ୍ଷରୁ ଇବନଦୀରୁ ଶ୍ରାବଣ ପ୍ରଥମ ସୋମବାର ପାଇଁ ଗଡ଼ ହିମିଗିରୀଠାରେ ଥିବା ବାବା ଝାଡେଶ୍ୱର ନାଥ ନିକଟରେ ଜଳାଭିଷେକ ନିମନ୍ତେ ବ୍ରଜରାଜନଗର ଅଞ୍ଚଳ ୧୦୮ କାଉଡ଼ିଆଙ୍କ ଦାରା ଶୋଭାଯାତ୍ରା ବାହାରିଛି। ଭକ୍ତଙ୍କ ସୁବିଧା ପାଇଁ ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା ସହ ଆମ୍ବୁଲାନ୍ସ ନିୟୋଜିତ ହୋଇଛି। ରାସ୍ତାର ବିଭିନ୍ନ ସ୍ଥାନରେ ଭକ୍ତଙ୍କ ମନୋରଞ୍ଜନ ପାଇଁ ପୌରାଣିକ କାର୍ଯ୍ୟକ୍ରମ ରହିଛି ବୋଲି ସମିତି ପକ୍ଷରୁ କୁହାଯାଇଛି। ବ୍ରଜରାଜନଗର ପୋଲିସ ସୁରକ୍ଷା ବ୍ୟବସ୍ଥା କରିଥିଲା। ଇବ ନଦୀରେ ବ୍ରଜରାଜନଗର ଲାୟନସ କ୍ଲବ ପକ୍ଷରୁ ଭକ୍ତଙ୍କ ସେବାକାର୍ଯ୍ୟ ପାଇଁ ନିୟୋଜିତ ଥିଲେ।

# ଜବରଦଖଲ ଗୋଚର ଜମି ଉଦ୍ଧାର ପାଇଁ ସଚେତନତା

**ଖପ୍ରାଖୋଲ, ୧୭।୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଓଡ଼ିଆପାଲି ଗାଁରେ ରାଜସ୍ୱ ଓ ପ୍ରାଣୀ ସମ୍ପଦ ବିଭାଗ ମିଳିତ ଉଦ୍ୟମରେ ଜବରଦଖଲ ଗୋଚର ଜମି ଉଦ୍ଧାର ପାଇଁ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ସଭାରେ ଖପ୍ରାଖୋଲ ବ୍ଲକ ପ୍ରାଣୀ ସମ୍ପଦ ଅଧିକାରୀ ଡ଼ା ସୁଜିତ କୁମାର ଶତପଥୀ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଗୋଚର ଜମିକୁ ଉଦ୍ଧାର କରି ସବୁଜ ବାଡ଼ ଦେବା ସହ ପ୍ରାଣୀ ପାଳକମାନେ ଘାସ ଚାଷ କରିବା ଉପରେ ଆଲୋଚନା ହୋଇଥିଲା। ଏସ୍ଏଚ୍‌ଜି ମହିଳାମାନେ ଗୋଚର ଜମିରେ ଅନ୍ୟ ଚାଷ କରି ରୋଜଗାର କରିବା ଉପରେ କହିଥିଲେ। ବୈଠକରେ ସରପଞ୍ଚ ପ୍ରତିନିଧି ସୁବାଷ ଛୁରା, ଏସ୍ଏଚ୍‌ଜି ମହିଳା ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ମାୟାବର୍ହାରେ ଏମ୍ଇସିଏଲ୍ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର



ମାୟାବର୍ହା ସ୍ୱାସ୍ଥ୍ୟ ଶିବିରରେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

**ବଲାଙ୍ଗୀର ଅଫିସ,୧୭।୭**

ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ପାଳନ ଅମୃତ ମହୋତ୍ସବ ଅବସରରେ ବଲାଙ୍ଗୀର ଜିଲା ମାୟାବର୍ହା ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ରବିବାର ମାଗଣା ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟର ମିନେରାଲ ଏକ୍ସପ୍ଲୋରେସନ୍ ଆଣ୍ଡ କନସଲ୍ଟେନ୍ସି ଲିମିଟେଡ (ଏମ୍ଇସିଏଲ) ଏବଂ ଚୁଡାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହଯୋଗରେ ଆୟୋଜିତ ଶିବିରକୁ ଏମଇସିଏଲର ଡେପୁଟି ଜେନେରାଲ ମ୍ୟାନେଜର ପି.ପି.କୁଲକର୍ଣ୍ଣି ଉଦ୍‌ଘାଟନ କରିଥିଲେ। ଶିବିରରେ ଏମଇସିଏଲ ପ୍ରୋଜେକ୍ଟ ମ୍ୟାନେଜର କେ.ଲକ୍ଷ୍ମଣରାଓ, ଚୂଡାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଇନଚାର୍ଜ ଡାକ୍ତର ତ୍ରୁରଣକାନ୍ତ ଭୋଇ ଉପସ୍ଥିତ ଥିଲେ। ଶିବିରରେ ୪୩୧ ଜଣଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ୯ ଜଣ ଡାକ୍ତର, ୯ ଜଣ ପାରାମେଡିକାଲ ଷ୍ଟାଫ୍ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏମ୍ଇସିଏଲ ପକ୍ଷରୁ ଅମୃତ ମହୋତ୍ସବ ଅବସରରେ ଏବେ ବଲାଙ୍ଗୀର ମାୟାବର୍ହା ଏବଂ ସୁନ୍ଦରଗଡ ଜିଲାରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଛି ବୋଲି ପ୍ରୋଜେକ୍ଟ ମ୍ୟାନେଜର ରାଓ ସୂଚନା ଦେଇଛନ୍ତି।

# ବୃନ୍ଦାବନ ତୀର୍ଥଯାତ୍ରୀ ଦଳକୁ ସମ୍ବର୍ଦ୍ଧନା



ତୀର୍ଥରୁ ଫେରିଥିବା ମିର୍ଦ୍ଧାପାଲି ଗ୍ରାମର ଶ୍ରଦ୍ଧାଳୁମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

**ବଲାଙ୍ଗୀର ଅଫିସ,୧୭।୭**

ବଲାଙ୍ଗୀର ସଦର ବ୍ଲକ ମିର୍ଦ୍ଧାପାଲି ଗ୍ରାମର ୪୭ ଯାତ୍ରୀ ସମାଜସେବୀ ଡ. ଶ୍ରୀକର ମିଶ୍ରଙ୍କ ନେତୃତ୍ୱରେ ହରିଦ୍ୱାର ଓ ବୃନ୍ଦାବନ ଯାତ୍ରା କରି ଫେରିଛନ୍ତି। ଡ. ମିଶ୍ର ଗତ ୨୦୦୮ ମସିହାରୁ ପ୍ରତ୍ୟେକ ବର୍ଷ ଶତାଧିକ ଯାତ୍ରୀଙ୍କୁ ମାଗଣାରେ ଏପରି ତୀର୍ଥ କରାଇ ଆସୁଛନ୍ତି। ଚଳିତବର୍ଷ ହରିଦ୍ୱାର, ଋଷିକେଶ, ଗୋପ, ମଥୁରା, ବୃନ୍ଦାବନ, ନନ୍ଦଗାଁ, ଭର୍ସନା, ରମଣରେତି ଆଦି ତୀର୍ଥସ୍ଥଳୀ ଦର୍ଶନ କରି ଯାତ୍ରୀମାନେ ଶନିବାର ମିର୍ଦ୍ଧାପାଲି ଫେରିଥିଲେ। ମିର୍ଦ୍ଧାପାଲି ଗ୍ରାମବାସୀଙ୍କ ପକ୍ଷରୁ ବିପିନ ବିହାରୀ ପଟେଲଙ୍କ ନେତୃତ୍ୱରେ ଗ୍ରାମର ସଂକୀର୍ତ୍ତନ ଦଳ ସହ ସମସ୍ତ ଯାତ୍ରୀଙ୍କୁ ସ୍ୱାଗତ କରି ଗ୍ରାମ ପରିକ୍ରମା କରିଥିଲେ। ସମସ୍ତ ଯାତ୍ରୀଙ୍କୁ ଗୋଡ ଧୋଇ ଉପଢୌକନ ଦିଆଯାଇଥିଲା। ଡ. ମିଶ୍ର ଗ୍ରାମବାସୀଙ୍କୁ ଧନ୍ୟବାଦ ଦେବା ସହ ଆସନ୍ତା ଅଗଷ୍ଟ ୨୩ରୁ ଲୋଇସିଂହା ବ୍ଲକ କୁଶଙ୍ଗ ଗ୍ରାମର ୧୫୦ ଯାତ୍ରୀ ବୃନ୍ଦାବନ ଯାତ୍ରା କରିବେ ବୋଲି ସୂଚନା ଦେଇଥିଲେ।

# ବନ୍ଧୁକଧରି ବୁଲୁଥିବା ଯୁବକ ଗିରଫ

**ଝାରସୁଗୁଡା ଅଫିସ,୧୭।୭**

ଗତ ଶନିବାର ବିଳମ୍ବିତ ରାତିରେ ବ୍ରଜରାଜନଗର ଠାକୁରପଡା ଅଞ୍ଚଳରେ ଜଣେ ଯୁବକ ବନ୍ଧୁକଧରି ବୁଲୁଥିବାବେଳେ ପୋଲିସ ହାତରେ ଧରାପଡିଛି। ପୋଲିସ ଉକ୍ତ ଯୁବକଙ୍କ ନିକଟରୁ ଏକ ଦେଶୀ ବନ୍ଧୁକ ଜବତ କରିବା ସହିତ ତାଙ୍କୁ ଗିରଫକରି କୋର୍ଟ ଚାଲଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ସ୍ଥାନୀୟ ଗଣେଶ ନଗର ଅଞ୍ଚଳର ବାବୁଲି ତନ୍ତୀ(୪୮)ବୋଲି ଜଣାପଡିଛି।



ଗିରଫ ଅଭିଯୁକ୍ତ।

ଏନେଇ ପୋଲିସ ବ୍ରଜରାଜନଗର ଥାନା କେଶ ନଂ.୨୨୪/୨୨ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଏନେଇ ଆଇଆଇସି ପ୍ରଦ୍ୟୁମ୍ନ କୁମାର ସ୍ୱାଇଁ କହିଛନ୍ତି, ଅଭିଯୁକ୍ତ ଜଣଙ୍କ ଶନିବାର ରାତିରେ ଏକ ବନ୍ଧୁକଧରି ଅବାଧରେ ବୁଲାବୁଲି କରୁଥିଲେ। ଖବରପାଇ ଏକ ପୋଲିସ ଟିମ୍ ତାଙ୍କୁ ଯାଇ କାବୁ କରିଥିଲେ। ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି ଗିରଫ ଅଭିଯୁକ୍ତଙ୍କ ନାମରେ ବିଭିନ୍ନ ଥାନାରେ ଅପରାଧିକ ମାମଲା ରହିଛି।

# ସରକାରୀ ଜମି ହଡ଼ପ ଅଭିଯୋଗ

**ଖଡ଼ିଆଳ,୧୭।୭(ଡି.ଏନ.ଏ.)**

ନୂଆପଡା ଜିଲା ଖଡ଼ିଆଳ ବ୍ଲକସ୍ଥିତ ମୁକ୍ତାପୁର ନିକଟ ସମନ୍ୱିତ ଶିଶୁ ବିକାଶ ବିଭାଗର ୩୦ ଡେସିମିଲ ଜମିକୁ ଖଡ଼ିଆଳ ତହସିଲ ପକ୍ଷରୁ ଜମି ଚିହ୍ନଟ କରି ତାରବାଡ ଦିଆଯାଇଥିଲା। କିନ୍ତୁ ଦୀର୍ଘ ଦିନ ପରେ ଜମିରେ କୌଣସି ଗୃହ କିମ୍ବା ସରକାରୀ କାର୍ଯ୍ୟ ନ ହେବାରୁ ଉକ୍ତ ଜାଗା ସହ ତାର ବାଡ଼କୁ ଉକ୍ତ ଗାଁର ୨ଜଣ ବ୍ୟକ୍ତି ଜୋରଜବରଦସ୍ତ ଅକ୍ତିଆର କରି ଚାଷ କରିଥିବା ନଜିର ରହିଛି। ଜୋରଜବରଦସ୍ତ ଅକ୍ତିଆରକୁ ସେହି ଗାଁର ଜଣେ ସାମାଜିକ କର୍ମୀ ମନା କରିଥିଲେ। ହେଲେ ଅକ୍ତିଆର କରିଥିବା ୨ଜଣ ବ୍ୟକ୍ତି ସାମାଜିକ କର୍ମୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ପିଟ କରିଥିବା ଖଡ଼ିଆଳ ଥାନାରେ ଅଭିଯୋଗ ହୋଇଛି। ଏପରି କି ତଦନ୍ତରେ ଯାଇଥିବା ପୋଲିସ କର୍ମଚାରୀଙ୍କୁ ମଧ ସେମାନେ ଗାଳିଗୁଲଜ କରିଥିବା ଜଣାପଡ଼ିଛି। ଏପରିସ୍ଥଳେ ଉଭୟ ପୋଲିସ ଓ ତହସିଲ ପ୍ରଶାସନକୁ ଡରାଇ ୨ଜଣ ବ୍ୟକ୍ତି ସରକାରୀ ଜମି ସହ ସମ୍ପତ୍ତିକୁ ହାତେଇଥିବା ଅଞ୍ଚଳରେ ଚର୍ଚ୍ଚା ବିଷୟ ପାଲଟିଛି। ଏ ନେଇ ଖଡ଼ିଆଳ ତହସିଲଦାର ସିଂଧୁସୂତା ପାତ୍ରଙ୍କୁ ପଚାରିବାରୁ ଏହି ଘଟଣାରେ ଉପରିସ୍ଥ ଅଧିକାରୀ ଅବଗତ ଅଛନ୍ତି ଏବଂ ତାହା ସରକାରୀ ଜାଗା ସରକାରଙ୍କ ହିଁ ରହିବ ବୋଲି କହିଛନ୍ତି।

# ସିନାପାଲି ପ୍ରାଥମିକ ଶିକ୍ଷକ ସଂଘ ବୈଠକ

**ସିନାପାଲି,୧୭।୭(ଡି.ଏନ.ଏ.)**

ନୂଆପଡ଼ା ଜିଲା ସିନାପାଲି ପ୍ରାଥମିକ ଶିକ୍ଷକ ସଂଘ ଏକ ବୈଠକ ସ୍ଥାନୀୟ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଛି। ସଂଘ ସଭାପତି ପ୍ରସନ୍ନ କୁମାର ମାଝିଙ୍କ ଅଧକ୍ଷତାରେ ସମ୍ପାଦକ ବୈଷ୍ଣବ ମେହେର ସଭା ପରିଚାଳନା କରିଥିଲେ। ବୈଠକରେ ଶିକ୍ଷକଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସହ ଗ୍ରେ ଓ ସଂଘ ପୁନଃଗଠନ ବିଷୟରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଦାୟିତ୍ୱରେ ଥିବା ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଯଶୋବନ୍ତ ନାରାୟଣ ପଣ୍ଡା, ସମ୍ପାଦକ ଧନୁ ବାଗଙ୍କ ସହ ପଞ୍ଚାନନ ଖମାରୀ, ଭରତ ଚନ୍ଦ୍ର ବାଗ, ହୃଦାନନ୍ଦ ମେହେର, ଅରୁଣ କୁମାର ଯୋଷୀ, ଈଶ୍ୱର ବଘେଲ, ରାକେଶ ମିଶ୍ର ପ୍ରମୁଖ ମତ ପ୍ରକାଶ କରିଥିଲେ। ବୈଠକରେ ଆସନ୍ତା ୩୧ରେ ସିନାପାଲି ବ୍ଲକ ସଂଘ ପୁନଃଗଠନ ନେଇ ନିଷ୍ପତ୍ତି ନିଆଯାଇଛି। ୪ ବ୍ଲକରୁ ଯୋଗଦେଇଥିବା କୁନା ଭୋଇ, ଅରୁଣ ନାଗ, ଗୋକୁଲ ନାଗ, ରୂପା ବାଗଙ୍କ ସହ ସିନାପାଲି ସଂଘ ପ୍ରାଣକୃଷ୍ଣ ଯୋଷୀ, ଟିକେମଣି ଜଗତ, ଶେଖର ବାଗ, ଦେବାନନ୍ଦ ବାଗ, ସଚିଦାନନ୍ଦ ମେହେର, ପ୍ରମୋଦ କୁମାର ସାହୁ, ଭୀମସେନ ମେହେର, ଜନ୍ମେଜୟ ଭୋଇ, ଧନେଶ୍ୱର ବଞ୍ଜାରା, ପ୍ରଦୀପ କୁମାର ନାୟକ, ପ୍ରେମାନନ୍ଦ ମେହେର, ପରେଶନାଥ ପାଣିଗ୍ରାହୀ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ଓବିସି ମଞ୍ଚକୁ ସୁଦୃଢ଼ କରିବାକୁ ସଂକଳ୍ପ

**ଝାରସୁଗୁଡା ଅଫିସ,୧୭।୭**

ଝାରସୁଗୁଡା ଜିଲା ଲଖନପୁର ବ୍ଲକ ଅନ୍ତର୍ଗତ ସିଙ୍ଗାରପୁର ଶୈବପୀଠ ପ୍ରାଙ୍ଗଣରେ ରବିବାର ଓବସି ମଞ୍ଚର ଏକ ବୈଠକ ବିରଞ୍ଚି ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପଛୁଆବର୍ଗର ବିଭିନ୍ନ ଜାତି ସମାଜର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏହି ବୈଠକରେ ଆଗାମୀ ୨୬ଜୁଲାଇକୁ ଆରକ୍ଷଣ ଦିବସରୂପେ ପାଳନ କରାଯିବ। ଏଥି ସହିତ ଏକ ଦାବିପତ୍ର ଓବିସିଙ୍କ ବିଭିନ୍ନ ସମସ୍ୟାକୁ ନେଇ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଜିଲାପାଳଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ଏହା ସହିତ ଓବିସିଙ୍କ ସାମ୍ବିଧାନିକ ହକ ଓ ଅଧିକାର ସମ୍ପର୍କରେ ବିସ୍ତୃତଭାବେ ଚର୍ଚ୍ଚା କରାଯାଇଥିଲା। ଏଥିମଧ୍ୟରେ ଜାତି ଆଧାରେ ଜନଗଣନା କରିବା ପାଇଁ କେନ୍ଦ୍ରକୁ ଦାବିପତ୍ର ସହିତ ଗୋଟିଏ ସଂଲଗ୍ନ ପତ୍ର ରାଜ୍ୟ ସରକାରକୁ ଦିଆଯିବ, ମଣ୍ଡଳ କମିଶନଙ୍କ ସମସ୍ତ ସୁପାରିଶକୁ ଲାଗୁକରିବା, ଜନଗଣନା ଅନୁଯାୟୀ ସମାନୁପାତିକ ଆରକ୍ଷଣ ଚାକିରୀ, ଶିକ୍ଷା ଓ ଶାସନରେ ଲାଗୁକରିବା ଆଦି ରହିଛି । ଏହି ସଭାରେ ଜିଲା ସଂଯୋଜକ ବିରଞ୍ଚି ସାହୁ, ତେଜରାଜ ପଧାନ, ମୁରଲୀ ପଧାନ, ସିର୍ଜୁ ଖମାରୀ, ସଦାନନ୍ଦ ଗୌଡ଼, ଆନନ୍ଦ ପଶାୟତ, ଭୁବନେଶ୍ୱର ପଶାୟତ, ଚନ୍ଦ୍ରଶେଖର ମେହେର, ଭରତ ରାଉତ, ଝୁମେରଲାଲ ହାତୀ, ଲୋକନାଥ ସାହୁ, ଦୟାନିଧି ମେହେର, ବିଦେଶୀ ସାହୁ, ଅମୀନ ପଧାନ, ବୀରେନ୍ଦ୍ର ସାହୁ, ମହେନ୍ଦ୍ର ପଧାନ, ଶଶୀଭୂଷଣ ପାତ୍ର, ଗୋପୀନାଥ ପଧାନ, ଯୁବ ପ୍ରତିନିଧି ଲରେନ୍ସ ପଧାନ, ଆଦିତ୍ୟ ପଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଲଖନପୁର ବ୍ଲକର ୩ ଜିଲା ପରିଷଦ ଜୋନରୁ ଓବିସି ସମାଜର ବିଭିନ୍ନ ଜାତିର ମୁଖ୍ୟ ପଦାଧିକାରୀମାନେ ଉକ୍ତ ସଭାରେ ଯୋଗଦେଇ ଓବିସି ମଞ୍ଚକୁ ସୁଦୃଢ଼ କରିବାପାଇଁ ସଂକଳ୍ପବଦ୍ଧ ହୋଇଥିଲେ।

### ଆରକ୍ଷଣ ଦିବସ ପାଳନ ନେଇ ଓବିସି ମଞ୍ଚର ପ୍ରସ୍ତୁତି ବୈଠକ

# ବିଶ୍ୱ ବ୍ରହ୍ମାଣ୍ଡରେ ବିସ୍ମୟ କୃଷ୍ଣ ଗର୍ତ୍ତ


ଭୀଷ୍ମଦେବ ବାଗ

'ମୋତେ ମୃତ୍ୟୁକୁ ଜମା ଭୟ ଲାଗେ ନାହିଁ କିମ୍ବା ମୁଁ ଏତେ ଶୀଘ୍ର ମରିବାକୁ ଚାହେଁ ନାହିଁ। କାରଣ ମୁଁ ମରିବା ପୂର୍ବରୁ ମୋ ଜୀବନରେ ବହୁତ କିଛି କରିବାର ଅଛି।' ଏ ଉକ୍ତିଟି ମହାନ ବୈଜ୍ଞାନିକ ଷ୍ଟିଫେନ୍ ହକିଂସ୍‌ଙ୍କ ଜୀବନ କାହାଣୀ, ଯାହାଙ୍କ ଶରୀରରେ ଅଙ୍ଗପ୍ରତ୍ୟଙ୍ଗ କାମ କରୁ ନ ଥିଲା, ସେ ଚାଲି ପାରୁ ନ ଥିଲେ କି କଥା କହିପାରୁ ନ ଥିଲେ, କୌଣସି କାମ ବି କରିପାରୁ ନ ଥିଲେ। ସେ କିନ୍ତୁ ବଞ୍ଚିବାକୁ ଚାହୁଁଥିଲେ। ଷ୍ଟିଫେନ୍ ହକିଂସ୍ କହୁଥିଲେ ଯେ 'ମୃତ୍ୟୁ ଅନିବାର୍ଯ୍ୟ'। ଏହା ସମସ୍ତଙ୍କ ଜୀବନରେ ଆସିବ। ଜନ୍ମ ହେଇଛୁ ମାନେ ଦିନେ ନା ଦିନେ ମରଣ ଆସିବ, କିନ୍ତୁ ଜନ୍ମଠାରୁ ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ କେଉଁଭଳି ଭାବରେ ବଞ୍ଚିବାକୁ ଚାହୁଁ ତାହା ନିଜ ଉପରେ ନିର୍ଭର କରେ। ଜୀବନର ଗତିପଥ ଯେତେ ବି କଠିନ ହେଉ ନା କାହିଁକି ଆମ୍ଭେମାନେ କିଛି ନା କିଛି କରିପାରିବା। ଏହି ମହାନ ପଦାର୍ଥ ବିଜ୍ଞାନୀଙ୍କର ଜନ୍ମ ୮ ଜାନୁୟାରୀ ୧୯୪୨ ମସିହା ଇଂଲଣ୍ଡର ଅକ୍ସଫୋର୍ଡ ସହରରେ। ଯେତେବେଳେ ଏହି ମହାନ ବୈଜ୍ଞାନିକ ଧରାପୃଷ୍ଠରେ ଅବତରଣ କରିଥିଲେ, ଠିକ୍ ସେହି ସମୟରେ ଦ୍ୱିତୀୟ ବିଶ୍ୱ ଯୁଦ୍ଧ ଚାଲିଥାଏ। ହକିଂସ୍‌ଙ୍କର ମାତାପିତା ଲଣ୍ଡନର ହାଏଗେଟ୍ ସହରରେ ରହୁଥିଲେ, ଯେଉଁଠାରେ କି ସଦାବେଳେ ଗୋଳାବାରୁଦ ବର୍ଷଣ ହେଉଥିଲା। ସେଥିପାଇଁ ସେମାନେ ଅକ୍ସଫୋର୍ଡ ଚାଲିଗଲେ ପୁତ୍ରର ଜନ୍ମ ପାଇଁ। ଛୋଟବେଳରୁ ହକିଂସ୍ ବହୁତ ବୁଦ୍ଧିମାନ ଥିଲେ। ସେ ଏତେ ଜ୍ଞାନକୌଶଳ ଓ ବୁଦ୍ଧିରେ ନିପୁଣ ଥିଲେ ଯେ ତାଙ୍କୁ ସମସ୍ତେ ଆଇନ୍‌ଷ୍ଟାଇନ୍ ବୋଲି କହୁଥିଲେ। ସେ ଅଙ୍କରେ ବହୁତ ତେଜସ୍ୱୀ ଥିଲେ। ସେ ପୁରୁଣା ଯନ୍ତ୍ରପାତିର ଉପକରଣକୁ ବ୍ୟବହାର କରି କମ୍ପ୍ୟୁଟର ତିଆରି କରି ଦେଇଥିଲେ। ମାତ୍ର ୧୭ ବର୍ଷ ବୟସରେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରିଲେ।

ଦିନକର କଥା। ଷ୍ଟିଫେନ୍ ହକିଂସ୍ ଛୁଟି କାଟିବା ପାଇଁ ଘରକୁ ଆସିଥିଲେ। ସେ ଘର ଶିଡ଼ିରେ ଚଢୁଥିବା ସମୟରେ ହଠାତ୍ ତଳକୁ ଖସିପଡ଼ି ବେହୋସ ହୋଇଗଲେ। ଏମିତି ତାଙ୍କର ଶରୀରରେ ଅନେକ ପ୍ରତିକୂଳ ପରିସ୍ଥିତି ଦେଖାଗଲା। ତାଙ୍କ ପିତା ସାଧାରଣ ଭାବି ଏତେ ଧ୍ୟାନ ଦେଲେ ନାହିଁ। ବାରମ୍ବାର ଏପରି ହେବା ଦେଖି ତାଙ୍କୁ ପରୀକ୍ଷା କରାଇଲେ। ପରୀକ୍ଷାରୁ ଜଣାପଡ଼ିଲା ଯେ ତାଙ୍କୁ କେବେ ଠିକ୍ ନ ହେବା ବେମାରି ଗ୍ରାସ କରିଛି, ଯାହାର ନାମ ମୋଟର ନ୍ୟୁରାନ୍ ଡିଜିଜ୍ (ଏଏଲ୍‌ଏସ୍)। ଏହି ବେମାରିରେ ମାଂସପେଶୀକୁ ନିୟନ୍ତ୍ରଣ କରିବା ସ୍ନାୟୁଗୁଡ଼ିକ ଧୀରେ ଧୀରେ କାମ କରିବାକୁ ବନ୍ଦ କରିଦିଅନ୍ତି। ଯେଉଁଥିପାଇଁ ଶରୀରର ସବୁ ଅଙ୍ଗ କାମ କରିବା ପାଇଁ ବନ୍ଦ କରିଦିଅନ୍ତି। ସେ ଆଉ କେବେ ବି ଠିକ୍ ହେବେ ନାହିଁ ବୋଲି ଡାକ୍ତର କହିଦେଲେ। ତା'ପରେ ହକିଂସ୍ ତାଙ୍କର ପୂରା ଜୀବନ ବିଜ୍ଞାନ ପ୍ରତି ସମର୍ପଣ କରିଦେଲେ। ଆଉ ଧୀରେ ଧୀରେ ତାଙ୍କର ଖ୍ୟାତି ସାରା ବିଶ୍ୱରେ ପ୍ରତିଫଳିତ ହେବାକୁ ଲାଗିଲା।




ଡ. ଷ୍ଟିଫେନ୍ ହକିଂସ୍

ତାଙ୍କ ବେମାରିକୁ ଭଗବାନଙ୍କର ବରଦାନ ରୂପରେ ଧରିନେଲେ। ତାଙ୍କ ଶରୀରର ବାମପାର୍ଶ୍ୱର ସବୁ ଅଙ୍ଗ କାମ କରିବା ବନ୍ଦ କରିଦେଲା। ଶେଷରେ ସେ ଚକଲଗା ଚୌକିର ସାହାଯ୍ୟ ଲୋଡ଼ିଲେ। ତାଙ୍କର ଚୌକି ସାଧାରଣ ଚୌକି ନ ଥିଲା। ତାହାକୁ କମ୍ପ୍ୟୁଟର ସହିତ ସଂଯୋଗ କରି ତିଆରି କରାଯାଇଥିଲା, ଯେଉଁଟା କି ତାଙ୍କ ମୁଣ୍ଡ ଆଖିର ଗତି ଓ ଏହାର କମ୍ପନରୁ ଜାଣି ହେଉଥିଲା ଯେ ସେ କ'ଣ କହୁଛନ୍ତି। କିନ୍ତୁ ଏହି ବେମାରିର ଗୋଟିଏ ଭଲ ଗୁଣ ଥିଲା ଯେ ତାଙ୍କର ମସ୍ତିଷ୍କ ଉପରେ କୌଣସି ପ୍ରକାର ଆଘାତ ପକାଇ ପାରିଲା ନାହିଁ, ଯଦିଓ ଶରୀର ଉପରେ ଏହାର ଗୁରୁତର ପ୍ରଭାବ ପଡ଼ିଥିଲା।

କୃଷ୍ଣଗର୍ତ୍ତ ଗବେଷଣା ସହିତ ଷ୍ଟିଫେନ୍ ହକିଂସ୍ ଭଲଭାବରେ ଜଡ଼ିତ। ଷ୍ଟିଫେନ୍ ହକିଂସ୍ ଯେମିତି ଏକ ବିସ୍ମୟ ବ୍ୟକ୍ତିତ୍ୱ, ସେମିତି ପ୍ରକୃତିର ଅନ୍ୟତମ ବିସ୍ମୟ ହେଉଛି କୃଷ୍ଣଗର୍ତ୍ତ। ଆମେ କୃଷ୍ଣଗର୍ତ୍ତ ଭିତରକୁ ଯାଇ ପାରିବା ନାହିଁ। ଯଦି ଭୁଲ୍‌ରେ କେହି ଭିତରକୁ ପ୍ରବେଶ କରେ, ତେବେ ସେହିଠାରୁ ଆଉ ଫେରି ଆସି ପାରିବ ନାହିଁ। କୃଷ୍ଣଗର୍ତ୍ତ ଭିତରେ କ'ଣ ରହିଛି, ଜାଣିବା ପାଇଁ ଦୁନିଆର ବୈଜ୍ଞାନିକମାନେ ଲାଗିପଡ଼ିଛନ୍ତି। କୃଷ୍ଣଗର୍ତ୍ତ ସତରେ ବିସ୍ମୟ। ଏହା ଆମ ଆଖି ସାମ୍ନାରେ ଅଛି ଆଉ ନାହିଁ ମଧ୍ୟ। ଡ. ଷ୍ଟିଫେନ୍ ହକିଂସ୍ ତାଙ୍କର ଜ୍ଞାନ ଆଉ ତର୍କ ମାଧ୍ୟମରେ ଜାଣିପାରିଲେ ଯେ କୃଷ୍ଣଗର୍ତ୍ତ ଭିତରେ କ'ଣ ଚାଲିଛି ଏବଂ କୃଷ୍ଣଗର୍ତ୍ତ କାମ କେମିତି କରୁଛି। କୃଷ୍ଣଗର୍ତ୍ତ ଭିତରେ ଏକ ଅଞ୍ଚଳ ଅଛି, ଯାହାର ନାମ ଇଭେଣ୍ଟ ହୋରାଇଜେନ୍। କହିବାକୁ ଗଲେ ଏହା କୃଷ୍ଣଗର୍ତ୍ତର ସୀମା ଅଟେ। ଯେ ପର୍ଯ୍ୟନ୍ତ ଆମେ ସେହି ସୀମାର ବାହାର ପାର୍ଶ୍ୱରେ ଅଛୁ, ନିଜକୁ ସୁରକ୍ଷିତ ମନେକରିବୁ। ଯଦି ଆମେ ଏହି ଇଭେଣ୍ଟ ହୋରାଇଜେନ୍ ସୀମାକୁ ପାର କରିଯିବା, ତାହେଲେ ଆମେ ଆଉ କେବେ ଆମ ଦୁନିଆକୁ ଫେରିପାରିବା ନାହିଁ। ବିଶିଷ୍ଟ ବୈଜ୍ଞାନିକ ହକିଂସ୍ ସେହି ଇଭେଣ୍ଟ ହୋରାଇଜେନ୍ ଉପରେ ଗବେଷଣା କରିଥିଲେ। ଏହି ଅଞ୍ଚଳ କୃଷ୍ଣଗର୍ତ୍ତର ଏକ ହଲୋଗ୍ରାମ ପରି କାମ କରିଥାଏ।

କୃଷ୍ଣଗର୍ତ୍ତରେ କ'ଣ କ'ଣ ଘଟଣା ଚାଲିଛି, ସେସବୁ ସେହି ଇଭେଣ୍ଟ ହୋରାଇଜେନ୍‌ରେ ଲୁଚି ରହିଛି। ଏହି ସୂଚନା ପାଇବାକୁ ଆମର କଳ୍ପନା ବାହାରେ, କିନ୍ତୁ ତାହା ସିଦ୍ଧ କରି ଦେଇଛନ୍ତି ଏହି ଜିନିୟସ ବୈଜ୍ଞାନକ ହକିଂସ୍। ଏହାକୁ ନେଇ ସେ ଏକ ସୂତ୍ର ପ୍ରତିପାଦନ କରିଥିଲେ। ସେ ଏମିତି ଏକ ସୂତ୍ର ($E=mc^2$) ବାହାର କଲେ ଯାହା ସାହାଯ୍ୟରେ ଆମେ କୃଷ୍ଣଗର୍ତ୍ତର ଶକ୍ତିକୁ ଜାଣିପାରିବା। କୃଷ୍ଣଗର୍ତ୍ତର କ୍ଷେତ୍ରଫଳ ଜାଣିପାରିବା। ଆମେ କୃଷ୍ଣଗର୍ତ୍ତର ଶକ୍ତି ଜାଣିଲା ପରେ ସେଠାକାର ବହୁତ କିଛି ଜାଣିପାରିବା। ବସ୍ତୁତ୍ୱ ଓ ଶକ୍ତିର ସମ୍ପର୍କ ବିଷୟରେ ଆମେ ଜାଣିଛୁ। ବସ୍ତୁତ୍ୱ ହେଉଛି ଶକ୍ତିର ଏକ ରୂପ। ଏଥିରୁ ସମୁଦାୟ ବସ୍ତୁତ୍ୱ ଜଣାପଡ଼େ। କୃଷ୍ଣଗର୍ତ୍ତର ଶକ୍ତି ଜାଣିଲା ପରେ ଭିତର ପଦାର୍ଥ ବିଷୟରେ ଜାଣିହେବ। ଏଇଟା ବି ଜଣାପଡ଼ିଯାଏ ଯେ କୌଣସି ବସ୍ତୁ କୃଷ୍ଣଗର୍ତ୍ତ ଭିତରକୁ ପ୍ରବେଶ କଲେ ତାହାର ଶକ୍ତି ବଢ଼ିଯାଏ ଏବଂ ଇଭେଣ୍ଟ ହୋରାଇଜେନ୍‌ର ବ୍ୟାସାର୍ଦ୍ଧ ବି ସାଙ୍ଗରେ ବଢ଼େ। ପ୍ରଥମ କରି ଏହି ସୂତ୍ରକୁ ପ୍ରୟୋଗ କରି କୃଷ୍ଣଗର୍ତ୍ତ ଭିତରେ କ'ଣ ଚାଲୁଅଛି ଆମେ ଜାଣିପାରିବା। ତତ୍ ସଙ୍ଗେ ସଙ୍ଗେ ଷ୍ଟିଫେନ୍ ହକିଂସ୍ ତାଙ୍କ ନାମ ଅନୁସାରେ ହକିଂସ୍-ବିକିରଣ ବିଷୟରେ ସୂଚନା ପ୍ରଦାନ କରିଥିଲେ। ପଦାର୍ଥ ବିଜ୍ଞାନରେ ଏଭଳି ଏକ ସିଦ୍ଧାନ୍ତ ପ୍ରଚଳନ କରିବା ପାଇଁ ଆଇନଷ୍ଟାଇନଙ୍କର ଆପେକ୍ଷିକ ତତ୍ତ୍ୱ ଓ କ୍ୱାଣ୍ଟମ୍ ମେକାନିକ୍ସକୁ ସମତୁଲ କରିବାକୁ ଉଦ୍ୟମ କରି ପୂର୍ବରୁ କୌଣସି ବୈଜ୍ଞାନିକ ସଫଳ ହୋଇ ନ ଥିଲେ। କିନ୍ତୁ ଏହାକୁ ଜଣେ ବୈଜ୍ଞାନିକ ସମତୁଲ କରିଥିଲେ। ସେ ହେଉଛନ୍ତି ହକିଂସ୍। ସେ ପ୍ରଥମ କରି ପ୍ରୟୋଗ କଲେ। କୃଷ୍ଣଗର୍ତ୍ତ ଭିତରୁ ବାହାରକୁ ଏକ ପ୍ରକାର ବିକିରଣ ବାହାରୁଛି। ସେହି ବିକିରଣକୁ କହିଲେ ହକିଂସ୍-ବିକିରଣ। ଏହି ବିକିରଣ ଭବିଷ୍ୟବାଣୀ ଦିଏ ଯେ, ଯଦି କୃଷ୍ଣଗର୍ତ୍ତ ଅନବରତ ଭାବରେ ବିକିରଣ ପ୍ରଦାନ କରେ, ତେବେ ତାହାର ଶକ୍ତି କମି କମିଯିବ। କୃଷ୍ଣଗର୍ତ୍ତ ଶକ୍ତି ନଷ୍ଟ ନହେଲେ ସଦାବେଳେ ଇଭେଣ୍ଟ ହୋରାଇଜେନ୍‌ର କ୍ଷେତ୍ରଫଳ ସମାନ ରହିଥାଏ। ଯଦି ଶକ୍ତି ବାହାରି ବିକିରଣ କରେ, ତାହେଲେ ଇଭେଣ୍ଟ ହୋରାଇଜେନ୍ ଧୀରେ ଧୀରେ ଛୋଟ ହୋଇଯିବ। ସେଥିରେ ସବୁ ସମୟରେ ବସ୍ତୁତ୍ୱକୁ ବାହାର କରିଦେବ। ଯଦି କୃଷ୍ଣଗର୍ତ୍ତ ଭିତରେ କିଛି ବି ଜିନିଷ ନ ଯିବ, ତେବେ ଧୀରେ ଧୀରେ କୃଷ୍ଣଗର୍ତ୍ତର ଅବସ୍ଥିତିରେ ପରିବର୍ତ୍ତନ ହେବାକୁ ଲାଗିବ। ଶେଷରେ କୃଷ୍ଣଗର୍ତ୍ତ ଶୂନ୍ୟରେ ଉଭେଇଯିବ। ଏହି ପଦ୍ଧତିରେ ହକିଂସ୍ ବିକିରଣ ଆଉ ସେ ପ୍ରଥମେ ଦେଇଥିବା ଶକ୍ତିର ପ୍ରଥମ ସୂତ୍ରକୁ ପ୍ରୟୋଗ କରି କୃଷ୍ଣଗର୍ତ୍ତ ବି ଡିସକଭର କରିଥିଲେ। (କ୍ରମଶଃ..)

> "କୃଷ୍ଣଗର୍ତ୍ତ ଭିତରେ ଏକ ଅଞ୍ଚଳ ଅଛି, ଯାହାର ନାମ ଇଭେଣ୍ଟ ହୋରାଇଜେନ୍। କହିବାକୁ ଗଲେ ଏହା କୃଷ୍ଣଗର୍ତ୍ତର ସୀମା ଅଟେ। ଯେ ପର୍ଯ୍ୟନ୍ତ ଆମେ ସେହି ସୀମାର ବାହାର ପାର୍ଶ୍ୱରେ ଅଛୁ, ନିଜକୁ ସୁରକ୍ଷିତ ମନେ କରିବୁ। ଯଦି ଆମେ ଏହି ଇଭେଣ୍ଟ ହୋରାଇଜେନ୍ ସୀମାକୁ ପାର କରିଯିବା, ତାହେଲେ ଆମେ ଆଉ କେବେ ଆମ ଦୁନିଆକୁ ଫେରି ପାରିବା ନାହିଁ। ବିଶିଷ୍ଟ ବୈଜ୍ଞାନିକ ଷ୍ଟିଫେନସ ହକିଂସ୍ ସେହି ଇଭେଣ୍ଟ ହୋରାଇଜେନ୍ ଉପରେ ଗବେଷଣା କରିଥିଲେ।"

–ଅଧ୍ୟାପକ, ପଦାର୍ଥ ବିଜ୍ଞାନ ବିଭାଗ,
ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,
ଗୁରୁଣ୍ଡିଆ, ସୁନ୍ଦରଗଡ଼
ମୋ: ୯୪୩୯୫୮୫୫୮୯

## କମିବ ଇନ୍‌ଫେକଶନ ଆଶଙ୍କା



ଇନ୍‌ଫେକଶନଜନିତ ସମସ୍ୟାରୁ କେତେକାଂଶରେ ଦୂରେଇ ରହିବା ଲାଗି ଏକ ସହଜ ଉପାୟ ରହିଛି। ପ୍ରତିଦିନ ଉଷୁମ ପାଣିରେ ଲେମ୍ବୁ ମିଶାଇ ପିଅନ୍ତୁ। ଏଥିପାଇଁ ଏହି ପାଣି ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ଉଷୁମ ଲେମ୍ବୁ ପାଣିରେ ଭିଟାମିନ୍ 'ସି' ଏବଂ ପୋଟାସିୟମ ଭରି ରହିଛି। ଏପରି ପାଣିକୁ ନିୟମିତ ପିଇଲେ ତାହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ସାହାଯ୍ୟ କରିଥାଏ। ଅନ୍ୟପକ୍ଷରେ ଏହା ଓଜନକୁ ସନ୍ତୁଳିତ ରଖିବାରେ ମଧ୍ୟ ସହାୟକ ହୋଇଥାଏ। ଆପଣଙ୍କର ପାଚନକ୍ରିୟାଜନିତ ସମସ୍ୟା ରହିଛି କି? ଯଦି ହଁ, ତେବେ ନିୟମିତ ଉଷୁମ ଲେମ୍ବୁ ପାଣି ପିଅନ୍ତୁ।

## ସୁସ୍ଥ ଦାନ୍ତ ପାଇଁ...

ଯଦି ଦାନ୍ତଜନିତ ସମସ୍ୟା ଦେଖାଦେଲା, ତାହେଲେ ଆମକୁ ଖାଦ୍ୟ ଖାଇବାରେ କଷ୍ଟ ହୋଇଥାଏ। କାରଣ ଆମେ ଦାନ୍ତରେ ଚୋବାଇ ଖାଦ୍ୟକୁ ଖାଇଥାଉ। ତେଣୁ ଦାନ୍ତ କିପରି ସୁସ୍ଥ ସବଳ ରହିବ ସେ ନେଇ ଦୃଷ୍ଟି ଦେବା ନିହାତି ଦରକାର। ପ୍ରତିଦିନ ସକାଳେ ଏବଂ ରାତ୍ରିଭୋଜନ କରିବା ପରେ ଭଲ ଭାବରେ ଦାନ୍ତ ଘଷନ୍ତୁ। ଜଣେ ବ୍ୟକ୍ତି ଅତିକମରେ ଦୁଇ ମିନିଟ୍ ଦାନ୍ତ ଘଷିବା ଦରକାର। ସବୁବେଳେ ଫ୍ଲୋରାଇଡଯୁକ୍ତ ଟୁଥପେଷ୍ଟରେ ଦାନ୍ତ ଘଷନ୍ତୁ। ପ୍ରତି ଦୁଇ-ତିନି ମାସରେ ଟୁଥ୍ ବ୍ରଶ ବଦଳାନ୍ତୁ। ଆମେ ଖାଦ୍ୟ ଖାଇବା ପରେ ଏହାର କିଛି ଅବଶିଷ୍ଟାଂଶ ଦାନ୍ତ ସନ୍ଧିରେ ଲୁଚି ରହିଥାଏ। ତେଣୁ ଖାଇବା ପରେ ଆମେ ଭଲ ଭାବରେ କୁଳି କରି ପାଟି ସଫା କରିବା ଦରକାର। ଯଦି ଗୁଟକା ଆଦି ଖାଉଛନ୍ତି ତେବେ ଭଲ ଭାବରେ ଦାନ୍ତ ଘଷନ୍ତୁ। ନ ହେଲେ ଏଥିରେ ଥିବା ବିଷାକ୍ତ ତତ୍ତ୍ୱ ମୁଖଗହ୍ୱର କ୍ୟାନ୍‌ସରର ପ୍ରମୁଖ କାରଣ ସାଜିଥାଏ। ଦାନ୍ତ ବ୍ରଶ୍ କରିବା ସମୟରେ ୪୫ ଡିଗ୍ରୀ ଆଙ୍ଗେଲ୍‌ରେ ଟୁଥବ୍ରଶକୁ ବୁଲାନ୍ତୁ। ବ୍ରଶକୁ ସବୁବେଳେ ପେନସିଲ୍ ଧରିବା ଭଳି ଧରନ୍ତୁ। ଏପରି ଖାଦ୍ୟ ଖାଆନ୍ତୁ ନାହିଁ ଯାହାର ଖରାପ ପ୍ରଭାବ ଦାନ୍ତ ଉପରେ ପଡିବ। ଦାନ୍ତଜନିତ କିଛି ସମସ୍ୟା ଥିଲେ ଦାନ୍ତ ବିଶେଷଜ୍ଞଙ୍କ ସହ ଯୋଗାଯୋଗ କରନ୍ତୁ।



## ଦୂରେଇ ରହିବ ରୋଗ

କଥାରେ ଅଛି ସ୍ୱାସ୍ଥ୍ୟ ହିଁ ସମ୍ପଦ। କିନ୍ତୁ ଏଥିପାଇଁ ଆମକୁ ବେଶ୍ ସତର୍କତା ଅବଲମ୍ବନ କରିବାକୁ ପଡିଥାଏ। ହେଲେ ଏପରି କେତୋଟି ଉପାୟ ରହିଛି ଯାହାକୁ ଆପଣେଇପାରିଲେ ଆମେ ନିଜକୁ ଅନେକାଂଶରେ ରୋଗଠାରୁ ଦୂରେଇ ରଖିପାରିବା। ଏହାପଛରେ ଖାଦ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସବୁବେଳେ ଖାଦ୍ୟ ତାଲିକାରେ ଭିଟାମିନ୍‌ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ। ମାଛ, ଅଣ୍ଡା, ମାଂସ, କ୍ଷୀର ଆଦି ଖାଦ୍ୟ ମାଂସପେଶୀକୁ ଦୃଢ଼ ରଖିବା ସହ ରକ୍ତ ସଞ୍ଚାଳନକୁ ଆହୁରି ସକ୍ରିୟ କରିଥାଏ। ଓଜନ ବୃଦ୍ଧି ବା ମେଦବହୁଳତା କେତେକ ରୋଗର କାରଣ ସାଜିଥାଏ। ତେଣୁ ଓଜନ ଯେପରି ସବୁବେଳେ ସନ୍ତୁଳିତ ରହେ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ। ଏଥିପାଇଁ ସବୁଜପନିପରିବାରୁ ପ୍ରସ୍ତୁତ ଖାଦ୍ୟ ଖାଆନ୍ତୁ ଏବଂ କମ୍ ଫ୍ୟାଟ୍‌ଯୁକ୍ତ କ୍ଷୀର ପିଅନ୍ତୁ। ମସଲାଯୁକ୍ତ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ। କାରଣ ଏପରି ଖାଦ୍ୟ ଅଧିକ ଖାଇଲେ ତାହା ପେଟଜନିତ ସମସ୍ୟା ସୃଷ୍ଟି କରିଥାଏ। ଏପରି ଖାଦ୍ୟ ଖାଆନ୍ତୁ ଯେଉଁଥିରେ ଆଇରନ୍, ଆୟୋଡିନ୍, କ୍ୟାଲସିୟମ, ପୋଟାସିୟମ ଭରି ରହିଥିବ। ଏହାବ୍ୟତୀତ ବ୍ରେକଫାଷ୍ଟରେ ତଟକା ଫଳମୂଳ ଏବଂ ସେଥିରୁ ପ୍ରସ୍ତୁତ ଜୁସ୍ ସାମିଲ କରନ୍ତୁ।



## ଅତ୍ୟଧିକ ପେନ୍‌କିଲର ଖାଉଥିଲେ...

ସାଧାରଣତଃ ରୋଗର ଅବସ୍ଥାକୁ ଦେଖି ଡାକ୍ତର ଔଷଧ ଖାଇବାକୁ ପ୍ରେସକ୍ରିପସନରେ ଉଲ୍ଲେଖ କରିଥାଆନ୍ତି। ଯଦି ରୋଗ ଗୁରୁତର ଆକାର ଧାରଣ କରିଥାଏ କିମ୍ବା ଏପରି ଅବସ୍ଥାରେ ଥାଏ ଯେ ତାହା ପାଇଁ ଅଧିକ ପାୱାରଫୁଲ ମେଡିସିନ୍‌ର ଆବଶ୍ୟକତା ରହିଛି। ଏ ନେଇ ରୋଗୀର ଅବସ୍ଥାକୁ ଭଲ ଭାବରେ ତର୍ଜମା କରିବା ଏବଂ କେତେକ ସ୍ଥଳରେ ନମୂନା (ସାମ୍ପୁଲ) ପରୀକ୍ଷା କରିବା ପରେ ଔଷଧ ଖାଇବାକୁ କହିଥାଆନ୍ତି। ହେଲେ କେତେକ ସାମାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଏବଂ ସେଥିରୁ ଶୀଘ୍ର ଉପଶମ ପାଇବା ପାଇଁ ପେନ୍‌କିଲର ଖାଇଥାଆନ୍ତି। ହେଲେ ଆବଶ୍ୟକତାଠାରୁ ଅଧିକ ପେନ୍‌କିଲର ଖାଇଲେ ତାହା କ୍ଷତିକାରକ ସାବ୍ୟସ୍ତ ହୋଇଥାଏ। ଏପରି କି ଏହାଦ୍ୱାରା ହାର୍ଟ ଆଟାକ୍ ବା ହୃଦ୍‌ଘାତ ହେବାର ଆଶଙ୍କା ମଧ୍ୟ ରହିଛି ବୋଲି ସୁଇଡେନ୍‌ର ହୃଦ୍‌ରୋଗ ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି। ପ୍ରାୟ ପେନ୍‌କିଲର ଖାଉଥିବା କେତେକ ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରି ସେମାନେ ଏଭଳି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି। ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୪୫% ବ୍ୟକ୍ତିଙ୍କର ହୃଦ୍‌ଜନିତ ରୋଗର ଲକ୍ଷଣ ସେମାନେ ଦେଖିବାକୁ ପାଇଥିଲେ। ତେଣୁ କେବଳ ଡାକ୍ତରଙ୍କ ପରାମର୍ଶ ଅନୁସାରେ ହିଁ ପେନ୍‌କିଲର ଖାଇବାକୁ ସେମାନେ ପରାମର୍ଶ ଦେଇଛନ୍ତି।



## ବର୍ଷାଦିନେ ସକ୍ରିୟ ରହିବ ପାଚନକ୍ରିୟା



ବିଶେଷଭାବରେ ବର୍ଷା ଦିନେ ଆମକୁ ଖାଦ୍ୟପେୟ ପ୍ରତି ଅଧିକ ସତର୍କତା ଅବଲମ୍ବନ କରିବାକୁ ପଡ଼ିଥାଏ। ଏହି ଋତୁରେ ସନ୍ତୁଳିତ ତଥା ପୋଷକତତ୍ତ୍ୱଯୁକ୍ତ ଖାଦ୍ୟ ଖାଆନ୍ତୁ। ବର୍ଷାଦିନେ ଅଧିକ ପରିମାଣରେ ସାଲାଡ ଖାଆନ୍ତୁ ନାହିଁ। କାରଣ ଏହା ପାଚନକ୍ରିୟାକୁ ପ୍ରଭାବିତ କରିଥାଏ। ଖାସ୍ କଥା ହେଲା ବର୍ଷାଦିନେ କଞ୍ଚା ପନିପରିବାରେ ଅଧିକ ବ୍ୟାକ୍ଟେରିଆ ଥାଆନ୍ତି। ସବୁବେଳେ ଏଥିରୁ ପ୍ରସ୍ତୁତ ଖାଦ୍ୟ ହିଁ ଖାଆନ୍ତୁ। ଏହି ଋତୁରେ ଯଦି ଘରେ ବ୍ରେଡ୍‌ଜାତୀୟ ଖାଦ୍ୟ ରଖିଛନ୍ତି ତେବେ ସେଗୁଡ଼ିକୁ ବେଶିଦିନ ରଖନ୍ତୁ ନାହିଁ। ସବୁବେଳେ ତଟକା ବ୍ରେଡ୍ ଖାଆନ୍ତୁ, ଯାହା ଭଲ ପ୍ରଭାବ ପାଚନକ୍ରିୟା ଉପରେ ପଡ଼ିଥାଏ। ଏହି ଦିନରେ ବାସି ଖାଦ୍ୟ ଆଦୌ ଖାଆନ୍ତୁ ନାହିଁ। କାରଣ ଏହା ପେଟଜନିତ ରୋଗ ସୃଷ୍ଟି କରିବାର ଆଶଙ୍କା ରହିଛି। ଏହି ଋତୁରେ ରାସ୍ତାକଡ଼ରେ ପ୍ରସ୍ତୁତ ଖାଦ୍ୟ ଖାଇଲେ ତାହା ପେଟଜନିତ ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି। ଏହି ସମୟରେ ମାଛ ଏବଂ ମାଂସ ଜାତୀୟ ଖାଦ୍ୟ କମ୍ ଖାଆନ୍ତୁ।

## ଡେଙ୍ଗୁ ଲାଗି ସତର୍କତା

ବର୍ତ୍ତମାନ ବର୍ଷା ଦିନ ଚାଲିଛି। ଏହି ସମୟରେ ଥଣ୍ଡାଜନିତ ରୋଗ ଦ୍ୱାରା ଆକ୍ରାନ୍ତ ହେବାର ଯଥେଷ୍ଟ ଆଶଙ୍କା ରହିଛି। ବିଶେଷଭାବରେ ଉକ୍ତ ଋତୁରେ ମ୍ୟାଲେରିଆ ଏବଂ ଡେଙ୍ଗୁର ପ୍ରାଦୁର୍ଭାବ ଅଧିକ ରହିଥାଏ। ତେବେ ଡେଙ୍ଗୁଠାରୁ କିପରି ନିଜକୁ ଦୂରେଇ ରଖିବେ ଜାଣିରଖନ୍ତୁ ସେ ସମ୍ପର୍କରେ...

➤ଘର ବାହାରେ ଖୋଲା ମାଠିଆ କିମ୍ବା ପାତ୍ରରେ ପାଣି ରଖନ୍ତୁ ନାହିଁ। କାରଣ ବର୍ଷାଦିନେ ଏଥିରେ ପାଣି ଜମା ହୋଇ ରହିଥାଏ। ଖାସ୍ କଥା ହେଲା ଏପରି ସ୍ଥାନରେ ଡେଙ୍ଗୁର କାରଣ ଏଡିସ୍ ମଶା ନିଜର ବଂଶବିସ୍ତାର ସହଜରେ କରିଥାଏ।

➤ଘର ଚାରିପଟ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ।

➤ଯଦି ଆପଣଙ୍କର ଘର ଚାରିପାଖରେ ଅଳିଆ ଆବର୍ଜନା ଜମା ହୋଇଛି, ତେବେ ବିଳମ୍ବ ନ କରି ସେଗୁଡ଼ିକୁ ସଫା କରନ୍ତୁ।



➤ବର୍ଷାଦିନେ ମଶା ଦାଉରୁ ନିଜକୁ ରକ୍ଷା କରିବା ଲାଗି ଶରୀରକୁ ସମ୍ପୂର୍ଣ୍ଣ ଆବୃତ କରିପାରିବା ଭଳି ପୋଷାକ ପିନ୍ଧନ୍ତୁ।

➤ପାଣିକୁ ଗରମ କରି ତାହା ଥଣ୍ଡା ହେବା ପରେ ପିଅନ୍ତୁ। ପାଣି ରଖୁଥିବା ପାତ୍ରକୁ ସବୁବେଳେ ଘୋଡାଇ ରଖନ୍ତୁ।

➤ଝରକାରେ ଏଭଳି ଜାଲି ଲଗାନ୍ତୁ ଯେପରି ତାହା ଭିତର ଦେଇ ମଶା ଘର ଭିତରକୁ ପ୍ରବେଶ କରିପାରିବେ ନାହିଁ। ଯଦି ଆପଣ ମଶାପ୍ରବଣ ଅଞ୍ଚଳରେ ରହୁଛନ୍ତି ତେବେ ସନ୍ଧ୍ୟା ହେବା ମାତ୍ରେ ଝରକା, କବାଟ ବନ୍ଦ କରିଦିଅନ୍ତୁ।

➤ସବୁବେଳେ ମଶାରି ଟାଙ୍ଗି ଶୁଅନ୍ତୁ।

➤ବିଶେଷଭାବରେ ଅନ୍ଧାର ସ୍ଥାନରେ ମଶାମାନେ ରହିଥାଆନ୍ତି। ତେଣୁ ସନ୍ଧ୍ୟା ହେଲେ ଘର ବାହାର ପାଖରେ ଥିବା ଲାଇଟ୍ ଅନ୍ କରିଦିଅନ୍ତୁ।

➤ଡେଙ୍ଗୁର କୌଣସି ଲକ୍ଷଣ ବିଷୟରେ ଜାଣିପାରିଲେ ବିଳମ୍ବ ନ କରି ନିକଟସ୍ଥ ହସପିଟାଲରେ ଡାକ୍ତରଙ୍କ ସହ ପରାମର୍ଶ କରି ଚିକିତ୍ସିତ ହୁଅନ୍ତୁ।

## ସ୍ୱାସ୍ଥ୍ୟ ସୂଚନା

➡ନିଜକୁ ଯେତେ ସମ୍ଭବ ଅବସାଦଠାରୁ ଦୂରେଇ ରଖନ୍ତୁ। କାରଣ ଏହି ସମସ୍ୟା ଯଦି ନିୟମିତ ଲାଗି ରହେ ତେବେ ତାହା ମାନସିକତା ଏବଂ ଦୈନନ୍ଦିନ ଜୀବନଶୈଳୀକୁ ପ୍ରଭାବିତ କରିଥାଏ।

➡ନିଜକୁ ସୁସ୍ଥ ରଖିବି ବୋଲି କହିଦେଲେ ତାହା ହୋଇ ନ ଥାଏ। ସେଥିପାଇଁ ସନ୍ତୁଳିତ ଖାଦ୍ୟ, ଯୋଜନାବଦ୍ଧ ଜୀବନଶୈଳୀର ଆବଶ୍ୟକତା ରହିଛି। ପ୍ରତିଦିନ କିଛି ସମୟ ବ୍ୟାୟାମ, ଯୋଗ, ପ୍ରାଣାୟାମ କରନ୍ତୁ।

➡ଯଦି ଆପଣଙ୍କର କୌଣସି ଡାକ୍ତର କିମ୍ବା ସ୍ୱାସ୍ଥ୍ୟକର୍ମୀଙ୍କ ସହ ଉତ୍ତମ ସମ୍ପର୍କ ଅଛି ତେବେ ତାଙ୍କର ଯୋଗାଯୋଗ ନମ୍ବର ଡାଏରୀରେ ଟିପି ରଖନ୍ତୁ। ଆବଶ୍ୟକ ପଡିଲେ ତାହା କାମରେ ଆସିବ।

➡କେତେକ ଦୀର୍ଘକାଳୀନ ରୋଗରେ ପୀଡ଼ିତ ଥିଲେ ତାଙ୍କୁ ଡାକ୍ତର ନିୟମିତ ସମୟ ଅନ୍ତରାଳରେ ଚେକ୍‌ଅପ୍ ପାଇଁ ପରାମର୍ଶ ଦେଇଥାଆନ୍ତି। ଏଭଳି ପରାମର୍ଶକୁ ଅନୁସରଣ କରନ୍ତୁ।

➡ଖାଦ୍ୟ ଖାଇସାରିବା ପରେ ଥଣ୍ଡାପାନୀୟ ପିଅନ୍ତୁ ନାହିଁ। କାରଣ ଏହାର ପ୍ରଭାବ ପାଚନ କ୍ରିୟା ଉପରେ ପଡ଼ିଥାଏ।

➡ସକାଳୁ ଖାଲି ପେଟରେ ଗ୍ଲାସେ ପାଣି ପିଅନ୍ତୁ। ଏହା ପାଚନକ୍ରିୟାକୁ ଆହୁରି ସକ୍ରିୟ କରିଥାଏ।

➡ବର୍ଷାଦିନେ ଆଦୌ ଥଣ୍ଡାଜାତୀୟ ଖାଦ୍ୟ ଖାଆନ୍ତୁ ନାହିଁ କି ଏପରି ପାନୀୟ ପିଅନ୍ତୁ ନାହିଁ।



# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା:୮ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସୋମବାର, ଜୁଲାଇ ୧୮/୨୦୨୨ Sambalpur, Monday, July 18/ 2022





ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମସ୍ଥିତ ବିଜୁ ପଟ୍ଟନାୟକ ସୁଇମିଂ କମ୍ପ୍ଲେକ୍ସଠାରେ ଚାଲିଥିବା ଜାତୀୟ ଜୁନିୟର ଆକ୍ୱାଟିକ୍ ଚାମ୍ପିୟନସିପ୍ ଦେଖିବାଲାଗି ରବିବାର ଦର୍ଶକଙ୍କ ଭିଡ଼।

## ବେଦାନ୍ତ, ହର୍ଷିକା, ଅପେକ୍ଷାଙ୍କ ମିଟ୍ ରେକର୍ଡ

**ଭୁବନେଶ୍ୱର, ୧୭।୭:** ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ସ୍ଥିତ ବିଜୁ ପଟ୍ଟନାୟକ ସୁଇମିଂ ପୁଲ କମ୍ପ୍ଲେକ୍ସରେ ଜାତୀୟ ଜୁନିୟର ଆକ୍ୱାଟିକ୍ ଚାମ୍ପିୟନଶିପର ଦ୍ୱିତୀୟ ଦିନ ଖେଳ ଶେଷ ହୋଇଛି। ଦ୍ୱିତୀୟ ଦିନର ଖେଳରେ ୧୫୦୦ ମିଟର ଫ୍ରିଷ୍ଟାଇଲଲରେ ଏକ ମିଟ୍ ରେକର୍ଡ କରିଛନ୍ତି ବେଦାନ୍ତ ମାଧବନ୍। ମହାରାଷ୍ଟ୍ରର ପ୍ରତିନିଧିତ୍ୱ କରୁଥିବା ଅଭିନେତା ଆର. ମାଧବନଙ୍କ ପୁଅ ବେଦାନ୍ତ ୧୬.୦୧.୭୩ର ଟାଇମିଂ ହାସଲ କରିଥିଲେ। ଏହା ସହିତ ୨୦୧୭ରୁ ରହିଥିବା କର୍ଣ୍ଣାଟକର ଅଦ୍ୱୈତ ପେଜଙ୍କ ରେକର୍ଡ ଭାଙ୍ଗିଥିଲେ। ପେଜ୍ ୧୬.୦୬.୪୩ ସେକେଣ୍ଡର ଟାଇମିଂ ହାସଲ କରିଥିଲେ। ଏହି ବର୍ଗରେ କର୍ଣ୍ଣାଟକର ଅମୋଘ ଆନନ୍ଦ ଭେଙ୍କଟେଶ (୧୬.୨୧.୯୮) ଏବଂ ବେଙ୍ଗଲର ଶୁଭୋଜିତ୍ ଗୁପ୍ତା(୧୬.୩୪.୦୬)ର ଟାଇମିଂ ସହିତ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

୪୦୦ ମିଟର ଫ୍ରିଷ୍ଟାଇଲ ଓ ୨୦୦ ମିଟର ବଟରଫ୍ଲାଏ ବର୍ଗରେ ଦୁଇଟି ମିଟ୍ ରେକର୍ଡ କରିଥିଲେ କର୍ଣ୍ଣାଟକର ହର୍ଷିକା ରାମଚନ୍ଦ୍ର। ୪୦୦ ମିଟର ଫ୍ରିଷ୍ଟାଇଲରେ ୪.୨୯.୨୫ର ଟାଇମିଂ ଓ ୨୦୦ ମିଟର ବଟରଫ୍ଲାଏ ବର୍ଗରେ ୨.୨୩.୬୭ର ଟାଇମିଂ ସହିତ ଦୁଇଟି ମିଟ ରେକର୍ଡ ନିଜ ନାମରେ କରିଛନ୍ତି। ୫୦ ମିଟର ବ୍ରେଷ୍ଟ ଷ୍ଟ୍ରୋକ ବର୍ଗରେ ମହାରାଷ୍ଟ୍ରର ଅପେକ୍ଷା ଫର୍ନାଣ୍ଡିଜ୍ ଏକ ନୂଆର ମିଟ୍ ରେକର୍ଡ କରିଛନ୍ତି। ୩୩.୪୯ ସେକେଣ୍ଡର ଟାଇମିଂ ସହିତ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ଅପେକ୍ଷା। ଦ୍ୱିତୀୟ ଦିନ ସୁଦ୍ଧା ୩୧ ପଦକ ସହିତ କର୍ଣ୍ଣାଟକ ପ୍ରଥମ ସ୍ଥାନରେ ରହିଥିବା ବେଳେ ୧୭ ପଦକ ସହିତ ମହାରାଷ୍ଟ୍ର ଓ ୮ ପଦକ ସହିତ ତେଲେଙ୍ଗାନା ପରବର୍ତ୍ତୀ ଦୁଇ ସ୍ଥାନରେ ରହିଛନ୍ତି।

# ଭାରତ ସିରିଜ ବିଜୟୀ

**ମାଞ୍ଚେଷ୍ଟର, ୧୭।୭(ପି.ଟି)**

ରିଷଭ ପନ୍ତଙ୍କ ଅପରାଜିତ ଶତକ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ ଇଂଲଣ୍ଡ ବିପକ୍ଷ ତୃତୀୟ ତଥା ଅନ୍ତିମ ଦିନିକିଆ କ୍ରିକେଟ ମୁକାବିଲାକୁ ଜିତି ନେଇଛି ଭାରତ। ଏଥିସହିତ ଦଳ ୨-୧ରେ ସିରିଜ ବିଜୟୀ ହୋଇଛି। ହାର୍ଦ୍ଦିକଙ୍କ ଘାତକ ବୋଲିଂ କାରଣରୁ ଇଂଲଣ୍ଡ ୨୫୯ ରନରେ ସୀମିତ ରହିଥିଲା। ଜବାବରେ ରିଷଭ ପନ୍ତଙ୍କ ପ୍ରଥମ ଆନ୍ତର୍ଜାତୀୟ ଶତକ ଓ ପାଣ୍ଡ୍ୟାଙ୍କ ୭୧ ରନ ବଳରେ ଭାରତ ୫ ଉଇକେଟରେ ଆବଶ୍ୟକ ରନ୍ ସଂଗ୍ରହ କରି ନେଇଥିଲା।

ରୋହିତ ଶର୍ମା ଟସ୍ ଜିତି ଇଂଲଣ୍ଡକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲେ। ତେବେ ଦ୍ୱିତୀୟ ଓଭର ବୋଲିଂ କରୁଥିବା ସିରାଜ ମେଡେନ୍ ଦୁଇ ଉଇକେଟ ଅକ୍ତିଆର କରି ଇଂଲଣ୍ଡକୁ ବ୍ୟାକ୍‌ଫୁଟକୁ ଠେଲି ଦେଇଥିଲେ। ଜନି ବେୟାରଷ୍ଟୋ ଓ ଜୋ ରୁଟ୍ ଖାତା ଖୋଲି ପାରିନଥିଲେ। ଅନ୍ୟତମ ଓପନର ଜାସନ ରୟ(୪୧) ଓ ବେନ୍ ଷ୍ଟୋକ୍ସ(୨୭)ପାର୍ଟନରଶିପରେ ୫୪ ରନ ଯୋଡିଥିଲେ। ୪ ଉଇକେଟ ପତନ ପରେ ଅଧିନାୟକ ବଟଲର(୬୦) ପାଳି ସମ୍ଭାଳିଥିଲେ। ମୋଇନ୍ ଅଲୀ(୩୪) ଓ ଲିଆମ୍ ଲିଭିଙ୍ଗଷ୍ଟୋନ୍(୨୭)ଙ୍କୁ ସାଥୀ କରି ଦଳୀୟ ସ୍କୋର ୨୦୦ରେ ପହଞ୍ଚାଇଥିଲେ ବଟଲର। ୮୦ ବଲ ଖେଳିଥିବା ବଟଲର ୩ଟି ଚୌକା ଓ ଦୁଇଟି ଛକା ମାରିଥିଲେ। ଶେଷ ଭାଗରେ ଡେଭିଡ୍ ୱିଲିଙ୍କ ୧୮ ଓ କ୍ରେଗ ଓଭରଟନଙ୍କ ୩୨ ରନ ଫଳରେ ୨୫୦ ରନ ଅତିକ୍ରମ କରିଥିଲା ଇଂଲଣ୍ଡ। ହାର୍ଦ୍ଦିକ ପାଣ୍ଡ୍ୟା ୨୪ରନ ବ୍ୟୟରେ

**ପନ୍ତଙ୍କ ଅପରାଜିତ ଶତକ, ପାଣ୍ଡ୍ୟାଙ୍କ ଅଲରାଉଣ୍ଡ ପ୍ରଦର୍ଶନ**

୪ ଉଇକେଟ ନେଇ କ୍ୟାରିୟରର ଶ୍ରେଷ୍ଠ ବୋଲିଂ ସଫଳତା ହାସଲ କରିଥିଲେ। ଏହା ବ୍ୟତୀତ ଯୁଜବେନ୍ଦ୍ର ଚହଲ ୩ଟି ଉଇକେଟ ନେଇଥିଲେ। ମହମ୍ମଦ ସିରାଜ ୨ଟି ଏବଂ ରବୀନ୍ଦ୍ର ଜାଡେଜା ୧ ଉଇକେଟ ଅକ୍ତିଆର କରିଥିଲେ।

୨୬୦ ରନ୍ ଲକ୍ଷ୍ୟର ପିଛା କରୁଥିବା ଭାରତର ଆରମ୍ଭ ଅତ୍ୟନ୍ତ ଦୟନୀୟ ରହିଥିଲା। ଦଳୀୟ ସ୍କୋର ୩ରେ ଶିଖର ଧାୱନ୍ (୧) ପ୍ୟାଭିଲିୟନ୍ ଫେରିଥିଲେ। ରୋହିତ ଶର୍ମା ଓ ବିରାଟ କୋହଲି ପ୍ରତ୍ୟେକ ୧୭ ରନ୍ ଲେଖାଏଁ ସ୍କୋର କରିଥିବା ବେଳେ ଭାରତ ୩୮ରନରେ ଏହାର ଟପ୍ ୩ ବ୍ୟାଟରଙ୍କୁ ହରାଇଥିଲା। ରିଷଭ ପନ୍ତ ଓ ସୂର୍ଯ୍ୟ କୁମାର ଯାଦବ (୧୬)ଙ୍କ ମଧ୍ୟରେ ୩୪ ରନର ଭାଗୀଦାରି ହୋଇଥିଲା। ତେବେ ୭୨ ରନରେ ୪ ଉଇକେଟର ପତନ ପରେ ରିଷଭ ପନ୍ତ(୧୨୫*) ଓ ହାର୍ଦ୍ଦିକ ପାଣ୍ଡ୍ୟା(୭୧) ଷଷ୍ଠ ଉଇକେଟ ପାଇଁ ୧୩୩ ରନ ଯୋଡିଥିଲେ। ୫୫ ବଲ୍ ଖେଳିଥିବା ପାଣ୍ଡ୍ୟା ୧୦ ଚୌକା ସହ ୭୧ ରନ୍ କରିଥିଲେ। ଶତକୀୟ ଇନିଂସ ଖେଳିଥିବା ପନ୍ତ ଓ ରବୀନ୍ଦ୍ର ଜାଡେଜା(୭) ଭାରତକୁ ଫିନିଶ ଲାଇନ ପାର କରାଇଥିଲେ। ପନ୍ତ ୧୧୩ ବଲ୍ ଖେଳି ୧୬ଟି ଚୌକା ଓ ଦୁଇଟି ଛକା ମାରିଥିଲେ। ଇଂଲଣ୍ଡ ପକ୍ଷରୁ ରିସି ଟପ୍‌ଲେ ୩୫ ରନରେ ୩ଟି ଉଇକେଟ ନେଇଥିବା ବେଳେ ଓଭରଟନ୍ ଓ କାର୍ସେ ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ।




ପ୍ଲେୟର୍ ଅଫ୍ ଦି ସିରିଜ୍ ହାର୍ଦ୍ଦିକ ପାଣ୍ଡ୍ୟା।

**ସଂକ୍ଷିପ୍ତ ସ୍କୋର**

**ଇଂଲଣ୍ଡ:** ୪୫.୫ ଓଭରରେ-୨୫୯/୧୦, (ଜୋସ୍ ବଟଲର-୬୦, ଜାସନ ରୟ-୪୧, ମୋଇନ୍ ଅଲୀ-୩୪, ହାର୍ଦ୍ଦିକ ପାଣ୍ଡ୍ୟା-୪/୨୪, ଯୁଜବେନ୍ଦ୍ର ଚହଲ-୩/୬୦, ମହମ୍ମଦ ସିରାଜ-୨/୬୬)

**ଭାରତ:** ୪୨.୧ ଓଭରରେ ୨୬୧/୫ (ରିଷଭ ପନ୍ତ-୧୨୫*, ହାର୍ଦ୍ଦିକ ପାଣ୍ଡ୍ୟା-୭୧, ବିରାଟ କୋହଲି-୧୭, ରୋହିତ ଶର୍ମା-୧୭, ରିସି ଟୋପଲେ-୩/୩୫, କ୍ରେଗ୍ ଓଭରଟନ୍-୧/୫୪)।

## ଶୁଟିଂ ବିଶ୍ୱକପ୍: ଅଞ୍ଜୁମ୍‌ଙ୍କୁ ବ୍ରୋଞ୍ଜ ପଦକ

**ଚାଙ୍ଗଓନ୍, ୧୭।୭ (ପି.ଟି.)**

ଭାରତର ଅଞ୍ଜୁମ୍ ମୋଦ୍‌ଗିଲ ଏଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ଶୁଟିଂ ବିଶ୍ୱକପ୍ ମହିଳା ୫୦ ମିଟର ରାଇଫଲ ଥ୍ରୀ ପୋଜିଶନ ଇଭେଣ୍ଟରେ ଏକ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ଫାଇନାଲ ରାଉଣ୍ଡରେ ଅଞ୍ଜୁମ ୪୦୨.୯ ପଏଣ୍ଟ ସ୍କୋର କରିଥିଲେ। ସେ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ଜିତିଥିବା ଜର୍ମାନୀର ଆନ୍ନା ଜାନ୍‌ସେନ୍ (୪୦୭.୭) ଓ ଇଟାଲୀର ବାରବରା ଗାମ୍ବାରୋ (୪୦୩.୪)ଙ୍କ ପଛରେ ରହିଥିଲେ। ସଞ୍ଜୀବ ରାଜପୁତ, ଚେନ୍ ସିଂ ଓ ଐଶ୍ୱରୀ ପ୍ରତାପ ସିଂ ତୋମାର ପୁରୁଷ ୩ପି ଟିମ୍ ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରିଛନ୍ତି। କ୍ୱାଲିଫିକେଶନ ପର୍ଯ୍ୟାୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଭାରତୀୟତ୍ରୟ ସ୍ୱର୍ଣ୍ଣ ପଦକ ମ୍ୟାଚ୍‌ରେ ଶକ୍ତିଶାଳୀ ଚେକ୍ ରିପବ୍ଲିକ ଟିମ୍ ବିପକ୍ଷରେ ଲଢୁଆ ପ୍ରଦର୍ଶନ କରିଥିଲେ। ସେମାନେ ପିଟର ନିମ୍ବର୍ସ୍କଳ ଫିଲିପ୍ ନିପେଜ୍‌ଚାଲ୍ ଓ ଜିରି ପ୍ରିଭାଟସ୍କିଙ୍କଠାରୁ ୧୨-୧୬ରେ ହାରିଯାଇଥିଲେ। ଅଞ୍ଜୁମ୍ ହେଉଛନ୍ତି ଜଣେ ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ପଦକ ବିଜେତା। ଶନିବାର ର୍‍ୟାଙ୍କିଙ୍ଗ୍ ରାଉଣ୍ଡରେ ୬ଷ୍ଠ ସ୍ଥାନ ସହ ସେ ଫାଇନାଲ ରାଉଣ୍ଡକୁ ଉନ୍ନୀତ ହୋଇଥିଲେ।




ଅଞ୍ଜୁମ୍ ମୋଦ୍‌ଗିଲ

## ପଦକ ପୋଛିନେଲା ଆମେରିକା

**ଇଉଜିନ୍, ୧୭।୭(ପି.ଟି)**

**ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍**

ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପର ୧୦୦ ମିଟର ଦୌଡରେ କ୍ଲିନ ସୁଇପ୍ କରିଛି ଆମେରିକା। ଫ୍ରେଡ୍ କେର୍ଲେଙ୍କ ନେତୃତ୍ୱାଧୀନ ଆମେରିକୀୟ ଟିମ୍ ୧୯୯୧ ପରେ ପ୍ରଥମ ଥର ପାଇଁ ଏହି ବର୍ଗରେ ପ୍ରଥମ ୩ ସ୍ଥାନ ଅଧିକାର କରିଛି। ୯.୮୬ ସେକେଣ୍ଡର ଟାଇମିଂ ସହିତ ଫ୍ରେଡ୍ ପ୍ରଥମ ସ୍ଥାନରେ ରହିଥିବା ବେଳେ ମାର୍ଭିନ୍ ବ୍ରେସି ଓଟ୍ରେଭନ୍ ବ୍ରୋମେଲ୍ ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଫ୍ରେଡ୍ ପରବର୍ତ୍ତୀ ଦୁଇ ପ୍ରତିଦ୍ୱନ୍ଦ୍ୱୀଙ୍କ ଠାରୁ ମାତ୍ର ୦.୨ ସେକେଣ୍ଡ ଆଗୁଆ ରହିଥିଲେ। ସେହିପରି ମାର୍ଭିନ୍ ବ୍ରେସି ଓଟ୍ରେଭନ୍ ବ୍ରୋମେଲ୍‌ଙ୍କ ମଧ୍ୟରେ ମାତ୍ର ୦.୦୦୨ ସେକେଣ୍ଡର ବ୍ୟବଧାନ ରହିଥିଲା।




ଫିନିଶ୍ ଲାଇନ୍ ଅତିକ୍ରମ କରୁଛନ୍ତି ଫ୍ରେଡ୍ କେର୍ଲେ।

## ପ୍ରମୋଦ ଭଗତ ରନର୍ସଅପ୍

**ନୂଆଦିଲ୍ଲୀ, ୧୭।୭ (ପି.ଟି.):** ବିଶ୍ୱର ନମ୍ବର ୱାନ୍ ର୍‍ୟାଙ୍କିଙ୍ଗପ୍ରାପ୍ତ ପ୍ରମୋଦ ଭଗତ ଆୟର୍ଲାଣ୍ଡସ୍ଥିତ ଡବ୍‌ଲିନ୍‌ଠାରେ ଚାଲିଥିବା ଚତୁଃରାଷ୍ଟ୍ରୀୟ ପାରାବ୍ୟାଡ୍‌ମିଣ୍ଟନ ଇଣ୍ଟରନ୍ୟାଶନାଲ ପୁରୁଷ ସିଙ୍ଗଲ୍ସ ଏସ୍‌ଏଲ୍-୩ ବିଭାଗରେ ରନର୍ସ ଅପ୍ ହୋଇଛନ୍ତି। ଅନ୍ୟପକ୍ଷରେ ଭାରତର ଅନ୍ୟ ଜଣେ ନିଥ୍ୟା ଶ୍ରୀ ସୁମାଥି ସିଭାନ୍ ମହିଳା ସିଙ୍ଗଲ୍ସ ଏସ୍‌ଏଚ୍-୬ ଶ୍ରେଣୀରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଭଗତ ଟାଇଟଲ ମୁକାବିଲାରେ ଇଂଲଣ୍ଡର ଡାନିଲ ବେଥେଲଙ୍କଠାରୁ ୧୭-୨୧, ୯-୨୧ରେ ପରାଜିତ ହୋଇଥିଲେ। ମିକ୍ସଡ ଡବଲ୍ସ ଏସ୍‌ଏଲ୍୩-ଏସ୍‌ୟୁ୫ କ୍ଲାସିଫିକେଶନ ଫାଇନାଲରେ ଭାରତୀୟ ଯୋଡ଼ି ଚିରାଗ ବାରେଥା ଓ ମନଦୀପ କୌର ଫ୍ରାନ୍ସର ଲୁକାସ ମାଜୁର ଓ ଫଷ୍ଟିନ୍ ନୋଏଲଙ୍କଠାରୁ ୧୪-୨୧, ୧୮-୨୧ରେ ହାରି ରୌପ୍ୟ ପଦକ ପାଇଛନ୍ତି। ୨୦୨୨ରେ ପ୍ରମୋଦ ଏବଂ ବିଥେଲ ମଧ୍ୟରେ ୪ଟି ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଫାଇନାଲ ଅନୁଷ୍ଠିତ ହୋଇଛି। ଅନ୍ୟତମ ଓଡ଼ିଆ ଅନ୍ତର୍ଜାତୀୟ ଖେଳାଳି ଦୀପରଞ୍ଜନ ବିଶୋଇ ଏସ୍‌ଏଲ୍ -୪ ସିଙ୍ଗଲ୍ସ ସେମିଫାଇନାଲରେ ଫ୍ରାନ୍ସର ଲୁକାସ ମଜୁର ନିକଟରୁ ୧୧-୨୧, ୭-୨୧ ରେ ପରାଜିତ ହୋଇଛନ୍ତି। ତାଙ୍କୁ ବ୍ରୋଞ୍ଜ ପଦକ ରେ ସନ୍ତୁଷ୍ଟ ହେବାକୁ ପଡ଼ିଛି।

## ବାଂଲାଦେଶର ଦିନିକିଆ ସିରିଜ୍ କ୍ଲିନ୍ ସୁଇପ୍

**ଜର୍ଜଟାଉନ୍, ୧୭।୭(ପି.ଟି)**

ଟେଷ୍ଟ ଓ ଟି୨୦ ସିରିଜର ପ୍ରତିଶୋଧ ଦିନିକିଆରେ। ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜକୁ କ୍ଲିନ୍ ସୁଇପ୍ କରିଛି ବାଂଲାଦେଶ। ପ୍ରଥମେ ବ୍ୟାଟିଂ କରି ୱେଷ୍ଟଇଣ୍ଡିଜ୍ ୧୭୮ ରନ୍ କରିଥିବା ବେଳେ ୬ ଉଇକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ନେଇଥିଲା ବାଂଲାଦେଶ।

ଟସ୍ ହାରି ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜକୁ ହାତଖୋଲା ସ୍କୋର କରିବାର ସୁଯୋଗ ଦେଇ ନ ଥିଲେ ବାଂଲାଦେଶ ସ୍ପିନର। ୧୬ ରନ୍‌ରେ ଦଳ ୩ଟି ଉଇକେଟ ହରାଇଥିବା ବେଳେ କେସି କାର୍ଟି(୩୩) ଓ ନିକୋଲାସ ପୁରନ୍(୭୩) ଇନିଂସ ସମ୍ଭାଳିଥିଲେ। ଦଳୀୟ ସ୍କୋର ୮୩ରେ କାର୍ଟି ଆଉଟ ହେବା ପରେ ପୁରନ୍ ରୋମାନଭ ପାୱେଲ୍(୧୮) ଓ ରୋମାରିଓ ଶେଫର୍ଡ(୧୯)ଙ୍କୁ ସାଥି କରି ଦଳୀୟ ସ୍କୋର ୧୭୮ରେ ପହଞ୍ଚାଇଥିଲେ। ବାଂଲାଦେଶ ପକ୍ଷରୁ ତାଇଜୁଲ ଇସ୍‌ଲାମ ୨୮ ରନ୍‌ରେ ୫ ଉଇକେଟ ନେଇଥିଲେ।

ବୋଲିଂ ସହାୟକ ପିଚ୍‌ରେ ୧୭୯ ରନ୍ କଷ୍ଟସାଧ ଲାଗୁଥିବା ବେଳେ କିମୋ ପଲ ଏବଂ ରୋଭମାନ ପାୱେଲଙ୍କ ହାର୍ମଷ୍ଟ୍ରିଙ୍ଗ ଟାଣିହେବା ଘରୋଇ ଦଳକୁ ସଙ୍କଟରେ ପକାଇଥିଲା। କେବଳ ସ୍ପିନର ଗୁଡାକେଶ ମୋତି ୨୩ ରନ୍‌ରେ ୪ ଉଇକେଟ ନେଇଥିବା ବେଳେ ଅନ୍ୟ କୌଣସି ବୋଲରଙ୍କୁ ସଫଳତା ମିଳି ନ ଥିଲା। ଲିଟନ ଦାସଙ୍କ ୫୦ ରନ୍ ସହିତ ଅନ୍ୟ ବ୍ୟାଟ୍ସମ୍ୟାନଙ୍କ ଉପଯୋଗୀ ବ୍ୟାଟିଂ ଫଳରେ ୬ ଉଇକେଟ ହରାଇ ଏବଂ ୯ଟି ବଲ୍ ପୂର୍ବରୁ ଲକ୍ଷ୍ୟ ହାସଲ କରିନେଇଥିଲା ବାଂଲାଦେଶ।

### ଟି୨୦ରୁ ତମିମ୍‌ଙ୍କ ଅବସର

ବାଂଲାଦେଶ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ଅଧିନାୟକ ତମିମ୍ ଇକ୍‌ବାଲ ଅନ୍ତର୍ଜାତୀୟ ଟି୨୦ରୁ ଅବସର ନେଇଛନ୍ତି। ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ତାଙ୍କ ଦଳର ବିଜୟ ପରେ ଏ ବିଷୟରେ ସେ ଘୋଷଣା କରିଛନ୍ତି। ବାଂଲାଦେଶ ଶନିବାର ୩ ମ୍ୟାଚ୍‌ବିଶିଷ୍ଟ ସିରିଜରେ କ୍ଲିନ୍ ସୁଇପ୍ କରିଛି। ତମିମ୍ ତାଙ୍କ ଅନ୍ତିମ ଅନ୍ତର୍ଜାତୀୟ ଟି୨୦ ଗତ ୨୦୨୦ ମାର୍ଚ୍ଚରେ ଖେଳିଥିଲେ। ୩୩ ବର୍ଷୀୟ ଏହି କ୍ରିକେଟର ତାଙ୍କ କ୍ୟାରିୟରରେ ୭୮ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି। ସେ ୨୪.୦୮ ଆଭରେଜ୍‌ରେ ୧୭୫୮ ରନ୍ ସଂଗ୍ରହ କରିଛନ୍ତି। ଗତ ଜାନୁୟାରୀରେ ତମିମ୍ କ୍ରିକେଟ୍‌ର କ୍ଷୁଦ୍ରତମ ଫର୍ମାଟ୍‌ରୁ ୬ ମାସ ପାଇଁ ବିରାମ ନେଇଥିଲେ।




ସିରିଜ୍ ବିଜୟୀ ଟ୍ରଫି ସହ ବାଂଲାଦେଶ ଦଳ।

## ଲେବାନନ୍‌ଠାରୁ ହାରିଲା ଭାରତ

**ଜାକର୍ତ୍ତା, ୧୭।୭ (ପି.ଟି.):** ଭାରତୀୟ ପୁରୁଷ ବାସ୍କେଟ୍‌ବଲ ଦଳ ଏଠାରେ ଚାଲିଥିବା ଫିବା (ଫେଡେରେଶନ ଅଫ୍ ଇଣ୍ଟରନ୍ୟାଶନାଲ ବାସ୍କେଟ୍‌ବଲ ଆସୋସିଏଶନ୍ସ) ଏସିଆ କପ୍‌ରେ ରବିବାର ଖେଳାଯାଇଥିବା ଗ୍ରୁପ୍ ଡି'ର ଏକ ମ୍ୟାଚ୍‌ରେ ଲେବାନନ୍‌ଠାରୁ ୬-୧୦୪ରେ ଶୋଚନୀୟ ପରାଜୟ ବରଣ କରିଛି। ପ୍ରତିଯୋଗିତାରେ କ୍ରମାଗତ ତୃତୀୟ ପରାଜୟ ସହ ଭାରତ ଏହାର ଅଭିଯାନ ଶେଷ କରିଛି। ୪ଟି ଦଳକୁ ନେଇ ଗ୍ରୁପ୍ ଡି'ରେ ଭାରତ ସର୍ବନିମ୍ନ ସ୍ଥାନରେ ରହିଛି। ପ୍ରତ୍ୟେକ ଗ୍ରୁପ୍‌ର ଶୀର୍ଷ ଦଳ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହେବେ। ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଦଳ ବର୍ତ୍ତମାନ ପ୍ଲେ-ଅଫ୍ ଖେଳିବେ।

## ଫାଇନାଲରେ ନିରାଶ କଲେ ଶ୍ରୀଶଙ୍କର

**ଇଉଜିନ୍, ୧୭।୭ (ପି.ଟି):** ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପରେ ନିରାଶ କରିବା ସହିତ ଲଙ୍ଗଜମ୍ପର ମୁରଲୀ ଶ୍ରୀଶଙ୍କର ସପ୍ତମ ସ୍ଥାନରେ ରହିଛନ୍ତି। ୮.୩୬ ମିଟର ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ହୋଇଥିବା ବେଳେ ଫାଇନାଲରେ ୮ ମିଟର ମଧ୍ୟ ଅତିକ୍ରମ କରିପାରିନଥିଲେ। ଏପରିକି କ୍ୱାଲିଫାଇଁ ରାଉଣ୍ଡର ପ୍ରଦର୍ଶନକୁ ମଧ୍ୟ ଦୋହରାଇବାରେ ବିଫଳ ହେବା ସହିତ ସପ୍ତମ ସ୍ଥାନରେ ରହିଥିଲେ ଶ୍ରୀଶଙ୍କର। ୭.୯୬ ମିଟରର ଶ୍ରେଷ୍ଠ ପ୍ରଦର୍ଶନ ସହିତ ବିଶ୍ୱ ଚାମ୍ପିୟଶିପ ଶେଷ କରିଥିଲେ ଶ୍ରୀଶଙ୍କର। ୬ଟି ପ୍ରୟାସରେ ମୁରଲୀଙ୍କ ୩ଟି ଡିଆଁ ବୈଧ ରହିଥିବା ବେଳେ ପ୍ରଥମ ପ୍ରୟାସରେ ହିଁ ସେ ୭.୯୬ ମିଟର ଡେଇଁଥିଲେ।

ଚଳିତ ସିଜିନରେ ଏକାଧିକ ଥର ୮ ମିଟର ଡେଇଁଥିବା ଶ୍ରୀଶଙ୍କରଙ୍କ ପିତା ତଥା କୋଚ୍ ଏହାକୁ ଦୁର୍ଭାଗ୍ୟ ଜନକ ବୋଲି କହିଛନ୍ତି। ମାର୍ଚ୍ଚ ମାସଠାରୁ ମୁରଲୀ ନିୟମିତ ଭାବରେ ୮.୧୭ମି., ୮.୩୬ ମି., ୮.୩୧ ଓ ୮.୨୩ ମିଟରର ଦୂରତା ଦେଇଁଥିଲେ ହେଲେ ବିଶ୍ୱ ଚାମ୍ପିୟନଶିପ୍ ଫାଇନାଲରେ ନିରାଶ କରିଥିଲେ। ଚୀନର ଜିଆନାନ୍ ୱାଙ୍ଗ ୮.୩୬ ମିଟର। ସହିତ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ଅଲିମ୍ପିକ ଚାମ୍ପିୟନ୍ ଗ୍ରୀସର ମିଲ୍ଟିଆଡିସ୍ ଟେଣ୍ଟୋଗୋଲୁ ୮.୩୦ ମିଟର ଦୂରକୁ ଡେଇଁ ରୌପ୍ୟ ପଦକ ହାସଲ କରିଥିଲେ। ସ୍ୱିଜରଲ୍ୟାଣ୍ଡର ସିମୋନ ଏହମ୍ମର ୮.୧୬ ମିଟର ଦୂରକୁ ଡେଇଁ ବ୍ରୋଞ୍ଜ ପଦକ ହାସଲ କରିଥିଲେ।









Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

**ପୂର୍ବ ଶତ୍ରୁତାକୁ ନେଇ ଛୁରାମାଡ଼**

ଜୁନାଗଡ (ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ରେଲୱେ ଷ୍ଟେଶନ ନିକଟରେ ରବିବାର ପୂର୍ବ ଶତ୍ରୁତାକୁ ନେଇ ଛୁରାମାଡ ହୋଇଥିବା ଅଭିଯୋଗ ହୋଇଛି। ଏଥିରେ ୨ଜଣ ଯୁବକ ଆହତ ହୋଇଥିବା ଜଣାପଡିଛି। ଏହି ଘଟଣାରେ ଜୁନାଗଡ ଥାନାରେ ଜଣେ ଅଟକ ରହିଥିବା ବେଳେ ୨ଟି ମାମଲା ରୁଜୁ ହୋଇଥିବା ଜଣାପଡିଛି।

# ସେପ୍ଟେମ୍ବର ୪ରୁ ଜିଲା ଫୁଟବଲ ଲିଗ୍

**ଜିଲା କ୍ରୀଡ଼ା ସଂସଦ କାର୍ଯ୍ୟକାରୀ କମିଟି ବୈଠକ**

ବଲାଙ୍ଗୀର ଅଫିସ,୧୭।୭

ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜିଲା କ୍ରୀଡା ସଂସଦ କାର୍ଯ୍ୟକାରୀ କମିଟି ବୈଠକ ରବିବାର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ରଙ୍କ ଅଧ୍ୟକ୍ଷତା ଓ ସାଧାରଣ ସମ୍ପାଦକ ହରିନାରାୟଣ ପୂଜାରୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ଉକ୍ତ ବୈଠକରେ ସଂସଦ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର ଓ ଡ. ପ୍ରହ୍ଲାଦ ଶତପଥୀ, ଯୁଗ୍ମ ସମ୍ପାଦକ ପଦ୍ମଚରଣ ଆଚାର୍ଯ୍ୟ, କୋଷାଧ୍ୟକ୍ଷ ପ୍ରଭାତ କୁମାର ମିଶ୍ର, ଭଲିବଲ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ଫୁଟବଲ ସମ୍ପାଦକ ହେମନ୍ତ ବେହେରା, ଗ୍ରାମ୍ୟକ୍ରୀଡା ଓ ମହିଳା ମହୋତ୍ସବ ସମ୍ପାଦକ ସଂଗ୍ରାମ ବହିଦାର ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସଭ୍ୟ ରାଜେନ୍ଦ୍ର ପୁରୋହିତ, ରମାକାନ୍ତ ସେଟ, ସୁଧୀର ଚନ୍ଦ୍ର ପଣ୍ଡା, ଦ୍ୱାରିକା ପଣ୍ଡା, ଜୟରାମ ମିଶ୍ର, ଶିଶିର ବହିଦାର, ବିଜୟ ବନ୍‌ସଲ, ଜିଲା କ୍ରୀଡା ଶିକ୍ଷା ନିରୀକ୍ଷକ ଅନ୍ତର୍ଯ୍ୟାମୀ ବିଶ୍ୱାଳ ଉପସ୍ଥିତ ଥିଲେ। ସମ୍ପାଦକ ପୂଜାରୀ ଚଳିତ କ୍ରୀଡାବର୍ଷରେ ଯେଉଁସବୁ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ହେବ ସେସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ ଓ ତାହା ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ଆଗାମୀ ସେପ୍ଟେମ୍ବର ୪ରୁ ଜିଲା ଫୁଟବଲ ଲିଗ୍ ଏବଂ ୧୮ ସେପ୍ଟେମ୍ବରରୁ ମହିଳା ଫୁଟବଲ ଟୁର୍ନାମେଣ୍ଟ, ବାଳକ ସିନିୟର, ଜୁନିୟର କ୍ରିକେଟ ଓ ମହିଳା କ୍ରିକେଟ ଟୁର୍ନାମେଣ୍ଟ ଓ ପର୍ଯ୍ୟାୟ କ୍ରମେ ଖୋଖୋ, କବାଡି, ଭଲିବଲ, ଗ୍ରାମ୍ୟ କ୍ରୀଡା ମହିଳା ମହୋତ୍ସବ ଆୟୋଜନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରତିବର୍ଷ ପରି ଡିସେମ୍ବର ମାସରେ ଜିଲା ଓପନ୍ ଆଥ୍‌ଲେଟିକ୍ ମିଟ୍ ଆୟୋଜନ କରିବା ସହ ଜିଲାରେ ଆୟୋଜିତ ବିଭିନ୍ନ କ୍ରୀଡାରେ କୃତିତ୍ୱ ଅର୍ଜନ କରିଆସିଥିବା କୃତି ଖେଳାଳୀ ଓ କ୍ରୀଡାବିତଙ୍କୁ ମାର୍ଚ୍ଚ ୨୦୨୩ରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯିବାର ସିଦ୍ଧାନ୍ତ ନିଆଯାଇଥିବା ସଂଘ ସମ୍ପାଦକ ସୂଚନା ଦେଇଛନ୍ତି।



ଧୋଇଯାଇଥିବା ଦାଣ୍ଡପାଣି ରାସ୍ତା, ଜଳାର୍ଣ୍ଣବ ଆପ୍ରୋଚ ରୋଡ ।

# ବର୍ଷାରେ ଧୋଇଗଲା ଦାଣ୍ଡପାଣି-ବଲାଙ୍ଗୀର ରାସ୍ତା

ଲୋଇସିଂହା,୧୭।୭(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅଞ୍ଚଳରେ ଶନିବାର ମଧ୍ୟରାତିରୁ ରବିବାର ଅପରାହ୍ନ ଯାଏ ତୁହାକୁ ତୁହା ବର୍ଷା ଲାଗି ରହିଥିଲା । ଅବିଶ୍ରାନ୍ତ ବର୍ଷାରେ କେତେକ ସ୍ଥାନରେ ରାସ୍ତା ଧୋଇ ହୋଇଯାଇଛି। ଲୋଇସିଂହା ବ୍ଲକ ଦାଣ୍ଡପାଣି-ବଲାଙ୍ଗୀର ରାସ୍ତାରେ ପ୍ରାୟ ୩୦ ଫୁଟର ଘାଇ ସୃଷ୍ଟି ହୋଇଛି। ଫଳରେ ଏହି ରାସ୍ତାରେ ଯୋଗଯୋଗ ବିଚ୍ଛିନ୍ନ ହୋଇଛି। ସ୍ଥାନୀୟ ଅଧିବାସୀ ବିପଦ ସଙ୍କୁଳ ଅବସ୍ଥାରେ ଯିବାଆସିବା କରୁଛନ୍ତି। ସେହିପରି ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଯୋଗୁ ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥ ସାଲେଭଟା ଗାଇଖାଇ ମେଟାକାନୀ ମନ୍ଦିର ନିକଟସ୍ଥ କଲଭର୍ଟ କାମ ସରୁନି । ନିର୍ମାଣାଧୀନ କଲଭର୍ଟ ସଂଲଗ୍ନ ଆପ୍ରୋଚ ରୋଡରେ ଆଣ୍ଠୁଏ ପାଣି ଜମି ରହିଛି। ଏଠାରେ ତ୍ରୁଟିପୂର୍ଣ୍ଣ କଲଭର୍ଟ ନିର୍ମାଣ ଦୃଷ୍ଟିକୁ ଆସିଥିଲା । ବର୍ଷାଦିନରେ କଲଭର୍ଟ ଧୋଇଯିବା ଆଶଙ୍କା ପ୍ରକାଶ ପାଇଥିଲା। ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଲା ପରେ ବିଭାଗ ଚେଇଁଥିଲା। ସେହି କଲଭର୍ଟକୁ ଏବେ ଥୁକପାଲିସ କରି ମରାମତି କରାଯାଉଛି। ଦୀର୍ଘମାସ ବିତି ଯାଇଥିଲେ ବି ତାହା ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ବର୍ଷାଦିନ ଆସି ଯାଇଥିବାରୁ ଉକ୍ତ ରାସ୍ତାରେ ଯାତ୍ରୀମାନେ ଯିବା ଆସିବାବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।


ବହଲି ରାସ୍ତା ଉପରେ ୨ ଫୁଟର ପାଣି ପ୍ରବାହିତ ହେଉଛି।

# କୋତକୋମୁହାଣ ପୋଲ ଉପରେ ବର୍ଷାଜଳ

ଗୁଡଭେଲା,୧୭।୭ (ଡିଏନଏ)

ଶନିବାର ରାତିରୁ ଅବିଶ୍ରାନ୍ତ ବର୍ଷା ହେବାରୁ ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଜାମୁଟ-ମୋହନଗିରି ରାସ୍ତାର ଜାମୁଟ କୋତକୋମୁହାଣ ପୋଲ ଉପରେ ୫ଫୁଟର ବର୍ଷାପାଣି ପ୍ରଭାବିତ ହେଉଛି। ଏଥିଯୋଗୁ ସମ୍ପୃକ୍ତ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହେଉଛି। ଗୁଡ଼ଭେଲା ବ୍ଲକ ଗମ୍ଭୀରିଗୁଡା ପଞ୍ଚାୟତର ୯ଟି ଗାଁ ଏବଂ ଜାମୁଟ ପଞ୍ଚାୟତର ଗୋଟିଏ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଛି। ଯାମୁଟରୁ ଧନପୁର ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ହୋଇଥିଲେ ମଧ୍ୟ ଉଚ୍ଚ ପୋଲ ନିର୍ମାଣ କରାଯାଉନାହିଁ। କୋତକୋମୁହାଣ ପୋଲ କମ୍ ଉଚ୍ଚା ଥିବାରୁ ଅଳ୍ପ ବର୍ଷା ହେଲେ ମଧ୍ୟ ପୋଲ ଉପରେ ପାଣି ପ୍ରବାହିତ ହୋଇଛି। ଏଠାରେ ଉଚ୍ଚ ପୋଲ ନିର୍ମାଣ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।


କୋତକୋମୁହାଣ ପୋଲ ଉପରେ ବର୍ଷା ପାଣି।

## ବହଲି, ସାଲେପାଲି ଗ୍ରାମବାସୀ ୪ଘଣ୍ଟା ଜଳବନ୍ଦୀ

ଦେଓଗାଁ,୧୭।୭(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ଶନିବାର ବଳମ୍ବିତ ରାତିରୁ ସକାଳ ୭ଟା ଯାଏ ପ୍ରବଳ ବର୍ଷା ହୋଇଥିଲା। ଏଥିଯୋଗୁ ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇଛି। କୁତୁର୍ଲା ପଞ୍ଚାୟତର ବହଲି ଓ ସାଲେପାଲି ଗ୍ରାମ ରାସ୍ତା ଉପରେ ୨ଫୁଟର ପାଣି ପ୍ରଭାବିତ ହୋଇଥିଲା। ସାରସବାହାଲ ବହଲି ରାସ୍ତାରେ ଥିବା ଏକ ପୋଲ ଉପରେ ୬ଘଣ୍ଟା ଧରି ପାଣି ଚାଲିବାରୁ ଯାତାୟାତ ବ୍ୟାହତ ହୋଇଥିଲା। ଗତରାତିରେ ଦେଓଗାଁ ବ୍ଲକରେ ୯୫ମିଲିମିଟର ବର୍ଷା ହୋଇଥିବା ରେକର୍ଡ ହୋଇଛି। ଅନେକ ସ୍ଥାନରେ ରାସ୍ତା ପାଣିସ୍ରୋତରେ ଧୋଇ ହୋଇଯାଇଥିବା ଅଭିଯୋଗ ହୋଇଛି। ବ୍ଲକ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି।

# ପ୍ରବଳ ବର୍ଷାରେ ଘର ଭାଙ୍ଗିଲା

ଦେଓଗାଁ,୧୭।୭(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁତୁର୍ଲା ପଞ୍ଚାୟତ ଅନ୍ତର୍ଗତ ବହଲି ଗ୍ରାମରେ ପ୍ରବଳ ବର୍ଷାରେ ଦୁଇ ପରିବାରର ଘର ଭାଙ୍ଗି ଯାଇଛି। ଶନିବାର ରାତିରେ ହୋଇଥିବା ପ୍ରବଳ ବର୍ଷାରେ ଅମ୍ବିକା ପ୍ରଧାନୀ ଓ ଦୀପା ପୋତଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି । ଫଳରେ ଦୁଇ ପରିବାର ଏବେ ଅନ୍ୟଜଣଙ୍କ ଘରେ ଆଶ୍ରୟ ନେଇଛନ୍ତି। ଉଭୟ ମହିଳା ବିଧବା ହୋଇଥିବାରୁ ବର୍ତ୍ତମାନ ତାଙ୍କ ପକ୍ଷେ ଘର ତିଆରି କରିବା ସମ୍ଭବ ନୁହେଁ। ଦୁଇ ମହିଳା ଅତି ଗରିବ ଶ୍ରେଣୀର ହୋଇଥିବାରୁ ଆର୍ଥିକ ସ୍ୱଚ୍ଛଳ ନାହିଁ। ଫଳରେ ଦୁଇ ମହିଳା ଏବେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉଭୟଙ୍କୁ ତୁରନ୍ତ ସରକାରୀ ସହାୟତା ଓ ଘର ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତ।



ଭାଙ୍ଗିଥିବା ଘର ସମ୍ମୁଖରେ ଦୁଇ ମହିଳା।


ବ୍ରାହ୍ମଣୀ ଯୋର ପୋଲ ଉପରେ ପାଣି ପ୍ରବାହିତ ହେଉଛି।

# ୪ଘଣ୍ଟାରେ ୧୯୫ ମିଲିମିଟର ବର୍ଷା

ସଇଁତଳା, ୧୭।୭(ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଅଞ୍ଚଳରେ ଶନିବାର ବିଳମ୍ବିତ ରାତିରୁ ରବିବାର ସକାଳ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହୋଇଛି। ୪ଘଣ୍ଟାରେ ୧୯୫ମିଲିମିଟର ବର୍ଷା ରେକର୍ଡ ହୋଇଛି। ଏଥିଯୋଗୁ ଲାନ୍ଥନଦୀରେ ବର୍ଷ ପ୍ରଥମ ବନ୍ୟାଜଳ ଆସି ବ୍ୟାପକ ଅଞ୍ଚଳ ଜଳମଗ୍ନ କରିଛି। ଖର୍ଲିଜୋରରେ ଭାସିଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ବର୍ଷା ଓ ବନ୍ୟାପାଣି ଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଲୋକେ ଅଭିଯୋଗ କରିଛନ୍ତି।

ସଇଁତଳା-ଟିକ୍ରାପଡ଼ା ରାସ୍ତାରେ ବ୍ରାହ୍ମଣୀ ଯୋର ପୋଲ ଉପରେ ପାଣି ପ୍ରବାହିତ ହେବାରୁ ସମ୍ପୃକ୍ତ ପଥରେ ଗାଡ଼ି ଚଳାଚଳ ବନ୍ଦ ରହିଛି। ଲାନ୍ଥନଦୀରେ ବନଜଳ ଆସିବା ଫଳରେ ସଇଁତଳା-ବାଦିପଡ଼ା ରାସ୍ତା ବିଚ୍ଛିନ୍ନ ହୋଇଯାଇଛି। ଫଳରେ ଆମ୍ବପାଲି, ଡୁଙ୍ଗୁରିପାଲି, କଅଁସର ପଞ୍ଚାୟତ ଅଞ୍ଚଳର ଜନସାଧାରଣ ଦୀର୍ଘ ୨୦ କିମି ବୁଲି ସଇଁତଳା ଆସୁଥିବା ଜଣାଯାଇଛି। ଛକୋରବାଞ୍ଜି ଓ ସାନଦାସମୁଣ୍ଡା ଗ୍ରାମବାସୀଙ୍କୁ ମୁଖ୍ୟ ରାସ୍ତାକୁ ଆସିବା ପାଇଁ ରେଳ ବିଭାଗ ତରଫରୁ କରାଯାଇଥିବା ଭୂତଳ ପୋଲରେ ଅଣ୍ଟାଏ ପାଣି ଜମି ରହିଥିବାରୁ ଗ୍ରାମବାସୀ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ଲାନ୍ଥନଦୀର ବନ୍ୟାଜଳରେ ଜଗନ୍ନାଥଙ୍କ ଏକ କାଠମୂର୍ତ୍ତି ଭାସିଆସୁଥିବାବେଳେ ବନାରସ ଗ୍ରାମବାସୀ ଉଦ୍ଧାର କରି ଗ୍ରାମ ମନ୍ଦିରରେ ରଖି ଛନ୍ତି। ପାଇକସମରା ଓ ଧୂମାପାଲି ଗ୍ରାମ ମଧ୍ୟଦେଇ ଯାଇଥିବା ଖର୍ଲିଜୋରରେ ଜଣେ ଯୁବକ ଭାସିଯାଇ ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ ଧୂମାପାଲିର ମନୋଜ ନାଗ (୨୪)। ରବିବାର ସକାଳୁ ନିତ୍ୟକର୍ମ କରିବାକୁ ସେ ଖର୍ଲି ଜୋରକୁ ଯାଇଥିଲେ। ବନ୍ୟାଜଳରେ ବିରାଟ କାଠ ଗଣ୍ଡି ଭାସି ଆସୁଥିବା ଦେଖି ମନୋଜ ପାଣରେ ପଶି ତାକୁ କୂଳକୁ ଆଣିବାକୁ ଚେଷ୍ଟା କରୁଥିବାବେଳେ ପ୍ରବଳ ସ୍ରୋତରେ ଭାସିଯାଇଥିଲେ । ନିକଟରେ ଥିବା ଗ୍ରାମର କେତେକ ଲୋକ ମନୋଜଙ୍କୁ ଉଦ୍ଧାର କରି ସଇଁତଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ହେଲେ ଉପସ୍ଥିତ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସଇଁତଳା ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଅନ୍ୟପକ୍ଷରେ ଜାତୀୟ ରାଜପଥ ୨୬ ବରାହମାଲ ଗ୍ରାମ ନିକଟ ରାସ୍ତାରେ ଏକ ବିରାଟ ତେନ୍ତୁଳି ଗଛ ପଡ଼ିଯିବାରୁ ୩ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ରାସ୍ତା ବନ୍ଦ ରହିଥିଲା। ସଇଁତଳା ଅଗ୍ନିଶମ ବିଭାଗ କର୍ମଚାରୀ ରାସ୍ତାରୁ ଗଛ ହଟାଇବା ପରେ ଯାତାୟତ ସ୍ୱାଭାବିକ ହୋଇଥିଲା।

- **ଖର୍ଲିଜୋରରେ ଭାସିଯାଇ ଯୁବକ ମୃତ**
- **ଗଛ ପଡ଼ି ୩ଘଣ୍ଟା ଧରି ଜାତୀୟ ରାଜପଥ ଅବରୋଧ**
- **ପୋଲ ଉପରେ ବନ୍ୟାପାଣି, ଯାତାୟାତ ବ୍ୟାହତ**
- **ଭୂତଳ ରେଳ ପୋଲ ରାସ୍ତାରେ ଅଣ୍ଟାଏ ପାଣି**

# ଅବ୍ୟବସ୍ଥାରେ ଚାଲିଛି ଶତାୟୁ ଶିକ୍ଷାନୁଷ୍ଠାନ

ଲାଠୋର, ୧୭।୭(ଡି.ଏନ.ଏ.)

- **ବର୍ଷା ହେଲେ ୬ ଶ୍ରେଣୀଗୃହ ଛାତରୁ ପାଣି ଗଳୁଛି**
- **ଖୋଲା ଆକାଶତଳେ ପିଲା ଖାଉଛନ୍ତି ମଧ୍ୟାହ୍ନଭୋଜନ**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ସରକାରୀ ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ୧୯୧୪ ମସିହାରେ ସ୍ଥାପିତ ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ୨୫୫ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ୭ଟି ଶ୍ରେଣୀଗୃହ ରହିଛି। ହେଲେ ସେଥିରୁ ୬ଟି ଗୃହ ବ୍ୟବହାର ଉପଯୋଗୀ ହୋଇ ରହିନାହିଁ। ଟିକିଏ ବର୍ଷା ହେଲେ ଛାତରୁ ପାଣି ଗଳି ଗୃହରେ ଜମା ହେଉଛି। ଫଳରେ ସେଠାରେ ଛାତ୍ରୀଛାତ୍ର ବସି ପାଠ ପଢିବା ସମ୍ଭବ ହେଉନାହିଁ। ବର୍ଷା ଛାଡ଼ିଲେ ପାଣି କାଢିଲା ପରେ ପିଲାଙ୍କ ପାଠପଢା ହେଉଛି। ଶ୍ରେଣୀଗୃହ ଅଭାବରୁ ପିଲାଙ୍କ ପାଠପଢାରେ ବ୍ୟାଘାତ ଘଟୁଛି। ସେହିପରି ଅଧିକ ସଂଖ୍ୟକ ପିଲା ଥିଲେ ହେଁ ମଧ୍ୟାହ୍ନ ଭୋଜନ ପାଇଁ ଡ଼ାଇନିଂର ବ୍ୟବସ୍ଥା ନଥିବାରୁ ପିଲାମାନେ ଖୋଲା ଆକାଶ ତଳେ ବସି ଖାଉଛନ୍ତି। ବର୍ଷା ହେଲେ ମଧ୍ୟାହ୍ନ ଭୋଜନ ପାଇଁ ନାହିଁ ନ ଥିବା ଅସୁବିଧା। ୨୦୧୪ମସିହାରେ ସ୍କୁଲର ପ୍ଲାଟିନମ ଜୁବଲି ପାଳନ ଉତ୍ସବ ଅବସରରେ ତତ୍କାଳୀନ ଏମ୍‌ପି କଳିକେଶ ନାରାୟଣ ସିଂଦେଓ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସଦସ୍ୟା ପ୍ରକୃତି ଦେବୀ ସିଂଦେଓ ଏବଂ ଖପ୍ରାଖୋଲ ପଞ୍ଚାୟତ ସମିତି ଅଧ୍ୟକ୍ଷ ଗଣେଶରାମ ଭୋଇ ଅତିଥିଭାବେ ଯୋଗଦେଇ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରି ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଆଜିଯାଏ ବିଦ୍ୟାଳୟ ସମସ୍ୟା ଦୂର ହୋଇନାହିଁ। ଏନେଇ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ବିଶାଖା ନାଏକଙ୍କୁ ପଚାରିବାରୁ ଏସବୁ ସମସ୍ୟା ନେଇ ଆମେ ଉପରସ୍ଥ ଅଧିକାରୀଙ୍କୁ ଅବଗତ କରୁଛୁ ବୋଲି କହିଥିଲେ। ଯଥାଶୀଘ୍ର ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।


ଲାଠୋର ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ସ୍କୁଲ ମୁଖ୍ୟ ଗେଟ୍।

# ଅନ୍ୟଜଣଙ୍କ ଜମି ଦେଖାଇ ଫାର୍ମପଣ୍ଡ ଖନନ

- **ଅଭିଯୋଗ କଲେ ଜମି ମାଲିକ**
- **ଅଭିଯୋଗ ପରେ ବକେୟା ବିଲ୍ ସ୍ଥଗିତ: ଜଳ ବିଭାଜିକା ପ୍ରକଳ୍ପ ଅଧିକାରୀ**

ଲୋଇସିଂହା,୧୭।୭(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଆଗଲପୁର ତହସିଲ ଅନ୍ତର୍ଗତ ଜେମାପାଲି ଗାଁରେ ଜଣେ ବ୍ୟକ୍ତି ଅନ୍ୟଜଣଙ୍କ ଜମି ଦେଖା ଫାର୍ମପଣ୍ଡ ଖନନ କରିଛନ୍ତି। ଖନନ ପରେ ସରକାରୀ ଅନୁଦାନ ବି ସେ ଉଠାଇଛନ୍ତି। ଏନେଇ ପ୍ରକୃତ ଜମି ମାଲିକ ସୁରଜିତ ସାହୁ ନ୍ୟାୟ ମାଗିବା ସହ ଓ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ଥାନୀୟ ପୋଲିସ, ତହସିଲଦାର, ବିଡିଓ ଏବଂ ଜିଲାପାଳ ଚଞ୍ଚଳ ରାଣାଙ୍କ ନିକଟରେ ଫେରାଦ ହୋଇଛନ୍ତି। ଇତିମଧ୍ୟରେ ସପ୍ତାହେ ବିତି ଯାଇଥିଲେ ବି ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ସେ ଅଭିଯୋଗ କରିଛନ୍ତି।

ଆଗଲପୁର ବ୍ଲକ ଭରସୁଜା ପଞ୍ଚାୟତ ଜେମାପାଲି ଗ୍ରାମର ସୁରଜିତ ସାହୁ(୭୦) ଜଣେ ନାମମାତ୍ର ଚାଷୀ। ଚାଷ ସହ ଗାଁ ବୁଲି ଲୁହା ଟିଣ ସଂଗ୍ରହ କରି ସେ ଗୁଜରାଣ ମେଣ୍ଟାଇଥାନ୍ତି। ଖରା ଦିନରେ କୌଣସି ଚାଷ ନ ଥିବାରୁ ସେ କ୍ଷେତକୁ ଯାଇ ନ ଥିଲେ। କିଛିଦିନ ତଳେ ଖରିଫ ଚାଷ ପାଇଁ ଖାତା ନଂ ୫୭ ଓ ପ୍ଲଟ ନଂ ୧୭ କ୍ଷେତକୁ ହଳ କରିବାକୁ ଯାଇଥିବା ବେଳେ ତାଙ୍କ ଜମିରେ କୃଷିଭିତ୍ତିକ ପୋଖରୀ(ଫାର୍ମପଣ୍ଡ) ଖନନ ହୋଇଥିବା ସୁରଜିତ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ପ୍ରକଳ୍ପ ନିକଟରେ ଥିବା ସୂଚନା ଫଳକରେ ହିତାଧିକାରୀ ନାମ ରୂପାନନ୍ଦ ସାହୁ ଉଲ୍ଲେଖ ରହିଥିଲା। ୨୦୨୧-୨୨ ଆର୍ଥିକ ବର୍ଷ ପ୍ରକଳ୍ପର ବ୍ୟୟ ଅଟକଳ ୧ଲକ୍ଷ ୨୦ ହଜାର ଟଙ୍କା ଥିଲା। ବଲାଙ୍ଗୀର ଜଳ ବିଭାଜିକା ପ୍ରକଳ୍ପ ପକ୍ଷରୁ ମାର୍ଚ୍ଚ ୨୨ ତାରିଖର କାମ ଆରମ୍ଭ କରାଯାଇଥିବା ସୂଚନା ଫଳରେ ଦର୍ଶାଯାଇଛି। ଚାଷ ଜମି ପୋଖରୀ ପାଲଟି ଯାଇଥିବାରୁ ଚଳିତ ଖରିଫରେ କିପରି ଚାଷ କରିବେ ତାକୁ ନେଇ ସୁରଜିତ ଚିନ୍ତିତ ହୋଇ ପଡିଥିଲେ। ଚଞ୍ଚକତା କରି ଫାର୍ମପଣ୍ଡ ଖନନ କରିଥିବା ବ୍ୟକ୍ତିଙ୍କୁ ଜମି ସମତୁଲ କରିବାକୁ ଅନୁରୋଧ କରିଥିଲେ ବି ସେ କର୍ଣ୍ଣପାତ କରୁନାହାନ୍ତି। ଅନ୍ୟନୋପାୟ ହୋଇ ଆଗଲପୁର ଫାଣ୍ଡି, ତହସିଲଦାର, ବିଡିଓ ଏବଂ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ସୁରଜିତ। ଲୋଇସିଂହା ଓ ଆଗଲପୁର ଦାୟିତ୍ୱରେ ଥିବା ଜଳ ବିଭାଜିକା ପ୍ରକଳ୍ପ ଅଧିକାରୀ ସ୍ୱୟଂପ୍ରଭା ସିଂ କହିଛନ୍ତି, ସମ୍ପୃକ୍ତ ବ୍ୟକ୍ତି ଜଣକ ପଇସା ଦେଇଛନ୍ତି। ଅଭିଯୋଗ ପୂର୍ବରୁ ୮୬ ହଜାର ଟଙ୍କା ପୈଠ କରାଯାଇଛି । ଘଟଣା ଜାଣିଲା ପରେ ବକେୟା ବିଲ ସ୍ଥଗିତ ରଖାଯାଇଛି।

ଉଲ୍ଲେଖଥାଉକି, ଉଭୟ ବ୍ଲକରେ ଏମଜିଏନଆରଇଜିଏସରେ ହେଉଥିବା ଫାର୍ମପଣ୍ଡ ଶ୍ରମିକ ବଦଳରେ ମେସିନରେ କାମ ହେଉଛି। ଗୋଟିଏ ପ୍ରକଳ୍ପରେ ଏକାଧିକ ବ୍ୟକ୍ତିଙ୍କ ବିଲ୍ କରି ଅନୁଦାନ ଆତ୍ମସାତ କରାଯାଉଥିବା ଅଭିଯୋଗ ହେଉଛି। ଏଦିଗରେ ଜିଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି ।


ଚଞ୍ଚକତା କରି ଖନନ ହୋଇଥିବା ଫାର୍ମପଣ୍ଡ।

## ସଂକ୍ଷେପରେ

### ପ୍ରଶାସନିକ ଅଧିକାରୀ ହେବେ ସ୍ପନ୍ଦନ ବିକାଶ

ସୋନପୁର,୧୭।୭(ନି.ପ୍ର.): କାଉନସିଲ ଫର ଦି ଇଣ୍ଡିଆନ ସ୍କୁଲ ସାର୍ଟିଫିକେଟ୍ ଏକ୍‌ଜାମିନେଶନ(ସିଆଇଏସ୍‌ସିଇ) ଦ୍ୱାରା ପରିଚାଳିତ ଆଇସିଏସ୍‌ଇ ଦଶମ ପରୀକ୍ଷା ଫଳ ରବିବାର ପ୍ରକାଶ ପାଇଛି। ସୋନପୁର ସେଣ୍ଟ ଆନିସ୍ କନଭେଣ୍ଟ ସ୍କୁଲର ମୋଟ ୪୦ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସ୍ପନ୍ଦନ ବିକାଶ ଘଡେଇ ପରୀକ୍ଷାରେ ୯୯% ନମ୍ବର ରଖି ସୁବର୍ଣ୍ଣପୁର ଜିଲାର ଟପ୍ପର ହୋଇଛନ୍ତି। ମୋଟ ୧୧୦୦ ନମ୍ବରରୁ ସେ ୧୦୯୬ ନମ୍ବର ରଖିଛନ୍ତି। ବାଲେଶ୍ୱର ଜିଲା ଇଶ୍ୱରପୁର ଅଞ୍ଚଳର ସ୍ପନ୍ଦନ ବିକାଶ ଜଣେ ମେଧାବୀ ଛାତ୍ର। ପରୀକ୍ଷା ପାଇଁ ସେ ୭ରୁ ୮ ଘଣ୍ଟା ପରିଶ୍ରମ କରୁଥିଲେ। ଏବେ ସେ ଯୁକ୍ତ ୨ ବିଜ୍ଞାନ ପଢ଼ିବେ। ଭବିଷ୍ୟତରେ ଜଣେ ଭଲ ପ୍ରଶାସନିକ ଅଧିକାରୀ ହୋଇ ଜନସାଧାରଣଙ୍କ ସେବା କରିବା ତାଙ୍କ ଲକ୍ଷ୍ୟ। ମା ସସ୍ମିତା ପଲେଇ ବୌଦ୍ଧ ଜିଲା ମନମୁଣ୍ଡା ଉଚ୍ଚବାହାଲିସ୍ଥିତ ସରକାରୀ ପ୍ରକଳ୍ପ ଉପ୍ରା ପ୍ରାଇମେରୀ ସ୍କୁଲର ଶିକ୍ଷୟିତ୍ରୀ। ବାପା ଡକ୍ଟର ମନୋରଞ୍ଜନ ଘଡେଇ ବୌଦ୍ଧ ଜିଲା ବାଉଁଶୁଣୀ ମା ମାହେଶ୍ୱରୀ ଡିଗ୍ରୀ କଲେଜର ରାଜନୀତି ବିଜ୍ଞାନର ଅଧାପକ ଅଛନ୍ତି। ସ୍କୁଲ ଅଧକ୍ଷା, ଶିକ୍ଷୟିତ୍ରୀ ଶିକ୍ଷକ, ମା ବାପା ଓ ଗୁରୁଜନଙ୍କୁ ସେ ଏହି ସଫଳତାର ଶ୍ରେୟ ଦେଇଛନ୍ତି।



ସ୍ପନ୍ଦନ ବିକାଶ ଘଡେଇ।

### ବନ୍ୟା ପାଣିରେ ଭାସି ଯାଇଥିବା ମହିଳା ଅଗ୍ନିଶମ ବାହିନୀ ଦ୍ୱାରା ଉଦ୍ଧାର

ବୌଦ୍ଧ,୧୭।୭(ସ୍ୱ.ପ୍ର.): ବୌଦ୍ଧ ଜିଲାରେ ଲଗାଣ ବର୍ଷା ଯୋଗୁ ବନ୍ୟା ପରିସ୍ଥିତି ଦେଖାଦେଇଛି। ସୀମାବର୍ତ୍ତୀ ଜିଲା କନ୍ଧମାଳରେ ପ୍ରବଳ ବର୍ଷା ଫଳରେ ସାଲୁଙ୍କୀ ନଦୀରେ ବନ୍ୟା ସୃଷ୍ଟି ହୋଇଛି। ଏହି ନଦୀର ପ୍ରଖର ସ୍ରୋତରେ ଜଣେ ମହିଳା ରବିବାର ଦିନ ଭାସି ଯାଇ ଅଗ୍ନିଶମ ବାହିନୀ ଦ୍ୱାରା ଉଦ୍ଧାର ହୋଇଥିବା ଜଣାପଡିଛି । ସୂଚନା ମୁତାବକ, ବୌଦ୍ଧ ବ୍ଲକ ଗିରାସିଙ୍ଗା ଗ୍ରାମର ଧିରମଣୀ ଅମାତ ସାଲୁଙ୍କୀ ନଦୀକୁ ଗାଧୋଇବା ପାଇଁ ଯାଇଥିବା ବେଳେ ହଠାତ୍ ପାଣି ଜୋରରେ ମାଡି ଆସିବାରୁ ସେ ନଦୀରେ ଭାସି ଯାଇଥିଲେ । ଏନେଇ ସ୍ଥାନୀୟ ଲୋକଙ୍କ ଠାରୁ ସୂଚନା ପାଇ ବୌଦ୍ଧ ଅଗ୍ନିଶମ ବାହିନୀ ଓ ଓଡ୍ରାଫ ଟିମ୍ ଉଦ୍ଧାର କାର୍ଯ୍ୟରେ ଲାଗି ପଡିଥିଲେ । ଦୀର୍ଘ ଦୁଇ ଘଣ୍ଟା ଖୋଜାଖୋଜି କରିବା ପରେ ମହିଳା ଜଣକ ନଦୀର ଅପରପାର୍ଶ୍ୱ ପୋଲାମ ଗ୍ରାମର ନଦୀ ପଠାରୁ ଉଦ୍ଧାର ହୋଇଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ଉଦ୍ଧାର କରାଯାଇ ବୌଦ୍ଧ ମେଡିକାଲକୁ ଚିକିତ୍ସା ପାଇଁ ଅଣାଯାଇଥିଲା । ମେଡିକାଲରେ ତାଙ୍କର ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ଜଣାପଡିଛି ।



ନଦୀରେ ଭାସି ଯାଇଥିବା ମହିଳା ବୌଦ୍ଧ ମେଡିକାଲରେ ଚିକିତ୍ସିତ ହେଉଛନ୍ତି।

# ପ୍ରାପ୍ୟ ନ ପାଇ ନିରାଶରେ ଫେରିଲେ

**ଦାଦନ ଦୁଃଖ**
- ଉତ୍ତରପ୍ରଦେଶକୁ ଯାଇଥିଲେ
- ଠକିନେଲେ ମଧ୍ୟସ୍ଥ, ମାଲିକ
- ଥାନାରେ ଶ୍ରମିକଙ୍କ ଅଭିଯୋଗ

ବରଗଡ଼ ଅଫିସ୍/ପାଇକମାଳ,୧୭।୭

ବରଗଡ଼ ଜିଲାରେ ଦାଦନ ସମସ୍ୟାର ଅନ୍ତ ହେଉନାହିଁ। ଜିଲାର ପଦ୍ମପୁର ଉପଖଣ୍ଡରୁ ରାଜ୍ୟ ବାହାରକୁ ଶ୍ରମିକ ଚାଲାଣ ନିତିଦିନିଆ ଘଟଣାରେ ପରିଣତ ହୋଇଛି । ଅନ୍ୟପଟେ ରାଜ୍ୟ ବାହାରେ ଉକ୍ତ ଜିଲାର ପ୍ରବାସୀ ଶ୍ରମିକଙ୍କୁ ନିର୍ଯାତନା ବଢିବାରେ ଲାଗିଛି। କେତେବେଳେ ଏଠାରୁ ଯାଇଥିବା ପ୍ରବାସୀ ଶ୍ରମିକଙ୍କ ମୃତଦେହ ଫେରୁଛି ତ ଆଉ କେବେ ପାରିଶ୍ରମିକ ବଦଳରେ ମାନସିକ, ଶାରୀରିକ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହେଉଛି। ରାଜ୍ୟ ବାହାରେ ଶ୍ରମିକ ବନ୍ଧା ପଡ଼ିବା ଘଟଣା ଘଟୁଛି। ବର୍ତ୍ତମାନ ପାରିଶ୍ରମିକ ନ ପାଇ ବରଗଡ଼ ଜିଲା ପାଇକମାଳ ଅଞ୍ଚଳର ୯ଜଣ ଶ୍ରମିକ ଖାଲି ହାତରେ ଘରକୁ ଫେରିବା ଘଟଣା ସାମ୍ନାକୁ ଆସିଛି। ଅପରପକ୍ଷେ ସମ୍ପୃକ୍ତ ଶ୍ରମିକଙ୍କ ପାରିଶ୍ରମିକକୁ ଜଣେ ଇଟାଭାଟି ମାଲିକ ଓ ମଧ୍ୟସ୍ଥ ଠକି ନେଇଥିବା ରବିବାର ପାଇକମାଳ ଥାନାରେ ଅଭିଯୋଗ ହୋଇଛି।

ପ୍ରକାଶ ଯେ, ଗତ ଜାନୁଆରୀ ମାସରେ ନୂଆପଡ଼ା ଜିଲା ଜୋଙ୍କ ଥାନା ଅଧୀନ ବେଲଟୁକୁରୀ ଗ୍ରାମର ଜଣେ ମଧ୍ୟସ୍ଥ ବରଗଡ଼ ଜିଲା ପାଇକମାଳ ଥାନା ଭୁବନେଶ୍ୱରପୁର ପଞ୍ଚାୟତର କପିଳାସପୁର ଗ୍ରାମକୁ ଆସିଥିଲେ। ଗ୍ରାମର ଶ୍ରମିକଙ୍କୁ ଅଧିକ ପାରିଶ୍ରମିକ ପ୍ରଲୋଭନ ଦେଖାଇ ସେ ଉତ୍ତରପ୍ରଦେଶକୁ ଇଟା ଗଢ଼ିବା ପାଇଁ ଯିବାକୁ କହିଥିଲେ। ତାଙ୍କ ପ୍ରଲୋଭନରେ ପଡ଼ି ଗତ ଜାନୁୟାରୀ ମାସରେ ଗ୍ରାମର ୯ଜଣ ଶ୍ରମିକ ନଗୁଦେବ ମହାଲିଙ୍ଗ, ପାନବତୀ ମହାଲିଙ୍ଗ, ସରଜ ମହାଲିଙ୍ଗ, ତିଲକ ଅମରୀ, ମନୁ ମହାଲିଙ୍ଗ, ଗୋରେଖ ଅମରୀ, ଅନୁତମ ବଣ୍ଟକା, ତୁଲସା ମହାଲିଙ୍ଗ, ସୁବଳବାଇ ଅମରୀ ସମ୍ପୃକ୍ତ ମଧ୍ୟସ୍ଥଙ୍କ ସହିତ ଉତ୍ତରପ୍ରଦେଶ ଯାଇଥିଲେ। ସେତେବେଳେ ସେମାନଙ୍କୁ ଜଣ ପ୍ରତି ୮ହଜାର ଟଙ୍କା ଲେଖାଏଁ ଅଗ୍ରୀମ ଟଙ୍କା ଦିଆଯାଇଥିଲା। ଉତ୍ତରପ୍ରଦେଶ ରାଜ୍ୟର ଆମ୍ବେଡ଼କର ଜିଲା ଅନ୍ତର୍ଗତ ଦେହଟ ଗ୍ରାମରେ ଥିବା ଏକ ଇଟାଭାଟିରେ ଶ୍ରମିକମାନେ ରହିଥିଲେ ଏବଂ ଜାନୁଆରୀ ୧୯ରୁ ମେ ୨୧ତାରିଖ ପର୍ଯ୍ୟନ୍ତ ସେଠାରେ ଇଟାଗଢ଼ା କାମରେ ନିୟୋଜିତ ହୋଇଥିଲେ। ତେବେ ୪ମାସ ଧରି ଇଟାଗଢ଼ା କାମରେ ନିୟୋଜିତ ହେବା ପରେ ସେମାନେ ଘରକୁ ଫେରିବା ପାଇଁ ସମ୍ପୃକ୍ତ ଇଟାଭାଟି ମାଲିକଙ୍କ କହି ସେମାନଙ୍କ ପାରିଶ୍ରମିକ ଦାବି କରିଥିଲେ। ମାତ୍ର ସମ୍ପୃକ୍ତ ମଧ୍ୟସ୍ଥ ତାଙ୍କଠାରୁ ସବୁ ପାରିଶ୍ରମିକ ଟଙ୍କା ନେଇଛନ୍ତି ବୋଲି ଇଟାଭାଟି ମାଲିକ କହିଥିବା ଶ୍ରମିକମାନେ କହିଛନ୍ତି। ଏହାପରେ ଶ୍ରମିକମାନେ ସମ୍ପୃକ୍ତ ମଧ୍ୟସ୍ଥଙ୍କୁ ଯୋଗାଯୋଗ କରିଥିଲେ। ମାତ୍ର ସେ ଆଉ ଧରାଛୁଆଁ ନ ଦେବାରୁ ଶ୍ରମିକମାନେ ପାଇକମାଳ ଥାନାରେ ରବିବାର ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପାଇକମାଳ ଥାନାଧିକାରୀ ବିଶ୍ୱଜିତ ମନବୋଧଙ୍କୁ ପଚାରିବାରୁ ସେ କହିଥିଲେ, ଅଭିଯୋଗ ପାଇବା ପରେ ସମ୍ପୃକ୍ତ ମଧ୍ୟସ୍ଥଙ୍କ ଘରକୁ ଏକ ପୋଲିସ ଟିମ୍ ଯାଇଥିଲା। ପୋଲିସ ଟିମ୍ ପହଞ୍ଚିବା ସମୟରେ ସେ ଘରେ ଉପସ୍ଥିତ ନ ଥିଲେ। ଶ୍ରମିକମାନେ ଯେଭଳି ସେମାନଙ୍କ ପାରିଶ୍ରମିକ ଟଙ୍କା ପାଇପାରିବେ, ସେ ନେଇ ଉଦ୍ୟମ ଜାରି ରହିଥିବା ଥାନାଧିକାରୀ ମନବୋଧ କହିଛନ୍ତି।



ଶ୍ରମିକମାନେ ପୋଲିସ ନିକଟରେ ଫେରାଦ ହୋଇଛନ୍ତି।

## ମା, ପୁଅଙ୍କୁ ଆକ୍ରମଣ: ଥାନାରେ ଅଭିଯୋଗ

ବିନିକା,୧୭।୭(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ସହରର ଝୁମ୍ପାପଡାରେ ଶନିବାର ରାତି ପ୍ରାୟ ୧୧ଟାରେ ଗାଳିଗୁଲଜକୁ ନେଇ ଗଣ୍ଡଗୋଳ ହୋଇଛି। ଏଥିରେ ଗୌତମ ମହାଲିଙ୍ଗ(୨୬) ଆହତ ହୋଇଛନ୍ତି। ତାଙ୍କର ବିନିକା ଡାକ୍ତରଖାନାରେ ଚିକିତ୍ସା କରାଯାଇଛି।

ପୋଲିସ ସୂଚନା ମୁତାବକ ଗତରାତିରେ ବିନିକା ସହର ଚଣ୍ଡିପଡାରୁ ୪ଜଣ ବ୍ୟକ୍ତି ଝୁମ୍ପାପଡା ପଟକୁ ଗାଳିଗୁଲଜ କରି ଆସୁଥିଲେ। ଏହି ସମୟରେ ଘର ସାମନାରେ ଥିବା ଗୌତମ ଏବଂ ତାଙ୍କ ମା ଅନୁସୟା ଏପରି ନ କରିବାକୁ ସେମାନଙ୍କୁ ବାରଣ କରିଥିଲେ। ଅନୁସୟାଙ୍କ ବାରଣ ପରେ ଉତ୍କ୍ଷିପ୍ତ ହୋଇ ଉକ୍ତ ୪ଜଣ ବ୍ୟକ୍ତି ତାଙ୍କୁ ଆକ୍ରମଣ କରିଥିଲେ। ମାଙ୍କୁ ବଞ୍ଚାଇବାକୁ ଗୌତମ ଉଦ୍ୟମ କରିଥିଲେ। ମାତ୍ର ସେ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ପରେ ଅଭିଯୁକ୍ତମାନେ ସେଠାରୁ ଖସି ପଳାଇଥିଲେ। ରବିବାର ଅନୁସୟା ଏନେଇ ବିନିକା ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତି କରି ଥାନାରେ ଏକ ମାମଲା(୧୫୮/୨୨)ରୁଜୁ ହୋଇଛି। ତଦନ୍ତ ପରେ ଘଟଣାର ସତ୍ୟାସତ୍ୟ ଜଣା ପଡିବ ବୋଲି ଏସ୍.ଆଇ ଗୋବିନ୍ଦ ନାଇକ କହିଛନ୍ତି।

# ଜିଲା ଚେସ୍ ଚାମ୍ପିୟନଶିପ୍ ଉଦ୍‌ଯାପିତ





ଜିଲା ଚେସ୍ ଚାମ୍ପିୟନଶିପ୍‌ର ଉଦଯାପନୀ ସମାରୋହରେ ଅତିଥିବୃନ୍ଦ।

ବରଗଡ଼ ଅଫିସ୍,୧୭।୭

ବରଗଡ଼ ଜିଲା ଚେସ୍ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ଅଗ୍ରଗାମୀ ଯୁବକ ସଂଘ ପରିସରରେ ଚାଲିଥିବା ଜିଲା ଚେସ୍ ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଛି। ପ୍ରତିଯୋଗିତାର ର୍‍ୟାଙ୍କ-୧ରୁ ୧୦ ମଧରେ ଯଥାକ୍ରମେ ସୋହେଲାର ଛବିଳ ଭୋଇ, ବରପାଲିର ବୃନ୍ଦାବନ ସାହୁ, ମେଘନାଦ ମେହେର, ପୂର୍ଣ୍ଣଚନ୍ଦ୍ର ହାତୀ, ମିଳନ କୁମାର ବନଛୋର, ଗୋରେଖ ସାହୁ, ବିଶ୍ୱଜିତ ନାୟକ, ଦିଲୀପ ସାଥୁଆ, ମଚିନ୍ଦ୍ର ସାହୁ ଏବଂ ଗୋପାଂଶୁ ମେହେର କୃତିତ୍ୱ ଅର୍ଜନ କରିଥିଲେ। ସେହିପରି ବରଗଡ଼ର ରଜନୀକାନ୍ତ ଦାଶ ଶ୍ରେଷ୍ଠ ପ୍ରମୁଖ ଖେଳାଳି, ଆରାଧ୍ୟା ବିଶ୍ୱାଳ ଶ୍ରେଷ୍ଠ ମହିଳା ଖେଳାଳି, ସ୍ଥିତପ୍ରଜ୍ଞ ପ୍ରଧାନ ଶ୍ରେଷ୍ଠ ୧୩ବର୍ଷ ବୟସରୁ କମ୍ ଖେଳାଳି, ଦିନେଶ ପ୍ରଧାନ ଶ୍ରେଷ୍ଠ ୧୫ବର୍ଷ ବୟସରୁ କମ୍ ଖେଳାଳି ମନୋନିତ ହୋଇଥିଲେ। ଏହାବ୍ୟତୀତ ଅନ୍ତର୍ଜାତୀୟ ରେଟିଂ ପାଇଥିବା ଯୋଗୁ ବରଗଡ଼ ଜିଲା ଆସୋସିଏଶନର ଖେଳାଳି ବିରେନ୍ଦ୍ର କୁମାର ମହାପାତ୍ର, ସମୀର କୁମାର ମେହେର, ରତିକାନ୍ତ ସୁଆର, ଆଲୋକ କୁମାର ଭୋଇ, ତ୍ରିନାଥ ପ୍ରଧାନ, ଓମପ୍ରକାଶ ସତନାମୀ, ପୂର୍ଣ୍ଣଚନ୍ଦ୍ର ହାତୀ, ନିରୋଜ କୁମାର ପଟେଲ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

ଆସୋସିଏଶନ ସଭାପତି ଅରୁଣ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲି କ୍ରୀଷ୍ଣା ମୁଖ୍ୟ ଅତିଥି, ବରଗଡ଼ ଇମ୍ପେରିୟାଲ କଲେଜର ଚେୟାରମ୍ୟାନ ଦୀପକ ଗୋୟଲ, ମୁଖ୍ୟ ଆର୍ବିଟର ବିଧୁଭୂଷଣ ମିଶ୍ର, ସହଆର୍ବିଟର ସଞ୍ଜୟ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ ସହିତ ଜିଲାର ସଫଳ ଚେସ୍ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଆସୋସିଏଶନର ସମ୍ପାଦକ କେଶରଞ୍ଜନ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଯୁଗ୍ମ ସମ୍ପାଦକ ସୁନିଲ ପୁରୋହିତ, କୋଷାଧ୍ୟକ୍ଷ ସୁରେଶ ପରିଡ଼ା, ଅନ୍ତର୍ଯାମୀ ପରିଡ଼ା, ଶିବପ୍ରସାଦ ସାହୁ, ରାଜୀବ କୁମାର ମିଶ୍ର, ରବି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖନୀୟ, ଉକ୍ତ ପ୍ରତିଯୋଗିତା ଓପନ କାଟାଗୋରିରେ ଆୟୋଜିତ ହୋଇଥିଲା। ଏଥିରେ ବିଭିନ୍ନ ବୟସ ବର୍ଗର ୧୦୮ ପ୍ରତିଯୋଗୀ ଭାଗ ନେଇଥିଲେ। ଆଗାମୀ ଦିନରେ ବିକାଶ ସ୍କୁଲରେ ଜିଲା ଆନ୍ତଃ ସ୍କୁଲ ଚେସ୍ ପ୍ରତିଯୋଗିତା ଆୟୋଜନ କରିବାକୁ ଆସୋସିଏଶନ ପକ୍ଷରୁ ଘୋଷଣା କରାଯାଇଥିଲା।

## ତିନି ମାସରେ ରାସ୍ତା ଅବସ୍ଥା ବେହାଲ

ବାଉଁଶୁଣୀ,୧୭।୭(ଡି.ଏନ.ଏ.)

ବୌଦ୍ଧ ଜିଲାରେ ରାସ୍ତା ନିର୍ମାଣ ପାଇଁ ସରକାର ପ୍ରତିବର୍ଷ ବିପୁଳ ପରିମାଣର ଅର୍ଥ ଖର୍ଚ୍ଚ କରୁଛନ୍ତି। ମାତ୍ର ନିମ୍ନମାନର କାର୍ଯ୍ୟ ଓ ବିଭାଗୀୟ ଅଧିକାରୀମାନଙ୍କ ଉପଯୁକ୍ତ ପରିଦର୍ଶନ ଅଭାବରୁ ବର୍ଷେ ନ ପୂରୁଣୁ ରାସ୍ତା ନଷ୍ଟ ହୋଇଯାଉଛି । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଦପଲାଠାରୁ ପରତଲା ଯାଇଥିବା ବାଇପାସ ରାସ୍ତାରେ। ନିର୍ମାଣ କାର୍ଯ୍ୟ ୩ ମାସ ନ ପୂରୁଣୁ ଏହାର ବିଭିନ୍ନ ସ୍ଥାନରେ ଫାଟ ଦେଖାଦେଲାଣି। ଏହି ପିଚୁ ରାସ୍ତା ପାଇଁ କେତେ ଟଙ୍କାର ବ୍ୟୟ ବରାଦ ହୋଇଛି ସୂଚନା ଫଳକ ନ ଥିବା ହେତୁ ଜଣାପଡୁନାହିଁ। ପଡୋଶୀ ଶୁଣ୍ଡିପଦର ଓ ବିଳାସପୁର ପଞ୍ଚାୟତକୁ ଉକ୍ତ ରାସ୍ତା ସଂଯୋଗ କରିଥାଏ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

## ସରପଞ୍ଚଙ୍କ ଘରୁ ଚୋରି ସାମଗ୍ରୀ ଜବତ

ବରପାଲି,୧୭।୭(ଡି.ଏନ.ଏ.)

ବରଗଡ଼ ଜିଲା ବରପାଲି ବ୍ଲକ କୁମ୍ଭାରୀ ଗ୍ରାମପଞ୍ଚାୟତ ଅଫିସ୍‌ରୁ ଗୋଟିଏ ପୁରୁଣା ଟ୍ରେଜେରି ଓ ଡିଜେଲ ରାଇସ ହଲର ଚୋରି ହୋଇଥିବା ନେଇ ଗତ ୧୪ ତାରିଖରେ ବରପାଲି ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏହି ଘଟଣାରେ ଏକ ମାମଲା (ନଂ.୨୧୯।୨୨) ରୁଜୁ କରିବା ସହ ତଦନ୍ତ ଜାରି ରଖିଥିଲା। ତେବେ ଚୋରି ହୋଇଥିବା ସାମଗ୍ରୀରୁ ରାଇସ୍ ହଲରକୁ ପୋଲିସ କୁମ୍ଭାରୀ ସରପଞ୍ଚଙ୍କ ଘରୁ ରବିବାର ଜବତ କରିଥିବା ଜଣାପଡିଛି। ଏ ସମ୍ପର୍କରେ ବରପାଲି ଥାନା ଆଇଆଇସି ରୋଜାଲିନ ପଟେଲଙ୍କୁ ପଚାରିବାରୁ ସେ କହିଲେ, ଚୋରି ରାଇସ ହଲରକୁ କୁମ୍ଭାରୀ ସରପଞ୍ଚଙ୍କ ଘରୁ ଜବତ କରି ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ନୀଳାଞ୍ଚଳ ପଧାନଙ୍କ ଜିମା ଦିଆଯାଇଛି। ଚୋରି ହୋଇଥିବା ଲକର ଏପର୍ଯ୍ୟନ୍ତ ମିଳିନାହିଁ । ଏ ସମ୍ପର୍କରେ ସରପଞ୍ଚ ବସନ୍ତ ମହାନନ୍ଦଙ୍କୁ ତାଙ୍କ ମୋବାଇଲ ନଂ. ୯୯୩୭୯୯୪୧୮୮ରେ ଯୋଗାଯୋଗ କରାଯାଇଥିଲା। ସେ ଫୋନ ରିସିଭ ନ କରିବାରୁ ତାଙ୍କ ମତାମତ ମିଳିପାରିନାହିଁ।

## ଯୁକ୍ତ ୩ ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ବରପାଲି,୧୭।୭(ଡି.ଏନ.ଏ.)

ବରଗଡ଼ ଜିଲା ବରପାଲି କଲେଜର ଯୁକ୍ତ ତିନି ଶେଷ ବର୍ଷ (ସମ୍ମାନ) ଛାତ୍ରୀଛାତ୍ରମାନଙ୍କୁ ରବିବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଅନୁଷ୍ଠିତ ଏକ ସଭାରେ ଅର୍ଥନୀତି ବିଭାଗର ମୁଖ୍ୟ ଅଧାପକ ଭକ୍ତବନ୍ଧୁ ପ୍ରଧାନ ଅଧ୍ୟକ୍ଷତା କରି ନିଜ ଅଧ୍ୟବସାୟ ବଳରେ ଜୀବନରେ ବହୁ କିଛି ଉନ୍ନତି କରିପାରିବେ ବୋଲି ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇଥିଲେ। ବିଭାଗର ଅନ୍ୟତମ ଅଧାପକ ଡ.ପାରେଶ୍ୱର ସାହୁ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଛାତ୍ରୀ ରିଙ୍କି ବାରିକ ଓ ରକ୍ଷଦା ମେହେର ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ ଏବଂ ଅଧ୍ୟାପିକା ଶ୍ରୀମାଞ୍ଜଳି ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଆନନ୍ଦ ଅନୁଭୂତି କାର୍ଯ୍ୟକ୍ରମ ଉଦ୍‌ଯାପିତ



ଶିବିରରେ ଉପସ୍ଥିତ ଶିବିରାର୍ଥୀ ଓ ପ୍ରଶିକ୍ଷକ।

ସୋନପୁର,୧୭।୭(ନି.ପ୍ର.)

ସୋନପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଆର୍ଟ ଅଫ ଲିଭିଙ୍ଗ ଅନୁଷ୍ଠାନ ପକ୍ଷରୁ ଚାଲିଥିବା ୬ ଦିନିଆ ହେପିନେସ(ଆନନ୍ଦ ଅନୁଭୂତି) କାର୍ଯ୍ୟକ୍ରମ ରବିବାର ଉଦ୍‌ଯାପିତ ହୋଇଯାଇଛି। ଶିବିରରେ ବିଶ୍ୱ ପ୍ରସିଦ୍ଧ ସୁଦର୍ଶନ କ୍ରିୟାକୁ ଜୟଶ୍ରୀ ପଣ୍ଡା ଓ ବରୁଣ ମହନ୍ତଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ଦିଆଯାଇଥିଲା। ମୋଟ ୩୨ଜଣ ଶାରୀରିକ ଓ ମାନସିକ ସ୍ତରରେ ଉପକୃତ ହୋଇଥିଲେ। ଶିବିରରେ ବିଭିନ୍ନ ଆଧ୍ୟାତ୍ମିକତା ଜ୍ଞାନ ଓ କୌଶଳ ଆଲୋଚନା ହୋଇଥିଲା। ଶିବିର ଆୟୋଜନରେ ବନମାଳୀ ପଣ୍ଡା, ଅଧ୍ୟାପିକା ପ୍ରତିମା ରଥ, ଅନୁପ ଦର୍ଜୀ, ଶରତ ଶତପଥୀ, ନବ କିଶୋର ମିଶ୍ର ଓ ଅମିତ ମହାପାତ୍ର ସହଯୋଗ କରିଥିଲେ।

# ତହସିଲ ଅଫିସ ଘେରିଲା ଭାଜପା

**ଚାଷୀଙ୍କୁ ବୀମା କ୍ଷତିପୂରଣ ଦାବି**

ବରଗଡ଼ ଅଫିସ୍,୧୭।୭

ବରଗଡ଼ ଜିଲାର କ୍ଷତିଗ୍ରସ୍ତ ଚାଷୀଙ୍କୁ ଗତ ୨୦୨୦-୨୧ ଖରିଫ ଫସଲକ୍ଷତିର ବୀମା କ୍ଷତିପୂରଣ ମିଳିପାରିନାହିଁ। ଏହାକୁ ନେଇ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଥିବାବେଳେ ଆନ୍ଦୋଳନ ତେଜି ଉଠିଛି। ଏହି କ୍ରମରେ ଶନିବାର ସମ୍ପୃକ୍ତ ବୀମା କମ୍ପାନୀ ଏଚ୍‌ଡ଼ିଏଫ୍‌ସି ଆଗ୍ରୋ ବିରୋଧରେ ଜିଲାର ଗାଇସିଲେଟ ତହସିଲ ଅଫିସ ଆଗରେ ଭାଜପା ଆନ୍ଦୋଳନକୁ ଓହ୍ଲାଇଥିଲା। ଏହାସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ତହସିଲଦାରଙ୍କୁ ଦଳ ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହାପୂର୍ବରୁ ଶତାଧିକ ଭାଜପା କର୍ମୀ ଏକ ଶୋଭଯାତ୍ରାରେ ଗାଇସିଲେଟ ବସ୍‌ଷ୍ଟାଣ୍ଡରୁ ବାହାରି ତହସିଲ ଅଫିସକୁ ଆସିଥିଲେ। ସେଠାରେ ସେମାନେ ବୀମା କମ୍ପାନୀ ଏବଂ ରାଜ୍ୟ ସରକାରଙ୍କ ବିରୋଧରେ ସେମାନେ ନାରାବାଜି କରିଥିଲେ। ତହସିଲ ଅଫିସ ସମ୍ମୁଖରେ ଦଳର ମଣ୍ଡଳ ସଭାପତି ବିପିନ ବିହାରୀ ସାହୁଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଭାଜପା ନେତା ପ୍ରବୀଣ ପାଣିଗ୍ରାହୀ, ଘନଶ୍ୟାମ ସାହୁ, ଜିଲା ପରିଷଦ ସଭ୍ୟା ଝରଣା ପାଣିଗ୍ରାହୀ, ମଦନ ଦୀପ ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।



ଗାଇସିଲେଟ ତହସିଲ ଅଫିସ ଆଗରେ ଭାଜପାର ଆନ୍ଦୋଳନ।

# ସଚେତନତା ଅଭାବ, ମିଳୁନି ଫାଇଦା

- ବୃଦ୍ଧି ପାଉଛି ସୋଲାସିୟମ୍ ପାଣ୍ଠି ସହାୟତା ରାଶି
- ସଚେତନତା ଅଭାବରୁ ୪ ବର୍ଷରେ ୬ଜଣ କରିଛନ୍ତି ଆବେଦନ
- ଜଣେ ମୃତକଙ୍କ ପରିବାରକୁ ମିଳିଛି ସହାୟତା

ସୋନପୁର,୧୭।୭(ନି.ପ୍ର.)

ହିଟ୍ ଆଣ୍ଡ ରନ୍ ସଡକ ଦୁର୍ଘଟଣା(ଅଜଣା ଗାଡି ଧକ୍କା)ରେ ପ୍ରତିଦିନ ଦେଶରେ ହାରାହାରି ୭୮ଜଣଙ୍କର ମୃତ୍ୟୁ ହେଉଛି। ଗୁରୁତରଙ୍କ ସଂଖ୍ୟା ବି ବହୁ ଅଧିକ। ଏହାକୁ ଦୃଷ୍ଟିରେ ରଖି ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସରକାର ସୋଲାସିୟମ୍ ପାଣ୍ଠିରୁ ମୃତକଙ୍କ ପରିବାରକୁ ୨ଲକ୍ଷ ଟଙ୍କା ଏବଂ ଗୁରୁତରଙ୍କୁ ୫୦ହଜାର ଟଙ୍କା ତତ୍କାଳ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି। ଆବେଦନ ସମୟ ୬ ମାସ ଥିବା ବେଳେ ଏବେ ୧ ବର୍ଷକୁ ଏହି ଅବଧି ବୃଦ୍ଧି କରାଯାଇଛି। ନିକଟରେ କେନ୍ଦ୍ର ସରକାର ଏହି ଯୋଜନାରେ ମୃତକ ପରିବାରକୁ ୫ ଲକ୍ଷ ଓ ଆହତଙ୍କୁ ୧ଲକ୍ଷ ଟଙ୍କା ଦେବାକୁ ଘୋଷଣା କରିଛନ୍ତି। ଫଳରେ ଅଜଣା ଗାଡି ଧକ୍କାରେ କେହି ପ୍ରାଣ ହରାଇଲେ ତାଙ୍କ ପରିବାର ତଥା ନିକଟତମ ବ୍ୟକ୍ତିଙ୍କୁ ଏଣିକି ୭ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ମିଳିବ। ସେହିପରି ଆହତଙ୍କୁ ଏହି ପାଣ୍ଠିରୁ ଦେଢ ଲକ୍ଷ ଟଙ୍କାର ସହାୟତା ଦିଆଯିବ। ହିତାଧିକାରୀଙ୍କ ଆକାଉଣ୍ଟକୁ ଏହି ଟଙ୍କା ସିଧାସଳଖ ଆସୁଥିବା ବେଳେ ସୁବର୍ଣ୍ଣପୁରରେ କିନ୍ତୁ ସଚେତନତାର ଅଭାବରୁ ଏହାର ଫାଇଦା ନେଇପାରୁନାହାନ୍ତି ଲୋକେ।

ରାଜ୍ୟ ସରକାର ତା୧୪।୫।୨୦୧୮ ରିଖରେ ସୋଲାସିୟମ୍ ପାଣ୍ଠି ଗଠନ କରିଥିଲେ। ଅଜଣା ଗାଡି ଧକ୍କାରେ ମୃତ୍ୟୁ ହେଲେ କି କେହି ଗୁରୁତର ହେଲେ ପରିବାର ଲୋକେ ବର୍ଷେ ଭିତରେ ଜିଲା ପରିବହନ କାର୍ଯ୍ୟାଳୟ କିମ୍ବା ସମ୍ପୃକ୍ତ ଥାନାରେ ସହାୟତା ପାଇଁ ଆବେଦନ କରିପାରିବେ। ଯଦି ଜିଲା ପରିବହନ କାର୍ଯ୍ୟାଳୟରେ କେହି ଆବେଦନ କରନ୍ତି ପରିବହନ ଅଧିକାରୀ ସମ୍ପୃକ୍ତ ଥାନାକୁ ଏହାର ତଦନ୍ତ ପାଇଁ ପଠାଇବେ। ଏହି ତଦନ୍ତ ରିପୋର୍ଟ ଆସିବା ପରେ ପରିବହନ ଅଧିକାରୀ ଏସ୍‌ଟିଏକୁ ପଠାଇବାର କିଛିଦିନ ମଧ୍ୟରେ ହିତାଧିକାରୀଙ୍କ ଖାତାକୁ ଟଙ୍କା ଆସିଥାଏ।

ଏହି ଯୋଜନାରେ ବର୍ତ୍ତମାନ ପର୍ଯ୍ୟନ୍ତ ଜିଲାରେ ମୋଟ୍ ୬ଜଣ ଆବେଦନ କରିଛନ୍ତି। ୨୦୧୯ ଡିସେମ୍ବର ୭ରେ ବିନିକା ଥାନା ଫୁଲମୁଠିର ଧନଞ୍ଜୟ ମିଶ୍ର ଅଜଣା ଗାଡି ଧକ୍କାରେ ପ୍ରାଣ ହରାଇଥିଲେ। ଆବେଦନ ପରେ ତାଙ୍କ ପରିବାରଙ୍କୁ ୨ ଲକ୍ଷ ଟଙ୍କାର ସହାୟତା ମିଳିସାରିଛି। ଅଜଣା ଗାଡି ଧକ୍କାରେ ମୃତ ବିନିକା ସହର ବେତରାପଡାର କହ୍ନେଇ ଗୁରୁ, ଉଲୁଣ୍ଡା ବ୍ଲକ ହିକୁଡି ମାରିଚପୁର ଅଞ୍ଚଳର ଚନ୍ଦ୍ରଶେଖର ବାରିକ, ତେଲଣ୍ଡାପାଲିର ଜୟକୁମାରୀ ଷାଣ୍ଢ ଓ ଖାରୀର କକିଆ ଛତ୍ରିଆଙ୍କ ପରିବାର ଗତ ୧୫ ଦିନ ଭିତରେ ସହାୟତା ରାଶି ପାଇବା ପାଇଁ ଆବେଦନ କରିଛନ୍ତି। ସେହିପରି ଆହତ ସୁବଳୟା ଆମ୍ବସରଭଟାର ସୁଦର୍ଶନ ଖେତି ସହାୟତା ରାଶି ପାଇଁ ଆବେଦନ କରିଛନ୍ତି। ତେବେ ଜିଲାରେ ଯେଉଁ ପରିମାଣରେ ସଡକ ଦୁର୍ଘଟଣା ହେଉଛି ସେହି ଅନୁସାରେ ଲୋକେ ଆବେଦନ କରୁନାହାନ୍ତି। ଯେଉଁଥିପାଇଁ ଏହି ଯୋଜନାର ସଫଳ ରୂପାୟନ ହୋଇ ପାରୁନାହିଁ। ଏହାର ମୁଖ୍ୟ କାରଣ ହେଲା ସଚେତନତାର ଅଭାବ। ଜିଲା ପରିବହନ ଅଧିକାରୀ ରବିନ ପଟ୍ଟନାୟକ କୁହନ୍ତି, ବିଭାଗ ପକ୍ଷରୁ ସବୁ ସ୍ଥାନରେ ଏ ନେଇ ବିଜ୍ଞାପନ କରାଯାଇଛି। ବ୍ଲକସ୍ତରରେ ମଧ୍ୟ ଲୋକଙ୍କୁ ସଚେତନ କରାଯାଉଛି। ହେଲେ ଲୋକେ ଆବେଦନ କରୁନାହାନ୍ତି। ଏ ଦିଗରେ ସମସ୍ତେ ସଚେତନ ହେବା ସହ ଅନ୍ୟକୁ ସଚେତନ କରିପାରିଲେ ଆଗାମୀ ଦିନରେ ଏହି ସଂଖ୍ୟା ବୃଦ୍ଧି ପାଇପାରନ୍ତା।

## ସଂକ୍ଷେପରେ

### ଗଣ୍ଡାବାହାଲି ଯୋଗାଣ ସହାୟକ ନିର୍ଦ୍ଦୋଷରେ ଖଲାସ

**କିରୋସିନ ହଡପ ଘଟଣା**

**ସିନାପାଲି,୧୭।୭(ଡି.ଏନ.ଏ.):** ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଗଣ୍ଡାବାହାଲି ପଞ୍ଚାୟତ ଯୋଗାଣ ସହାୟକ ଘାସିରାମ ରାଉତ ଗୁରୁବାର ଜେଲରୁ ନିର୍ଦ୍ଦୋଷରେ ଖଲାସ ହୋଇଥିବା ଥିବା ଜଣାପଡିଛି। ଗଣ୍ଡାବାହାଲି ଗ୍ରାମପଞ୍ଚାୟତ ହିତାଧିକାରୀଙ୍କ ୮ ମାସର କିରୋସିନ ହଡପ ଘଟଣାରେ ରାଉତ ୨୦୨୦ ଅଗଷ୍ଟରେ ଜେଲ ଯାଇଥିଲେ। ପ୍ରକାଶ ଯେ, ଗଣ୍ଡାବାହାଲି ପଞ୍ଚାୟତରେ କିରୋସିନ ବଣ୍ଟନରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ଯୋଗାଣ ବିଭାଗ ଅଧିକାରୀ, କର୍ମଚାରୀ, ଡିପୋ, ଡ଼ିଲର ମାଲିକ ମିଳିମିଶି ହିତାଧିକାରୀଙ୍କ ୮ ମାସର କିରୋସିନ ହଡ଼ପ କରିଥିଲେ। ଏ ନେଇ ଗତ ୨୦୨୦ ଜୁନ ୨୯ ତାରିଖରେ ପଞ୍ଚାୟତ ପିଇଓ ସିନାପାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଗଷ୍ଟ ୧ରେ ଯୋଗାଣ ସହାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ପ୍ରାୟ ୨ ବର୍ଷ ପରେ ୫୪ଜଣ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଗୁରୁବାର ରାଉତ ଜେଲରୁ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି।

### ଅଧିକ ଦରରେ ବିକ୍ରି ହେଉଛି ଷ୍ଟାମ୍ପ

**କଣ୍ଟାବାଞ୍ଜି,୧୭।୭(ଡି.ଏନ.ଏ.):** ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ତହସିଲରେ ଷ୍ଟାମ୍ପ ଭେଣ୍ଡର ଧାର୍ଯ୍ୟଦରଠାରୁ ୩ଗୁଣା ଅଧିକ ଦାମରେ ଷ୍ଟାମ୍ପ ବିକ୍ରୟ କରୁଥିବା ଅଭିଯୋଗ ହେଉଛି। ଆଫିଡେଭିଟ ପାଇଁ ୧୦ ଟଙ୍କାର ଷ୍ଟାମ୍ପକୁ ୫୦ ଟଙ୍କା ଦରରେ ବିକ୍ରି କରାଯାଉଛି। ସେହିପରି ୨୦, ୩୦, ୫୦ ଓ ୧୦୦ ଟଙ୍କାର ଷ୍ଟାମ୍ପକୁ ଦୁଇ ଗୁଣା ଦରରେ ବିକ୍ରି ହେଉଛି। ପ୍ରତ୍ୟେକ ରେଜେଷ୍ଟ୍ରି ଦିନମାନଙ୍କରେ ଷ୍ଟାମ୍ପର ଅଭାବ ଦେଖାଇ ଲକ୍ଷ ଲକ୍ଷ ଟଙ୍କା ଷ୍ଟାମ୍ପ ଭେଣ୍ଡରମାନେ ଆୟ କରୁଛନ୍ତି। ନିକଟରେ କଣ୍ଟାବାଞ୍ଜିର ଏକ ମହାବିଦ୍ୟାଳୟ ଅଧକ୍ଷ କର୍ମଚାରୀଙ୍କ ଶପଥ ପାଠ ଏବଂ ଡିକ୍ଲାରେସନ ପାଇଁ ଷ୍ଟାମ୍ପ ଭେଣ୍ଡର ପାଖରୁ ୧୦୦ ଟଙ୍କାର ଷ୍ଟାମ୍ପକୁ ୩୦୦ ଟଙ୍କା ଦେଇ କିଣିଥିଲେ। ଏ ନେଇ ଭେଣ୍ଡରଙ୍କୁ ପଚାରିବାରୁ ନେବାର ଅଛି ତ ନିଅ, ନ ହେଲେ ନ ନିଅ ବୋଲି କହିଥିଲେ। ସ୍ଥାନୀୟ ଓକିଲ ସଂଘ ଏଥିରେ ହସ୍ତକ୍ଷେପ କରି ଉଚିତ କାର୍ଯ୍ୟାନୁଷ୍ଠାନ ନେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

### ରେଲୱେ ଷ୍ଟେଶନ୍ ରୋଡରୁ ଟ୍ରକ୍ ଚୋରି

**ବଲାଙ୍ଗୀର ଅଫିସ,୧୭।୭:** ବଲାଙ୍ଗୀର ରେଲୱେ ଷ୍ଟେଶନ୍ ରୋଡରେ ଠିଆ ହୋଇଥିବା ଏକ ଟ୍ରକ୍‌ର ଦୁଇ ପଛଚକ ଦୁର୍ବୃତ୍ତ ଚୋରି କରିନେଇଥିବା ଟାଉନ୍ ଥାନାରେ ରବିବାର ଅଭିଯୋଗ ହୋଇଛି। ଚୋରି ଟ୍ରକ୍ ମଦନ ସିଂଙ୍କର ବୋଲି ଜଣାପଡିଛି। ଏହି ଘଟଣା ସମ୍ପର୍କରେ ଜଣାପଡିବା ପରେ ଟ୍ରକ୍ ମାଲିକ ସଂଘ ସଭାପତି ବୀରେନ ମିଶ୍ର, ସମ୍ପାଦକ ଅଶ୍ୱିନୀ ପଟ୍ଟନାୟକଙ୍କ ନେତୃତ୍ୱରେ ଅନ୍ୟ ଟ୍ରକ୍ ମାଲିକ ସଂଘ ଘଟଣାସ୍ଥଳକୁ ଯାଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଏଦିଗରେ ପୋଲିସ ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରାଯାଇଛି।

# ଡିଭାଇଡର ନିର୍ମାଣ ପରେ ପାଲଟିଲା ଦୁର୍ଘଟଣା ଅଞ୍ଚଳ

- ବଲାଙ୍ଗୀର ଯନ୍ତ୍ରୀଙ୍କ ଅଦ୍ଭୁତ ଇଞ୍ଜିନିୟରିଂ
- ଗୋଟିଏ ସ୍ପଟ୍‌ରେ ପିଟିହୋଇ ଏକାଧିକ ଗାଡି ହେଲାଣି ଚୂରମାର

**ବଲାଙ୍ଗୀର ଅଫିସ,୧୭।୭**

ସହରର ଟ୍ରାଫିକ ପରିଚାଳନା ଏବଂ ଦୁର୍ଘଟଣା ଏଡାଇବା ପାଇଁ ବଲାଙ୍ଗୀର ଜିଲା ପ୍ରଶାସନ ଏବଂ ଜାତୀୟ ରାଜପଥ ବିଭାଗ ପକ୍ଷରୁ ପାଟଣା ହୋଟେଲ ଛକରୁ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ ମୁଖ୍ୟରାସ୍ତା ଉପରେ ଡିଭାଇଡର ନିର୍ମାଣ କରାଯାଇଥିଲା। ତେବେ ଏହି ଡିଭାଇଡର ନିର୍ମାଣର ମାତ୍ର ଅଳ୍ପଦିନ ଭିତରେ ସରକାରୀ ବସ୍‌ଷ୍ଟାଣ୍ଡ ସମ୍ମୁଖ ଡିଭାଇଡର ଏବେ ଆକ୍ସିଡାଣ୍ଟ ସ୍ପଟ୍(ଦୁର୍ଘଟଣା ଅଞ୍ଚଳ) ହୋଇଯାଇଛି। ଶନିବାର ରାତିରେ ଏକ ଭାରୀଯାନ ଟ୍ରକ୍ (ଓଡି୧୬ଇ୪୭୫୭) ଉକ୍ତ ଡିଭାଇଡରକୁ ଚଢ଼ି ଯାଇଥିଲା। ଗତ ଜୁଲାଇ ୨ରୁ ୧୬ତାରିଖ ରାତି ଭିତରେ ଏହି ଗୋଟିଏ ସ୍ଥାନରେ ୫/୬ଟି ଗାଡି ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହେଲାଣି। ଏଠାରେ ଯନ୍ତ୍ରୀମାନେ ଏଭଳି ଭାବେ ଡିଭାଇଡର ନିର୍ମାଣ କରିଛନ୍ତି ଯେ, ପାଟଣା ହୋଟେଲ ଛକ ପଟରୁ ଆସୁଥିବା ଭାରିଯାନ ଏବଂ ଚାରଚକିଆ ଗାଡି ସରକାରୀ ବସ୍‌ଷ୍ଟାଣ୍ଡ ସମ୍ମୁଖ ଡିଭାଇଡରକୁ ଚଢ଼ି ଯାଉଛି। ଡିଭାଇଡରଟି ଡ୍ରାଇଭରଙ୍କୁ ଭଲ ଭାବରେ ଦେଖାଯାଉ ନ ଥିବା ଡ୍ରାଇଭରମାନେ କହିଛନ୍ତି। ଏହାବାଦ୍ ଏଠାରେ ରାସ୍ତାଟି ସାମାନ୍ୟ ବୁଲାଣି ଏବଂ ଅଣଓସାରିଆ ହୋଇଥିବାରୁ ଏଠାରେ ଦୁର୍ଘଟଣା ଘଟୁଥିବା କୁହାଯାଇଛି। ଗତ ୧୫ ଦିନ ମଧ୍ୟରେ ଏକାଧିକ ଭାରୀଯାନ, ମିନିଟ୍ରକ୍, କାର ଏଠାରେ ପିଟିହୋଇ ଭାଙ୍ଗି ଗଲାଣି। ଏଠାରେ ଭାରିଯାନ ଦୁର୍ଘଟଣାଗ୍ରସ୍ତ ହୋଇ ଦିନ ଦିନଧରି ଅଟକି ରହୁଥିବାରୁ ଟ୍ରାଫିକ୍ ସମସ୍ୟାଦେଖାଯାଉଛି। ସରକାରୀ ବସଷ୍ଟାଣ୍ଡ ସମ୍ମୁଖ ଏହି ଡିଭାଇଡର କଡରେ ଦିନବେଳା ଠେଲା ଲଗାଯାଉଥିବାରୁ ଏଠାରେ ରାସ୍ତା ସଙ୍କୁଚିତ ହୋଇଯାଇଛି। ଏହାବାଦ୍ ସେଠାରେ ଗାଡିପାର୍କିଂ କରି ଲୋକେ ଭିଡ ଜମାଇ ଥିବାରୁ ଏଠାରେ ବଡଧରଣର ଦୁର୍ଘଟଣା ଆଶଙ୍କା ଲାଗି ରହୁଛି। ପ୍ରଶାସନ ଯେଉଁ ଉଦ୍ଦେଶ୍ୟ ରଖି ଏହି ରାସ୍ତାକୁ ୱାନୱେ କରିଥିଲେ ତାହା ଏବେ ଓଲଟା ହୋଇଯାଇଛି। ଏହି ରାସ୍ତା ଏବେ ସବୁଠୁ ଅଧିକ ଟ୍ରାଫିକ ସମସ୍ୟା ଥିବା ରାସ୍ତା ପାଲଟିଛି। ଜାତୀୟ ରାଜପଥ ବିଭାଗ ଯନ୍ତ୍ରୀମାନେ କିଭଳି ଭାବେ ଏଭଳି ଏକ ବ୍ୟସ୍ତବହୁଳ ଏବଂ ସଙ୍କୁଚିତ ରାସ୍ତାରେ ଡିଭାଇଡର ନିର୍ମାଣ କଲେ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାସ୍ତା ଓସାର ନକରି ଡିଭାଇଡର ନିର୍ମାଣ କରାଯାଇଥିବାରୁ ଲୋକେ ଏହାକୁ ନାପସନ୍ଦ କରିଛନ୍ତି। ଏଦିଗରେ ଏନ୍ଏଚ୍ ବିଭାଗ ନିର୍ବାହୀ ଯନ୍ତ୍ରୀ ଜୟନ୍ତ କୁମାର ନାଏକଙ୍କୁ ତାଙ୍କ ମୋବାଇଲ ଫୋନ୍‌ରେ ଯୋଗାଯୋଗ କରାଯାଇଥିଲା। ତେବେ ରିଂ ହେବା ସତ୍ତ୍ୱେ ସେ ରିସିଭ ନ କରିବାରୁ ତାଙ୍କ ମତାମତ ମିଳିପାରିନାହିଁ। ତୁରନ୍ତ ଏହି ରାସ୍ତାର ନିର୍ମାଣଗତ ତ୍ରୁଟି ସୁଧାରିବାକୁ ଲୋକେ ଦାବି କରିଛନ୍ତି।



ଶନିବାର ରାତିରେ ବଲାଙ୍ଗୀର ସରକାରୀ ବସ୍‌ଷ୍ଟାଣ୍ଡ ସମ୍ମୁଖ ଡିଭାଇଡରକୁ ଚଢ଼ି ଯାଇଥିବା ଭାରିଯାନ।

### ଜନସେବା କେନ୍ଦ୍ରରେ ଗ୍ରାହକ ସମାବେଶ

**ବେଲପଡା,୧୭।୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ବେଲପଡା ଡିଜିଟାଲ ଜନସେବା କେନ୍ଦ୍ରର ଗ୍ରାହକ ସମାବେଶ ଓ ବାର୍ଷିକ ଉତ୍ସବ ଶନିବାର ବେଲପଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବେଲପଡା ସରପଞ୍ଚ ହରିଶ ବୁଡେକ, ସମ୍ମାନୀୟ ଅତିଥି ମଣ୍ଡଳ ସରପଞ୍ଚ ସରୋଜ କୁମାର ସେଠ, ମଧ୍ୟପୁର ସରପଞ୍ଚ ରାମଗୋପାଳ ନାଏକ ଯୋଗ ଦେଇଥିଲେ । ଜନ ସେବାକେନ୍ଦ୍ରର ଜିଲା ମୁଖ୍ୟ ଅଧିକାରୀ ଅନିରୁଦ୍ଧ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବେଲପଡା ଡିଜିଟାଲ ଜନସେବା କେନ୍ଦ୍ର ପରିଚାଳକ ମେଘନାଦ ସାହୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳନା ଏହି ଜନସେବା କେନ୍ଦ୍ର ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଜନାଦୃତ ହୋଇଛି ବୋଲି କହିଥିଲେ। ଏହି ସମାବେଶରେ ବ୍ଲକର ବିଭିନ୍ନ ପଞ୍ଚାୟତ ଜନ ସେବାକେନ୍ଦ୍ର ପରିଚାଳକ ଓ ଗ୍ରାହକ ଯୋଗଦେଇଥିଲେ। ସମାବେଶରେ ରାଜକୁମାର ପାଣିଗ୍ରାହୀ, ରୋହିତାଶ୍ୱର ଯୋଶୀ, ଗୋଲକ ବିହାରୀ ଅଗସ୍ତି , ସୁଶୀଲ ବେହେରା, ମୁକେଶ ପୁରୋହିତ, ଜୟଚନ୍ଦ୍ର ଗୁରୁ, ଛବିଲାଲ ମେହେର ପ୍ରମୁଖ ଯୋଗ ଦେଇଥିଲେ ।

## ବୃନ୍ଦାବନ ତୀର୍ଥଯାତ୍ରୀ ଦଳକୁ ସମ୍ବର୍ଦ୍ଧନା


ତୀର୍ଥରୁ ଫେରିଥିବା ମିର୍ଦ୍ଧାପାଲି ଗ୍ରାମର ଶ୍ରଦ୍ଧାଳୁମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

**ବଲାଙ୍ଗୀର ଅଫିସ,୧୭।୭**

ବଲାଙ୍ଗୀର ସଦର ବ୍ଲକ ମିର୍ଦ୍ଧାପାଲି ଗ୍ରାମର ୪୭ ଯାତ୍ରୀ ସମାଜସେବୀ ଡ. ଶ୍ରୀକର ମିଶ୍ରଙ୍କ ନେତୃତ୍ୱରେ ହରିଦ୍ୱାର ଓ ବୃନ୍ଦାବନ ଯାତ୍ରା କରି ଫେରିଛନ୍ତି। ଡ. ମିଶ୍ର ଗତ ୨୦୦୮ ମସିହାରୁ ପ୍ରତ୍ୟେକ ବର୍ଷ ଶତାଧିକ ଯାତ୍ରୀଙ୍କୁ ମାଗଣାରେ ଏପରି ତୀର୍ଥ କରାଇ ଆସୁଛନ୍ତି। ଚଳିତବର୍ଷ ହରିଦ୍ୱାର, ଋଷିକେଶ, ଗୋପ, ମଥୁରା, ବୃନ୍ଦାବନ, ନନ୍ଦଗାଁ, ଭର୍ସନା, ରମଣରେତି ଆଦି ତୀର୍ଥସ୍ଥଳୀ ଦର୍ଶନ କରି ଯାତ୍ରୀମାନେ ଶନିବାର ମିର୍ଦ୍ଧାପାଲି ଫେରିଥିଲେ। ମିର୍ଦ୍ଧାପାଲି ଗ୍ରାମବାସୀଙ୍କ ପକ୍ଷରୁ ବିପିନ ବିହାରୀ ପଟେଲଙ୍କ ନେତୃତ୍ୱରେ ଗ୍ରାମର ସଂକୀର୍ତ୍ତନ ଦଳ ସହ ସମସ୍ତ ଯାତ୍ରୀଙ୍କୁ ସ୍ୱାଗତ କରି ଗ୍ରାମ ପରିକ୍ରମା କରିଥିଲେ। ସମସ୍ତ ଯାତ୍ରୀଙ୍କୁ ଗୋଡ ଧୋଇ ଉପଢୌକନ ଦିଆଯାଇଥିଲା। ଡ. ମିଶ୍ର ଗ୍ରାମବାସୀଙ୍କୁ ଧନ୍ୟବାଦ ଦେବା ସହ ଆସନ୍ତା ଅଗଷ୍ଟ ୨୩ରୁ ଲୋଇସିଂହା ବ୍ଲକ କୁଶଙ୍ଗ ଗ୍ରାମର ୧୫୦ ଯାତ୍ରୀ ବୃନ୍ଦାବନ ଯାତ୍ରା କରିବେ ବୋଲି ସୂଚନା ଦେଇଥିଲେ।

### ସିନାପାଲି ପ୍ରାଥମିକ ଶିକ୍ଷକ ସଂଘ ବୈଠକ

**ସିନାପାଲି,୧୭।୭(ଡି.ଏନ.ଏ.)**

ନୂଆପଡ଼ା ଜିଲା ସିନାପାଲି ପ୍ରାଥମିକ ଶିକ୍ଷକ ସଂଘ ଏକ ବୈଠକ ସ୍ଥାନୀୟ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଛି। ସଂଘ ସଭାପତି ପ୍ରସନ୍ନ କୁମାର ମାଝିଙ୍କ ଅଧ୍ୟକ୍ଷତାରେ ସମ୍ପାଦକ ବୈଷ୍ଣବ ମେହେର ସଭା ପରିଚାଳନା କରିଥିଲେ। ବୈଠକରେ ଶିକ୍ଷକଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସହ ଗ୍ରେ ଓ ସଂଘ ପୁନଃଗଠନ ବିଷୟରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଦାୟିତ୍ୱରେ ଥିବା ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଯଶୋବନ୍ତ ନାରାୟଣ ପଣ୍ଡା, ସମ୍ପାଦକ ଧନୁ ବାଗଙ୍କ ସହ ପଞ୍ଚାନନ ଖମାରୀ, ଭରତ ଚନ୍ଦ୍ର ବାଗ, ହୃଦାନନ୍ଦ ମେହେର, ଅରୁଣ କୁମାର ଯୋଷୀ, ଈଶ୍ୱର ବଘେଲ, ରାକେଶ ମିଶ୍ର ପ୍ରମୁଖ ମତ ପ୍ରକାଶ କରିଥିଲେ। ବୈଠକରେ ଆସନ୍ତା ୩୧ରେ ସିନାପାଲି ବ୍ଲକ ସଂଘ ପୁନଃଗଠନ ନେଇ ନିଷ୍ପତ୍ତି ନିଆଯାଇଛି। ଖ ବ୍ଲକରୁ ଯୋଗଦେଇଥିବା କୁନା ଭୋଇ, ଅରୁଣ ନାଗ, ଗୋକୁଳ ନାଗ, ରୂପା ବାଗଙ୍କ ସହ ସିନାପାଲି ସଂଘ ପ୍ରାଣକୃଷ୍ଣ ଯୋଷୀ, ଟିକେମଣି ଜଗତ, ଶେଖର ବାଗ, ଦେବାନନ୍ଦ ବାଗ, ସଚ୍ଚିଦାନନ୍ଦ ମେହେର, ପ୍ରମୋଦ କୁମାର ସାହୁ, ଭୀମସେନ ମେହେର, ଜନ୍ମେଜୟ ଭୋଇ, ଧନେଶ୍ୱର ବଞ୍ଜାରା, ପ୍ରଦୀପ କୁମାର ନାୟକ, ପ୍ରେମାନନ୍ଦ ମେହେର, ପରେଶନାଥ ପାଣିଗ୍ରାହୀ, ନୀକୁଞ୍ଜବିହାରୀ ସା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବ୍ଲକ କୋଷାଧ୍ୟକ୍ଷ ଖଗେଶ୍ୱର ନିଆଲ ଧନ୍ୟବାଦ ଦେଇଥିଲେ।

### ଜବରଦଖଲ ଗୋଚର ଜମି ଉଦ୍ଧାର ପାଇଁ ସଚେତନତା

**ଖପ୍ରାଖୋଲ, ୧୭।୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଓଡ଼ିଆପାଲି ଗାଁରେ ରାଜସ୍ୱ ଓ ପ୍ରାଣୀ ସମ୍ପଦ ବିଭାଗ ମିଳିତ ଉଦ୍ୟମରେ ଜବରଦଖଲ ଗୋଚର ଜମି ଉଦ୍ଧାର ପାଇଁ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ସଭାରେ ଖପ୍ରାଖୋଲ ବ୍ଲକ ପ୍ରାଣୀ ସମ୍ପଦ ଅଧିକାରୀ ଡ଼ା ସୁଜିତ କୁମାର ଶତପଥୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଗୋଚର ଜମିକୁ ଉଦ୍ଧାର କରି ସବୁଜ ବାଡ଼ ଦେବା ସହ ପ୍ରାଣୀ ପାଳକମାନେ ଘାସ ଚାଷ କରିବା ଉପରେ ଆଲୋଚନା ହୋଇଥିଲା। ଏସ୍ଏଚ୍‌ଜି ମହିଳାମାନେ ଗୋଚର ଜମିରେ ଅନ୍ୟ ଚାଷ କରି ରୋଜଗାର କରିବା ଉପରେ କହିଥିଲେ। ବୈଠକରେ ସରପଞ୍ଚ ପ୍ରତିନିଧି ସୁବାଷ ଛୁରା, ଏସ୍ଏଚ୍‌ଜି ମହିଳା ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ସରକାରୀ ଜମି ହଡ଼ପ ଅଭିଯୋଗ

**ଖଡ଼ିଆଳ,୧୭।୭(ଡି.ଏନ.ଏ.)**

ନୂଆପଡା ଜିଲା ଖଡ଼ିଆଳ ବ୍ଲକସ୍ଥିତ ମୁକ୍ତାପୁର ନିକଟ ସମନ୍ୱିତ ଶିଶୁ ବିକାଶ ବିଭାଗର ୩୦ ଡେସିମିଲ ଜମିକୁ ଖଡ଼ିଆଳ ତହସିଲ ପକ୍ଷରୁ ଜମି ଚିହ୍ନଟ କରି ତାରବାଡ ଦିଆଯାଇଥିଲା। କିନ୍ତୁ ଦୀର୍ଘ ଦିନ ପରେ ଜମିରେ କୌଣସି ଗୃହ କିମ୍ବା ସରକାରୀ କାର୍ଯ୍ୟ ନ ହେବାରୁ ଉକ୍ତ ଜାଗା ସହ ତାର ବାଡ଼କୁ ଉକ୍ତ ଗାଁର ୨ଜଣ ବ୍ୟକ୍ତି ଜୋରଜବରଦସ୍ତ ଅକ୍ତିଆର କରି ଚାଷ କରିଥିବା ନଜର ରହିଛି। ଜୋରଜବରଦସ୍ତ ଅକ୍ତିଆରକୁ ସେହି ଗାଁର ଜଣେ ସାମାଜିକ କର୍ମୀ ମନା କରିଥିଲେ। ହେଲେ ଅକ୍ତିଆର କରିଥିବା ୨ଜଣ ବ୍ୟକ୍ତି ସାମାଜିକ କର୍ମୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ପିଟ କରିଥିବା ଖଡ଼ିଆଳ ଥାନାରେ ଅଭିଯୋଗ ହୋଇଛି। ଏପରି କି ତଦନ୍ତରେ ଯାଇଥିବା ପୋଲିସ କର୍ମଚାରୀଙ୍କୁ ମଧ ସେମାନେ ଗାଳିଗୁଲଜ କରିଥିବା ଜଣାପଡ଼ିଛି। ଏପରିସ୍ଥଳେ ଉଭୟ ପୋଲିସ ଓ ତହସିଲ ପ୍ରଶାସନକୁ ଡରାଇ ୨ଜଣ ବ୍ୟକ୍ତି ସରକାରୀ ଜମି ସହ ସମ୍ପତ୍ତିକୁ ହାତେଇଥିବା ଅଞ୍ଚଳରେ ଚର୍ଚ୍ଚା ବିଷୟ ପାଲଟିଛି। ଏ ନେଇ ଖଡ଼ିଆଳ ତହସିଲଦାର ସିଂଧୁସୁତା ପାତ୍ରଙ୍କୁ ପଚାରିବାରୁ ଏହି ଘଟଣାରେ ଉପରିସ୍ଥ ଅଧିକାରୀ ଅବଗତ ଅଛନ୍ତି ଏବଂ ତାହା ସରକାରୀ ଜାଗା ସରକାରଙ୍କ ହିଁ ରହିବ ବୋଲି କହିଛନ୍ତି।

### ମାୟାବର୍ହାରେ ଏମ୍ଇସିଏଲ୍ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର


ମାୟାବର୍ହା ସ୍ୱାସ୍ଥ୍ୟ ଶିବିରରେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

**ବଲାଙ୍ଗୀର ଅଫିସ,୧୭।୭**

ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ପାଳନ ଅମୃତ ମହୋତ୍ସବ ଅବସରରେ ବଲାଙ୍ଗୀର ଜିଲା ମାୟାବର୍ହା ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ରବିବାର ମାଗଣା ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟର ମିନେରାଲ ଏକ୍ସପ୍ଲୋରେସନ୍ ଆଣ୍ଡ କନସଲ୍ଟେନ୍ସି ଲିମିଟେଡ (ଏମ୍ଇସିଏଲ) ଏବଂ ଚୁଡାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହଯୋଗରେ ଆୟୋଜିତ ଶିବିରକୁ ଏମଇସିଏଲର ଡେପୁଟି ଜେନେରାଲ ମ୍ୟାନେଜର ପି.ପି.କୁଲକର୍ଣ୍ଣି ଉଦ୍‌ଘାଟନ କରିଥିଲେ। ଶିବିରରେ ଏମଇସିଏଲ ପ୍ରୋଜେକ୍ଟ ମ୍ୟାନେଜର କେ.ଲକ୍ଷ୍ମଣରାଓ, ଚୁଡାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଇନଚାର୍ଜ ଡାକ୍ତର ତୁରଣକାନ୍ତ ଭୋଇ ଉପସ୍ଥିତ ଥିଲେ। ଶିବିରରେ ୪୩୧ ଜଣଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ୯ ଜଣ ଡାକ୍ତର, ୯ ଜଣ ପାରାମେଡିକାଲ ଷ୍ଟାଫ୍ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏମ୍ଇସିଏଲ ପକ୍ଷରୁ ଅମୃତ ମହୋତ୍ସବ ଅବସରରେ ଏବେ ବଲାଙ୍ଗୀର ମାୟାବର୍ହା ଏବଂ ସୁନ୍ଦରଗଡ ଜିଲାରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଛି ବୋଲି ପ୍ରୋଜେକ୍ଟ ମ୍ୟାନେଜର ରାଓ ସୂଚନା ଦେଇଛନ୍ତି।

## ଅଗ୍ନିପଥ, ଅଗ୍ନିବୀର ଯୁବପିଢ଼ିଙ୍କ ପାଇଁ ସୁଯୋଗ

**ବଲାଙ୍ଗୀର ଅଫିସ, ୧୭।୭**

ବଲାଙ୍ଗୀର ଜିଲା ଅବସରପ୍ରାପ୍ତ ସୈନିକ ସଂଘ ପକ୍ଷରୁ ଲାଲଟିକ୍ରାସ୍ଥିତ କାର୍ଯ୍ୟାଳୟରେ ଭାରତ ସରକାରଙ୍କ ଅଗ୍ନିପଥ ଏବଂ ଅଗ୍ନିବୀର ଯୋଜନା ବିଷୟରେ ଖବରଦାତା ସମ୍ମିଳନୀ କରାଯାଇଥିଲା। ସଂଘ ସମ୍ପାଦକ ପ୍ରତାପ ଚନ୍ଦ୍ର ରଥ ଅଗ୍ନିପଥ ଏବଂ ଅଗ୍ନିବୀର ଯୁବପୀଢ଼ିଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ ବୋଲି କହିଥିଲେ। ଯୁବପୀଢ଼ି ଏହାକୁ ହାତଛଡ଼ା ନକରି ଭାରତ ମାତାର ସେବା ପାଇଁ ଆଗେଇ ଆସନ୍ତୁ ବୋଲି ମତବ୍ୟକ୍ତ କରିଥିଲେ। ସଂଘ କାର୍ଯ୍ୟାଳୟ ପରିସରରେ ରହିବା ଉପଯୋଗୀ ଗୃହ ନିର୍ମାଣ କରାଗଲେ ଗ୍ରାମାଞ୍ଚଳରୁ ଆସୁଥିବା ପୂର୍ବତନ ସୈନିକ ଏବଂ ସହୀଦ ପରିବାର ବିଶେଷକରି ସ୍ୱାସ୍ଥ୍ୟ ଏବଂ ଚିକିତ୍ସା କ୍ଷେତ୍ରରେ ସୁବିଧା ପାଇ ପାରିବେ ବୋଲି କହିଥିଲେ। ସଂଘ ସଭାପତି ବିଭୂତି ଭୂଷଣ ପାଣିଗ୍ରାହୀ, ସଦସ୍ୟ ବିଜନ କୁମାର ପଣ୍ଡା ବକ୍ତବ୍ୟ ରଖି ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ଅନେକ ଶିକ୍ଷିତ ଯୁବକଯୁବତୀ ଅଛନ୍ତି ଯେଉଁମାନେ ଚାକିରି ପାଇଁ ସଂଗ୍ରାମ ଜାରି ରଖିଛନ୍ତି। ଏହି ଯୋଜନାରେ ସେମାନେ ସାମିଲ ହୋଇ ଭାରତୀୟ ଜଳ, ସ୍ଥଳ ଓ ଆକାଶ ବାହିନୀରେ ନିଜକୁ ସାମିଲ କରି ଦେଶ ମାତୃକାର ସେବାରେ ନିଜକୁ ନିୟୋଜିତ କରିପାରିବେ ବୋଲି କହିଥିଲେ। ଏଠାରେ ଜିଲା ଅବସରପ୍ରାପ୍ତ ସୈନିକ ସଂଘ କୋଷାଧ୍ୟକ୍ଷ ଘାସିରାମ ବେହେରା, ସଦସ୍ୟ ବିବେକ ଭୋଇ, ମହେନ୍ଦ୍ର ପଣ୍ଡା, ପ୍ରମୋଦ ବାବୁ, କୃଷ୍ଣଚନ୍ଦ୍ର ପଟେଲ, ଶମ୍ଭୁପ୍ରସାଦ ବିଶ୍ୱାଳ, ସୁଶୀଳ ପଟେଲ, ମନୋଜ ପ୍ରଧାନ, ରାଜେନ୍ଦ୍ର ଶବର, ବିଶ୍ୱଭୂଷଣ ଭୋଇ, କେଦାରନାଥ ନାମଦେବ, ନୀଳମଣି ହାତୀ, ଜିତେନ୍ଦ୍ର ସାହୁ, ଗୋପାଳ ମିଶ୍ର ଅଂଶଗ୍ରହଣ କରିଥିଲେ।



ଅବସରପ୍ରାପ୍ତ ସୈନିକ ସଂଘ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀ।

## ଟିଟିଲାଗଡ଼ ରେଳ ଜଙ୍କଶନ: ବଢ଼ିଲା ପ୍ଲାଟ୍‌ଫର୍ମ ସଂଖ୍ୟା

**ଟିଟିଲାଗଡ,୧୭।୭(ଡି.ଏନ.ଏ. )**

ଟିଟିଲାଗଡ଼ ଇଷ୍ଟକୋଷ୍ଟର ଦକ୍ଷିଣ ପୂର୍ବତଟ ରେଳବାଇ ଅଧୀନରେ ଥିବା ପଶ୍ଚିମ ଓଡିଶାର ରେଳ ଷ୍ଟେଶନ ମଧ୍ୟରୁ ଏକ ନୂଆ ପରିଚୟ ଲାଭ କରିଛି। ଟିଟିଲାଗଡ଼ ରେଳ ଷ୍ଟେଶନ ପୂର୍ବରୁ ଜଙ୍କସନର ମାନ୍ୟତା ଲାଭ କରିଥିବା ବେଳେ ଏବେ ଏହା ଆଉ ଏକ ପାଦ ଆଗେଇଛି। ପୂର୍ବରୁ ଟିଟିଲାଗଡ଼ ରେଳ ଷ୍ଟେଶନରେ ୩ଟି ପ୍ଲାଟଫର୍ମ ଥିବାବେଳେ ଏହା ଏବେ ପାଞ୍ଚଟି ପ୍ଲାଟଫର୍ମର ମାନ୍ୟତା ଲାଭ କରିଛି। ଦକ୍ଷିଣ ପୂର୍ବ ରେଳବାଇ ସାର୍କଲର ମୁଖ୍ୟ ନିରାପତ୍ତା ଆଯୁକ୍ତ ଏ.ଏମ.ଚୌଧୁରୀ ବରିଷ୍ଠ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ୪ ଏବଂ ୫ ନମ୍ବର ପ୍ଲାଟଫର୍ମର ଶୁଭ ଉଦ୍‌ଘାଟନ କରିଥିଲେ। ଏଥିସହିତ ଟିଟିଲାଗଡ ରେଳ ଷ୍ଟେଶନର ଆଧୁନିକୀକରଣ କରାଯାଇଛି। ପ୍ରଥମରୁ ପାଞ୍ଚ ନମ୍ବର ପ୍ଲାଟଫର୍ମକୁ ସଂଯୋଗ କରିବା ପାଇଁ ଯାତ୍ରୀଙ୍କ ପାଇଁ ଫୁଟ ଓଭରବ୍ରିଜ, ରେଷ୍ଟସେଡ ସହ ସୂଚନା ଫଳକ ଲାଗି ରହିଛି। ପାଞ୍ଚ ନମ୍ବର ପ୍ଲାଟଫର୍ମ ସମ୍ମୁଖରେ ରାତ୍ରି ଯାପନ କରୁଥିବା ମାଲବାହୀ ଟ୍ରେନମାନଙ୍କ ପାଇଁ ଆଉ ଏକ ଛୋଟିଆ ପ୍ଲାଟଫର୍ମ ସିରଭଟା ପଡା ପଟକୁ ରହିଛି। ପାଞ୍ଚ ନମ୍ବର ପ୍ଲାଟଫର୍ମ ସମ୍ମୁଖରେ ଥିବା ବାଡ଼ରେ ଅନେକ ସୂଚନା ଦେଲା ଭଳି ବାର୍ତ୍ତାର ପେଣ୍ଟିଙ୍ଗ କରାଯାଇଛି। କେବଳ ଟିଟିଲାଗଡ଼ ରେଳ ଷ୍ଟେଶନର ନବ କଳେବର ହୋଇଛି ତାହା ନୁହେଁ, ଟିଟିଲାଗଡ଼ରୁ ସିକେର ରେଳ ଷ୍ଟେଶନ ପର୍ଯ୍ୟନ୍ତ ୧୦ କିଲୋମିଟର ରେଳଲାଇନର ଦୋହରୀକରଣ କାର୍ଯ୍ୟ ସମାପ୍ତ ହୋଇ ପରୀକ୍ଷାମୂଳକ ଭାବରେ ଟ୍ରେନ ଚଳାଚଳ ହୋଇଛି। ଟିଟିଲାଗଡ଼ ରେଳ ଷ୍ଟେଶନରୁ କେସିଙ୍ଗା ପର୍ଯ୍ୟନ୍ତ ତୃତୀୟ ଲାଇନ କାର୍ଯ୍ୟ ସମାପ୍ତ ହୋଇଛି। ରବିବାର ସିକେର ରେଳ ଷ୍ଟେଶନରୁ ଟିଟିଲାଗଡ଼ ଦେଇ କେସିଙ୍ଗା ପର୍ଯ୍ୟନ୍ତ ନୂତନ ରେଳ ଲାଇନରେ ପରୀକ୍ଷାମୂଳକ ଭାବେ ଟ୍ରେନ ଗଡିଛି । ଏଥିପାଇଁ ରେଳ ବିଭାଗର ବହୁ ଅଧିକାରୀ, ଯନ୍ତ୍ରୀ, କର୍ମଚାରୀ ଗତ ତିନିଦିନ ଧରି ଚାଲିଥିବା ବିଭିନ୍ନ କାର୍ଯ୍ୟର ଅଗ୍ରଗତି ଉପରେ ଆଲୋଚନା କରିବା ସହ ସମସ୍ତ କାର୍ଯ୍ୟର ତଦାରଖ କରିଥିଲେ। ଦୋହାରୀକରଣ ରେଳ ଲାଇନ ଏବଂ ତୃତୀୟ ଲାଇନ ରେଳ ଧାରଣା କାର୍ଯ୍ୟକୁ ଦକ୍ଷିଣ ପୂର୍ବ ରେଳବାଇ ସାର୍କଲର ମୁଖ୍ୟ ନିରାପତ୍ତା ଆଯୁକ୍ତ ଏ.ଏମ.ଚୌଧୁରୀ ଆସି କାର୍ଯ୍ୟକ୍ରମଗୁଡିକ ତଦାରଖ କରିବା ସହ ବରିଷ୍ଠ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହା ପରେ ସିକେର ଷ୍ଟେଶନ ଯାଇ ଦ୍ୱିତୀୟ ରେଳ ଲାଇନରେ ସ୍ୱତନ୍ତ୍ର ଟ୍ରେନ ଯୋଗେ ଟିଟିଲାଗଡ଼ ଆସିଥିଲେ। ପରେ ତିନି ନମ୍ବର ନୂଆ ରେଳ ଲାଇନରେ ଟିଟିଲାଗଡ଼ରୁ କେସିଙ୍ଗା ଯାଇଥିଲେ। ଏହି ଅବସରରେ ସମ୍ବଲପୁର ଆରଏମ ପ୍ରଦୀପ କୁମାରଙ୍କ ସମେତ ବିଭିନ୍ନ ବିଭାଗର ନିର୍ବାହୀ ଯନ୍ତ୍ରୀ, ମୁଖ୍ୟଯନ୍ତ୍ରୀ, ବରିଷ୍ଠ ରେଳ ପ୍ରଶାସକ ଉପସ୍ଥିତ ଥିଲେ।


ରେଲୱେ ଅଧିକାରୀମାନେ ନବନିର୍ମିତ ରେଳ ଧାରଣା ବୁଲି ଦେଖୁଛନ୍ତି।

**ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୨ ଯୁବକ ଗୁରୁତର**

**ନୂଆପଡ଼ା ଅଫିସ/ଖଡ଼ିଆଳ,(ଡି.ଏନ.ଏ.):** ନୂଆପଡା ଜିଲା କୋମନା ଥାନା ଅନ୍ତର୍ଗତ କାଣ୍ଡେତରା ଗ୍ରାମର ୨ ଯୁବକ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଛନ୍ତି। ଯୁବକଦ୍ୱୟ ହେଲେ ନବୀନ ରଣା ଏବଂ ରେଖାନ୍ତ ରଣା। କାଣ୍ଡେତରା ଗ୍ରାମରେ ଏହି ୨ ଯୁବକ ଅନ୍ୟ ଜଣକ ଘରେ ବିଦ୍ୟୁତ୍ କାମ କରୁଥିଲେ। ଏହି ସମୟରେ ଛାତ ଉପରେ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ଖସି ଯିବାରୁ ଯୁବକ ଦ୍ୱୟ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ରାୟପୁର ସ୍ଥାନନ୍ତର କରାଯାଇଛି।

## ସଂକ୍ଷେପରେ

### ଓଲଟି ପଡ଼ିଲା ଆଲୁମିନିୟମ ବୋଝେଇ କଣ୍ଟେନର



**ଲାଞ୍ଜିଗଡ଼,୧୭।୭(ଡି.ଏନ.ଏ.):** ଭବାନୀପାଟଣାରୁ ରାୟଗଡ଼ାକୁ ସଂଯୋଗ ୬ ନଂ. ରାଜ୍ୟ ରାଜପଥ ଢେପଗୁଡ଼ା ଘାଟି ନିକଟ ଏକ ପୋଲରେ ରବିବାର ସକାଳୁ ଏକ ଆଲୁମିନିୟମ ବୋଝେଇ କଣ୍ଟେନର ଭାରସାମ୍ୟ ହରାଇ ଓଲଟିପଡ଼ିଛି। ରାୟଗଡ଼ା ପଟୁ ଝାରସୁଗୁଡ଼ା ଯାଉଥିବା କଣ୍ଟେନର ଦୁର୍ଘଟଣାରେ ଡ୍ରାଇଭର ଆହତ ହୋଇଛନ୍ତି। କଣ୍ଟେନର ରାସ୍ତା ମଝିରେ ଓଲଟି ଥିବାରୁ ସକାଳୁ ରାସ୍ତା ଅବରୋଧ ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଭାରୀଯାନ ଅଟକି ରହିଥିବା ଦେଖିବାକୁ ମିଳିଛି। ଘଟଣାସ୍ଥଳରେ ବିଶ୍ୱନାଥପୁର ପୋଲିସ ଉପସ୍ଥିତ ଥିବାବେଳେ ଖବର ଲେଖାଯିବା ସୁଦ୍ଧା ରାସ୍ତା ଅବରୋଧ ହଟିନାହିଁ।

### ଦ୍ରୌପଦୀଙ୍କ ବିଜୟ ପାଇଁ ଦୀପ ପ୍ରଜ୍ୱଳନ

**କୋକସରା,୧୭।୭(ଡି.ଏନ.ଏ.):** ରାଷ୍ଟ୍ରପତି ନିର୍ବାଚନରେ ଏନ୍‌ଡିଏ ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କ ବିଜୟ ପାଇଁ ରବିବାର କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ ଜଗନ୍ନାଥ, ବଜରଙ୍ଗବଲି ମନ୍ଦିରରେ ଭାଜପା ଓ ବିଶ୍ୱ ହିନ୍ଦୁ ପରିଷଦର ଦଳୀୟ କର୍ମକର୍ତ୍ତାମାନେ ଦୀପ ପ୍ରଜ୍ୱଳନ କରିଛନ୍ତି। ଏହି ଅସରରେ ଭାଜପା ବରିଷ୍ଠ ନେତା ଜନାର୍ଦ୍ଦନ ପଣ୍ଡା, ବିଶ୍ୱ ହିନ୍ଦୁ ପରିଷଦ ସଭାପତି ସୁବାଷ ଅଗ୍ରୱାଲ, କୋକସରା ମଣ୍ଡଳ ସଭାପତି ଦୁର୍ଗାପ୍ରସାଦ ପ୍ରଧାନୀ, ଉପସଭାପତି ଗୋପାଳ ଅଗ୍ରୱାଲ, ଜିଲା କୃଷକ ମୋର୍ଚ୍ଚା ସମ୍ପାଦକ ଗଣେଶ ନନ୍ଦ, ଜିଲା ପ୍ରତିନିଧି ପ୍ରମୋଦ କୁମାର ପଣ୍ଡା, ବିଶ୍ୱ ହିନ୍ଦୁ ପରିଷଦ କୋକସରା ବ୍ଲକ ସମ୍ପାଦକ କିଶନ କୁମାର ପଟ୍ଟନାୟକଙ୍କ ସମେତ ସୁବାସ ଦାସ, ବୈଦ୍ୟନାଥ ମାଝି, ସୁବାସ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

**ନର୍ଲା,୧୭।୭(ଡି.ଏନ.ଏ.):** କଳାହାଣ୍ଡି ଜିଲା ନର୍ଲାର ଅବସରପ୍ରାପ୍ତ ଶିକ୍ଷକ ବଳରାମ ମିଶ୍ର (୬୫)ଙ୍କ ଶନିବାର ରାତିରେ ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନ ଧରି କିଡ୍‌ନୀ ରୋଗରେ ପୀଡିତ ଥିଲେ। ଶୁକ୍ରବାର ତାଙ୍କୁ ପ୍ରଥମେ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱର ନେଉଥିବା ବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଥିଲା। ସେ ଶିକ୍ଷକତା ସହ ଦୀର୍ଘ ୩୦ ବର୍ଷରୁ ଅଧିକ ହେବ ଧରିତ୍ରୀ ସହ ବିଭିନ୍ନ ଖବରକାଗଜର ଏଜେଣ୍ଟ ଭାବେ କାମ କରି ଅଞ୍ଚଳରେ ସମସ୍ତଙ୍କ ପ୍ରିୟପାତ୍ର ହୋଇପାରି ଥିଲେ। ମୃତ୍ୟୁ ଶଯ୍ୟାରେ ବଡ଼ଭାଇ ବଂଶିଧର, ବଦ୍ରୀପ୍ରସାଦ, ସୁନାଶିର ଓ ପରିବାରବର୍ଗ ଉପସ୍ଥିତ ଥିଲେ। ପୁତ୍ର ଆୟୁଷ୍ମାନ ମୁଖାଗ୍ନୀ ଦେଇଥିଲେ। ତାଙ୍କର ଦେହାନ୍ତରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଗଞ୍ଜେଇ ଜବତ, ୩ କୋର୍ଟ ଚାଲାଣ

**ଖଡ଼ିଆଳ,୧୭।୭(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡ଼ିଆଳ ଓ କୋମନା ବ୍ଲକର ୨ଟି ସ୍ଥାନରେ ବେଆଇନ ଗଞ୍ଜେଇ ଚାଲାଣ ଅଭିଯୋଗରେ ଅବକାରୀ ବିଭାଗ ଚଢ଼ାଉ କରି ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଖଡ଼ିଆଳ ବ୍ଲକ କୋଟିପଦର ଗ୍ରାମର ଉପେନ୍ଦ୍ର ସଗରିଆ ଓ ନରେନ୍ଦ୍ର ପାୱାର ଏବଂ ଅନ୍ୟ ଜଣେ ଉତ୍ତର ପ୍ରଦେଶର ପ୍ରଭାକର ବୋଲି ଅବକାରୀ ଅଧିକାରୀ ସୂଚନା ଦେଇଛନ୍ତି। ସେମାନଙ୍କଠାରୁ ମୋଟ ୧୮ କେଜି ୫୦୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଖଡ଼ିଆଳ ଥାନା ଅନ୍ତର୍ଗତ ବରଗା ବସଷ୍ଟାଣ୍ଡଠାରେ ୫ କେଜି ଗଞ୍ଜେଇ ଧରି ରାୟପୁର ଯିବାକୁ ଅପେକ୍ଷା କରିଥିଲେ। ଖବର ପାଇ ଅବକାରୀ ବିଭାଗ ଚଢ଼ାଉ କରି ସଗରିଆ ଓ ପାୱାରଙ୍କୁ ଗିରଫ କରିଥିଲା। ଅବକାରୀ ଅଧୀକ୍ଷକ ସଂଘମିତ୍ରା ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଖଡ଼ିଆଳ ଅବକାରୀ ଉପନିରୀକ୍ଷକ ଡମ୍ବରୁଧର ହରିଜନ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା। ସେହିପରି କୋମନା ବ୍ଲକ ଲଖାନା ଥାନା ଘାଟିପଡା ପଥପ୍ରାନ୍ତ ନିକଟରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରି ପ୍ରଭାକରଙ୍କଠାରୁ ୧୩ କେଜି ୫୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ପ୍ରଭାକର ଏକ ବ୍ୟାଗରେ ଗଞ୍ଜେଇ ଧରି ବସକୁ ଅପେକ୍ଷା କରିଥିବା ବେଳେ ଅବକାରୀ ବିଭାଗ ଚଢ଼ାଉ କରି ଗଞ୍ଜେଇ ଜବତ କରିଛି ।

# ଟଙ୍କା ନ ଦେଲେ ହତ୍ୟା ଧମକ, ଜଣେ ଗିରଫ

**ଭବାନୀପାଟଣା,୧୭।୭(ସ୍ୱ.ପ୍ର.)**

ହେଲିକପ୍ଟରରୁ ୩ ବସ୍ତା ଟଙ୍କା ପଡିବା ଗୁଜବ ଘଟଣାକୁ ନେଇ ଦୀର୍ଘ ୨ ବର୍ଷରୁ ଊର୍ଦ୍ଧ୍ୱ ହେବ କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରକୁ ଆସିଥିଲା। ଏ ନେଇ ପୋଲିସ ନିକଟରେ ବି ଅଭିଯୋଗ ହୋଇଥିଲା। ପୋଲିସ ଏହାର ତଦନ୍ତ କରି ଏଥିରେ କୌଣସି ସତ୍ୟତା ନ ଥିବା କହିବେଳେ ଏହି ଗୁଜବ ଉପରେ ଏବେ ବି ବିଶ୍ୱାସ ରଖିଥିବା ବେଳେ ସାଂଘାତିକ ପରିସ୍ଥିତି ସୃଷ୍ଟି ହେବାକୁ ଯାଉଥିଲା। ଏଭଳି ଏହି ଗୁଜବ ଘଟଣା ଘଟିଛି କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକରେ। ଥୁଆମୂଳ ରାମପୁର ଥାନା ଅଧୀନ କାଣିଗୁମା ଗ୍ରାମରେ ୨୦୧୯ରେ ଏକ ଗୁଜବ ହୋଇଥିଲା କି ଏକ ହେଲିକପ୍ଟରରୁ ୩ ବସ୍ତା ଟଙ୍କା ଗ୍ରାମ ନିକଟ ଏକ ପାହାଡରେ ପଡିଥିବା ଦେଖିବା ଏବଂ ଏହି ଟଙ୍କା ବସ୍ତାଗୁଡିକୁ ଗ୍ରାମର ଭଗବାନ ବିଶି ଯୁବକ ରଖିଥିବା ଚର୍ଚ୍ଚା ହୋଇଥିଲା। ଏପରି କି ଏହି ଘଟଣା ନେଇ ଥୁଆମୂଳ ରାମପୁର ଥାନାରେ ଅଭିଯୋଗ ମଧ୍ୟ ହୋଇଥିଲା। ପରେ ତତ୍କାଳୀନ ଥାନା ଭାରପ୍ରାପ୍ତ ଅଧିକାରୀ ଏହାର ତଦନ୍ତ କରିଥିଲେ। ଏଥିରେ କୌଣସି ସତ୍ୟତା ନାହିଁ ଏହା ଏକ ମିଥ୍ୟା ଓ ଗୁଜବ ଘଟଣା ବୋଲି କହିଥିଲେ। କିନ୍ତୁ ଗ୍ରାମର କ୍ଷମା ନାଏକ (୩୦) ଏହା ମାନିବାକୁ ନାରାଜ। ଭଗବାନଙ୍କୁ ଏ ନେଇ ବାରମ୍ବାର ଟଙ୍କା ମାଗିବାକୁ ଯାଇ ଗଣ୍ଡଗୋଳ କରିଛି। ଯେଉଁଥି ପାଇଁ ତାଙ୍କୁ ଓ ତାଙ୍କ ପରିବାର ଉପରେ ମିଥ୍ୟା ଦୋଷ ଦେଉଥିବା ସହ୍ୟ କରି ନ ପାରି ପରିବାର ସହିତ ଗାଁ ଛାଡିବାକୁ ବାଧ୍ୟ ହେଲେ। ପରେ ସେ ଥୁଆମୂଳ ଗ୍ରାମରେ ଆଶ୍ରୟ ନେଇଛନ୍ତି। କିନ୍ତୁ କ୍ଷମା ବାରମ୍ବାର ଭଗବାନଙ୍କୁ ଟଙ୍କା ଦେବାକୁ କହୁଥିଲେ ଓ ଧମକ ମଧ୍ୟ ଦେଉଥିଲେ। ଗତ ୧୨ ତାରିଖରେ କ୍ଷମା ଭଗବାନଙ୍କୁ ଫୋନ କରି ୫୦ ଲକ୍ଷ ଟଙ୍କା ଦେବାକୁ କହି ଗାଳିଗୁଲଜ କରିଥିଲେ। ଏପରିକି ଯଦି ୧୫ ତାରିଖ ସୁଦ୍ଧା ଟଙ୍କା ନ ଦେଲେ ଜୀବନରେ ମାରି ଦିଆଯିବ ବୋଲି ଧମକ ଦେଇଥିଲା। ଏସବୁ ବିଷୟ ଭଗବାନ ଫୋନରେ କଲ ରେକର୍ଡ କରିଥିଲେ। ଭଗବାନ ନିଜେ ତଥା ନିଜ ପରିବାରର ସୁରକ୍ଷା ପାଇଁ ସ୍ଥାନୀୟ ସରପଞ୍ଚ ବଳଭଦ୍ର ଜାନୀଙ୍କୁ ଏସବୁ ବିଷୟ ନେଇ ସୂଚନା ଦେଇଥିଲେ। ସରପଞ୍ଚ ଜାନୀ ଭଗବାନଙ୍କୁ ନେଇ ଥୁଆମୂଳ ରାମପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୋଲିସ କ୍ଷମା ନାଏକଙ୍କୁ ଥାନାକୁ ଆଣି ପଚରାଉଚରା କରି ୨୯୪, ୩୮୪/୫୦୬ ଧାରା ଲଗାଇ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ୨୦୧୩ରେ ଜଣେ ବ୍ୟବସାୟୀଙ୍କୁ ହତ୍ୟା କରିଥିବା ଅଭିଯୋଗରେ କ୍ଷମା ଜେଲ ଯାଇଥିଲେ।

**ହେଲିକପ୍ଟରରୁ ଟଙ୍କା ବସ୍ତା ପଡ଼ିବା ଗୁଜବ ଘଟଣା**



କ୍ଷମା ନାଏକ

## ୩ ମେଧାବୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଛାତ୍ରୀ।

**ସିନାପାଲି,୧୭।୭(ଡି.ଏନ.ଏ.)**

ନୂଆପଡ଼ା ଜିଲା ସିନାପାଲି ସ୍ଥାନୀୟ ସ୍ୱର ସଙ୍ଗମ କଳା ପରିଷଦ ପକ୍ଷରୁ ରବିବାର ସିନାପାଲି ବ୍ଲକ ମେଧାବୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମାଟ୍ରିକ ପରୀକ୍ଷାରେ ଜିଲା ଟପ୍ପର୍ ହୋଇଥିବା ରିତୁପର୍ଣ୍ଣା କୁଣ୍ଡୁ ଏବଂ ଦ୍ୱିତୀୟ ସ୍ଥାନ କରିସ୍ମା ମେହେରଙ୍କ ସହ ତୃତୀୟ ଶ୍ରେଣୀ ମେଧା ବୃତ୍ତି ପରୀକ୍ଷାରେ ବ୍ଲକ ଟପ୍ପର୍ ଶ୍ରୀୟା ମେହେରଙ୍କୁ ପରିଷଦ ଉପସଭାପତି ଅଧ୍ୟାପକ ନବୀନଚନ୍ଦ୍ର ମେହେର, ସମ୍ପାଦକ ସ୍ତମ୍ଭକାର ବୈଷ୍ଣବ ମେହେର ପ୍ରମୁଖ ସମ୍ବର୍ଦ୍ଧିତ କରିଛନ୍ତି। ୩ ମେଧାବୀ ଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ କାମନା କରାଯାଇଥିଲା। ପରିଶ୍ରମ ଦ୍ୱାରା ସଫଳତାର ସ୍ୱାଦକୁ ଚାଖି ହୁଏ ବୋଲି ମେଧାବୀ ଛାତ୍ରୀମାନେ କହିଥିଲେ। କାର୍ଯ୍ୟକ୍ରମରେ ଅଭିଭାବକ ରବିନ୍ଦ୍ର କୁଣ୍ଡୁ, ମିନତୀ କୁଣ୍ଡୁ, କ୍ଷିରସିନ୍ଧୁ ମେହେର, କିଶୋର ମେହେର ପ୍ରମୁଖ ଉପସ୍ଥିତ ଥିଲେ।

## ପାତାଳଗଙ୍ଗାରେ ବୋଲବମ୍ ଭକ୍ତଙ୍କ ଭିଡ଼



ପାତାଳଗଙ୍ଗାଠାରେ ବୋଲବମ୍ ଭକ୍ତଙ୍କ ପ୍ରବଳ ଭିଡ଼।

**ବୋଡେନ,୧୭।୭(ଡି.ଏନ.ଏ.)**

ନୂଆପଡ଼ା ଜିଲା ବୋଡେନ ବ୍ଲକ ପ୍ରଶିଦ୍ଧ ତୀର୍ଥ କ୍ଷେତ୍ର ପାତାଳଗଙ୍ଗାଠାରେ ଶ୍ରାବଣ ପ୍ରଥମ ସୋମବାର ଉପଲକ୍ଷେ ବୋଲବମ୍ ଭକ୍ତଙ୍କ ପ୍ରବଳ ଭିଡ ପରିଲକ୍ଷିତ ହୋଇଛି। ଉତ୍କଳ ପ୍ରାଦେଶିକ ମାରୱାଡି ସମ୍ମେଳନ ଖଡିଆଳ ଶାଖା ପକ୍ଷରୁ ପାତାଳଗଙ୍ଗାସ୍ଥିତ ରାଧାକୃଷ୍ଣ ମନ୍ଦିରରେ ନାମଯଜ୍ଞ ଆୟୋଜନ କରାଯାଇଛି। ଏଥିରେ ବୋଡେନର ରାଜକୁମାର ଅଗ୍ରୱାଲ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଥିବା ବେଳେ କୃତଜ୍ଞ ସୁପକାର ପୂଜକ ଭାବେ ଯଜ୍ଞ ପରିଚାଳନା କରୁଛନ୍ତି। କାର୍ଯ୍ୟକ୍ରମରେ ବୋଡେନ ସହ ଖଡିଆଳ ଓ ସିନାପାଲି ମାରୱାଡି ସମାଜ କର୍ମକର୍ତ୍ତା ଉପସ୍ଥିତ ରହି ଯଜ୍ଞ ସହ ଭୋଗ ଭଣ୍ଡାର ପରିଚାଳନା କରୁଛନ୍ତି। ଏଥିରେ ସମସ୍ତ ବୋଲବମ୍ ଭକ୍ତଙ୍କ ସହ ଶ୍ରଦ୍ଧାଳୁଙ୍କୁ ଭୋଗ ପ୍ରଦାନ ବ୍ୟବସ୍ଥା କରାଯାଇଛି। ମାରୱାଡି ସମ୍ମେଳନ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଶ୍ରାବଣ ମାସର ପ୍ରତି ରବିବାର ନାମଯଜ୍ଞ ସହ ଭୋଗ ଭଣ୍ଡାର ବ୍ୟବସ୍ଥା କରାଯିବାକୁ ସ୍ଥିର ହୋଇଛି। ସୂଚନାଯୋଗ୍ୟ ଯେ, ରବିବାର ବୋଲବମ୍ ଭକ୍ତ ପାତାଳଗଙ୍ଗାରୁ ଜଳ ଉଠାଇ ବୋଡେନ ବ୍ଲକ ସହ ନୂଆପଡା, କଳାହାଣ୍ଡି ଓ ବଲାଙ୍ଗୀର ଜିଲା ତଥା ଛତିଶଗଡର ବିଭିନ୍ନ ଶବପୀଠରେ ଜଳ ଲାଗି କରିଥାନ୍ତି।

## ଘର ଉପରେ ମାଡ଼ିଗଲା ଆମ୍ବୁଲାନ୍ସ

**ନର୍ଲା,୧୭।୭(ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବାଗପୁର ପଞ୍ଚାୟତ ନିକଟ କେରାଣ୍ଡିଖୁଣ୍ଟି ଛକରେ ଏକ ଆମ୍ବୁଲାନ୍ସ (ନଂ.ଏପି୩୯ଟିଭି-୨୪୯୪) ରାସ୍ତା କଡ଼ରେ ଥିବା କୁଡିଆ ଘର ଉପରେ ମାଡ଼ିଯିବାରୁ ୨ ଶିଶୁ ସମେତ ୫ଜଣ ଆହତ ହୋଇଥିବା ଜଣାପଡିଛି। ଫଳରେ ଗୃହକର୍ତ୍ତା ଅକ୍ରୁର ସୁନା (୫୦), ତାଙ୍କ ସ୍ତ୍ରୀ ବିଜଳି (୩୫) ଓ ତାଙ୍କର ୩ ସନ୍ତାନ ଆହତ ହୋଇଥିଲେ। ଆହତମାନଙ୍କୁ ନର୍ଲା ଡାକ୍ତରଖାନାରେ ଚିକିତ୍ସା କରିବା ପରେ ରବିବାର ସକାଳୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଆମ୍ବୁଲାନ୍ସ ଓ ଡ୍ରାଇଭରଙ୍କୁ ନର୍ଲା ଥାନାରେ ଅଟକ ରଖିଥିବା ଜଣାପଡିଛି। ଶନିବାର ରାତି ପ୍ରାୟ ୮ଟାରେ କେରାଣ୍ଡିଖୁଣ୍ଟି ଛକରେ ଥିବା ଏକ କୁଡିଆ ଘରେ ଅକ୍ରୁରଙ୍କ ପରିବାର ରାତି ଭୋଜନ କରୁଥିଲେ। ଏହି ସମୟରେ ହଠାତ୍ ଆମ୍ବୁଲାନ୍ସ ମାଡ଼ି ଯାଇଥିଲା। ଦୁର୍ଘଟଣା ଘଟାଇଥିବା ଆମ୍ବୁଲାନ୍ସ ଲାଞ୍ଜିଗଡ଼ସ୍ଥିତ ବେଦାନ୍ତ କମ୍ପାନୀର ବୋଲି ଜଣାପଡ଼ିଛି। ଆମ୍ବୁଲାନ୍ସ ଡ୍ରାଇଭର ନିଶାସକ୍ତ ଥିବା ସ୍ଥାନୀୟ ଲୋକେ କହିଛନ୍ତି।

**୨ ଶିଶୁ ସମେତ ୫ ଆହତ**

## ବିଜୁ ଯୁବ ଜନତା ଦଳ ପକ୍ଷରୁ ଚାରାରୋପଣ



ବିଜୁ ଯୁବ ଜନତା ଦଳ ପକ୍ଷରୁ ଚରା ରୋପଣ କରାଯାଉଛି।

**ଭବାନୀପାଟଣା,୧୭।୭(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ବିଜୁ ଜନତା ଦଳର ୨୫ତମ ବର୍ଷ ପୂର୍ତ୍ତିରେ ରବିବାର ତଳଜାରିଙ୍ଗ ପଞ୍ଚାୟତଠାରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ କେ. ସୁନିଲ କୁମାରଙ୍କ ସହଯୋଗରେ ରାଜ୍ୟ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର, ଜିଲା ଯୁବ ବିଜେଡି ସଭାପତି ଆଦିତ୍ୟ ନନ୍ଦ, ରାଜ୍ୟ ଯୁବ ବିଜେଡି ଉପସଭାପତି ମଣ୍ଟୁ ନାଏକ, ଯୁବ ନେତା ଦିନେଶ ବଗର୍ତୀ, ଜିଲା ଯୁବ ସାଧାରଣ ସମ୍ପାଦକ ଅମିତ ଯାଦବ ପ୍ରମୁଖ ଯୋଗଦେଇ ୧୦୦ ଚାରା ରୋପଣ କରିଥିଲେ।

## ବିଦାୟ କାଳୀନ, ସ୍ୱାଗତ ସମ୍ବର୍ଦ୍ଧନା

**ସିନାପାଲି,୧୭।୭(ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ବନଖଣ୍ଡ ଅଧୀନ ସିନାପାଲି ବନାଞ୍ଚଳ ଅଧିକାରୀ ବିମଳ ପ୍ରକାଶ ଟୋପ୍ପୋଙ୍କୁ ବିଦାୟ ସମ୍ବର୍ଦ୍ଧନା ଓ ନୂତନ ବନାଞ୍ଚଳ ଅଧିକାରୀ ଭାବେ ମୁରଲି ପ୍ରସାଦ ପଣ୍ଡାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ସିନାପାଲି ବନାଞ୍ଚଳ କାର୍ଯ୍ୟାଳୟରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବିଡିଓ ସଦାଶିବ ନାଏକ, ସମ୍ମାନିତ ଅତିଥି ଭାବେ ତହସିଲଦାର ଲୋକନାଥ ଶବର, ଡବ୍ଲୁଇଓ ସୂର୍ଯ୍ୟକାନ୍ତ ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ଫରେଷ୍ଟର ମହାଦେବ ବନ୍ଦିଚୋର ପରିଚାଳନା କରିଥିଲେ। ଏହି ଅବସରରେ ଫରେଷ୍ଟର ଖଗେଶ୍ୱର ମାଝି, ଅବସରପ୍ରାପ୍ତ ରେଞ୍ଜର ସଦାନନ୍ଦ ସୁନାନୀ, ଖୁଚୁରାମ ସୁନାନୀ, ଏପିଓ ବର୍ନିତା ବିଶ୍ୱାଳ, ବନ ବିଭାଗ କର୍ମଚାରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ରାଇସ୍ ମିଲ୍‌ରେ ବଜ୍ରପାତ, ବ୍ୟାପକ କ୍ଷୟକ୍ଷତି

**କର୍ଲାମୁଣ୍ଡା,୧୭।୭(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲ ପଞ୍ଚାୟତ ଧଁରାଖମନଠାରେ ଥିବା ସମଲେଶ୍ୱରୀ ଫୁଡ଼ପ୍ରସରେ ଶନିବାର ବିଳମ୍ବିତ ରାତିରେ ବଜ୍ରପାତ ହୋଇ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାଯାଇଛି। ସୂଚନା ମତେ, ରବିବାର ଭୋରେ ରାଇସ ମିଲ ଗୋଦାମରେ ବଜ୍ରପାତ ହୋଇ ନିଆଁ ଲାଗିଯାଇ ଥିବା ଜଣାପଡିବା ପରେ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। କର୍ଲାମୁଣ୍ଡା, ଗୁଡଭେଲା ଓ ଦେଓଗାଁ ଅଗ୍ନିଶମ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିଥିଲେ। ତେବେ ଗୋଦାମରେ ଥିବା ୬୦ ହଜାର ଖାଲି ବସ୍ତା, ୨୭ ହଜାର ବସ୍ତା ଧାନ ପୋଡି ନଷ୍ଟ ହୋଇଥିବା ମାଲିକ ଦିନଦୟାଲ କେଡ଼ିଆ ସୂଚନା ଦେଇଛନ୍ତି। ଏହା ପୂର୍ବରୁ ମଧ୍ୟ ଏହି ମିଲ ପରିସରରେ ଥିବା କପା ମିଲରେ ବଜ୍ରପାତ ହୋଇ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। କର୍ଲାମୁଣ୍ଡା ଅଗ୍ନିଶମ ବିଭାଗ ଅଫିସ ଇନଚାର୍ଜ ଜଗଦୀଶ ମେହେରଙ୍କୁ ପଚାରିବାରୁ ଆମ ପୂର୍ବରୁ ଗୁଡ଼ଭେଲା ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ, ଏଣୁ କ୍ଷୟକ୍ଷତି ଆକଳନ ରିପୋର୍ଟ ସେମାନେ ହିଁ କହିପାରିବେ ବୋଲି କହିଛନ୍ତି।

## ୨ ମାସ ପରେ ବି ମିଳୁନି ତଥ୍ୟ

**ସୂଚନା ଅଧିକାର ଆଇନ ଉଲ୍ଲଂଘନ**

**କର୍ଲାମୁଣ୍ଡା,୧୭।୭(ଡି.ଏନ.ଏ.)**

ସୂଚନା ଅଧିକାର ଆଇନ ବଳରେ ସୂଚନା ମାଗିବାର ୩୦ ଦିନ ମଧ୍ୟରେ ସୂଚନା ପ୍ରଦାନ କରିବା ନିୟମ ରହିଛି। ହେଲେ ସରକାରୀ ଅଧିକାରୀମାନେ ସୂଚନା ଅଧିକାର ଆଇନକୁ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି। ଏଭଳି ଅଭିଯୋଗ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରୁ ଆସିଛି। ଅଭିଯୋଗ ମତେ ମସକାଦାଣ୍ଡି ଗ୍ରାମର ନବୀନ କିଶୋର ସାହୁ ଗତ ମେ ୧୭ ତାରିଖରେ କର୍ଲାମୁଣ୍ଡା ବ୍ଲକ ଜୋରାଡବରାଠାରେ କମ୍ୟୁନିଟି ସେଣ୍ଟର ସମ୍ପୂର୍ଣ୍ଣ କରଣ ପାଇଁ ପଶ୍ଚିମ ଓଡିଶା ବିକାଶ ପରିଷଦ ଅନୁଦାନ ପାଣ୍ଠିରେ (ସିଆର ନମ୍ବର ୪,୨୦୧୭-୧୮)ଖର୍ଚ୍ଚ ହୋଇଥିବା ବିବରଣୀ ସହ କେଶ ବହି ଓ କେଶ ରେକର୍ଡ ମାଗିଥିଲେ। ତେବେ ଆଜକୁ ୬୦ ଦିନ ବିତିଥିଲେ ହେଁ ତଥ୍ୟ ମିଳିପାରୁ ନ ଥିବା ନବୀନ କହିଛନ୍ତି। ଏ ନେଇ କର୍ଲାମୁଣ୍ଡା ବ୍ଲକ ଲୋକ ସୂଚନା ଅଧିକାରୀ ଦାୟିତ୍ୱରେ ଥିବା ଜିପିଇଓ ଯୁଗଳ କିଶୋର ନାଏକଙ୍କୁ ପଚାରିବାରୁ ମୁଁ ଆବେଦନ ପତ୍ର ପାଇବା ପରେ ସେହି ଦିନ ହିଁ ଏହି ସବୁ ତଥ୍ୟ ପ୍ରଦାନ କରିବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ପତ୍ର ସଂଖ୍ୟା ୯୮୦,୧୭/୫/୨୦୨୨ ରିଖ ଚିଠି କରିଛି। ହେଲେ ସେ ଅଧିକାରୀ କାହିଁକି ତଥ୍ୟ ଦେଉନାହାନ୍ତି ମୁଁ ବୁଝିପାରୁନି ବୋଲି କହିଛନ୍ତି।

## ଭଙ୍ଗା ଘରେ ୮୦ ବର୍ଷର ବିଧବାଙ୍କ ପରିବାର

**ସିନାପାଲି,୧୭।୭(ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ କେନ୍ଦୁମୁଣ୍ଡା ଗ୍ରାମପଞ୍ଚାୟତ କାନ୍ଦୁଲକୋନା ଗ୍ରାମର ୮୦ ବର୍ଷର ବିଧବା ପଦ୍ମା ବେୱାଙ୍କ ଘର ୬ ତଳେ ଭାଙ୍ଗି ଯାଇଛି। ସେ ବର୍ତ୍ତମାନ ପୁଅ ରୋଷନ ବାଗ (୩୫) ବୋହୂ ପୁନେ(୩୦) ଓ ନାତି ପ୍ରମୋଦ (୧୫), ଭଗବାନ (୧୪), ଟିକୁ (୫) ଅମିତ (୪ମାସ)ଙ୍କୁ ଧରି ପଲିଥିନ ତଳେ ଆଶ୍ରୟ ନେଉଥିବା ଜଣାପଡିଛି। ସୂଚନା ଯେ, ଆଜକୁ ୬ ମାସ ହେଲା ପଦ୍ମାଙ୍କ ଘର ଭାଙ୍ଗି ଯାଇଥିଲା। ଫଳରେ ଭଙ୍ଗା ଦଦରା ବିପଦପୂର୍ଣ୍ଣ ଘରେ ଆଶ୍ରୟ ନେଇଥିବା ବେଳେ ଏକ ପଲିଥିନ ତାଙ୍କି ୭ଜଣ ସଦସ୍ୟ ରହୁଛନ୍ତି। ହେଲେ କେତେବେଳେ ବିପଦ ମାଡି ଆସିବ ଯେ ତାହା ଚିନ୍ତା କରିହେବନାହିଁ। ବର୍ତ୍ତମାନ ବର୍ଷା ଲାଗିଥିବା ବେଳେ ବିଭିନ୍ନ ବିଷାକ୍ତ ସାପ ତଥା କୀଟପତଙ୍ଗର ଭୟ ରହିଛି। ଏହି ପରିବାରକୁ ଆଜି ପର୍ଯ୍ୟନ୍ତ ଘର ଖଣ୍ଡିଏ ମିଳି ନ ଥିବା ବେଳେ କେବଳ ବିଧବା ଭତ୍ତା ୫ଶହ ଟଙ୍କା ମିଳୁଛି। ହେଲେ ବୟସ ୮୦ ବର୍ଷ ହୋଇଥିଲେ ମଧ୍ୟ ଭତ୍ତା ଟଙ୍କା ଏଯାଏଁ ବଢି ନ ଥିବାରୁ ପରିବାର ଲୋକେ ଅସନ୍ତୁଷ୍ଟ ପ୍ରକାଶ କରିଛନ୍ତି। ଏ ନେଇ ସ୍ଥାନୀୟ ପଞ୍ଚାୟତ ତଥା ବ୍ଲକ ଓ ଜିଲା ପ୍ରଶାସନ ତଦନ୍ତ କରି ପଦକ୍ଷେପ ନେବାକୁ ପରିବାର ସମେତ ସ୍ଥାନୀୟ ଲୋକ ଦାବି କରିଛନ୍ତି।



ଭଙ୍ଗା ଘର ସମ୍ମୁଖରେ ବିଧବାଙ୍କ ପରିବାରବର୍ଗ।



ନୂଆପଡ଼ା ଜିଲା ବୋଡେନ ବ୍ଲକ ରୋକାଲ ପଞ୍ଚାୟତ ତରାପୁର ଗ୍ରାମର ବିଳାସ ଶବରଙ୍କ ଘର ଉପରେ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ଏକ ଗଛ ଉପୁଡି ପଡିଛି। ବୋଡେନ ଅଗ୍ନିଶମ ବାହିନୀ ପହଞ୍ଚି ଗଛ କାଟି ହଟାଇ ଥିଲେ।

# ପୋଲିସ କାର୍ଯ୍ୟାନୁଷ୍ଠାନ ନେଇ ସନ୍ଦେହ

- ନ୍ୟାୟ ଅପେକ୍ଷାରେ ପରିବାର
- ଥାନା ସମ୍ମୁଖରେ ଧାରଣା, ଆନ୍ଦୋଳନ ଚେତାବନୀ
- ନାବାଳିକା ଅପହରଣ ଘଟଣାକୁ ୫ ମାସ ବିତିଲା

**ନୂଆପଡ଼ା ଅଫିସ/ ଖଡ଼ିଆଳ,୧୭।୭(ଡି.ଏନ.ଏ.)**

ନୂଆପଡା ଜିଲା କୋମନା ଥାନା ଅଞ୍ଚଳର ଜଣେ ନାବାଳିକା ଅପହରଣ ଘଟଣାକୁ ଦୀର୍ଘ ୫ ମାସ ବିତିଯାଇଥିବା ବେଳେ ପୋଲିସର ହାତ ଖାଲି। ଅନ୍ୟପକ୍ଷେ ପୀଡ଼ିତା ପରିବାର ଥାନାକୁ ଦୌଡ଼ ନୟାନ୍ତ ହେବା କୋମନା ପୋଲିସ କାର୍ଯ୍ୟାନୁଷ୍ଠାନ ଉପରେ ସନ୍ଦେହ ସୃଷ୍ଟି କରିଛି। ସୂଚନା ଅନୁସାରେ ଗତ ମାର୍ଚ୍ଚ ମାସ ୧୬ ତାରିଖରେ ବଲାଙ୍ଗୀର ଜିଲା ବଡ଼ବାଙ୍କୀ ଗାଁର ଜଣେ ନାବାଳିକା ନିଜ ସମ୍ପର୍କୀୟଙ୍କ ସହ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ (ତିଖାଲି ଡ୍ୟାମ)କୁ ବୁଲିବକୁ ଯାଇଥିଲେ। ସେଠାରୁ ନାବାଳିକାଙ୍କୁ ତାଙ୍କ ସମ୍ପର୍କୀୟଙ୍କଠାରୁ ଦୁର୍ବୃତ୍ତମାନେ ଅପହରଣ କରିଥିଲେ। ଏ ନେଇ ନାବାଳିକାଙ୍କ ସମ୍ପର୍କୀୟଙ୍କ ସହ ପରିବାର ଲୋକେ କୋମନା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗର ଦୀର୍ଘ ୫ ମାସ ବିତିଯାଇଥିଲେ ହେଁ ପୋଲିସ ଅପହରଣକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅଭିଯୋଗକାରୀ ଜଣେ ଦୁର୍ବୃତ୍ତଙ୍କ ନାମ ଅଭିଯୋଗରେ ଉଲ୍ଲେଖ କରିଥିଲେ ହେଁ ପୋଲିସ ତାଙ୍କ ନିକଟରେ ନ ପହଞ୍ଚିବା ପଡିବା ପୀଡ଼ିତା ପରିବାର ଲୋକଙ୍କୁ ପୋଲିସ କାର୍ଯ୍ୟପନ୍ଥା ଉପରେ ସନ୍ଦେହ ଜାତ କରୁଛି। ଅପରପକ୍ଷରେ ସମ୍ପୃକ୍ତ ଦୁର୍ବୃତ୍ତଙ୍କ ନାମରେ ବଲାଙ୍ଗୀର ଓ କଳାହାଣ୍ଡିର ବିଭିନ୍ନ ଥାନାରେ ମାମଲା ରହିଥିଲେ ହେଁ ପୋଲିସ ତାଙ୍କୁ ଧରିବାରେ ବିଫଳ ହୋଇଛି। ପୀଡ଼ିତାଙ୍କ ପରିବାର ଲୋକେ ନ୍ୟାୟ ପାଇଁ ବାରମ୍ବାର କୋମନା ଥାନା ଦ୍ୱାରସ୍ଥ ହୋଇ ନିରାଶ ହେଉଛନ୍ତି। ତୁରନ୍ତ ପୀଡ଼ିତା ପରିବାରକୁ ନ୍ୟାୟ ପ୍ରଦାନ ସହ ଅପହରଣ ନାବାଳିକା ଉଦ୍ଧାର ନ କଲେ ଥାନା ସମ୍ମୁଖରେ ଧାରଣା ଦେବା ସହ ଆନ୍ଦୋଳନ କରିବେ ବୋଲି ପୀଡିତାଙ୍କ ମା' ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ କୋମନା ଥାନା ଅଧିକାରୀ ତଥା ନୂଆପଡା ଏସ୍‌ଡିପିଓଙ୍କୁ ପଚାରିବାରୁ ପୋଲିସ ତାର କାର୍ଯ୍ୟ ସୁଚାରୁ ରୁପେ ଚଳାଇଛି। ଯଥାଶୀଘ୍ର ପୀଡ଼ିତାଙ୍କ ପରିବାରକୁ ନ୍ୟାୟ ମିଳିବା ସହ ନାବାଳିକା ଉଦ୍ଧାର ହେବ ବୋଲି କହିଛନ୍ତି।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୨ ଯୁବକ ଗୁରୁତର

**ନୂଆପଡ଼ା ଅଫିସ/ଖଡ଼ିଆଳ,(ଡି.ଏନ.ଏ.):** ନୂଆପଡା ଜିଲା କୋମନା ଥାନା ଅନ୍ତର୍ଗତ କାଣ୍ଡେତରା ଗ୍ରାମର ୨ ଯୁବକ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଛନ୍ତି। ଯୁବକଦ୍ୱୟ ହେଲେ ନବୀନ ରଣା ଏବଂ ରେଖାନ୍ତ ରଣା। କାଣ୍ଡେତରା ଗ୍ରାମରେ ଏହି ୨ ଯୁବକ ଅନ୍ୟ ଜଣକ ଘରେ ବିଦ୍ୟୁତ୍ କାମ କରୁଥିଲେ। ଏହି ସମୟରେ ଛାତ ଉପରେ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ଖସି ଯିବାରୁ ଯୁବକ ଦ୍ୱୟ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ରାୟପୁର ସ୍ଥାନତର କରାଯାଇଛି।

## ସଂକ୍ଷେପରେ

### ଓଲଟିପଡ଼ିଲା ଆଲୁମିନିୟମ ବୋଝେଇ କଣ୍ଟେନର



**ଲାଞ୍ଜିଗଡ଼,୧୭।୭(ଡି.ଏନ.ଏ.):** ଭବାନୀପାଟଣାରୁ ରାୟଗଡ଼ାକୁ ସଂଯୋଗ ୬ ନଂ. ରାଜ୍ୟ ରାଜପଥ ଢେପଗୁଡ଼ା ଘାଟି ନିକଟ ଏକ ପୋଲରେ ରବିବାର ସକାଳୁ ଏକ ଆଲୁମିନିୟମ ବୋଝେଇ କଣ୍ଟେନର ଭାରସାମ୍ୟ ହରାଇ ଓଲଟିପଡ଼ିଛି। ରାୟଗଡ଼ା ପଟୁ ଝାରସୁଗୁଡ଼ା ଯାଉଥିବା କଣ୍ଟେନର ଦୁର୍ଘଟଣାରେ ଡ୍ରାଇଭର ଆହତ ହୋଇଛନ୍ତି। କଣ୍ଟେନର ରାସ୍ତା ମଝିରେ ଓଲଟି ଥିବାରୁ ସକାଳୁ ରାସ୍ତା ଅବରୋଧ ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଭାରୀଯାନ ଅଟକି ରହିଥିବା ଦେଖିବାକୁ ମିଳିଛି । ଘଟଣାସ୍ଥଳରେ ବିଶ୍ୱନାଥପୁର ପୋଲିସ ଉପସ୍ଥିତ ଥିବାବେଳେ ଖବର ଲେଖାଯିବା ସୁଦ୍ଧା ରାସ୍ତା ଅବରୋଧ ହଟିନାହିଁ।

### ଦ୍ରୌପଦୀଙ୍କ ବିଜୟ ପାଇଁ ଦୀପ ପ୍ରଜ୍ୱଳନ

**କୋକସରା,୧୭।୭(ଡି.ଏନ.ଏ.):** ରାଷ୍ଟ୍ରପତି ନିର୍ବାଚନରେ ଏନ୍‌ଡିଏ ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କ ବିଜୟ ପାଇଁ ରବିବାର କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ ଜଗନ୍ନାଥ, ବଜରଙ୍ଗବଲି ମନ୍ଦିରରେ ଭାଜପା ଓ ବିଶ୍ୱ ହିନ୍ଦୁ ପରିଷଦର ଦଳୀୟ କର୍ମକର୍ତ୍ତାମାନେ ଦୀପ ପ୍ରଜ୍ୱଳନ କରିଛନ୍ତି। ଏହି ଅସରରେ ଭାଜପା ବରିଷ୍ଠ ନେତା ଜନାର୍ଦ୍ଦନ ପଣ୍ଡା, ବିଶ୍ୱ ହିନ୍ଦୁ ପରିଷଦ ସଭାପତି ସୁବାଷ ଅଗ୍ରୱାଲ, କୋକସରା ମଣ୍ଡଳ ସଭାପତି ଦୁର୍ଗାପ୍ରସାଦ ପ୍ରଧାନୀ, ଉପସଭାପତି ଗୋପାଳ ଅଗ୍ରୱାଲ, ଜିଲା କୃଷକ ମୋର୍ଚ୍ଚା ସମ୍ପାଦକ ଗଣେଶ ନନ୍ଦ, ଜିଲା ପ୍ରତିନିଧି ପ୍ରମୋଦ କୁମାର ପଣ୍ଡା, ବିଶ୍ୱ ହିନ୍ଦୁ ପରିଷଦ କୋକସରା ବ୍ଲକ ସମ୍ପାଦକ କିଶନ କୁମାର ପଟ୍ଟନାୟକଙ୍କ ସମେତ ସୁବାସ ଦାସ, ବୈଦ୍ୟନାଥ ମାଝି, ସୁବାସ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

**ନର୍ଲା,୧୭।୭(ଡି.ଏନ.ଏ.):** କଳାହାଣ୍ଡି ଜିଲା ନର୍ଲାର ଅବସରପ୍ରାପ୍ତ ଶିକ୍ଷକ ବଳରାମ ମିଶ୍ର (୬୫)ଙ୍କ ଶନିବାର ରାତିରେ ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନ ଧରି କିଡ୍‌ନୀ ରୋଗରେ ପୀଡିତ ଥିଲେ। ଶୁକ୍ରବାର ତାଙ୍କୁ ପ୍ରଥମେ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱର ନେଉଥିବା ବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଥିଲା। ସେ ଶିକ୍ଷକତା ସହ ଦୀର୍ଘ ୩୦ ବର୍ଷରୁ ଅଧିକ ହେବ ଧରିତ୍ରୀ ସହ ବିଭିନ୍ନ ଖବରକାଗଜର ଏଜେଣ୍ଟ ଭାବେ କାମ କରି ଅଞ୍ଚଳରେ ସମସ୍ତଙ୍କ ପ୍ରିୟପାତ୍ର ହୋଇପାରି ଥିଲେ। ମୃତ୍ୟୁ ଶଯ୍ୟାରେ ବଡ଼ଭାଇ ବଂଶିଧର, ବଦ୍ରୀପ୍ରସାଦ, ସୁନାଶିର ଓ ପରିବାରବର୍ଗ ଉପସ୍ଥିତ ଥିଲେ। ପୁତ୍ର ଆୟୁଷ୍ମାନ ମୁଖାଗ୍ନି ଦେଇଥିଲେ। ତାଙ୍କର ଦେହାନ୍ତରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଗଞ୍ଜେଇ ଜବତ, ୩ କୋର୍ଟ ଚାଲାଣ

**ଖଡ଼ିଆଳ,୧୭।୭(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡ଼ିଆଳ ଓ କୋମନା ବ୍ଲକର ୨ଟି ସ୍ଥାନରେ ବେଆଇନ ଗଞ୍ଜେଇ ଚାଲାଣ ଅଭିଯୋଗରେ ଅବକାରୀ ବିଭାଗ ଚଢ଼ାଉ କରି ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଖଡ଼ିଆଳ ବ୍ଲକ କୋଟିପଦର ଗ୍ରାମର ଉପେନ୍ଦ୍ର ସଗରିଆ ଓ ନରେନ୍ଦ୍ର ପାୱାର ଏବଂ ଅନ୍ୟ ଜଣେ ଉତ୍ତର ପ୍ରଦେଶର ପ୍ରଭାକର ବୋଲି ଅବକାରୀ ଅଧିକାରୀ ସୂଚନା ଦେଇଛନ୍ତି। ସେମାନଙ୍କଠାରୁ ମୋଟ ୧୮ କେଜି ୫୦୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଖଡ଼ିଆଳ ଥାନା ଅନ୍ତର୍ଗତ ବରଗା ବସଷ୍ଟାଣ୍ଡଠାରେ ୫ କେଜି ଗଞ୍ଜେଇ ଧରି ରାୟପୁର ଯିବାକୁ ଅପେକ୍ଷା କରିଥିଲେ। ଖବର ପାଇ ଅବକାରୀ ବିଭାଗ ଚଢ଼ାଉ କରି ସଗରିଆ ଓ ପାୱାରଙ୍କୁ ଗିରଫ କରିଥିଲା। ଅବକାରୀ ଅଧୀକ୍ଷକ ସଂଘମିତ୍ରା ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଖଡ଼ିଆଳ ଅବକାରୀ ଉପନିରୀକ୍ଷକ ଡମ୍ବରୁଧର ହରିଜନ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା। ସେହିପରି କୋମନା ବ୍ଲକ ଲଖାନା ଥାନା ଘାଟିପଡା ପଥପ୍ରାନ୍ତ ନିକଟରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରି ପ୍ରଭାକରଙ୍କଠାରୁ ୧୩ କେଜି ୫୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ପ୍ରଭାକର ଏକ ବ୍ୟାଗରେ ଗଞ୍ଜେଇ ଧରି ବସକୁ ଅପେକ୍ଷା କରିଥିବା ବେଳେ ଅବକାରୀ ବିଭାଗ ଚଢ଼ାଉ କରି ଗଞ୍ଜେଇ ଜବତ କରିଛି ।

# ଟଙ୍କା ନ ଦେଲେ ହତ୍ୟା ଧମକ, ଜଣେ ଗିରଫ

**ଭବାନୀପାଟଣା,୧୭।୭(ସ୍ୱ.ପ୍ର.)**

ହେଲିକପ୍ଟରରୁ ୩ ବସ୍ତା ଟଙ୍କା ପଡିବା ଗୁଜବ ଘଟଣାକୁ ନେଇ ଦୀର୍ଘ ୨ ବର୍ଷରୁ ଊର୍ଦ୍ଧ୍ୱ ହେବ କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରକୁ ଆସିଥିଲା। ଏ ନେଇ ପୋଲିସ ନିକଟରେ ବି ଅଭିଯୋଗ ହୋଇଥିଲା। ପୋଲିସ ଏହାର ତଦନ୍ତ କରି ଏଥିରେ କୌଣସି ସତ୍ୟତା ନ ଥିବା କହିବେଳେ ଏହି ଗୁଜବ ଉପରେ ଏବେ ବି ବିଶ୍ୱାସ ରଖିଥିବା ବେଳେ ସାଂଘାତିକ ପରିସ୍ଥିତି ସୃଷ୍ଟି ହେବାକୁ ଯାଉଥିଲା। ଏଭଳି ଏହି ଗୁଜବ ଘଟଣା ଘଟିଛି କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକରେ। ଥୁଆମୂଳ ରାମପୁର ଥାନା ଅଧୀନ କାଣିଗୁମା ଗ୍ରାମରେ ୨୦୧୯ରେ ଏକ ଗୁଜବ ହୋଇଥିଲା କି ଏକ ହେଲିକପ୍ଟରରୁ ୩ ବସ୍ତା ଟଙ୍କା ଗ୍ରାମ ନିକଟ ଏକ ପାହାଡରେ ପଡିଥିବା ଦେଖିବା ଏବଂ ଏହି ଟଙ୍କା ବସ୍ତାଗୁଡିକୁ ଗ୍ରାମର ଭଗବାନ ବିଶି ଯୁବକ ରଖିଥିବା ଚର୍ଚ୍ଚା ହୋଇଥିଲା। ଏପରି କି ଏହି ଘଟଣା ନେଇ ଥୁଆମୂଳ ରାମପୁର ଥାନାରେ ଅଭିଯୋଗ ମଧ୍ୟ ହୋଇଥିଲା। ପରେ ତତ୍କାଳୀନ ଥାନା ଭାରପ୍ରାପ୍ତ ଅଧିକାରୀ ଏହାର ତଦନ୍ତ କରିଥିଲେ। ଏଥିରେ କୌଣସି ସତ୍ୟତା ନାହିଁ ଏହା ଏକ ମିଥ୍ୟା ଓ ଗୁଜବ ଘଟଣା ବୋଲି କହିଥିଲେ। କିନ୍ତୁ ଗ୍ରାମର କ୍ଷମା ନାଏକ (୩୦) ଏହା ମାନିବାକୁ ନାରାଜ। ଭଗବାନଙ୍କୁ ଏ ନେଇ ବାରମ୍ବାର ଟଙ୍କା ମାଗିବାକୁ ଯାଇ ଗଣ୍ଡଗୋଳ କରିଛି। ଯେଉଁଥି ପାଇଁ ତାଙ୍କୁ ଓ ତାଙ୍କ ପରିବାର ଉପରେ ମିଥ୍ୟା ଦୋଷ ଦେଉଥିବା ସହ୍ୟ କରି ନ ପାରି ପରିବାର ସହିତ ଗାଁ ଛାଡିବାକୁ ବାଧ ହେଲେ। ପରେ ସେ ଥୁଆମୂଳ ଗ୍ରାମରେ

**ହେଲିକପ୍ଟରରୁ ଟଙ୍କା ବସ୍ତା ପଡ଼ିବା ଗୁଜବ ଘଟଣା**



କ୍ଷମା ନାଏକ

ଆଶ୍ରୟ ନେଇଛନ୍ତି। କିନ୍ତୁ କ୍ଷମା ବାରମ୍ବାର ଭଗବାନଙ୍କୁ ଟଙ୍କା ଦେବାକୁ କହୁଥିଲେ ଓ ଧମକ ମଧ୍ୟ ଦେଉଥିଲେ। ଗତ ୧୨ ତାରିଖରେ କ୍ଷମା ଭଗବାନଙ୍କୁ ଫୋନ କରି ୫୦ ଲକ୍ଷ ଟଙ୍କା ଦେବାକୁ କହି ଗାଳିଗୁଲଜ କରିଥିଲେ। ଏପରିକି ଯଦି ୧୫ ତାରିଖ ସୁଦ୍ଧା ଟଙ୍କା ନ ଦେଲେ ଜୀବନରେ ମାରି ଦିଆଯିବ ବୋଲି ଧମକ ଦେଇଥିଲା। ଏସବୁ ବିଷୟ ଭଗବାନ ଫୋନରେ କଲ ରେକର୍ଡ କରିଥିଲେ। ଭଗବାନ ନିଜେ ତଥା ନିଜ ପରିବାରର ସୁରକ୍ଷା ପାଇଁ ସ୍ଥାନୀୟ ସରପଞ୍ଚ ବଳଭଦ୍ର ଜାନୀଙ୍କୁ ଏସବୁ ବିଷୟ ନେଇ ସୂଚନା ଦେଇଥିଲେ। ସରପଞ୍ଚ ଜାନୀ ଭଗବାନଙ୍କୁ ନେଇ ଥୁଆମୂଳ ରାମପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୋଲିସ କ୍ଷମା ନାଏକଙ୍କୁ ଥାନାକୁ ଆଣି ପଚରାଉଚରା କରି ୨୯୪, ୩୮୪/୫୦୬ ଧାରା ଲଗାଇ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ୨୦୧୩ରେ ଜଣେ ବ୍ୟବସାୟୀଙ୍କୁ ହତ୍ୟା କରିଥିବା ଅଭିଯୋଗରେ କ୍ଷମା ଜେଲ ଯାଇଥିଲେ।

# ୩ ମେଧାବୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଛାତ୍ରୀ।

**ସିନାପାଲି,୧୭।୭(ଡି.ଏନ.ଏ.)**

ନୂଆପଡ଼ା ଜିଲା ସିନାପାଲି ସ୍ଥାନୀୟ ସ୍ୱର ସଙ୍ଗମ କଳା ପରିଷଦ ପକ୍ଷରୁ ରବିବାର ସିନାପାଲି ବ୍ଲକ ମେଧାବୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମାଟ୍ରିକ ପରୀକ୍ଷାରେ ଜିଲା ଟପ୍ପର୍ ହୋଇଥିବା ରିତୁପର୍ଣ୍ଣା କୁଣ୍ଡୁ ଏବଂ ଦ୍ୱିତୀୟ ସ୍ଥାନ କରିସ୍ମା ମେହେରଙ୍କ ସହ ତୃତୀୟ ଶ୍ରେଣୀ ମେଧା ବୃତ୍ତି ପରୀକ୍ଷାରେ ବ୍ଲକ ଟପ୍ପର୍ ଶ୍ରୀୟା ମେହେରଙ୍କୁ ପରିଷଦ ଉପସଭାପତି ଅଧ୍ୟାପକ ନବୀନଚନ୍ଦ୍ର ମେହେର, ସମ୍ପାଦକ ଗ୍ରନ୍ଥକାର ବୈଷ୍ଣବ ମେହେର ପ୍ରମୁଖ ସମ୍ବର୍ଦ୍ଧିତ କରିଛନ୍ତି। ୩ ମେଧାବୀ ଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ କାମନା କରାଯାଇଥିଲା। ପରିଶ୍ରମ ଦ୍ୱାରା ସଫଳତାର ସ୍ୱାଦକୁ ଚାଖି ହୁଏ ବୋଲି ମେଧାବୀ ଛାତ୍ରୀମାନେ କହିଥିଲେ। କାର୍ଯ୍ୟକ୍ରମରେ ଅଭିଭାବକ ରବିନ୍ଦ୍ର କୁଣ୍ଡୁ, ମିନତୀ କୁଣ୍ଡୁ, କ୍ଷିରସିନ୍ଧୁ ମେହେର, କିଶୋର ମେହେର ପ୍ରମୁଖ ଉପସ୍ଥିତ ଥିଲେ।

# ‘ଭକ୍ତି ଥିଲେ ଭଗବାନଙ୍କ ଚିତ୍ର ଆଙ୍କି ହୁଏ’



ଅତିଥିଙ୍କ ଗହଣରେ ଶିଶୁ ଚିତ୍ରଶିଳ୍ପୀମାନେ।

**ବରଗଡ଼ ଅଫିସ୍,୧୭।୭**

ବରଗଡ଼ ହିନ୍ଦୀ ବାଳକ ଉଚ୍ଚ ବିଦ୍ୟାଳୟରେ ରବିବାର ଭଟଲି ଦଧିବାମନ କ୍ଷେତ୍ର ଓ ରଥଯାତ୍ରା ଶୀର୍ଷକ ଉପରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୋଶଳ ଟାଇମ୍ ପକ୍ଷରୁ ଅନୁଷ୍ଠିତ ପ୍ରତିଯୋଗିତାକୁ ସ୍ଥାନୀୟ କଳା ନିକେତନ ଅନୁଷ୍ଠାନର ସଦସ୍ୟମାନେ ପରିଚାଳନା କରିଥିଲେ। କୋଶଳ ଟାଇମର ସମ୍ପାଦକ ସଞ୍ଜୀବ କୁମାର ମହାପାତ୍ରଙ୍କ ସଂଯୋଜନାରେ ହୋଇଥିବା କାର୍ଯ୍ୟକ୍ରମରେ ବୀଣାପାଣି ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭକ୍ତିଥିଲେ ଭଗବାନଙ୍କ ଚିତ୍ର ଆଙ୍କି ହୁଏ ବୋଲି କହିଥିଲେ। ବରଗଡ଼ ଟ୍ରଷ୍ଟଫଣ୍ଡ କଲେଜ ଅଧ୍ୟକ୍ଷ ପ୍ରଫୁଲ୍ୟ ଚନ୍ଦ୍ର ତ୍ରିପାଠୀ ସମ୍ମାନିତ ଅତିଥି, ରାଜ୍ୟ ସଂସ୍କୃତ ଶିକ୍ଷକ ସଂଘର ଯୁଗ୍ମ ସମ୍ପାଦକ ଗୋପବନ୍ଧୁ ପୁରୋହିତ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଦଧିବାମନ କ୍ଷେତ୍ର ଏବଂ ଶ୍ରୀକ୍ଷେତ୍ର ମଧ୍ୟରେ ରହିଥିବା ବିଶେଷତା ଉପରେ ଆଲୋକପାତ କରିବା ସହିତ ଶିଶୁ ଚିତ୍ରଶିଳ୍ପୀଙ୍କୁ ଉତ୍ସାହିତ କରିଥିଲେ। ଜୁନିୟର ଗ୍ରୁପ୍‌ରେ ପ୍ରତ୍ୟାଶା ରଣା, ଶିବାଂଶ ଭୋଇ, ବନିତା ସୁନା, ସିଦ୍ଧି ପ୍ରସାଦ ଶ୍ରଦ୍ଧା ଗୁପ୍ତା, ପ୍ରାଚୀ ଭୋଇ, ସିନିୟର ବିଭାଗରେ ଐଶ୍ୱର୍ଯ୍ୟା ପାଣ୍ଡେ, ବିଶ୍ୱରଞ୍ଜନ ନାଏକ, କେ. ଶୁଭଶ୍ରୀ ରାଓ, ନୀଳାମ୍ବର ମେହେର, ଶାଳିନୀ ଗୁପ୍ତା, ସୁନନ୍ଦା ହାତୀ ପ୍ରମୁଖ ପୁରସ୍କୃତ ହୋଇଥିଲେ। ପ୍ରଭାକର ପାତ୍ର, ଅଭିମନ୍ୟୁ ଭୋସାଗର, ସୁଲୋଚନା ମହାପାତ୍ର ବିଚାରକ ଭାବେ ଯୋଗ ଦେଇଥିଲେ।

# ଘର ଉପରେ ମାଡ଼ିଗଲା ଆମ୍ବୁଲାନ୍ସ

**ନର୍ଲା,୧୭।୭(ଡି.ଏନ.ଏ.)**

**୨ ଶିଶୁ ସମେତ ୫ ଆହତ**

କଳାହାଣ୍ଡି ଜିଲା ନର୍ଲା ବାଗପୁର ପଞ୍ଚାୟତ ନିକଟ କେରାଣ୍ଡିଖୁଣ୍ଟି ଛକରେ ଏକ ଆମ୍ବୁଲାନ୍ସ (ନଂ.ଏପି୩୯ଟିଭି-୨୪୯୪) ରାସ୍ତା କଡ଼ରେ ଥିବା କୁଡିଆ ଘର ଉପରେ ମାଡ଼ିଯିବାରୁ ୨ ଶିଶୁ ସମେତ ୫ଜଣ ଆହତ ହୋଇଥିବା ଜଣାପଡିଛି। ଫଳରେ ଗୃହକର୍ତ୍ତା ଅଙ୍କୁର ସୁନା (୫୦), ତାଙ୍କ ସ୍ତ୍ରୀ ବିଜଳି (୩୫) ଓ ତାଙ୍କର ୩ ସନ୍ତାନ ଆହତ ହୋଇଥିଲେ। ଆହତମାନଙ୍କୁ ନର୍ଲା ଡାକ୍ତରଖାନାରେ ଚିକିତ୍ସା କରିବା ପରେ ରବିବାର ସକାଳୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଆମ୍ବୁଲାନ୍ସ ଓ ଡ୍ରାଇଭରଙ୍କୁ ନର୍ଲା ଥାନାରେ ଅଟକ ରଖିଥିବା ଜଣାପଡିଛି। ଶନିବାର ରାତି ପ୍ରାୟ ୮ଟାରେ କେରାଣ୍ଡିଖୁଣ୍ଟି ଛକରେ ଥିବା ଏକ କୁଡିଆ ଘରେ ଅଙ୍କୁରଙ୍କ ପରିବାର ରାତି ଭୋଜନ କରୁଥିଲେ। ଏହି ସମୟରେ ହଠାତ୍ ଆମ୍ବୁଲାନ୍ସ ମାଡ଼ି ଯାଇଥିଲା। ଦୁର୍ଘଟଣା ଘଟାଇଥିବା ଆମ୍ବୁଲାନ୍ସ ଲାଞ୍ଜିଗଡ଼ସ୍ଥିତ ବେଦାନ୍ତ କମ୍ପାନୀର ବୋଲି ଜଣାପଡ଼ିଛି। ଆମ୍ବୁଲାନ୍ସ ଡ୍ରାଇଭର ନିଶାସକ୍ତ ଥିବା ସ୍ଥାନୀୟ ଲୋକେ କହିଛନ୍ତି।

# ବୃକ୍ଷରୋପଣରେ ପରିବେଶ ସଚେତନତା




ଶାନ୍ତିନଗରରେ ଅନୁଷ୍ଠିତ ବୃକ୍ଷରୋପଣ କାର୍ଯ୍ୟକ୍ରମ।

**ବରଗଡ଼ ଅଫିସ୍/ଅମ୍ବାଭୋନା,୧୭।୭**

ବରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ, ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରବିବାର ବରଗଡ଼ ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ବଗେଇବିରା ନିକଟ କଜିଲିବିଜିଲି ଜରାନିବାସରେ ଅନୁଷ୍ଠିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ବ୍ୟାଙ୍କ ଅଫ୍ ବରୋଦାର ଶାଖା ପରିଚାଳକ ଚିନ୍ମୟ ନାୟକ, ସହ ପରିଚାଳକ ପ୍ରଶାନ୍ତ ପାଣିଗ୍ରାହୀ ପ୍ରମୁଖ ଯୋଗଦାନ କରିଥିଲେ। ଏଠାରେ ଆମ୍ବ, ଜାମୁ, ଆଦି ଚାରାରୋପଣ କରାଯାଇଥିଲା। ସରପଞ୍ଚ ପ୍ରଫୁଲ୍ଲ ନାଏକ, ବାଙ୍କାବିହାରୀ ସାହୁ, ପ୍ରଦୀପ କୁମାର ସାହୁ, ମନୋଜ ପୁରୋହିତ, ଗୋପବନ୍ଧୁ ପୁରୋହିତ, ଅରୁଣ କୁମାର ବିଶି ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ-୧୬ ଶାନ୍ତି ନଗରରେ ଅନୁଷ୍ଠିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା କଳ୍ପନା ମାଝି, କାଉନସିଲର ଜ୍ୟୋତ୍ସ୍ନା ପାଇକ, ସୁନନ୍ଦା ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ନାଗରିକ କୃଷ୍ଣଚନ୍ଦ୍ର ପଣ୍ଡା, ପ୍ରମୋଦ ଝାଙ୍କର, ପ୍ରହଲ୍ଲାଦ ମହାପାତ୍ର, କେଦାର ମିଶ୍ର, ଭରତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଶାନ୍ତି ନଗର କମିଟିର ଗୋବିନ୍ଦ ଦାଶ, ସନ୍ତୋଷ ଦାଶ, ବିଜୟ ସାହୁ, ସୁରେଶ ମଣ୍ଡଳ, ଜ୍ୟୋତ୍ସ୍ନା ଦାଶ, ପ୍ରଭା ଶାହ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ। ସେହିପରି ଶାନ୍ତି ତପୋବନ ଆଶ୍ରମ ମାତୃଛାୟା, ବାନପ୍ରସ୍ଥ କର୍ମୀ, ଅନ୍ତେବାସୀମାନେ ପ୍ରସ୍ତାବିତ ଆଶ୍ରମ ଗୃହ ନିର୍ମାଣ ଜମି ଉପରେ ଆମ୍ବ, ପଣସ, ପିଜୁଳି, ଜାମୁ, ଆତ, ନିମ୍ବ, କାଜୁ ଆଦି ଚାରାରୋପଣ କରିଥିଲେ। ସେହିପରି ଅମ୍ବାଭୋନା ବ୍ଲକ ଚିଟୋଲି ଅଙ୍ଗନୱାଡ଼ି କେନ୍ଦ୍ର ପରିସରରେ ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ବୃକ୍ଷରୋପଣ କରାଯାଇଥିଲା। ବି. କେ. ପ୍ରଭାତୀଙ୍କ ତତ୍ତ୍ୱାବଧାନରେ ହୋଇଥିବା ଉକ୍ତ କାର୍ଯ୍ୟକ୍ରମରେ ପୀତବାସ ସା, କ୍ଷୀତେଶ୍ୱର ଭୋଇ, ଭୂପତି ସା, ଡୋଲାମଣି ସା, କ୍ରାନ୍ତି ପ୍ରଧାନ, ନୃପରାଜ ନାଏକ, ଲଳିତା ନାଏକ, ପ୍ରୀତି ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ଅଶ୍ୱତ୍ଥ, ବର, ନିମ୍ବ, ଦେବଦାରୁ ଆଦି ଚାରାରୋପଣ ସହିତ ପରିବେଶ ସୁରକ୍ଷା ଉପରେ ସଚେତନତା ସୃଷ୍ଟି କରାଯାଇଥିଲା।

# ବୀମା ବିଭ୍ରାଟ, ଆଜି ଚାଷୀ ଆନ୍ଦୋଳନ

**ବରଗଡ଼ ଅଫିସ୍/ପଦ୍ମପୁର/ଅମ୍ବାଭୋନା୧୭।୭**

ବରଗଡ଼ ଜିଲାରେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ବାଟବଣା ହୋଇପଡ଼ିଛି। ଚାଷକାର୍ଯ୍ୟ ପୂର୍ବରୁ ବୀମା ପ୍ରିମିୟମ ଜମା କରିଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ଗତ ୨୦୨୦-୨୧ ଖରିଫ ଫସଲକ୍ଷତିର ବୀମା କ୍ଷତିପୂରଣ ସହାୟତା କ୍ଷତିଗ୍ରସ୍ତ ଚାଷୀଙ୍କୁ ମିଳିପାରିନାହିଁ । ରାଜ୍ୟ ସରକାର ଏବଂ ଜିଲା ପ୍ରଶାସନକୁ ବାରମ୍ବାର ଜଣାଇବା ସତ୍ତ୍ୱେ ମଧ୍ୟ ସୁଫଳ ମିଳି ନ ଥିବା ଅଭିଯୋଗ ହୋଇଛି। ଫଳରେ ଚାଷୀ ମହଲରେ ଅସନ୍ତୋଷ ଦେଖାଯାଇଛି। ଏହାର ପ୍ରତିବାଦରେ ସୋମବାର ଜିଲାରେ ଚାଷୀ ଆନ୍ଦୋଳନ ପାଇଁ ବିଭିନ୍ନ ଅନୁଷ୍ଠାନ ଡାକରା ଦେଇଛନ୍ତି। ଏହି କ୍ରମରେ ରାଜବୋଡ଼ାସମ୍ବର କୃଷକ ସଙ୍ଗଠନ ସୋମବାର ପଦ୍ମପୁର ବନ୍ଦ ଡାକରା ଦେଇଛି। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ପଦ୍ମପୁର ଉପଖଣ୍ଡର ସମସ୍ତ ଅଫିସ, ଦୋକାନ, ବଜାର ବନ୍ଦ ରହିବ। ଏହା ସହିତ ରାସ୍ତାରେ ଗାଡ଼ି ଚଳାଚଳ ବନ୍ଦ କରାଯିବ। କେବଳ ଜରୁରୀକାଳୀନ ସେବାକୁ ଏଥିରୁ ବାଦ୍ ଦିଆଯାଇଛି। ଆନ୍ଦୋଳନକୁ ବିଭିନ୍ନ ଅନୁଷ୍ଠାନ ସମର୍ଥନ ଜଣାଇବା ପାଇଁ ସହମତି ପ୍ରକାଶ କରିଛନ୍ତି। ସେହିପରି ବରଗଡ଼ ଜିଲା ଚାଷୀ ସଙ୍ଗଠନ ସମନ୍ୱୟ ସମିତି ପକ୍ଷରୁ ବରଗଡ଼ ରେଳଷ୍ଟେଶନରେ ଦିନ ୧୦ଟାରୁ ୧୨ଟା ଯାଏ ୨ଘଣ୍ଟିଆ ରେଳରୋକୋ ନିଷ୍ପତ୍ତି ନିଆଯାଇଛି। ଲାଲ ବାହାଦୂର ଶାସ୍ତ୍ରୀ ଚାଷୀ ସଙ୍ଗଠନ ପକ୍ଷରୁ ଅମ୍ବାଭୋନାରେ ବ୍ଲକ, ତହସିଲ, କୃଷି କାର୍ଯ୍ୟାଳୟକୁ ବନ୍ଦ କରାଯିବା ସହିତ ମୁଖ୍ୟରାସ୍ତାକୁ ଅବରୋଧ କରାଯିବ ବୋଲି ସଙ୍ଗଠନ ପକ୍ଷରୁ ସୂଚନା ଦିଆଯାଇଛି।



ନୂଆପଡ଼ା ଜିଲା ବୋଡେନ ବ୍ଲକ ରୋକାଲ ପଞ୍ଚାୟତ ତରାପୁର ଗ୍ରାମର ବିଳାସ ଶବରଙ୍କ ଘର ଉପରେ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ଏକ ଗଛ ଉପୁଡି ପଡିଛି। ବୋଡେନ ଅଗ୍ନିଶମ ବାହିନୀ ପହଞ୍ଚି ଗଛ କାଟି ହଟାଇ ଥିଲେ।

# ଭୀମ ସ୍ୱୟଂ ସେବକ ସଂଘ ଗଠନ




ଭୀମ ସ୍ୱୟଂ ସେବକ ସଂଘର କର୍ମକର୍ତ୍ତାବୃନ୍ଦ।

**ବରଗଡ଼ ଅଫିସ୍,୧୭।୭**

ବରଗଡ଼ ଡାକବଙ୍ଗଳାରେ ରବିବାର ବାବା ସାହେବ ଡକ୍ଟର ବି. ଆର ଆମ୍ବେଦକରଙ୍କ ବିଚାରଧାରା ଏବଂ ସମ୍ବିଧାନକୁ ଆଧାର କରି ଭୀମ ସ୍ୱୟଂ ସେବକ ନାମକ ଏକ ସଙ୍ଗଠନ ଗଠନ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ଆଡ଼ଭୋକେଟ୍ ସୁରେନ୍ଦ୍ର କୁମାର ତାଣ୍ଡି ଅଧ୍ୟକ୍ଷତା କରିଥିଲେ। ଏଥିରେ ସୁରେନ୍ଦ୍ର କୁମାର ତାଣ୍ଡିଙ୍କୁ ସଙ୍ଗଠନର ସଭାପତି ଭାବେ ମନୋନୀତ କରାଯାଇଥିଲା। ଅଭିମନ୍ୟୁ ଭୋସାଗର ସାଧାରଣ ସମ୍ପାଦକ, ଅମୂଲ୍ୟ ଛତର ସହ ସମ୍ପାଦକ, ଅର୍ଜୁନଲାଲ ଅଗ୍ରୱାଲ କୋଷାଧ୍ୟକ୍ଷ ମନୋନିତ ହୋଇଥିଲେ। ସେହିପରି ମୁକୁନ୍ଦ ତାଣ୍ଡି, କରନ ନାଗ, ଚୂଡ଼ାମଣି କୁମ୍ଭାର, ନନ୍ଦକିଶୋର ଲିଛମାନିଆ, ନିରଞ୍ଜନ ବାଦୀ, ଜନ୍ମ ଶଖା, ଭୀଷ୍ମ ଭୋସାଗର, ବାଳମୁକୁନ୍ଦ କୁମ୍ଭାର, ଦୟା କୁମ୍ଭାର, ଦୁର୍ଗା ସୁନା, ରାଜ ମେହେର, ବାଞ୍ଛାନିଧି ଛତରଙ୍କୁ ବିଭିନ୍ନ ୱାର୍ଡ଼ ଏବଂ ପଞ୍ଚାୟତ ସଂଯୋଜକ ଭାବେ ମନୋନିତ କରାଯାଇଥିଲା।

# ପୋଲିସ କାର୍ଯ୍ୟାନୁଷ୍ଠାନ ନେଇ ସନ୍ଦେହ

**ନୂଆପଡ଼ା ଅଫିସ/ଖଡ଼ିଆଳ,୧୭।୭(ଡି.ଏନ.ଏ.)**

- ନ୍ୟାୟ ଅପେକ୍ଷାରେ ପରିବାର
- ଥାନା ସମ୍ମୁଖରେ ଧାରଣା, ଆନ୍ଦୋଳନ ଚେତାବନୀ
- ନାବାଳିକା ଅପହରଣ ଘଟଣାକୁ ୫ ମାସ ବିତିଲା

ନୂଆପଡା ଜିଲା କୋମନା ଥାନା ଅଞ୍ଚଳର ଜଣେ ନାବାଳିକା ଅପହରଣ ଘଟଣାକୁ ଦୀର୍ଘ ୫ ମାସ ବିତିଯାଇଥିବା ବେଳେ ପୋଲିସର ହାତ ଖାଲି। ଅନ୍ୟପକ୍ଷେ ପୀଡ଼ିତା ପରିବାର ଥାନାକୁ ଦୌଡ଼ ନୟାନ୍ତ ହେବା କୋମନା ପୋଲିସ କାର୍ଯ୍ୟାନୁଷ୍ଠାନ ଉପରେ ସନ୍ଦେହ ସୃଷ୍ଟି କରିଛି। ସୂଚନା ଅନୁସାରେ ଗତ ମାର୍ଚ୍ଚ ମାସ ୧୬ ତାରିଖରେ ବଲାଙ୍ଗୀର ଜିଲା ବଡ଼ବାଙ୍ଗୀ ଗାଁର ଜଣେ ନାବାଳିକା ନିଜ ସମ୍ପର୍କୀୟଙ୍କ ସହ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ (ତିଖାଲି ଡ୍ୟାମ)କୁ ବୁଲିବାକୁ ଯାଇଥିଲେ। ସେଠାରୁ ନାବାଳିକାଙ୍କୁ ତାଙ୍କ ସମ୍ପର୍କୀୟଙ୍କଠାରୁ ଦୁର୍ବୃତ୍ତମାନେ ଅପହରଣ କରିଥିଲେ। ଏ ନେଇ ନାବାଳିକାଙ୍କ ସମ୍ପର୍କୀୟଙ୍କ ସହ ପରିବାର ଲୋକେ କୋମନା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗର ଦୀର୍ଘ ୫ ମାସ ବିତିଯାଇଥିଲେ ହେଁ ପୋଲିସ ଅପହରଣକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅଭିଯୋଗକାରୀ ଜଣେ ଦୁର୍ବୃତ୍ତଙ୍କ ନାମ ଅଭିଯୋଗରେ ଉଲ୍ଲେଖ କରିଥିଲେ ହେଁ ପୋଲିସ ତାଙ୍କ ନିକଟରେ ନ ପହଞ୍ଚିବା ପଡିବା ପୀଡ଼ିତା ପରିବାର ଲୋକଙ୍କୁ ପୋଲିସ କାର୍ଯ୍ୟପନ୍ଥା ଉପରେ ସନ୍ଦେହ ଜାତ କରୁଛି। ଅପରପକ୍ଷରେ ସମ୍ପୃକ୍ତ ଦୁର୍ବୃତ୍ତଙ୍କ ନାମରେ ବଲାଙ୍ଗୀର ଓ କଳାହାଣ୍ଡିର ବିଭିନ୍ନ ଥାନାରେ ମାମଲା ରହିଥିଲେ ହେଁ ପୋଲିସ ତାଙ୍କୁ ଧରିବାରେ ବିଫଳ ହୋଇଛି। ପୀଡ଼ିତାଙ୍କ ପରିବାର ଲୋକେ ନ୍ୟାୟ ପାଇଁ ବାରମ୍ବାର କୋମନା ଥାନା ଦ୍ୱାରସ୍ଥ ହୋଇ ନିରାଶ ହେଉଛନ୍ତି। ତୁରନ୍ତ ପୀଡ଼ିତା ପରିବାରକୁ ନ୍ୟାୟ ପ୍ରଦାନ ସହ ଅପହରଣ ନାବାଳିକା ଉଦ୍ଧାର ନ କଲେ ଥାନା ସମ୍ମୁଖରେ ଧାରଣା ଦେବା ସହ ଆନ୍ଦୋଳନ କରିବେ ବୋଲି ପୀଡିତାଙ୍କ ମା’ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ କୋମନା ଥାନା ଅଧିକାରୀ ତଥା ନୂଆପଡା ଏସ୍‌ଡିପିଓଙ୍କୁ ପଚାରିବାରୁ ପୋଲିସ ତାର କାର୍ଯ୍ୟ ସୁଚାରୁ ରୁପେ ଚଳାଇଛି। ଯଥାଶୀଘ୍ର ପୀଡ଼ିତାଙ୍କ ପରିବାରକୁ ନ୍ୟାୟ ମିଳିବା ସହ ନାବାଳିକା ଉଦ୍ଧାର ହେବ ବୋଲି କହିଛନ୍ତି।